# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଜୁନ୍ ୨୬ /୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, June 26/2024 | Page 16 | ₹ 7.00

୫୦ଶ ଭାଗ ୨୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 212 | ମୂଲ୍ୟ ₹୭/-




ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

# ଟ୍ରାଫିକ୍‌ରୁ ହଟିବ ଲାଇଟ୍

**ଭୁବନେଶ୍ୱର,୨୫ା୬(ଅସମାପିକା ସାହୁ)**



ସହରାଞ୍ଚଳରେ ଲୋକଙ୍କୁ ଆଉ ଘଣ୍ଟା ଘଣ୍ଟା ଧରି ଟ୍ରାଫିକରେ ଅପେକ୍ଷା କରିବାକୁ ପଡ଼ିବନି। ଅଳ୍ପ ସମୟ ମଧ୍ୟରେ ଲୋକମାନେ ଯେଭଳି ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ ସେଥିପାଇଁ ଟ୍ରାଫିକ ପୋଷ୍ଟରୁ ରେଡ୍ ଲାଇଟ ବା ନାଲି ବତୀ ହଟିବ। ଯେଉଁ ଛକରେ ଲୋକମାନଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଛି, ସେଠାରେ ବିକଳ୍ପ ଭାବେ ଓଭରବ୍ରିଜ୍, ଆପ୍ରୋଚ ରୋଡ୍ ବ୍ୟବସ୍ଥା କରାଯିବ। ଖୁବ ଶୀଘ୍ର ଏନେଇ ବିଭାଗସ୍ତରୀୟ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ଏଥିସହିତ ସହରାଞ୍ଚଳରେ ଆଇନଶୃଙ୍ଖଳା ପାଇଁ ଅଧିକରୁ ଅଧିକ ସିସିଟିଭି ଲଗାଇବା ଉପରେ ମଙ୍ଗଳବାର ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁତ୍ୱ ଦେଇଛନ୍ତି।

ସାଧାରଣ ଲୋକ ଅଫିସ ଗଲାବେଳେ ଓ ଫେରିଲା ବେଳେ ଟ୍ରାଫିକ ସମସ୍ୟା ଯୋଗୁ ପେଷି ହେଉଛନ୍ତି। ଘଣ୍ଟା ଘଣ୍ଟା ଟ୍ରାଫିକରେ ଅଟକି ରୁହନ୍ତି। ଲୋକେ କିପରି ସହଜରେ ଯାତାୟାତ କରିବେ ଏବଂ ଅଫିସ ଯାଉଥିବା କର୍ମଚାରୀମାନେ ଠିକ୍ ସମୟରେ ଅଫିସ୍‌ରେ ପହଞ୍ଚିବେ ସେନେଇ ଆମେ ପଦକ୍ଷେପ ନେବୁ। ନାଲି ବତୀ ହଟେଇ ଲୋକଙ୍କ ଯାତ୍ରା ସହଜ କରିବାକୁ ପଦକ୍ଷେପ ନିଆଯିବ। ପ୍ରତ୍ୟେକ ପୌରାଞ୍ଚଳରେ ଅପରାଧ ନିୟନ୍ତ୍ରଣ କରିବା ପାଇଁ ଅଧିକ ସିସି କ୍ୟାମେରା ବ୍ୟବସ୍ଥା କରାଯିବ। ଏହାଉପରେ ଯୋଜନା ପ୍ରସ୍ତୁତ କରିବା ସହ ସମସ୍ତ ବଡ଼ ସହରରେ ଲାଇଟର ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଡବଲ ଇଞ୍ଜିନ ସରକାର ଥିବାରୁ ଆବଶ୍ୟକ ପଡ଼ିଲେ କେନ୍ଦ୍ରର ସହଯୋଗ ନେବୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ପ୍ରତି ଶ୍ରଦ୍ଧା ଓ ଭଲ ପାଇବା ଅଛି। ଓଡ଼ିଶାର ଉନ୍ନତି ଲାଗି ଯାହା ଆବଶ୍ୟକ ପଡ଼ିବ କେନ୍ଦ୍ର ସରକାର

☞ପୃଷ୍ଠା-୪

## ଜାରି ରହିବ ମେଟ୍ରୋ ଯୋଜନା

# କେନ୍ଦ୍ରୀୟ ଡେପୁଟେଶନରୁ ଫେରିବେ ମନୋଜ ଆହୁଜା



**ଭୁବନେଶ୍ୱର,୨୫ା୬(ଅନିଲ ଦାସ)**

କେନ୍ଦ୍ରୀୟ ଡେପୁଟେଶନରେ ଥିବା ୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ମନୋଜ ଆହୁଜାଙ୍କୁ ଓଡ଼ିଶା କ୍ୟାଡରକୁ ଫେରିବା ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ମଙ୍ଗଳବାର ନିଯୁକ୍ତି ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ କମିଟି ତାଙ୍କ ପ୍ରତ୍ୟାବର୍ତ୍ତନକୁ ଅନୁମତି ଦେଇଛି। ଓଡ଼ିଶା ସରକାର ଆହୁଜାଙ୍କ କେନ୍ଦ୍ରୀୟ ଡେପୁଟେଶନ ଅବଧିକୁ ସମାପ୍ତ କରି

☞ପୃଷ୍ଠା-୪

ଆହୁଜାଙ୍କୁ ନେଇ ଚର୍ଚ୍ଚା: ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

## ଜୀବନ ପାଣିଫୋଟକା

# ୪ର୍ଥ ଥର ବାଚସ୍ପତି ନିର୍ବାଚନ

**ନୂଆଦିଲ୍ଲୀ,୨୫ା୬(ପି.ଟି.)**

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପୂର୍ବତନ ବାଚସ୍ପତି ଓମ୍ ବିର୍ଲାଙ୍କୁ ଅଷ୍ଟାଦଶ ଲୋକ ସଭାର ବାଚସ୍ପତି ପ୍ରାର୍ଥୀ ଚୟନ କରିଛି। ତେବେ ବିରୋଧୀ ଦଳଗୁଡ଼ିକୁ ଏନେଇ ସହମତିରେ ଆଣିବାରେ ଶାସକ ଦଳ ବିଫଳ ହୋଇଛି। ବିରୋଧୀ ମେଣ୍ଟ ପକ୍ଷରୁ ବରିଷ୍ଠ କଂଗ୍ରେସ ଏମ୍‌ପି କୋଡିକୁନିଲ ସୁରେଶଙ୍କୁ ପ୍ରାର୍ଥୀ ମନୋନୀତ କରାଯାଇଥିବାରୁ ବାଚସ୍ପତିପଦ ପାଇଁ ବୁଧବାର ନିର୍ବାଚନ ହେବାକୁ ଯାଉଛି। ବିରୋଧୀଙ୍କୁ ଉପବାଚସ୍ପତି ପଦ ପ୍ରଦାନ କରାଗଲେ ସେମାନେ ବାଚସ୍ପତି ଭାବେ ଓମ୍ ବିର୍ଲାଙ୍କୁ ସମର୍ଥନ ଦେବେ ବୋଲି ସର୍ତ୍ତ ରଖିଥିଲେ। ତେବେ ଭାଜପାର ବରିଷ୍ଠ ନେତାମାନେ ଏଥିରେ ରାଜି ହୋଇ ନ ଥିଲେ।

ବାଚସ୍ପତି ପଦକୁ ନେଇ ବିରୋଧୀଙ୍କ ସହମତି ନିମନ୍ତେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ପାର୍ଲାମେଣ୍ଟସ୍ଥିତ କାର୍ଯ୍ୟାଳୟରେ ବୈଠକ ବସିଥିଲା। ଏଥିରେ ଭାଜପାରୁ ରାଜନାଥ, ଅମିତ ଶାହା ଏବଂ ଜେ.ପି. ନଡ୍ଡା ଉପସ୍ଥିତ ଥିବାବେଳେ ବିରୋଧୀ ପକ୍ଷରୁ କଂଗ୍ରେସ ନେତା କେ.ସି. ବେଣୁଗୋପାଳ ଏବଂ ଡିଏମ୍‌କେ ନେତା ଟି.ଆର୍. ବାଲୁ ଆଲୋଚନାରେ ଭାଗ ନେଇଥିଲେ। ତେବେ ଉଭୟ

☞ପୃଷ୍ଠା-୪



ଓମ୍ ବିର୍ଲା



କୋଡିକୁନିଲ ସୁରେଶ






# ସିବିଆଇ ହାତରେ ୧୦୦୦ ପୃଷ୍ଠାର ପ୍ରମାଣ

## ଏନ୍‌ଇଇଟି ଦୁର୍ନୀତି

ଅହମଦାବାଦ,୨୫।୬

ଗୁଜରାଟ ସରକାର ଏନ୍‌ଇଇଟି-ୟୁଜି ପରୀକ୍ଷା ଦୁର୍ନୀତି ମାମଲାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)କୁ ହସ୍ତାନ୍ତର କରିବାର ଦିନକ ପରେ ଏହାର ଏକ ଟିମ୍ ସୋମବାର ଗୋଧ୍ରାରେ ପହଞ୍ଚି ସ୍ଥାନୀୟ ପୋଲିସଠାରୁ ୧୦୦୦ ପୃଷ୍ଠାରୁ ଊର୍ଦ୍ଧ୍ୱ କାଗଜପତ୍ର ଗ୍ରହଣ କରିଛି। ସେଠାର ପର୍‌ଭାଡ଼ି ଗ୍ରାମରେ ଥିବା ଜୟ ଜଲାରାମ ସ୍କୁଲ୍‌ରେ ପରୀକ୍ଷା ପରିଚାଳନାରେ ଅସାଧୁ ଉପାୟ ଅବଲମ୍ବନ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଗିରଫ ହୋଇ ବିଚାର ବିଭାଗୀୟ ହାତରେ ଥିବା ୫ ଜଣଙ୍କୁ ଜେରା ପାଇଁ ନିଜ ହେପାଜତକୁ ନେବା ନିମନ୍ତେ ସିବିଆଇ ଟିମ୍ ଗୋଧ୍ରାର ଜିଲା କୋର୍ଟରେ ଆବେଦନ କରିବ ବୋଲି ଜଣାପଡ଼ିଛି। ସିବିଆଇ ବର୍ତ୍ତମାନ ସୁଦ୍ଧା ଗୁଜରାଟ, ବିହାର ଏବଂ ରାଜସ୍ଥାନରୁ ୩ଟି ନୂଆ ମାମଲା ଗ୍ରହଣ କଲାଣି। ଗୁଜରାଟ ପୋଲିସ ତଦନ୍ତରୁ ଫୋନ୍ ଲୋକେଶନ ଡାଟା ଏବଂ ଅଭିଯୁକ୍ତମାନଙ୍କ କାର୍ଯ୍ୟକଳାପ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ମିଳିଛି। ପ୍ରମାଣ ମଧ୍ୟରେ ପରୀକ୍ଷାର ଦିନକ ପୂର୍ବରୁ ଅଭିଯୁକ୍ତମାନଙ୍କ ମଧ୍ୟରେ ମିଟିଂର ଡିଜିଟାଲ ଭିଡିଓ ରେକର୍ଡିଂ, ଛାତ୍ରୀଛାତ୍ର ପୈଠ କରିଥିବା ମୋଟ ୨.୩ କୋଟି ଟଙ୍କାର ଅଗ୍ରିମ ଚେକ୍ ଆଦି ରହିଛି।

ଆମ୍ ଆଦ୍‌ମୀ ପାର୍ଟି ନେତା ତଥା ଛାତ୍ର ଅଧିକାର କର୍ମୀ ଯୁବରାଜ ଜାଡେଜାଙ୍କ ଅଭିଯୋଗ ଅନୁଯାୟୀ ପରଶୁରାମ ରାୟ ତାଙ୍କ ଛାତ୍ରୀଛାତ୍ରଙ୍କୁ ପରୀକ୍ଷାରେ ପ୍ରଶ୍ନପତ୍ରକୁ ଫାଙ୍କା ଛାଡ଼ିଆସିବାକୁ ପରାମର୍ଶ ଦେଇଥିଲେ। ସେଗୁଡ଼ିକରେ ଉତ୍ତର ତୁଷାର ଭଟ୍ଟ ଭରିବାର ଥିଲା। ପିଲାମାନଙ୍କୁ ପାସ୍ କରାଇଦେବା ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ନିଆଯାଇଥିଲା। ତଦନ୍ତ ବେଳେ ପରୀକ୍ଷାର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଥିବା ଭଟ୍ଟଙ୍କ କାରରୁ ୭ ଲକ୍ଷ ଟଙ୍କା ଜବତ ହୋଇଛି। କାଗଜାତ ପ୍ରମାଣ ଭାବେ ମୋବାଇଲ ଫୋନ୍‌ରୁ ପରୀକ୍ଷାର୍ଥୀମାନଙ୍କ ତାଲିକା ସହ ସେଥିରେ ଧୂସର ଓ କଳା ଚିହ୍ନରେ କୋଡ୍ ଟିବି (ତୁଷାର ଭଟ୍ଟ) ଏବଂ ପିଆର୍ (ପରଶୁରାମ ରାୟ) ଚିହ୍ନଟ କରାଯାଇଛି। ଛାତ୍ରମାନେ ପରୀକ୍ଷା ଠକେଇରେ ସାମିଲ ଥିଲେ ବୋଲି ଏଥିରୁ ସୂଚନା ମିଳିଛି। ସେମାନେ ମୋଟ ୨.୮୨ କୋଟି ଟଙ୍କାର ଅଗ୍ରିମ ଚେକ୍ ଦେଇଥିବାବେଳେ ସେଥିରୁ ୬୬ ଲକ୍ଷ ପରଶୁରାମଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ଏହା ବ୍ୟତୀତ ଅଭିଭାବକମାନେ ମଧ୍ୟ ଅଭିଯୁକ୍ତଙ୍କୁ ବ୍ଲାଙ୍କ୍ ଚେକ୍ ଦେଇଥିଲେ ବୋଲି ଅଭିଯୋଗ ହୋଇଛି।

## ପରୀକ୍ଷା ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ କରିବାକୁ ଉଚ୍ଚସ୍ତରୀୟ କମିଟି ବୈଠକରେ ନିଷ୍ପତ୍ତି

ନୂଆଦିଲ୍ଲୀ,୨୫।୬

ଏନ୍‌ଇଇଟି-ୟୁଜି ସମେତ ଅନ୍ୟାନ୍ୟ ପରୀକ୍ଷା ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ ଓ ଦୁର୍ନୀତିମୁକ୍ତ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟିର ପ୍ରଥମ ବୈଠକରେ ଆଲୋଚନା ହୋଇଥିଲା। ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡ. କେ. ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଗଠିତ ୭ ଜଣିଆ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ନିଷ୍ପତ୍ତି ଅନୁଯାୟୀ, କମିଟିର ସଦସ୍ୟମାନେ ବ୍ୟକ୍ତିଗତ ଭାବେ ଏବଂ ଡିଜିଟାଲ ମିଡିଆ ଜରିଆରେ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକଙ୍କ ସହ ଯୋଗାଯୋଗ କରି ପରୀକ୍ଷା ପ୍ରକ୍ରିୟାକୁ ନେଇ ସେମାନଙ୍କଠାରୁ ପ୍ରସ୍ତାବ ଗ୍ରହଣ କରିବ। ସେମାନଙ୍କ ଉଦ୍‌ବେଗ ଏବଂ ପ୍ରସ୍ତାବଗୁଡ଼ିକ ଉପରେ ବିଚାରବିମର୍ଶ କରାଯିବ। ଦ୍ୱିତୀୟ ପ୍ରାଥମିକତା ଭାବେ ଦେଶର ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼, ଜାଲିଆତିବିହୀନ ଏବଂ ତ୍ରୁଟିଶୂନ୍ୟ କରାଯିବ। ପିଲାମାନଙ୍କ ଅସୁବିଧା ଓ ସେମାନଙ୍କ ଉପରେ ପଡୁଥିବା ଚାପ କମ୍ କରାଯିବ। ପରୀକ୍ଷା ବ୍ୟବସ୍ଥାକୁ ଅଧିକ ନମନୀୟ କରାଯିବ ବୋଲି ରାଧାକ୍ରିଷ୍ଣନ କହିଛନ୍ତି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ସମ୍ମୁଖୀନ ହୋଇଥିବା ବର୍ତ୍ତମାନର ସ୍ଥିତି ଏବଂ ଚ୍ୟାଲେଞ୍ଜଗୁଡ଼ିକୁ କମିଟି ଅନୁଧ୍ୟାନ କରିଥିଲା।




ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍‌କୁ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ନ୍ୟାଶନାଲିଷ୍ଟ ୟୁଥ୍ କଂଗ୍ରେସ (ଶରଦ ପାଓ୍ୱାର ଗୋଷ୍ଠୀ)ର କର୍ମୀମାନେ ମଙ୍ଗଳବାର ମହାରାଷ୍ଟ୍ରର ସୋଲାପୁରଠାରେ 'ପକୋଡା' ବିକ୍ଷୋଭରେ ସାମିଲ ହୋଇଛନ୍ତି। ଏନ୍‌ଇଇଟି-ୟୁଜି ପରୀକ୍ଷା ବାତିଲ କରାଯାଇ ସାନି ପରୀକ୍ଷା କରାଇବା ଦାବିରେ କଂଗ୍ରେସ, ଏନ୍‌ସିପି ସମେତ ବିଭିନ୍ନ ଦଳ ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି।

## ସଂକ୍ଷେପରେ

### ଆତିଶୀଙ୍କ ଅନଶନ ଶେଷ

ନୂଆଦିଲ୍ଲୀ, ୨୫।୬ (ପି.ଟି.)

ସ୍ୱାସ୍ଥ୍ୟ ବିଗିଡ଼ିବା କାରଣରୁ ଦିଲ୍ଲୀର ଜଳ ମନ୍ତ୍ରୀ ଆତିଶୀ ମଙ୍ଗଳବାର ନିଜ ଅନଶନକୁ ଭଙ୍ଗ କରିଛନ୍ତି। ଏନେଇ ଆମ୍ ଆଦମୀ ପାର୍ଟି (ଆପ୍) ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଘୋଷଣା କରିଛନ୍ତି। ଦିଲ୍ଲୀର ଜଳସଙ୍କଟକୁ କେନ୍ଦ୍ରକରି କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଥିବା ଓ ହରିୟାଣା ସରକାର ଦିଲ୍ଲୀକୁ ହକ୍ ମୁତାବକ ପାଣି ଦେଉ ନ ଥିବା ଅଭିଯୋଗ କରି ଗତ ୨୧ରେ ଆତିଶୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ନିଜର ଅନଶନ ଆରମ୍ଭ କରିଥିଲେ। ମଙ୍ଗଳବାର ଆତିଶୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଦିଲ୍ଲୀର ଏଲ୍‌ଏନ୍‌ଜେପି ହସ୍ପିଟାଲର ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍(ଆଇସିୟୁ)ରେ ଚିକିତ୍ସା କରାଯାଉଛି। ତେବେ ଦିଲ୍ଲୀର ଜଳସଙ୍କଟ ପ୍ରସଙ୍ଗକୁ ଦଳ ପକ୍ଷରୁ ସଂସଦରେ ଦୃଢ଼ ଭାବେ ଉଠାଯିବ ବୋଲି ସଞ୍ଜୟ ସିଂ କହିଛନ୍ତି।

### କେଜ୍‌ରିଓ୍ୱାଲଙ୍କ ଜାମିନ ଉପରେ ହାଇକୋର୍ଟ ରୋକ୍

ନୂଆଦିଲ୍ଲୀ,୨୫।୬(ପି.ଟି.)

ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କୁ ତଳକୋର୍ଟରୁ ମିଳିଥିବା ଜାମିନ ଉପରେ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ସ୍ଥଗିତାଦେଶ ଲଗାଇଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ରାଷ୍ଟ୍ରୀୟ ଆବାହକ କେଜ୍‌ରିଓ୍ୱାଲଙ୍କୁ ଜାମିନ ପ୍ରଦାନ ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦାଖଲ କରିଥିବା ତଥ୍ୟପ୍ରମାଣକୁ ତଳକୋର୍ଟ ଠିକ୍ ଭାବେ ଅନୁଧ୍ୟାନ କରି ନ ଥିଲେ ଓ ମୁଣ୍ଡ ଖର୍ଚ୍ଚ କରି ନ ଥିଲେ ବୋଲି ଜଷ୍ଟିସ୍ ସୁଧୀର କୁମାର ଜୈନଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି। ଯୁକ୍ତି ଉପସ୍ଥାପନ ଲାଗି ତଦନ୍ତକାରୀ ସଂସ୍ଥାକୁ ଯଥେଷ୍ଟ ସୁଯୋଗ ଦେବା ଆବଶ୍ୟକ ଥିଲା। ସୂଚନାଯୋଗ୍ୟ, ଜୁନ୍ ୨୦ରେ ତଳକୋର୍ଟ କେଜ୍‌ରିଓ୍ୱାଲଙ୍କୁ ଜାମିନ ମଞ୍ଜୁର କରିଥିଲେ। ପରଦିନ ଇଡି ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ଉକ୍ତ ଆବେଦନର ଶୁଣାଣି ୨୫କୁ ରଖିବା ସହ ତଳକୋର୍ଟ ରାୟ ଉପରେ ରୋକ ଲଗାଇଥିଲେ।

## କେନିଆ ପାର୍ଲାମେଣ୍ଟରେ ନିଆଁ ଲଗାଇଦେଲେ ବିକ୍ଷୋଭକାରୀ

ନାଇରୋବି,୨୫।୬

କେନିଆରେ ଟିକସକୁ ବିରୋଧ କରି ଆନ୍ଦୋଳନ ଚଳାଇଥିବା ହଜାର ହଜାର ବିକ୍ଷୋଭକାରୀ ପାର୍ଲାମେଣ୍ଟରେ ପ୍ରବେଶ କରିବା ସହ ଏହାର ଗୋଟିଏ ଭାଗରେ ନିଆଁ ଲଗାଇଦେଇଛନ୍ତି। ପାର୍ଲାମେଣ୍ଟରୁ ଏମ୍‌ପିମାନଙ୍କୁ ଉଦ୍ଧାର କରାଯାଉଛି। ରାଜଧାନୀ ନାଇରୋବିରେ ବିକ୍ଷୋଭକାରୀମାନେ ପାର୍ଲାମେଣ୍ଟ ଅଭିମୁଖେ ଆସୁଥିବାବେଳେ ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଗୁଳିଚାଳନା କରିଥିଲା। ବିବାଦୀୟ ଆର୍ଥିକ ବିଲ୍‌ରେ ଥିବା ନୂଆ ଟିକସ ପ୍ରସ୍ତାବକୁ ସେମାନେ ବିରୋଧ କରିବା ସହ ଏମ୍‌ପିମାନେ ଏହା ବିରୋଧରେ ଭୋଟ ଦେବା ପାଇଁ ଦାବି କରିଥିଲେ। ଗତ ସପ୍ତାହରେ ବିକ୍ଷୋଭ ବେଳେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଆନ୍ଦୋଳନକାରୀଙ୍କୁ ପୋଲିସ ଗୁଳି କରୁଥିବାର ଭିଡିଓ କେନିଆ ମାନବାଧିକାର ଆୟୋଗ ମଙ୍ଗଳବାର ଶେୟାର କରିଛି।

# ରାହୁଲ ବିରୋଧୀ ଦଳ ନେତା

ନୂଆଦିଲ୍ଲୀ,୨୫।୬(ପି.ଟି.)




ରାହୁଲ ଗାନ୍ଧୀ ଓ ଅଖିଳେଶ ଯାଦବ ହାତରେ ସମ୍ବିଧାନ ପୁସ୍ତିକା ଧରି ଶପଥ ନେଉଛନ୍ତି।

କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଲୋକ ସଭାରେ ବିରୋଧୀ ଦଳ ନେତା ନିଯୁକ୍ତ ହୋଇଛନ୍ତି। ବିରୋଧୀ ଇଣ୍ଡିଆ ବ୍ଲକ୍ ଦଳଗୁଡ଼ିକର ବୃହତ ନେତାମାନଙ୍କ ସହ ବୈଠକ ପରେ କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏହା ଘୋଷଣା କରିଛନ୍ତି। କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବଙ୍କୁ ପତ୍ର ଲେଖି ରାହୁଲ ବିରୋଧୀ ଦଳ ନେତା ହେବା ନେଇ ଦଳର ନିଷ୍ପତ୍ତି ଜଣାଇ ଦେଇଥିବା ବେଣୁଗୋପାଳ କହିଛନ୍ତି। ଏଥର ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ଲୋକ ସଭା ନିର୍ବାଚନ ଲଢ଼ି ୯୯ ଆସନ ଜିତିଥିବାବେଳେ ବିରୋଧୀ ଇଣ୍ଡିଆ ମେଣ୍ଟ ୨୩୩ ଆସନରେ ବିଜୟୀ ହୋଇଥିଲା।

ଅଷ୍ଟାଦଶ ଲୋକ ସଭା ପ୍ରଥମ ଅଧିବେଶନର ଦ୍ୱିତୀୟ ଦିନରେ ମଙ୍ଗଳବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ଅନ୍ୟମାନେ ଏମ୍‌ପି ଭାବେ ଶପଥ ଗ୍ରହଣ କରିଛନ୍ତି। 'ଭାରତ ଯୋଡ଼ୋ' ସ୍ଲୋଗାନ ମଧ୍ୟରେ ରାହୁଲ ହାତରେ ସମ୍ବିଧାନ ଧରି ଶପଥ ନେଇଥିଲେ। ରାହୁଲ ୨ ଆସନ ଓ୍ୱାୟନାଡ୍ ଏବଂ ରାଏବରେଲିରୁ ନିର୍ବାଚିତ ହୋଇଥିବାବେଳେ ଓ୍ୱାୟନାଡ୍ ଆସନ ଛାଡ଼ିଛନ୍ତି। ସେହିପରି ଅଖିଳେଶ ମଧ୍ୟ ହାତରେ ସମ୍ବିଧାନ ପୁସ୍ତିକା ଧରି ଶପଥ ନେଇଥିଲେ। ଏଆଇଏମ୍‌ଆଇଏମ୍ ନେତା ଅସାଦୁଦ୍ଦିନ ଓ୍ୱାଇସି ଏମ୍‌ପି ଭାବେ ଶପଥ ନେବାବେଳେ 'ଜୟ ଭୀମ, ଜୟ ତେଲଙ୍ଗାନା, ଜୟ ପାଲେଷ୍ଟାଇନ୍' କହିଥିଲେ। ସୋମବାର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମନ୍ତ୍ରୀ ପରିଷଦର ଅନ୍ୟ ସଦସ୍ୟଙ୍କ ସମେତ ୨୬୨ ଜଣ ନବନିର୍ବାଚିତ ଏମ୍‌ପି ଶପଥ ନେଇଥିଲେ। ମଙ୍ଗଳବାର ଅବଶିଷ୍ଟ ୨୮୧ ଏମ୍‌ପି ଶପଥ ଗ୍ରହଣ କରିଛନ୍ତି।

# ଚନ୍ଦ୍ରରୁ ମାଟି ଆଣିଲା ଚାଇନା



ବେଜିଂ, ୨୫।୬

ଚାଇନାର ଚାଙ୍ଗ'ଇ-୬ ମହାକାଶ ଯାନ ପ୍ରଥମଥର ପାଇଁ ଚନ୍ଦ୍ରପୃଷ୍ଠରୁ ୨ କିଲୋଗ୍ରାମର ମାଟି ଓ ପଥରର ନମୁନା ଏକତ୍ର କରି ମଙ୍ଗଳବାର ପୃଥିବୀକୁ ଫେରି ଉତ୍ତର ଚାଇନାରେ ଅବତରଣ କରିଛି। ପୃଥିବୀକୁ ଅଣାଯାଇଥିବା ଏହି ନମୁନାଗୁଡ଼ିକରେ ୨୫ ଲକ୍ଷ ବର୍ଷ ପୁରୁଣା ଆଗ୍ନେୟଗିରି ପଥର ଓ ଅନ୍ୟାନ୍ୟ ସାମଗ୍ରୀ ରହିଥିବା ଚାଇନାର ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି। ଏହି ନମୁନାଗୁଡ଼ିକର ପରୀକ୍ଷଣ ପରେ ଚନ୍ଦ୍ରର ଉଭୟ ମେରୁ ମଧ୍ୟରେ ରହିଥିବା ଭୌଗୋଳିକ ପାର୍ଥକ୍ୟ ନେଇ ଜଣାପଡ଼ିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଗତ ମେ' ୩ରେ ଚାଇନାର ହେନାନଠାରୁ ଏହି ଚାଙ୍ଗ'ଇ-୬ ମିଶନ ଲଞ୍ଚ କରାଯାଇଥିଲା। ତେବେ ଏହି ମିଶନ ଅନୁଯାୟୀ ୨୦୩୦ ସୁଦ୍ଧା ମଣିଷଙ୍କୁ ଚନ୍ଦ୍ରପୃଷ୍ଠକୁ ପଠାଇବାକୁ ଚାଇନା ଲକ୍ଷ୍ୟ ରଖିଛି। ଏହି ମିଶନର ସଫଳତା ଚାଇନାର ସ୍ୱପ୍ନକୁ ସାକାର କରିପାରିଥିବା ନେଇ ରାଷ୍ଟ୍ରପତି ସି. ଜିନପିଙ୍ଗ୍ ପ୍ରକାଶ କରିଛନ୍ତି। ଏହାଯୋଗୁ ଏବେ ଚାଇନା ଏକ ମହାକାଶ ଶକ୍ତି ହେବାର ନିକଟତର ହୋଇପାରିଛି। ସେହିପରି ୨୦୩୦ ସୁଦ୍ଧା ଚନ୍ଦ୍ରର ଦକ୍ଷିଣ ମେରୁରେ ଏକ ରିସର୍ଚ୍ଚ ବେସ୍ ନିର୍ମାଣ କରିବାକୁ ମଧ୍ୟ ଚାଇନା ଲକ୍ଷ୍ୟ ରଖିଛି।

# ଆମେରିକା ସହ ଡିଲ୍: ମୁକ୍ତହେଲେ ଆସେଞ୍ଜ

ଲଣ୍ଡନ,୨୫।୬(ପି.ଟି.)



ଜୁଲିଆନ୍ ଆସେଞ୍ଜ

ଗୁପ୍ତଚର ବୃତ୍ତି ଅଭିଯୋଗରେ ଆମେରିକାକୁ ପ୍ରତ୍ୟର୍ପଣ ବିରୋଧରେ ୧୨ ବର୍ଷ ହେଲା ଲଢ଼ିଆସୁଥିବା ୱିକିଲିକ୍ସ ପ୍ରତିଷ୍ଠାତା ଜୁଲିଆନ୍ ଆସେଞ୍ଜଙ୍କୁ ସୋମବାର ମୁକ୍ତ କରାଯାଇଛି। ମୁକ୍ତ ହେବା ପରେ ସେ ବିମାନ ଯୋଗେ ବ୍ରିଟେନ ବାହାରକୁ ଯାଇଛନ୍ତି। ଆମେରିକା କୋର୍ଟରେ ଦୋଷ ସ୍ୱୀକାର କରିବା ପାଇଁ ରାଜି ହେବା ପରେ ତାଙ୍କୁ ଜେଲରୁ ମୁକ୍ତ କରାଯାଇଛି। ଆମେରିକାର ନର୍ଦର୍ନ ମାରିଆନା ଆଇଲାଣ୍ଡସ୍ କୋର୍ଟରେ ସେ ଦାଖଲ କରିଥିବା ଡକ୍ୟୁମେଣ୍ଟ ଅନୁଯାୟୀ ଜାତୀୟ ପ୍ରତିରକ୍ଷା ତଥ୍ୟ ହାସଲ କରିବା ଏବଂ ତାହାକୁ ପ୍ରସାର କରିବା ଷଡ଼ଯନ୍ତ୍ର ପାଇଁ ସେ ଦୋଷ ସ୍ୱୀକାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ଡିଲ୍ ସମ୍ପର୍କରେ ବ୍ରିଟେନ୍‌ର ଏକ କୋର୍ଟକୁ ଆମେରିକା ନ୍ୟାୟ ବିଭାଗ ଜଣାଇବା ପରେ ତାଙ୍କୁ ଛାଡ଼ିଦିଆଯାଇଛି।

୫୨ ବର୍ଷୀୟ ଅଷ୍ଟ୍ରେଲିଆ ନାଗରିକ ଆସେଞ୍ଜଙ୍କୁ ୨୦୧୯ରୁ ଲଣ୍ଡନର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରୁଦ୍ଧ କୋଠରୀରେ ରଖାଯାଇଥିଲା। ଆମେରିକା ତାଙ୍କ ପ୍ରତ୍ୟର୍ପଣ ପାଇଁ ଆବେଦନ କରିଥିବାବେଳେ ଇକ୍ୟୁଏଡର ଦୂତାବାସରୁ ତାଙ୍କୁ ବେଲ୍‌ମାର୍ଶକୁ ନିଆଯାଇଥିଲା। ତାଙ୍କୁ ସୋମବାର ବିଳମ୍ବିତ ରାତିରେ ମୁକ୍ତ କରାଯାଇଥିବା ଜଣାପଡ଼ିଛି। ଆମେରିକା ନ୍ୟାୟ ବିଭାଗର ପତ୍ର ଅନୁଯାୟୀ ଆସେଞ୍ଜ ଅଷ୍ଟ୍ରେଲିଆ ଫେରିଯିବେ। ଜାତୀୟ ପ୍ରତିରକ୍ଷା ତଥ୍ୟ ହାସଲ କରି ପ୍ରଘଟ କରିବା ଷଡ଼ଯନ୍ତ୍ର ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ଚାଲିଥିଲା। ସେ ଦୋଷୀସାବ୍ୟସ୍ତ ହେଲେ ୬୨ ମାସ ଜେଲଦଣ୍ଡ ପାଇଥାନ୍ତେ, ଯାହା ସେ ବର୍ତ୍ତମାନ ସୁଦ୍ଧା ବ୍ରିଟେନ୍ ଜେଲରେ କାଟିସାରିଲେଣି ବୋଲି ଅଦାଲତ ଦସ୍ତାବିଜ୍‌ରେ କୁହାଯାଇଛି। ସେ ଅଷ୍ଟ୍ରେଲିଆରେ ଥିବା ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କ ପାଖକୁ ଯିବେ। ହାଇକୋର୍ଟରୁ ସେ ଜାମିନ ପାଇବା ପରେ ଆସେଞ୍ଜଙ୍କୁ ମୁକ୍ତ କରାଯାଇଥିବା ୱିକିଲିକ୍ସ ପକ୍ଷରୁ ଏକ୍ସରେ ପୋଷ୍ଟ କରାଯାଇଛି। ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ସେ ସ୍ତ୍ରୀ ଷ୍ଟେଲା ଆସେଞ୍ଜ ଏବଂ ପିଲାମାନଙ୍କ ସହ ଏକାଠି ହେବାକୁ ଯାଉଛନ୍ତି।

## ଫୁର୍‌ସତ୍



କଙ୍ଗନା ରାଣାଓ୍ୱତ

### ସେପ୍ଟେମ୍ବର ୬ରେ 'ଏମର୍ଜେନ୍ସି' ରିଲିଜ୍

ନୂଆଦିଲ୍ଲୀ

ବଲିଉଡ୍ ଅଭିନେତ୍ରୀ ତଥା ହିମାଚଳ ପ୍ରଦେଶର ମଣ୍ଡିରୁ ନବନିର୍ବାଚିତ ଏମ୍‌ପି କଙ୍ଗନା ରାଣାଓ୍ୱତଙ୍କ ଅଭିନୀତ ଫିଲ୍ମ 'ଏମର୍ଜେନ୍ସି' ଆସନ୍ତା ସେପ୍ଟେମ୍ବର ୬ରେ ରିଲିଜ୍ ହେବା ନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଅଷ୍ଟାଦଶ ଲୋକ ସଭାର ପ୍ରଥମ ଦିନରେ କଙ୍ଗନା ଏମ୍‌ପି ଭାବେ ଶପଥ ନେବାର ଗୋଟିଏ ଦିନ ପରେ ଏହି ଘୋଷଣା କରାଯାଇଛି। ପୂର୍ବରୁ ଏହି ପଲିଟିକାଲ ଡ୍ରାମା ଫିଲ୍ମର ରିଲିଜ୍ ଡେଟ୍‌କୁ ଅନେକବାର ସ୍ଥଗିତ ରଖାଯାଇଥିଲା। କଙ୍ଗନା ଏହି ଫିଲ୍ମରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ଓ ପ୍ରଯୋଜନା ମଧ୍ୟ ଦେଇଛନ୍ତି। ଫିଲ୍ମରେ ସେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଚରିତ୍ରରେ ଅଭିନୟ କରୁଛନ୍ତି। ଫିଲ୍ମ ରିଲିଜ୍ ନେଇ ଘୋଷଣା କରିବାବେଳେ ଏମର୍ଜେନ୍ସିର ସମୟକୁ ସ୍ୱାଧୀନ ଭାରତର କଳା ଅଧ୍ୟାୟ ରୂପେ ସେ ବର୍ଣ୍ଣନା କରିଛନ୍ତି। ଏହି ଫିଲ୍ମରେ କଙ୍ଗନାଙ୍କ ସହ ଅଭିନେତା ଅନୁପମ ଖେର, ଶ୍ରେୟାସ ତଲପଡ଼େ, ମିଲିନ୍ଦ ସୋମନ, ସ୍ୱର୍ଗତ ସତୀଶ କୌଶିକ ଓ ଅଭିନେତ୍ରୀ ମହିମା ଚୌଧୁରୀ ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି। ଜି ଷ୍ଟୁଡିଓଜ୍ ଓ କଙ୍ଗନାଙ୍କ ମଣିକର୍ଣ୍ଣିକା ଫିଲ୍ମସ୍ ବ୍ୟାନରରେ ଏହି ଚଳଚ୍ଚିତ୍ରର ନିର୍ମାଣ କରାଯାଇଛି।

### 'ସ୍ତ୍ରୀ ୨'ର ଟିଜର ରିଲିଜ୍

ମୁମ୍ବାଇ

ରାଜକୁମାର ରାଓ ଓ ଶ୍ରଦ୍ଧା କପୁରଙ୍କ ଅଭିନୀତ 'ସ୍ତ୍ରୀ ୨' ଚଳଚ୍ଚିତ୍ରର ଟିଜର ମଙ୍ଗଳବାର ରିଲିଜ୍ ହୋଇଛି। ଏହି ଟିଜରରେ ସ୍ତ୍ରୀ ଭୂମିକାରେ ଶ୍ରଦ୍ଧା କପୁରଙ୍କୁ ଦେଖିବାକୁ ମିଳିଛି। ସେହିପରି ଅଭିନେତ୍ରୀ ତମନ୍ନା ଭାଟିଆ ମଧ୍ୟ ଏହି ଟିଜରରେ ନଜର ଆସିଛନ୍ତି। ମେଡୋକ୍ ଫିଲ୍ମସ୍ ପକ୍ଷରୁ 'ସ୍ତ୍ରୀ ୨' ଫିଲ୍ମର ଟିଜରକୁ ନିଜ ଆଧିକାରିକ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇଛି। ଏହି ପୋଷ୍ଟର କ୍ୟାପ୍‌ଶନରେ ଲେଖା ହୋଇଛି, ଏଥର ସ୍ୱାଧୀନତା ଦିବସରେ 'ସ୍ତ୍ରୀ ୨' ରିଲିଜ୍ ହେବାକୁ ଯାଉଛି। ମେଡୋକ୍ ଫିଲ୍ମସ୍ ବ୍ୟାନରରେ ଅମର କୌଶିକ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବାବେଳେ ଦୀନେଶ ଭାଇଜାନ ଓ ଜ୍ୟୋତି ଦେଶପାଣ୍ଡେ ଏହି ଫିଲ୍ମର ପ୍ରଯୋଜନା ଦେଇଛନ୍ତି। ୨୦୧୮ରେ ରିଲିଜ୍ ହୋଇଥିବା 'ସ୍ତ୍ରୀ'ର ସ୍ୱିକେଲ 'ସ୍ତ୍ରୀ ୨' ୬ ବର୍ଷ ପରେ ଆସନ୍ତା ଅଗଷ୍ଟ ୧୫ରେ ପ୍ରେକ୍ଷାଳୟରେ ରିଲିଜ୍ ହେବ।

### ବିଶ୍ୱର ସବୁଠୁ ଅସୁନ୍ଦର କୁକୁର

ସାନ ଫ୍ରାନ୍ସିସ୍କୋ



ସାଧାରଣତଃ କୁକୁରମାନେ ସ୍ନେହୀ ଓ ବିଶ୍ୱସ୍ତ ପ୍ରାଣୀ ଭାବେ ବେଶ୍ ଜଣାଶୁଣା। କେତେକ କୁକୁର ସେମାନଙ୍କ ସୌନ୍ଦର୍ଯ୍ୟ ଓ ପରିଷ୍କାର ପରିଚ୍ଛନ୍ନତା ସହ ସମସ୍ତଙ୍କ ହୃଦୟ ଜିତିବାକୁ ସକ୍ଷମ ହୋଇଥାନ୍ତି। ତେବେ ଏହାରି ଭିତରେ ଗୋଟିଏ କୁକୁର ବିଶ୍ୱର ସବୁଠାରୁ ଅସୁନ୍ଦର କୁକୁର ହେବାର ଆଖ୍ୟା ଅର୍ଜନ କରିଛି ।ପ୍ରତିବର୍ଷ ଆମେରିକାର କାଲିଫର୍ନିଆରେ ଏକ ପ୍ରତିଯୋଗିତା ଆୟୋଜିତ ହୋଇଥାଏ, ଯେଉଁଠାରେ ସବୁଠାରୁ ଅସୁନ୍ଦର କୁକୁରକୁ ବିଜେତା ଭାବରେ ଚୟନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥାଏ। ଚଳିତବର୍ଷ ଏହି ପ୍ରତିଯୋଗିତାରେ ୱାଇଲ୍ଡ ଥାଙ୍ଗ୍ ନାମକ ଏକ କୁକୁରକୁ ସବୁଠାରୁ ଅସୁନ୍ଦର କୁକୁର ଭାବେ ଘୋଷଣା କରାଯାଇଛି। ଆମେରିକାର ଓରେଗନରେ ରହୁଥିବା ଆନ୍ ଲୁଇସ୍ ନାମ୍ନୀ ଜଣେ ମହିଳାଙ୍କ ପୋଷା କୁକୁର ହେଉଛି ୱାଇଲ୍ଡ ଥାଙ୍ଗ୍। ଥାଙ୍ଗ୍ ଏହି ପ୍ରତିଯୋଗିତାରେ ଭାଗ ନେଉଥିବା ଅନ୍ୟ ୭ଟି କୁକୁରକୁ ହରାଇ ବିଜେତା ଘୋଷିତ ହୋଇଛି। ସୂଚନା ଅନୁଯାୟୀ, ୮ ବର୍ଷୀୟ ଏହି କୁକୁରଟି ପେକିଙ୍ଗିଜ୍ ନାମକ ଏକ ପ୍ରଜାତିର ହୋଇଥିବା ଜଣାପଡ଼ିଛି। ଥାଙ୍ଗ୍ ପୂର୍ବରୁ ଏହି ପ୍ରତିଯୋଗିତାରେ ୩ ଥର ଅଂଶଗ୍ରହଣ କରିସାରିଥିବାବେଳେ ସମସ୍ତ ଥର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ତେବେ ଥାଙ୍ଗ୍ ଡିଷ୍ଟେମ୍ପର ନାମକ ଏକ ରୋଗରେ ପୀଡ଼ିତ ରହିଛି। ଏହା ଏକପ୍ରକାରର ଭାଇରାଲ୍ ରୋଗ, ଯାହା ପଶୁମାନଙ୍କର ଶ୍ୱାସକ୍ରିୟାକୁ ସଂକ୍ରମିତ କରିଥାଏ। ଏହା ବ୍ୟତୀତ ଏହି ରୋଗ କୁକୁରମାନଙ୍କର ପ୍ରତିରକ୍ଷା ପ୍ରଣାଳୀକୁ ମଧ୍ୟ ଦୁର୍ବଳ କରିଥାଏ। ଏହି ପ୍ରତିଯୋଗିତାରେ ଜିତିବା ପରେ ଥାଙ୍ଗ ଓ ତାଙ୍କ ମାଲିକାଣୀ ଆନ୍ ଲୁଇସ୍‌ଙ୍କୁ ୫ ହଜାର ୟୁଏସ୍ ଡଲାରର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତା ଗତ ୫୦ ବର୍ଷ ଧରି କାଲିଫର୍ନିଆର ପେଟାଲୁମାଠାରେ ଥିବା ସୋନୋମା-ମାରିନ ମେଳାରେ ଆୟୋଜିତ ହେଉଛି।




# କ୍ୱାର୍ଟର୍ସର ବେଆଇନ ଅଂଶକୁ ଭାଙ୍ଗିଲେ ବବି

ଭୁବନେଶ୍ୱର,୨୫।୬(ଅନିଲ ଦାସ)

ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ ପରିସରରେ ବେଆଇନ ଭାବେ କରାଯାଇଥିବା ପରିବର୍ଦ୍ଧିତ ନିର୍ମାଣକୁ ଗତ କିଛିଦିନ ହେବ ଭଙ୍ଗାଯାଉଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏହି ଖବର ପ୍ରକାଶ ପାଇବା ପରେ ସାଧାରଣ ପ୍ରଶାସନ ବିଭାଗର ୩ ଜଣ ଅଧିକାରୀ ମଙ୍ଗଳବାର ଅପରାହ୍ନରେ ଉକ୍ତ ସରକାରୀ କ୍ୱାର୍ଟର୍ସରେ ପହଞ୍ଚି ବାସଭବନ ଭିତର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସରକାରୀ ବାସଭବନ ବୁଲି ଦେଖିବା ସହ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ରିପୋର୍ଟ ଦିଆଯିବ ବୋଲି କହିଛନ୍ତି।

କ୍ୱାର୍ଟର୍ସ ଭଙ୍ଗାକୁ ନେଇ ଖବର ପ୍ରକାଶ ପାଇବା ପରେ ପ୍ରଣବ ଭିଡିଓ ବାର୍ତ୍ତାରେ କହିଛନ୍ତି, ନିୟମ ଅନୁସାରେ ଭଙ୍ଗାଯାଉଛି। ଜିଏ ବିଭାଗ ନୋଟିସ କରିଥିବାରୁ ୧୫ ତାରିଖ ସୁଦ୍ଧା କ୍ୱାର୍ଟର୍ସ ଛାଡି ଦିଆଯିବ । ବିଜେଡି ସାଙ୍ଗଠନିକ ସମ୍ପାଦକ ଥିବାରୁ ବହୁତ ନେତା ଭେଟିବାକୁ ଆସନ୍ତି। ସେମାନଙ୍କ ବସାଉଠା ପାଇଁ କ୍ୱାର୍ଟର୍ସରେ ଅସ୍ଥାୟୀ ନିର୍ମାଣ କରାଯାଇଥିଲା। ନିୟମ ରହିଛି ଯେମିତି କ୍ୱାର୍ଟର୍ସ ନେଇଥିବେ, ସେହି ଅବସ୍ଥାରେ ଛାଡ଼ିବେ। ଏବେ ପୁଣି ଥରେ ଉକ୍ତ କ୍ୱାର୍ଟର୍ସକୁ ପୂର୍ବପରି ଫେରାଯିବ। ଏହାକୁ ନେଇ ଅଯଥା ରାଜନୀତି ନ କରିବାକୁ ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ରାଜଭବନ ସମ୍ମୁଖସ୍ଥ ୟୁନିଟ-୬ ଅଞ୍ଚଳର ଭି ଆ ଇ ଆ ଇ ଆ ଇ - ଏ ମ୍ ଆ ର - ୧ କ୍ୱାର୍ଟର୍ସକୁ ସାଧାରଣ ପ୍ରଶାସନ ବିଭାଗ ୨୦୧୯ ଜୁନ୍‌ରେ ଯାଜପୁରର ପୂର୍ବତନ ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନାଁରେ ଆବଣ୍ଟନ କରିଥିଲା । ତାଙ୍କୁ ଆବଣ୍ଟିତ ହୋଇଥିବା ସେହି କ୍ୱାର୍ଟର୍ସରେ ସେ ବେଆଇନ ଭାବେ ନିର୍ମାଣ କରିଥିବା ଅଭିଯୋଗ ହୋଇଛି। ସେହି କ୍ୱାର୍ଟର୍ସ ଭିତରେ ତିନିମହଲା କୋଠା, ଅଣ୍ଡର ଗ୍ରାଉଣ୍ଡ୍ ଘର, ସୁଇମିଂ ପୁଲ୍, ରୁଫ୍ ଟପ୍ କଟେଜ୍ ଥିବା କୁହାଯାଉଛି। ସେସବୁକୁ ଏବେ ଭଙ୍ଗାଯାଉଛି। କିଛି ବ୍ୟକ୍ତି ଏହି କ୍ୱାର୍ଟର୍ସ ଭିତରେ ହୋଇଥିବା ନିର୍ମାଣକୁ ଭାଙ୍ଗୁଛନ୍ତି। ତେବେ କାହିଁକି ଓ କିଏ ଏହାକୁ ଭାଙ୍ଗୁଛି ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ତେବେ ଏହି କ୍ୱାର୍ଟର୍ସ ମରାମତି ପାଇଁ ୨୦୧୯-୨୦ ଓ ୨୦୨୦-୨୧ରେ ୯.୩୭ ଲକ୍ଷ ଟଙ୍କା ସରକାରୀ ତହବିଲରୁ ଖର୍ଚ୍ଚ ହୋଇଥିବା ଜଣାଯାଇଛି। ସରକାରଙ୍କ ବିନା ଅନୁମତିରେ କୌଣସି ଭଙ୍ଗାଗଢ଼ା କାର୍ଯ୍ୟ ନ କରିବା ପାଇଁ ଆଇନରେ ବ୍ୟବସ୍ଥା ରହିଛି।

ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଆଇନ ଅନୁଯାୟୀ ଯାହା ପଦକ୍ଷେପ ନେବାର ଅଛି ନିଆଯିବ।





କ୍ୱାର୍ଟର୍ସ ଭିତରେ ଭଙ୍ଗା ଯାଇଥିବା ବେଆଇନ ଅଂଶ।

# ଲୋକାଭିମୁଖୀ ବଜେଟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୨୫।୬(ଅନିଲ ଦାସ)

ଗୁରୁତର ରୋଗୀମାନଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ରାଜ୍ୟର ଖଣିଜ ସମ୍ପଦ ଜିଲାରେ ଟ୍ରମା କେୟାର ସେଣ୍ଟର ନିର୍ମାଣ ହେବ। ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍) ଅର୍ଥରେ ଏହି ସେଣ୍ଟର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଯୋଜନା ଓ ସଂଯୋଜନ ବିଭାଗର କାର୍ଯ୍ୟ ସମୀକ୍ଷା କରିଛନ୍ତି। ସେ ଖଣିଜ ପାଣ୍ଠିର ସୁବିନିଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି। ଖଣିଜ ସମ୍ପଦ ଥିବା ଜିଲା ମେଡିକାଲ କଲେଜଗୁଡ଼ିକରେ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ଲୋକାଭିମୁଖୀ ବଜେଟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନୂଆ ସରକାରଙ୍କ ଉପରେ ଜନସାଧାରଣଙ୍କ ବହୁ ଆଶାଆକାଂକ୍ଷା ରହିଛି। ରାଜ୍ୟ ଯୋଜନା ବଜେଟରେ ଏହା ପ୍ରତିଫଳିତ ହେବା ଆବଶ୍ୟକ ବୋଲି ସେ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି ।

**■ ଉତ୍ତର ଓଡ଼ିଶା, ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଗଠନ ପାଇଁ ଟାସ୍କଫୋର୍ସ**



ମୋହନ ଚରଣ ମାଝୀ

ଯୋଜନାଗୁଡ଼ିକ ଯେପରି ତୃଣମୂଳ ସ୍ତରରେ ଠିକ୍ ଭାବରେ ପହଞ୍ଚିବ ଓ ଲୋକମାନେ ଏହାର ସୁଫଳ ପାଇବେ ସେ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଦଳର ସଂକଳ୍ପ ଅନୁଯାୟୀ ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ଏବଂ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଗଠନ ପାଇଁ ଟାସ୍କଫୋର୍ସ ଗଠନ କରିବା ସହ ଅନୁଧ୍ୟାନ କରି ପ୍ରସ୍ତାବ ଦେବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସଂକଳ୍ପପତ୍ରର ସମସ୍ତ ପ୍ରମୁଖ ପ୍ରତିଶ୍ରୁତିଗୁଡ଼ିକୁ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ବିଭାଗର କାର୍ଯ୍ୟାବଳୀ ସମ୍ବନ୍ଧରେ ବିଶଦ ଭାବରେ ଅବଗତ କରାଇଥିଲେ।

# ଅଂଶୁଘାତରେ ୪ ଛାତ୍ରୀଛାତ୍ର ଗୁରୁତର

ନୀଳଗିରି, ୨୫।୬(ପ୍ରଶାନ୍ତ ବିଶ୍ୱାଳ)

ଅଘୋଷିତ ବିଦ୍ୟୁତ କାଟ ଓ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଯୋଗୁ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ସ୍ୱପ୍ନେଶ୍ୱର ହାଇସ୍କୁଲରେ ୮ମ ଶ୍ରେଣୀର ୪ ଛାତ୍ରୀଛାତ୍ର ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ଲାଗି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବିଦ୍ୟାଳୟଗୁଡ଼ିକ ସକାଳୁଆ କ୍ଲାସ ପରିବର୍ତ୍ତେ ପୂର୍ବାହ୍ନ ୧୦ଟାରେ କ୍ଲାସ ଆରମ୍ଭ ହୋଇଛି। ମାତ୍ର ଉକ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ କ୍ଲାସ କରିବା ପାଇଁ ଆସିଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଅସହ୍ୟ ଗୁଳୁଗୁଳି ଓ ଗରମ କାରଣରୁ ଜଣଙ୍କ ପରେ ଜଣେ ୪ ଛାତ୍ରୀଛାତ୍ରଙ୍କ ମୁଣ୍ଡ ବୁଲାଇବା ସହ ଅଚେତ୍ ହୋଇ ପଡିଥିଲେ। ସ୍କୁଲ ପ୍ରଧାନ ଶିକ୍ଷକ ହରେକୃଷ୍ଣ ବେହେରା ସେମାନଙ୍କୁ ନିଜ ଗାଡ଼ିରେ ପ୍ରାଥମିକ ଚିକିତ୍ସା କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅସୁସ୍ଥ ଛାତ୍ରୀଛାତ୍ର ହେଲେ ବେଗୁନିଆ ଗ୍ରାମର ନମିତା ମଲିକ, କମାରଖାଲିଆ ଗ୍ରାମର କାବେରୀ ସିଂ, କଲ୍ୟାଣୀ ଗ୍ରାମର ଅଖିଲେଶ ଦାସ, ମଛୁଆ ଗ୍ରାମର ଜଗଦୀଶ ବେହେରା। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ହସ୍ପିଟାଲରେ ପହଞ୍ଚି ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ବୁଝିବା ସହିତ ହସ୍ପିଟାଲ୍ ତରଫରୁ ଉପଯୁକ୍ତ ଯତ୍ନ ନିଆଯାଇ ନ ଥିବା ଅଭିଯୋଗ ପାଇବା ପରେ କର୍ତ୍ତୃପକ୍ଷଙ୍କୁ ଡାକି ତାଗିଦ୍ କରିଥିଲେ।

# ଆହୁଜାଙ୍କୁ ନେଇ ଚର୍ଚ୍ଚା

କେନ୍ଦ୍ରୀୟ ଡେପୁଟେଶନରେ ଥିବା ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଫିସର ମନୋଜ ଆହୁଜା ଓଡ଼ିଶାକୁ ଫେରୁଛନ୍ତି। ୧୯୯୦ ବ୍ୟାଚ୍‌ର ଏହି ଅଧିକାରୀଙ୍କୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରିଥିଲେ। ମନୋଜଙ୍କ ପ୍ରତ୍ୟାବର୍ତ୍ତନ ନେଇ କେନ୍ଦ୍ରର ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି ଅନୁମତି ଦେଇଛି। ତେଣୁ ଆହୁଜାଙ୍କୁ ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାର ଦିଆଯାଇପାରେ ବୋଲି ପ୍ରଶାସନିକ ମହଲରେ ଚର୍ଚ୍ଚା ହେଉଛି। ରାଜନୈତିକ ସୂତ୍ରରୁ ଜଣାପଡ଼ିଛି ଯେ, ଆହୁଜାଙ୍କୁ ମୁଖ୍ୟ ଶାସନ ସଚିବ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ପଦରେ ଅବସ୍ଥାପିତ କରିପାରେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆହୁଜାଙ୍କ କାର୍ଯ୍ୟକାଳ ୨୦୨୪ ଡିସେମ୍ବର ପର୍ଯ୍ୟନ୍ତ ବାକି ଅଛି।

# ସାର୍ବଜନୀନ ଶୌଚାଳୟ ବ୍ୟବହାର କରିପାରିବେ କିନ୍ନର

ଭୁବନେଶ୍ୱର, ୨୫।୬ (ବନ୍ଦନା ସେଠୀ)

ଏଣିକି କିନ୍ନରମାନେ ସାର୍ବଜନୀନ ଶୌଚାଳୟ ବ୍ୟବହାର କରିପାରିବେ। ସେମାନଙ୍କ ପାଇଁ ଶୌଚାଳୟରେ ସାଇନ୍‌ଏଜ୍ ଲାଗିବ। ଗୃହ ଏବଂ ନଗର ଉନ୍ନୟନ ବିଭାଗ ଅଧୀନ କାର୍ଯ୍ୟାଳୟ ଏବଂ ରାଜ୍ୟର ବିଭିନ୍ନ ପୌରପାଳିକା ଅଧୀନରେ ଥିବା ସମସ୍ତ ଗୋଷ୍ଠୀ ଶୌଚାଳୟରେ ସ୍ୱତନ୍ତ୍ର ଭାବେ ଏକ 'ଲିଙ୍ଗ ନିରପେକ୍ଷ ଏବଂ ସାର୍ବଜନୀନ ଶୌଚାଳୟ' ବ୍ୟବସ୍ଥା କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ସମସ୍ତ ପୌରସଂସ୍ଥା ସମେତ ବିଭାଗ ଅଧୀନ କାର୍ଯ୍ୟାଳୟଗୁଡିକରେ ଆସନ୍ତା ୧ ମାସ ମଧ୍ୟରେ ଏହାକୁ ଲାଗୁ କରିବାକୁ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଜି. ମାଥିଭାଥାନନ୍ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକତା ଭିତ୍ତିରେ ବର୍ତ୍ତମାନ ଦିବ୍ୟାଙ୍ଗ (ପିଡବ୍ଲ୍ୟୁଡି)ଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟ ୟୁନିଟ୍‌କୁ ଲିଙ୍ଗ ନିରପେକ୍ଷ ଏବଂ ସାର୍ବଜନୀନ ଶୌଚାଳୟ ଭାବେ ଚିହ୍ନିତ କରାଯିବ। ଯେଉଁଠାରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଟଏଲେଟ୍ ୟୁନିଟ ରଖାଯାଇ ନାହିଁ, ସେଠାରେ ଅତିକମ୍‌ରେ ଗୋଟିଏ ଟଏଲେଟ୍ ୟୁନିଟ୍ ଲିଙ୍ଗ-ନିରପେକ୍ଷ ଏବଂ ସାର୍ବଜନୀନ ଶୌଚାଳୟ ଭାବେ ଚିହ୍ନିତ ହେବ। ଯେଉଁଠାରେ ପର୍ଯ୍ୟାପ୍ତ ସ୍ଥାନ ରହିଛି, ସେଠାରେ ଏକ ନୂତନ ଲିଙ୍ଗ-ନିରପେକ୍ଷ ଏବଂ ସାର୍ବଜନୀନ ଶୌଚାଳୟ ୟୁନିଟ୍ ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟକୁ ଯେପରି ଲିଙ୍ଗ-ନିରପେକ୍ଷ ଏବଂ ସାର୍ବଜନୀନ ଶୌଚାଳୟରେ ପରିବର୍ତ୍ତନ କରା ନ ଯାଏ, ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି। ରାଜ୍ୟରେ ଲିଙ୍ଗଗତ ସମାନତା ଏବଂ ସମସ୍ତଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ସାର୍ବଜନୀନ ଶୌଚାଳୟରେ ଲାଗିଥିବା ସାଇନ୍‌ଏଜ୍‌ରେ କିନ୍ନରଙ୍କ ସମ୍ପର୍କରେ କୌଣସି ସୂଚନା ନ ଥିବାରୁ ବିଭିନ୍ନ ସମୟରେ କିନ୍ନରମାନେ ଏହାକୁ ବ୍ୟବହାର କରିବା ସମୟରେ ନିର୍ଯାତନାର ଶିକାର ହୋଇଥାନ୍ତି। ମାତ୍ର ସ୍ୱତନ୍ତ୍ର ବ୍ୟବସ୍ଥା ହେବା ସହ ସାଇନ୍‌ଏଜ୍ ଲାଗିବା ପରେ ଏବେ ସେମାନେ ନିର୍ଦ୍ୱନ୍ଦ୍ୱରେ ଶୌଚାଳୟ ବ୍ୟବହାର କରିପାରିବେ। ରାଜ୍ୟରେ ଲିଙ୍ଗଗତ ସମାନତା ଏବଂ ସମସ୍ତଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ଉପଲବ୍ଧ କରାଇବାକୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହା ସମାଜରେ ସମସ୍ତଙ୍କ ଭାଗୀଦାରିତାକୁ ବଢ଼ାଇବା ସହ ମାନବାଧିକାର ରକ୍ଷା ଦିଗରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି।

# ସାମ୍ବାଦିକାଙ୍କ ଉପରକୁ କୁକୁର ଛାଡ଼ିଲେ ପୂର୍ବତନ ମନ୍ତ୍ରୀ

ଭୁବନେଶ୍ୱର,୨୫।୬(ସତ୍ୟଜିତ୍ ରାଉତ)

ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ କ୍ୱାର୍ଟର୍ସର କିଛି ଅଂଶ ଭଙ୍ଗାଯିବା ଘଟଣାର ଖବର ପ୍ରସାରଣବେଳେ ମଙ୍ଗଳବାର ଅପ୍ରୀତିକର ଘଟଣା ଘଟିଛି। ପ୍ରଣବଙ୍କ କ୍ୱାର୍ଟର୍ସ ପାଖକୁ ଲାଗି ପୂର୍ବତନ ମନ୍ତ୍ରୀ ରଘୁନନ୍ଦନଙ୍କ କାର୍ଟର୍ସ ରହିଛି। ଏକ ଘରୋଇ ଟିଭି ଚ୍ୟାନେଲର ମହିଳା ରିପୋର୍ଟର ଚିନ୍ମୟୀ ସାହୁ ଓ ତାଙ୍କ ସହଯୋଗୀ ସେଠାକୁ ଯାଇ ଖବର ପ୍ରସାରଣ କରୁଥିବାବେଳେ ସେମାନଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଚିନ୍ମୟୀ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ସେମାନଙ୍କ ଉପରକୁ ଦୁଇଟି କୁକୁର ଛାଡ଼ି ଦେଇଥିବା ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଏହି ଘଟଣା ଘଟିଥିଲା।

# ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ୪ ଜଣଙ୍କୁ ଆଜୀବନ ଜେଲ

ଢେଙ୍କାନାଳ,୨୫।୬(ରତନ ନାୟାର)

**ରାଜନୈତିକ ଶତ୍ରୁତା ନେଇ ମାୟାଧର ହତ୍ୟା ମାମଲା**

ଢେଙ୍କାନାଳ ଜିଲା ଗଁଦିଆ ଥାନା ବରଦାପାଟଣା ଗ୍ରାମରେ ୨୦୧୭ ମସିହାରେ ରାଜନୈତିକ ଶତ୍ରୁତାରୁ ଘଟିଥିବା ମାୟାଧର ପ୍ରଧାନ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଢେଙ୍କାନାଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣତୀ ସାହା ଏହି ମାମଲାର ରାୟ ପ୍ରକାଶ କରି ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହି ଆଜୀବନ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ବରଦା ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଲଳିତ ଦାସ ଥିବାବେଳେ ଅନ୍ୟ ୩ ଅଭିଯୁକ୍ତ ହେଲେ ରଞ୍ଜନ କୁମାର ବେହେରା, ମଙ୍ଗରାଜ ବେହେରା ଓ ଅମ୍ବୁଜ ଦାସ।

ମାମଲାରୁ ପ୍ରକାଶ, ୧୩ ମାର୍ଚ୍ଚ ୨୦୧୭ରେ ବରଦାପାଟଣା ଗ୍ରାମର ମାୟାଧର ସମ୍ପର୍କୀୟ ଭାଇ ବିଚିତ୍ର ପ୍ରଧାନଙ୍କ ସହ ବାଇକ୍‌ରେ ଗ୍ରାମରୁ ଆସୁଥିବା ବେଳେ ପଞ୍ଚାୟତ ନିର୍ବାଚନରେ ହୋଇଥିବା ଶତ୍ରୁତାକୁ ନେଇ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। କୁଶିଦା ବସ୍‌ଷ୍ଟାଣ୍ଡ ଛକରେ ବରଦାପାଟଣା ଗ୍ରାମର ଲଳିତଙ୍କ ସହିତ ରଞ୍ଜନ କୁମାର, ମଙ୍ଗରାଜ ଓ ଅମ୍ବୁଜ ତାଙ୍କୁ ଅଟକାଇ ଠେଙ୍ଗାରେ ପିଟିଥିଲେ। ମାୟାଧରଙ୍କୁ ବାଡ଼େଇ ମାରିଦେବା ପାଇଁ ଲଳିତ ସହଯୋଗୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାୟାଧରଙ୍କୁ ଆକ୍ରମଣ ହେବା ଦେଖି ତାଙ୍କ ସମ୍ପର୍କୀୟ ଭାଇ ବିଚିତ୍ର ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ମାୟାଧର ରକ୍ତାକ୍ତ ଅବସ୍ଥାରେ ପଡିଥିବା ଖବରପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ ନିକଟସ୍ଥ ବରପଦା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ଡାକ୍ତର ତାଙ୍କୁ କଟକ ପଠାଇ ଦେଇଥିଲେ। ହେଲେ ବାଟରେ ମାୟାଧରଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସଂକ୍ରାନ୍ତରେ ଗଁଦିଆ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ନଂ. ୩୮।୧୭ରେ ଏକ ମାମଲା ରୁଜୁ କରିଥିଲା। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରୁ ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଆତ୍ମସମର୍ପଣ କରିଥିଲେ। ଏହି ମାମଲା ସିଟି ସେସନ୍ସ ନଂ. ୪୫।୧୮ର ବିଚାର କରି ଢେଙ୍କାନାଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ୪ ଅଭିଯୁକ୍ତ ଲଳିତ, ରଞ୍ଜନ କୁମାର, ମଙ୍ଗରାଜ ଓ ଅମ୍ବୁଜଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏଥିସହ ୫୦ ହଜାର ଟଙ୍କା ଲେଖାଏ ଜରିମନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ଗଣେଶ ବେହେରା ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ ପରିଚାଳନା କରିଥିଲେ।

# ସମୁଦ୍ରରେ ୩,୩୦୦ ବର୍ଷର ଜାହାଜ ଠାବ

ଜେରୁଜେଲମ

ଇସ୍ରାଏଲ୍ ଉପକୂଳରୁ ୯୦ କି.ମି. ଦୂର ଭୂମଧ୍ୟସାଗର ମଧ୍ୟରୁ ଏକ ପୁରାତନ ଜାହାଜକୁ ଆବିଷ୍କାର କରାଯାଇଛି। ସମୁଦ୍ରର ପ୍ରାୟ ୨୦୦୦ ମିଟର ଗଭୀରତା ମଧ୍ୟରେ ୩୩୦୦ ବର୍ଷ ତଳର ଏକ ଜାହାଜ ଥିବା ଜଣାପଡ଼ିଛି। ଏହି ଜାହାଜଟି ଖ୍ରୀଷ୍ଟପୂର୍ବ ଚତୁର୍ଦ୍ଦଶ ଶତାବ୍ଦୀର ହୋଇଥିବା ଇସ୍ରାଏଲ ପ୍ରତ୍ନତତ୍ତ୍ୱ ବିଭାଗର ଗବେଷକମାନେ ଆକଳନ କରିଛନ୍ତି। ବ୍ରିଟେନ୍‌ର ଏନର୍ଜିଅନ ନାମକ ଏକ ତୈଳ ଓ ପ୍ରାକୃତିକ ଗ୍ୟାସ୍ କମ୍ପାନୀ ଓ ଇସ୍ରାଏଲ ପ୍ରତ୍ନତତ୍ତ୍ୱ ବିଭାଗର ମିଳିତ ଉଦ୍ୟମ ଦ୍ୱାରା ଏହି ଜାହାଜ ବିଷୟରେ ସୂଚନା ସାମ୍ନାକୁ ଆସିଛି। ଉକ୍ତ ଜାହାଜର ଲମ୍ବ ୧୨ରୁ ୧୪ ମିଟର ହୋଇଥିବା ଗବେଷକମାନେ ଅନୁମାନ କରିଛନ୍ତି। ତେବେ ଏହା ଏକ ବିଶ୍ୱସ୍ତରୀୟ ଇତିହାସ ପରିବର୍ତ୍ତନକାରୀ ଆବିଷ୍କାର ହୋଇଥିବା ଇସ୍ରାଏଲ୍ ପ୍ରତ୍ନତତ୍ତ୍ୱ ବିଭାଗର ସାମୁଦ୍ରିକ ୟୁନିଟ୍ ମୁଖ୍ୟ ଜାକବ ଶର୍ବିତ କହିଛନ୍ତି। ଭୂମଧ୍ୟସାଗରର ଏତେ ଗଭୀରତାରେ ଆବିଷ୍କୃତ ଏହା ସର୍ବ ପୁରାତନ ଜାହାଜ ହୋଇଥିବା ସେ କହିଛନ୍ତି। ସାମୁଦ୍ରିକ ଝଡ଼ କିମ୍ବା ଜଳଦସ୍ୟୁଙ୍କ ଆକ୍ରମଣ ଯୋଗୁ ଜାହାଜଟି ଖ୍ରୀଷ୍ଟପୂର୍ବ ଚତୁର୍ଦ୍ଦଶ ଶତାବ୍ଦୀରେ ବୁଡ଼ିଯାଇଥାଇପାରେ ବୋଲି ସେ ଅନୁମାନ କରିଛନ୍ତି। ତେବେ ପ୍ରାଚୀନ କାଳରେ ନାବିକମାନଙ୍କର ନାଭିଗେଶନ୍ ଦକ୍ଷତା ଅନୁମାନଠାରୁ ଅଧିକ ଉନ୍ନତ ଥିବା ଏହି ଆବିଷ୍କାରରୁ ପ୍ରମାଣିତ ହୋଇଛି ବୋଲି ଶର୍ବିତ କହିଛନ୍ତି। ସେତେବେଳେ ନାବିକମାନେ ଉପକୂଳଠାରୁ ବହୁ ଦୂରରେ ଥିବା ଗଭୀର ସମୁଦ୍ରରେ ଭ୍ରମଣ କରିବାକୁ ସକ୍ଷମ ଥିବା ଏହି ଆବିଷ୍କାରରୁ ଜଣାପଡ଼ିଛି। ପୂର୍ବରୁ ମଧ୍ୟ ୨ଟି ଜାହାଜ ଇସ୍ରାଏଲ ଉପକୂଳସ୍ଥିତ ଭୂମଧ୍ୟସାଗରରୁ ଆବିଷ୍କୃତ ହୋଇସାରିଛି। କିନ୍ତୁ ଉଭୟେ କୂଳର ନିକଟବର୍ତ୍ତୀ ଥିବା ଶର୍ବିତ ସୂଚନା ଦେଇଛନ୍ତି।

ଗତବର୍ଷ ଏନର୍ଜିଅନ ନାମକ ଏକ ବ୍ରିଟିଶ୍ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ କମ୍ପାନୀ ଦ୍ୱାରା ଭୂମଧ୍ୟ ସାଗରରେ ପ୍ରାକୃତିକ ଗ୍ୟାସ୍ ଆବିଷ୍କାର ପାଇଁ ପରିବେଶ ସର୍ଭେ କରାଯାଉଥିବାବେଳେ ଏହି ଜାହାଜର ଆବିଷ୍କାର ହୋଇଥିଲା। ସମୁଦ୍ର ମଧ୍ୟରେ ଉକ୍ତ କମ୍ପାନୀ ଦ୍ୱାରା ଏକ ରୋବଟ୍ ସାହାଯ୍ୟରେ ସ୍କାନିଂ ଚାଲିଥିଲା। ଏହି ସମୟରେ ଭୂମଧ୍ୟସାଗରର ପ୍ରାୟ ୧.୮ କିଲୋମିଟର ଗଭୀରରେ ରୋବଟ୍‌ଟି ଉକ୍ତ ଜାହାଜ ନିକଟରେ ପହଞ୍ଚିବାକୁ ସକ୍ଷମ ହୋଇଥିଲା। ରୋବଟ୍ ସାହାଯ୍ୟରେ ଉକ୍ତ ପୁରାତନ ଜାହାଜର ଫଟୋ ଓ ଭିଡିଓ ନିଆଯାଇ ଇସ୍ରାଏଲ୍ ପ୍ରତ୍ନତତ୍ତ୍ୱ ବିଭାଗର ସାମୁଦ୍ରିକ ୟୁନିଟ୍‌କୁ ପଠାଯାଇଥିବା ଏନର୍ଜିଅନ କମ୍ପାନୀର ପରିବେଶ ବିଭାଗୀୟ ମୁଖ୍ୟ ଡକ୍ଟର କର୍ଣ୍ଣିତ ବାହାରଟନ୍ କହିଛନ୍ତି।

ତେବେ ଏହି ଜାହାଜଟି ଏବେ ମଧ୍ୟ ସମୁଦ୍ର ମଧ୍ୟରେ ରହିଛି। ଏହାକୁ ବାହାର କରିବା ପାଇଁ ପ୍ରୟାସ କରାଯାଉଛି। ଗଭୀର ସମୁଦ୍ର ମଧ୍ୟରେ ଜଳ ପ୍ରବାହର ପ୍ରବଳ ଚାପ ଯୋଗୁ ଏହି ଜାହାଜକୁ ବାହାର କରିବା ଏକ ବଡ଼ ଆହ୍ୱାନ ସଦୃଶ ହୋଇଛି।



**ଆଜିର ମନ୍ତବ୍ୟ**

"ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ରେ ଦେଶରେ ଲଗାଇଥିବା ଜରୁରୀ ସ୍ଥିତି ଭାରତୀୟ ଗଣତନ୍ତ୍ରରେ ଏକ କଳା ଅଧ୍ୟାୟ, ଯାହାକୁ ଭୁଲି ହେବ ନାହିଁ। ଏହି ସମୟରେ ସରକାର ଏକଚ୍ଛତ୍ରବାଦ ଚଳାଇବା ସହ କ୍ଷମତାର ଦୁରୁପଯୋଗ କରିଥିଲେ। **–ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଫିଲ୍ମ 'କର୍ମ'ର ମୁହୁରତ୍, ସ୍ଥାନ: ପୁରୁଣା ସମ୍ବାଦ ଅଫିସ, ହନୁମାନ ମନ୍ଦିର, ସିଆର୍‌ପି, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ନିଶା ନିଷେଧ ଦିବସ, ସ୍ଥାନ: ରାମ ମନ୍ଦିର ଛକ, ସମୟ: ଅପରାହ୍ନ ୪ଟା।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସଜିବିଶନ 'ବଏ ଡ୍ୟାମ୍ବର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- ସ୍ୱର୍ଗତଃ ଅବନୀ ବରାଳଙ୍କ ୯୦ତମ ଜୟନ୍ତୀ ଓ ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁମା ଓ ଗୁରୁଜୀଙ୍କ ତାଲିମ ଶିବିର ଉଦ୍‌ଘାଟନ, ସ୍ଥାନ: କନ୍ଦରପୁର, ସମୟ ପୂର୍ବାହ୍ନ ୧୧ଟା।
- ବିଦ୍ୟାବିକାଶ ପରିଷଦର ଦ୍ୱାଦଶ ବାର୍ଷିକ ଉତ୍ସବ, ସ୍ଥାନ: କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନ, ସମୟ: ଅପରାହ୍ନ ୨ଟା।

## ପୁରୀ
- ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ, ସ୍ଥାନ: ବ୍ରହ୍ମଗିରି, ସମୟ: ପ୍ରାତଃ ୫ଟା ୩୦।
- ରଥ ସମନ୍ୱୟ ବୈଠକ, ସ୍ଥାନ: ପୌର ସଦନ ସଭା ଗୃହ, ପୁରୀ, ସମୟ: ସକାଳ ୮ଟା।
- ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ସ୍ୱର୍ଗଦ୍ୱାର ସମ୍ମୁଖ, ପୁରୀ, ସମୟ: ସକାଳ ୮ଟା।
- ଓଡ଼ିଶୀ ନୃତ୍ୟ କର୍ମଶାଳା ଉଦ୍‌ଯାପନ, ସ୍ଥାନ: ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଡ୍ରେନେଜ ସିଷ୍ଟମର ପରିଦର୍ଶନ କରିବେ ବାଲେଶ୍ୱର ବିଧାୟକ, ସ୍ଥାନ: ୨୪ ନଂ. ୱାର୍ଡ଼, ବାରବାଟୀ, ବାଲେଶ୍ୱର, ସମୟ: ୭ଟା ୩୦।
- ନିଶାର ଅପବ୍ୟବହାର ଓ ବେଆଇନ କାରବାର ବିରୋଧରେ ଅନ୍ତର୍ଜାତୀୟ ଦିବସ ଶୋଭାଯାତ୍ରା, ସ୍ଥାନ: କଲେକ୍ଟୋରେଟ୍ ବାଲେଶ୍ୱରଠାରୁ ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୭ଟା ୩୦। ସଭା କାର୍ଯ୍ୟକ୍ରମ, ସମୟ: ସକାଳ ୯ଟା। ପୁରସ୍କାର ବିତରଣ ଉତ୍ସବ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବୈକୁଣ୍ଠନାଥ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ ବିଧାୟକଙ୍କ ପରିଦର୍ଶନ, ସ୍ଥାନ: କଚୁଆଡ଼ି, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- ସରକାରୀ କାର୍ଯ୍ୟର ସମୀକ୍ଷା କରିବେ ବାଲେଶ୍ୱର ବିଧାୟକ, ସ୍ଥାନ: ସଦର ବ୍ଲକ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନିଶା ନିବାରଣ ଦିବସ ଉପଲକ୍ଷେ ମିଳିତ ନିଶା ନିବାରଣ ମଞ୍ଚ (ମୋନା) ପକ୍ଷରୁ ସାଧାରଣ ସଭା, ସ୍ଥାନ: ଜଳେଶ୍ୱର ଷ୍ଟେଶନ ବଜାର, କାଳୀମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ମିଲିଟ ସଙ୍ଗଠନ ପକ୍ଷରୁ ଶୃଙ୍ଖଳା ଓ ଓଦା ପ୍ରଣାଳୀରେ ଚାଷକୁ ନେଇ ପଞ୍ଚାୟତ ସ୍ତରୀୟ ବୈଠକ, ସ୍ଥାନ: ଉପରକୁଣ୍ଡି, ଖୁଆଡ଼, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା।

- କିଶୋରୀ ବାଳିକା ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ଶିବିର, ସ୍ଥାନ: ଜମ୍ବିରାଇ, ବାଲିଆପାଳ, ସମୟ: ଅପରାହ୍ନ ୪ଟା।
- ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ଅପରାହ୍ନ ୪ଟା।
- ଶ୍ରୀଜୀଉଙ୍କର ଫୁଲୁରୀ ତେଲ ଓ ପଞ୍ଚମୁଳ ଲାଗି, ସ୍ଥାନ: ଜଗନ୍ନାଥ ମନ୍ଦିର, ନୀଳଗିରି, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ନିଷିଦ୍ଧ ଔଷଧର ଅପବ୍ୟବହାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।

## କେନ୍ଦୁଝର
- ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଗୁକୁଣ୍ଡା ସ୍କୁଲ, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଆବାସ ସମୀକ୍ଷା ବୈଠକ, ସ୍ଥାନ: ହାଟଡିହୀ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ଡ୍ରଗ୍ସ ଅପବ୍ୟବହାର ଏବଂ ବେଆଇନ କାରବାର ବିରୋଧରେ ସଚେତନତା ସଭା, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଓସ୍ୱାନ ହଲ୍, ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବ୍ରହ୍ମପୁର
- ଅବକାରୀ ବିଭାଗ ପକ୍ଷରୁ ସଚେତନତା ରାଲି, ସ୍ଥାନ: ଏମ୍‌କେସିଜି ଗେଟ ସମ୍ମୁଖରୁ ଆରମ୍ଭ,ସମୟ: ସକାଳ ୭ଟା।

## ଗଞ୍ଜାମ
- ଯୋଗ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ସକାଳ ୫ଟା୩୦।
- ବିଧାୟକଙ୍କ ସମୀକ୍ଷା, ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ସପ୍ତ ଠାକୁରାଣୀଙ୍କ ଘଟ ପରିକ୍ରମା,ସ୍ଥାନ: ଆସିକା ଗାୟତ୍ରୀ ନଗର, ତୋଟାସାହି, ତୋଟା ହରିଜନ ସାହି, ବୋର୍ଡ ସ୍କୁଲ, ସାଇବାବା ମନ୍ଦିର, ଜୋକବନ୍ଧ ସାହି, ଅର୍ବନ ବ୍ୟାଙ୍କ ରୋଡ, ସୁବର୍ଣ୍ଣପେଟା ସାହି, ସମୟ: ସନ୍ଧ୍ୟା ୭ଟାରୁ ଆରମ୍ଭ।

## ରାୟଗଡ଼ା
- ବୁର୍ଦ୍ଦେଲା ପୋଲୋ ମା ଗ୍ରାମ ଦେବୀଙ୍କ ଘଣ୍ଟ ବିସର୍ଜନ, ସ୍ଥାନ: ଅସ୍ଥାୟୀ ମଣ୍ଡପ, ସମୟ: ସକାଳ ୯ ଟା।
- ଡ୍ରଗ ଅପବ୍ୟବହାର ଏବଂ ବେଆଇନ କାରବାର ବିରୋଧରେ ସଚେତନ ରଥ ଶୁଭାରମ୍ଭ, ସ୍ଥାନ: ରାୟଗଡ଼ାସ୍ଥିତ ସଂସ୍କୃତି ଭବନ, ସମୟ: ସକାଳ ୯ ଟା।
- ଡ୍ରଗ୍ ଅପବ୍ୟବହାରକୁ ନେଇ ସଚେତନତା ଶୋଭାଯାତ୍ରା, ସ୍ଥାନ: କପିଳାସ ଜଙ୍କସନ, ରାୟଗଡ଼ା, ସମୟ: ସକାଳ ୯.୧୫।
- ବ୍ଲକସ୍ତରୀୟ ତ୍ରିଦିବସୀୟ କ୍ରୀଡ଼ାଙ୍ଗନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ କଦମା, ଗୁଡାରୀ, ସମୟ: ପୂର୍ବାହ୍ନ ୧୦ଟା।
- ଡ୍ରଗ ବ୍ୟବହାର କୁପ୍ରଭାବ, ଉପଚାର ଏବଂ ପୁନର୍ବାସ ନେଇ ଆଲୋଚନା, ସ୍ଥାନ: ରାୟଗଡ଼ାସ୍ଥିତ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମନ୍ଦିରରେ ପ୍ରବଚନ, ସ୍ଥାନ: ବ୍ରାହ୍ମଣ ସାହିସ୍ଥିତ ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର
- ଆନ୍ତର୍ଜାତୀୟ ଆବାଧ ନିଶାଦ୍ରବ୍ୟ ଚାଲାଣ ବିରୋଧ ଦିବସ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର ଗାନ୍ଧୀ ଛକଠାରୁ ସାଇ କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ଟା।
- ଶିଶୁ ଶ୍ରମିକ ଆଇନ କର୍ମଶାଳା, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚଲାଣ ବିରୋଧ ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚଲାଣ ବିରୋଧ ଦିବସରେ ସଚେତନତା ସଭା, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୋରାପୁଟ ଜିଲା କଫି ଉନ୍ନୟନ ଟ୍ରଷ୍ଟ ବୋର୍ଡ ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୪ ଟା।

## ମାଲକାନଗିରି
- ବେଆଇନ ଟ୍ରାଫିକ ସମ୍ପର୍କିତ ସଚେତନତା ଶୋଭାଯାତ୍ରା, ରଥ ଉଦ୍‌ଘାଟନ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।

## ସମ୍ବଲପୁର
- ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା, ସ୍ଥାନ: ଡାକ୍ତର ଝସକେତନ ସାହୁ ସନ୍ତରଣାଗାର, ସମୟ: ସକାଳ ୭ଟା।
- ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନେଲସନ ମଣ୍ଡେଲା ଛକ, ସମୟ: ସକାଳ ୯ଟା ୩୦।
- ଅଦା ଏବଂ ହଳଦି ବିହନ ବିକ୍ରୟ କାର୍ଯ୍ୟକ୍ରମ, ସ୍ଥାନ: ନିଲଡୁଙ୍ଗୁରୀ ମଡେଲ ନର୍ସରୀ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ପ୍ରତିଷ୍ଠା ଦିବସ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ଅପରାହ୍ନ ୫ ଟା ୩୦।

## ବଲାଙ୍ଗୀର
- ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ମାଗଣା ଚାରା ବଣ୍ଟନ, ସ୍ଥାନ: ବୀଜାଖମନ, ବଲାଙ୍ଗୀର, ସମୟ: ସକାଳ ୭ଟା।

## ସୁବର୍ଣ୍ଣପୁର
- ଅନ୍ତର୍ଜାତୀୟ ନିଶା ଦ୍ରବ୍ୟର ଅପବ୍ୟବହାର ଓ ବେଆଇନ ଚୋରା କାରବାରର ନିଷିଦ୍ଧ ଦିବସ ଅବସରରେ ସାଇକେଲ ରାଲି । ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା ୩୦।
- ନିଶା ଦ୍ରବ୍ୟର ଅପବ୍ୟବହାର ଓ ବେଆଇନ ଚୋରା କାରବାରର ନିଷିଦ୍ଧ ପାଇଁ ସଚେତନତା ସଭା, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- ମା' ତାରିଣୀଙ୍କ ୨୪ତମ ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର–୧୫, ସମୟ: ସକାଳ ୭ଟା ୩୦।
- ଶିଶୁ ଶ୍ରମିକ ସୁରକ୍ଷା ସଚେତନତା ରାଲି,ସ୍ଥାନ:ରାଉରକେଲା ରେଳ ଷ୍ଟେଶନ,ସମୟ:ସକାଳ ୮ଟା।
- ରଘୁନାଥପାଲି ବିଧାୟକଙ୍କ କୋଏଲ ବ୍ୟାରେଜ ପରିଦର୍ଶନ, ସ୍ଥାନ: ହମିରପୁର, ସମୟ: ସକାଳ ୯ଟା।

## ସୁନ୍ଦରଗଡ଼
- ଜିଲା ସ୍ତରୀୟ ଅନ୍ତର୍ଜାତୀୟ ଡ୍ରଗ ଅପବ୍ୟବହାର ଏବଂ ଅବାଧ କାରବାର ନିରାକରଣ ଦିବସ, ସ୍ଥାନ:ବିକାଶ ଭବନ, ସମୟ: ପୂର୍ବାହ୍ନ ୧୦ଟା୩୦।
- ସଚେତନତା ରାଲି, ସ୍ଥାନ:ଜିଲାପାଳଙ୍କ ଅଫିସ ପରିସର, ସମୟ: ସକାଳ ୮ଟା୩୦।

## ବରଗଡ଼
- ରକ୍ତଦାନ ଶିବିର, ସ୍ଥାନ: କିଶୋରୀ ମାର୍କେଟ୍ କମ୍ପ୍ଲେକ୍ସ, ଗୋଡ଼ଭଗା କ୍ୟାମ୍ପ, ଅତାବିରା, ସମୟ: ସକାଳ ୯ଟା।
- ଦଧିବାମନଙ୍କ ପାଞ୍ଚମୂଳ ସେବନ, ସ୍ଥାନ: ଦଧିବାମନ ମନ୍ଦିର, ଭଟଲି, ସମୟ: ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି
- ଅନ୍ତର୍ଜାତୀୟ ନିଶାସେବନ ଓ ବେଆଇନ କାରବାର ବିରୋଧରେ ସଚେତନତା ବୈଠକ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ପୂର୍ବାହ୍ନ ୧୧ଟା।
- ବିଜୁ ଏକ୍ସପ୍ରେସ ୱେରେ ବ୍ୟାପକ ଦୁର୍ନୀତି, ବିଭାଗୀୟ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଓ ଭିଜିଲାନ୍ସ ତଦନ୍ତ ଦାବିରେ ଜନସଂଗ୍ରାମ ସମିତି ପକ୍ଷରୁ ଉପଜିଲାପାଳଙ୍କ ଅଫିସ ଆଗରେ ଗଣ ଧାରଣା, ସ୍ଥାନ: ଧର୍ମଗଡ଼ ଉପଜିଲାପାଳ ଅଫିସ, ସମୟ: ସକାଳ ୯ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ
- ଅର୍ନ୍ତଜାତୀୟ ନିଶାସେବନ ଓ ନିଶାଦ୍ରବ୍ୟ ଅବୈଧ କାରବାର ନିରାକରଣ ଦିବସ ଅବସରରେ ରାଲି, ସ୍ଥାନ: ଜିଲା ମ୍ୟୁଜିୟମ ବୌଦ୍ଧ, ସମୟ: ସକାଳ ୮ଟା।

## ଦେବଗଡ଼
- ଡ୍ରଗ୍ସର ଅବାଧ କାରବାର ଓ ବିରୋଧରେ ଅନ୍ତର୍ଜାତୀୟ ଦିବସ ପାଳନ, ସ୍ଥାନ: ପୁରୁଣା କଲେକ୍ଟୋରେଟ ଦେବଗଡ, ସମୟ: ସକାଳ ୮ଟା।
- ଅନ୍ତର୍ଜାତୀୟ ନିଶା ମୁକ୍ତ ଦିବସ ପାଳନ, ସଚେନତା ରଥ ବୁଲିବ, ସ୍ଥାନ: ଜିଲାର ତିନି ବ୍ଲକ, ସମୟ: ସକାଳ ୮ଟା
- ଚାଷୀମାନଙ୍କ ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ରକ୍ତଦାନ ଶିବିର ଅନୁଷ୍ଠିତ, ସ୍ଥାନ: ସହରସ୍ଥିତ ହୋଟେଲ ମେଘଦୁତ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ୩୦।
- ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ବିଟିଏମସ୍ଥିତ ଭାଜପା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ସହରସ୍ଥିତ କୁମୁଡ଼ାପାଲି ଗ୍ରାମ ମଣ୍ଡପ, ସମୟ: ରାତି ୭ଟା।

## ଢେଙ୍କାନାଳ
- ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳନ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ ଢେଙ୍କାନାଳ, ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ସିଆଇଏସ୍‌ଏଫ୍, ଅଗ୍ନିଶମ ବିଭାଗ ପକ୍ଷରୁ ବହୁମୁଖୀ ମକ୍‌ଡ୍ରିଲ, ସ୍ଥାନ: ପୋର୍ଟ ସିଗ୍‌ନାଲ ଷ୍ଟେସନ, ନିଷିଦ୍ଧାଞ୍ଚଳ, ପାରାଦୀପ, ସମୟ: ସକାଳ ୧୦ଟା।

## କେନ୍ଦ୍ରାପଡ଼ା
- ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ନିଶା ନିବାରଣ ସଚେନତନା ରଥ ଉଦ୍‌ଘାଟନ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ମା' ପାଟଦେଇ ମଙ୍ଗଳାଙ୍କ ପୀଠରେ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବଡମଙ୍ଗ, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଆନ୍ତର୍ଜାତୀୟ ନିଶା ନିବାରଣ ଦିବସ ଉପଲକ୍ଷେ ସଚେନତା ରାଲି,ସ୍ଥାନ : ଯାଜପୁର ରାମ ମନ୍ଦିରଠାରୁ ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀକ ନିଶା ନିବାରଣ ଦିବସ, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ମାଦକ ଦ୍ରବ୍ୟ ଅପବ୍ୟବହାର,ଏହାର ଚାଲାଣ ନିରୋଧ ଦିବସ ଅବସରରେ ସଚେତନତା ଶୋଭାଯାତ୍ରା ଓ ବୈଠକ, ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଭାଷା ସଂପାନ, ସ୍ଥାନ:ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ପ୍ରେକ୍ଷାଳୟ, ଦଶପଲ୍ଲା, ସମୟ:ପୂର୍ବାହ୍ନ ୧୦ଟା।
- ମା ତାରିଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ତାରିଣୀ ପୀଠ, ସମୟ: ସକାଳ ୭ଟା୩୦।
- ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷର ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଆଞ୍ଚଳିକ ସାମ୍ବାଦିକ ସଂଘର ଖଣ୍ଡପଡ଼ା କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।
- ମହିଳା ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ମହିଳା ଜୀବିକା ସୁରକ୍ଷା ମଞ୍ଚ ନୟାଗଡ଼ ପକ୍ଷରୁ ସ୍ୱତନ୍ତ୍ର ମହିଳା ଗ୍ରାମସଭା, ସ୍ଥାନ ଦଶପଲ୍ଲା ବ୍ଲକର ଉଲିସାହି ୟୁଜିଏଚ୍‌ଏସ୍ ପାଖ ଆମ୍ବତୋଟା, ସମୟ:ପୂର୍ବାହ୍ନ ୧୦ଟା।
- ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ୩୨ତମ ଶ୍ରାଦ୍ଧ ବାର୍ଷିକୀରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଦଶପଲ୍ଲା ସହର ବାବୁ ବସା ପୋଖରୀ, ସମୟ: ପୂର୍ବାହ୍ନ ୯ଟା ।

**ପ୍ରଥମ ପୃଷ୍ଠାରୁ...**

## ଟ୍ରାଫିକ୍‌ରୁ ହଟିବ...

ନିଶ୍ଚୟ ସହଯୋଗ କରିବେ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ମେଟ୍ରୋ ଟ୍ରେନ ଏକ ବଡ଼ ବ୍ୟବସ୍ଥା। ଏନେଇ ସମ୍ୟକ ତଥ୍ୟ ହସ୍ତଗତ ହୋଇଛି। ଆଗାମୀ ଦିନରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ମେଟ୍ରୋ ରେଳ ପ୍ରକଳ୍ପକୁ ଦିଲ୍ଲୀ ମେଟ୍ରୋ ଅଥରିଟିକୁ ଦିଆଯାଇଛି। ଆଗକୁ ବର୍ଷା ଆସୁଛି। ତେଣୁ ଏହାକୁ କିପରି ତ୍ୱରାନ୍ୱିତ ଗତିରେ କରାଯିବ ସେନେଇ ଆଲୋଚନା ହେବ। ଟ୍ୱିନ୍ ସିଟିରେ ମେଟ୍ରୋ ସଂଯୋଗ ହେବ। ଲୋକେ ସୁବିଧାରେ ଯିବା ଆସିବା କରିପାରିବେ। ସେନେଇ ଆମର ନଜର ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀଙ୍କ ଟ୍ରାଫିକ୍ ଲାଇଟ୍ ହଟାଇବା ମନ୍ତବ୍ୟ ପରେ ସଡ଼କ ସୁରକ୍ଷା ବିଶେଷଜ୍ଞ ବିକାଶ ମହାପାତ୍ରଙ୍କ କହିବା ହେଲା ସହରର ୩ ଛକିଆ, ୪ ଛକିଆ ଆଦି ଇଣ୍ଟରସେକ୍ସନ୍‌ର ଟ୍ରାଫିକ୍ ଲାଇଟ୍ ବ୍ୟବସ୍ଥା ରହିଥାଏ, ଯାହା ଯାନବାହାନକୁ ନିୟନ୍ତ୍ରଣ କରିଥାଏ। ଟ୍ରାଫିକ୍ ଲାଇଟ୍ ହଟାଇବାକୁ ହେଲେ ଏଥିପାଇଁ ପ୍ରଥମେ ଭିତ୍ତିଭୂମି ସଜାଡ଼ିବାକୁ ପଡ଼ିବ। ବର୍ତ୍ତୁଳ ଆକାରରେ ରାଉଣ୍ଡ ଏବାଉଟ୍ ଦେବାକୁ ପଡ଼ିବ। ଫଳରେ ଗାଡ଼ି ନ ଅଟକି ବିଭିନ୍ନ ଲେନ୍‌ରେ ଗାଡ଼ି ଯାତାୟାତ କରିପାରିବ। ଏଥିପାଇଁ ସେହିସ୍ଥାନରେ ଗୋଲେଇ ଛକ କରିବାକୁ ହେବ। ଭବନେଶ୍ୱରରେ ଏହା ହେବା ପାଇଁ ସମ୍ଭବ ଥିଲେ ମଧ୍ୟ କଟକ, ବ୍ରହ୍ମପୁର, ସମ୍ବଲପୁର ଆଦି ପୁରାତନ ସହରଗୁଡ଼ିକରେ ଗୋଲେଇ ଛକ କରିବାକୁ ପର୍ଯ୍ୟାପ୍ତ ପରିମାଣରେ ଭିତ୍ତିଭୂମିର ଅଭାବ ରହିଛି। ଟ୍ରାଫିକ୍ ଲାଇଟ୍ ଉଠାଇବାକୁ ହେଲେ ଭୂତଳ ରାସ୍ତା, ଫୁଟ୍ ଓଭରବ୍ରିଜ ଆଦି ବିକଳ୍ପ ବ୍ୟବସ୍ଥା ପ୍ରଥମେ କରିବାକୁ ହେବ ବୋଲି ମହାପାତ୍ର କହିଛନ୍ତି।

## ୪ର୍ଥ ଥର ବାଚସ୍ପତି...

ପକ୍ଷ ସେମାନଙ୍କ ଜିଦ୍‌ରେ ଅଟଳ ରହିବାରୁ ସହମତି ହୋଇପାରି ନ ଥିଲା। ବିରୋଧୀ ପ୍ରାର୍ଥୀଙ୍କୁ ଉପବାଚସ୍ପତି ପଦ ଦିଆଯିବା ପରମ୍ପରାକୁ ସରକାର ଅନୁପାଳନ କରୁ ନ ଥିବା ବେଣୁଗୋପାଳ କହିବା ସହ ବିର୍ଲାଙ୍କ ବିରୋଧରେ ପ୍ରାର୍ଥୀ ଦେବା ନିମନ୍ତେ ନିଷ୍ପତ୍ତି ନିଆଗଲା ବୋଲି ଘୋଷଣା କରିଥିଲେ। ତେବେ ବିରୋଧୀ ଚାପ ରାଜନୀତି କରିବା ସହ ବରିଷ୍ଠ ମନ୍ତ୍ରୀମାନଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ପ୍ରାକ୍ ସର୍ତ୍ତରେ ଅଟଳ ରହିଲେ ବୋଲି କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ଜେଡିୟୁ ନେତା ଲଲନ ସିଂ କହିଛନ୍ତି।

ଲୋକ ସଭାର ୫୪୩ ଆସନ ମଧ୍ୟରୁ ୱାୟନାଡ୍ ଆସନରୁ ରାହୁଲ ଗାନ୍ଧୀ ଇସ୍ତଫା ଦେଇଥିବାରୁ ବର୍ତ୍ତମାନ ସଦସ୍ୟ ସଂଖ୍ୟା ୫୪୨ ରହିଛି। ଏନ୍‌ଡିଏ ପାଖରେ ୨୯୩ ଏମ୍‌ପି ଥିବାବେଳେ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ୨୩୩ ସଦସ୍ୟ ରହିଛନ୍ତି। ଅନ୍ୟୂନ ୩ ବିରୋଧୀ ସଦସ୍ୟ ବିରୋଧୀ ମେଣ୍ଟକୁ ସମର୍ଥନ କରିପାରନ୍ତି। ତେବେ ଏନ୍‌ଡିଏ ପ୍ରାର୍ଥୀ ଓମ୍ ବିର୍ଲାଙ୍କ ସପକ୍ଷରେ ସଂଖ୍ୟା ରହିଛି। କୋଟାରୁ ଭାଜପା ଏମ୍‌ପି ଥିବା ବିର୍ଲା ଯଦି ନିର୍ବାଚିତ ହୁଅନ୍ତି, ତେବେ ଗୋଟିଏ ପାଳିରୁ ଅଧିକ ଦିନ ବାଚସ୍ପତି ରହିବାରେ ଏହା ୫ମ ଘଟଣା ହେବ। କଂଗ୍ରେସ ନେତା ବଳରାମ ଜାଖର ସପ୍ତମ ଓ ଅଷ୍ଟମ ଲୋକ ସଭାରେ ବାଚସ୍ପତି ଭାବେ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିଥିଲେ। ବିର୍ଲା ୩ୟ ଥର ପାଇଁ ଲୋକ ସଭାକୁ ନିର୍ବାଚିତ ହୋଇଥିବାବେଳେ ଏହା ପୂର୍ବରୁ ୩ ଥର ରାଜସ୍ଥାନ ବିଧାୟକ ଥିଲେ। ଅନ୍ୟପକ୍ଷରେ ବିରୋଧୀଙ୍କ ବାଚସ୍ପତି ପ୍ରାର୍ଥୀ ସୁରେଶ ଦଳିତ ସମ୍ପ୍ରଦାୟର ଏବଂ ସେ କେରଳର ମାଭେଲିକାରାରୁ ୮ ଥର ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ସୁରେଶ କହିଛନ୍ତି, ଏହା ଜିତିବା ହାରିବା କଥା ନୁହେଁ, କିନ୍ତୁ ପରମ୍ପରା ଅନୁଯାୟୀ ବାଚସ୍ପତି ଶାସକ ଦଳରୁ ହେବାବେଳେ ଉପବାଚସ୍ପତି ପଦ ବିରୋଧୀଙ୍କୁ ମିଳିବା କଥା। ପୂର୍ବ ୨ଟି ଲୋକ ସଭାରେ କୌଣସି ଦଳ ବିରୋଧୀ ଦଳ ମାନ୍ୟତା ପାଇ ନ ଥିବା ଦର୍ଶାଇ ଉପବାଚସ୍ପତି ପଦ ଦିଆଯାଇ ନ ଥିଲା। ଏବେ ଆମେ ବିରୋଧୀ ଦଳ ଭାବେ ସ୍ୱୀକୃତି ପାଇଥିବାରୁ ଉପବାଚସ୍ପତି ପଦ ପାଇଁ ହକ୍‌ଦାର ବୋଲି ସୁରେଶ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଏମ୍‌ପି କେ. ସୁରେଶଙ୍କୁ ବାଚସ୍ପତି ପଦ ପାଇଁ ଇଣ୍ଡିଆ ବ୍ଲକ୍‌ର ମିଳିତ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସହ ପରାମର୍ଶ କରାଯାଇ ନ ଥିବା ମମତା ବାନାର୍ଜୀଙ୍କ ଦଳ ପକ୍ଷରୁ କୁହାଯାଇଛି। ସୁରେଶଙ୍କ ନାମାଙ୍କନପତ୍ରରେ ଇଣ୍ଡିଆ ବ୍ଲକ୍‌ର ସବୁ ଦଳର ନେତା ସ୍ୱାକ୍ଷର କରିଥିବାବେଳେ ଟିଏମ୍‌ସିକୁ ବାଦ୍ ଦିଆଯାଇଛି। ସେମାନେ ଆମକୁ ନ ପଚାରି ଏକତରଫା ନିଷ୍ପତ୍ତି ନେଇଥିବା ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ କହିଛନ୍ତି। ଯଦି ବୁଧବାର ଲୋକ ସଭାରେ ଭୋଟ ହୁଏ, ତେବେ ପେପର ସ୍ଲିପ୍ ବ୍ୟବହାର କରାଯିବ। କାରଣ ନୂଆ ଲୋକ ସଭାରେ ଇଲେକ୍ଟ୍ରୋନିକ୍ ସିଷ୍ଟମ୍ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ।

ପ୍ରକାଶ ଯେ, ଏହାପୂର୍ବରୁ ୧୯୫୨, ୧୯୬୭ ଏବଂ ୧୯୭୬ରେ ଲୋକ ସଭା ବାଚସ୍ପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୧୯୫୨ରେ କଂଗ୍ରେସ ସଦସ୍ୟ ଜି.ଭି. ମାଭାଲଙ୍କର ୩୯୪ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ତାଙ୍କ ବିରୋଧରେ ଶାନ୍ତାରାମ ମୋରେ ପ୍ରାର୍ଥୀ ହୋଇଥିଲେ। ୧୯୬୭ରେ କଂଗ୍ରେସ ପ୍ରାର୍ଥୀ ନିଲମ ସଞ୍ଜୀବା ରେଡ୍ଡୀ ୨୭୮ ଭୋଟ ପାଇ ଲୋକ ସଭା ବାଚସ୍ପତି ନିର୍ବାଚିତ ହୋଇଥିବାବେଳେ ଟେନେଟି ବିଶ୍ୱନାଥମ୍ ୨୦୭ ଖଣ୍ଡ ଭୋଟ ପାଇ ହାରିଯାଇଥିଲେ। ଏମର୍ଜେନ୍ସି ପରେ ୧୯୭୬ ଜାନୁଆରୀ ୫ରେ ବଳିରାମ ଭଗତ ଲୋକ ସଭା ବାଚସ୍ପତି ନିର୍ବାଚିତ ହୋଇଥିଲେ। ତାଙ୍କୁ ୩୪୪ ଭୋଟ ମିଳିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜନସଂଘ ନେତା ଜଗନ୍ନାଥରାଓ ଜୋଶୀ ୫୮ ଖଣ୍ଡ ଭୋଟ ପାଇଥିଲେ।

## କେନ୍ଦ୍ରୀୟ ଡେପୁଟେଶନରୁ...

ଫେରାଇ ଦେବାକୁ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଅନୁରୋଧକୁ ବିଚାର କରି କେନ୍ଦ୍ର କ୍ୟାବିନେଟର ନିଯୁକ୍ତି ସଂକ୍ରାନ୍ତ କମିଟି ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଆହୁଜା ଏବେ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେ ଫେରିବା ପରେ ରାଜ୍ୟରେ ବଡ଼ଧରଣର ପ୍ରଶାସନିକ ଅଦଳବଦଳ ହେବ ବୋଲି ସୂଚନା ମିଳିଛି।

# ଘୂର୍ଣ୍ଣିବଳୟ ସୃଷ୍ଟି, ୫ ଦିନ ଯାଏ ବର୍ଷା

ଭୁବନେଶ୍ୱର,୨୫।୬(ଅସମାପିକା ସାହୁ)

ପୂର୍ବ–କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆଗାମୀ ୫ ଦିନ ଯାଏ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଉ କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତିଙ୍କ କହିବାନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ଓଡ଼ିଶାର କେତେକ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ଅନୁଗୋଳ, ନୟାଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା, ନୂଆପଡ଼ା ଓ ବଲାଙ୍ଗୀର ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସାମାନ୍ୟ ବର୍ଷା ସହିତ ବଜ୍ରପାତ ଏବଂ ଘଡ଼ଘଡ଼ି ମାରିପାରେ। ଏହି ସବୁ ଜିଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗୁରୁବାରଠାରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାର ମଧ୍ୟ କିଛି ଜିଲାକୁ ପ୍ରବଳରୁ ଅତି ପ୍ରବଳରୁ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ଘରେ ବସି ଦରମା ନେଉଛନ୍ତି ଅଣଓଡ଼ିଆ

ଭୁବନେଶ୍ୱର,୨୫।୬(ଅନିଲ ଦାସ)

**ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଅଧିକାର କର୍ମୀ ଜୟନ୍ତ**

ରାଜସ୍ଥାନ, ଦିଲ୍ଲୀ, ଉତ୍ତର ପ୍ରଦେଶ ଏବଂ ତାମିଲନାଡୁର ବହୁ ବ୍ୟକ୍ତି ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ପାଇଛନ୍ତି। ବିଜେଡି ଶାସନ କାଳରେ ଏହି ନିଯୁକ୍ତି ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଅନେକେ ନିଜ ସହରରେ ରହି ଅନ୍‌ଲାଇନ ଜରିଆରେ କାର୍ଯ୍ୟ କରି ଜଣେ ଆଇଏଏସ୍ ଅଫିସରଙ୍କଠାରୁ ଅଧିକ ଦରମା ନେଉଛନ୍ତି। ଓଡ଼ିଶା ଶାସନ ପାଇଁ ସେମାନଙ୍କର ସେପରି କୌଣସି ଆଖିଦୃଶିଆ ଅବଦାନ ନାହିଁ। ଏହା ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ଅଧିକାର କର୍ମୀ ଜୟନ୍ତ କୁମାର ଦାସ କହିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି।

ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଅଣଓଡ଼ିଆ କର୍ମଚାରୀମାନେ ନିଜ ଘରେ ରହି ପ୍ରଭୂତ କ୍ଷମତା ଭୋଗ କରିବା ସହ ଆର୍ଥିକ ଲାଭ ଉଠାଉଛନ୍ତି। ଏଥିସହିତ ସେମାନେ ତାମିଲନାଡୁ, ରାଜସ୍ଥାନ ଏବଂ ଦିଲ୍ଲୀର କେତେକ ଅଣଓଡ଼ିଆ ଅଫିସରଙ୍କୁ ଧରି ଆଉଟସୋର୍ସ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଓଡ଼ିଆ ଅଫିସରଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ରାଜ୍ୟ ସରକାରଙ୍କ ଗୃହ ଓ ସାଧାରଣ ପ୍ରଶାସନ ବିଭାଗରେ ଏଭଳି ବହୁ କର୍ମଚାରୀ କାମ କରୁଛନ୍ତି। ଅନ୍ୟପକ୍ଷରେ କାମ ନ ପାଇ ଓଡ଼ିଶାର ଶିକ୍ଷିତ ଯୁବତୀଯୁବକମାନେ ଅନ୍ୟ ରାଜ୍ୟକୁ କର୍ମ ସଂସ୍ଥାନ ଅନ୍ୱେଷଣରେ ଚାଲି ଯାଉଛନ୍ତି। ଏ ଦିଗରେ ଦୃଷ୍ଟି ଦେବା ପାଇଁ ଜୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶସ୍ଥ ଶନିଯୁକ୍ତ ଚନ୍ଦ୍ର ହେତୁ ସମସ୍ୟା ମଧ୍ୟରେ ଅଟକି ରହିଥିବା କାମଟି ସୁବିଧାରେ ସମ୍ପନ୍ନ ହେବ। କିନ୍ତୁ ଆତ୍ମୀୟମାନଙ୍କ ଉପରେ ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟା ବଢ଼ିପାରେ। ଆର୍ଥିକ ଦିଗଟି ବିଶେଷ ଭଲ ନ ରହିଲେ ମଧ୍ୟ କାମ ଅଟକି ରହିବ ନାହିଁ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରି ପ୍ରଶଂସିତ ହେବେ।

**ବୃଷ** ତୃତୀୟାଧିପତିଙ୍କ ଶୁଭଦୃଷ୍ଟିରୁ ଆତ୍ମୀୟଙ୍କ ସାହାଯ୍ୟରୁ ଆଶା ପୂରଣ ହେବ। କଠୋର ପରିଶ୍ରମରୁ ରାତ୍ରିରେ ଅନିଦ୍ରାଜନିତ ପୀଡ଼ା ଅନୁଭବ କରିପାରନ୍ତି। ବ୍ୟସ୍ତତାର ସହ କରିଥିବା ଯାତ୍ରାରେ କୌଣସି ଜିନିଷ ସାଙ୍ଗରେ ନେବାକୁ ଭୁଲି ଯାଇ ପାରନ୍ତି। ଇଚ୍ଛା ନ ଥାଇ ମଧ୍ୟ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ।

**ମିଥୁନ** କର୍ମାଧିପ ଦ୍ୱାଦଶସ୍ଥ ହେତୁ ପୂର୍ବପରିକଳ୍ପିତ କାମକୁ ସମ୍ପନ୍ନ କରିବା କଷ୍ଟକର ହେବ। କାହାରି କଥାରେ ପ୍ରଭାବିତ ହୋଇ ମୂଲ୍ୟହୀନ କାମରେ ମୁଣ୍ଡ ପୂରାଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସହମତିରେ କାମ କଲେ ଉପକୃତ ହେବେ। ପୁରାଣ ପଠନ, ସତ୍‌ସଙ୍ଗ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ଆଗ୍ରହୀ ହୋଇପାରନ୍ତି।

**କର୍କଟ** ଚନ୍ଦ୍ରଙ୍କ ଅଷ୍ଟମଭାବ ସଂସ୍ଥାନ ହେତୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣରେ ରହି ନ ପାରେ। ଆକସ୍ମିକ ଦୂରଯାତ୍ରା କରିବାକୁ ପଡ଼ିବ। ଅତୀତର ସମସ୍ୟା ସମୀକ୍ଷା କରି ତଦନୁଯାୟୀ କାର୍ଯ୍ୟପନ୍ଥା ସ୍ଥିର କରିପାରନ୍ତି। ନିର୍ମାଣାଧୀନ ଗୃହ କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ବନ୍ଧୁଙ୍କୁ ବିଶ୍ୱାସ କଲେ ନିଜର ଲକ୍ଷ୍ୟ ହାସଲରେ ସମର୍ଥ ହେବେ।

**ସିଂହ** ଲାଭଭାବସ୍ଥ ଗ୍ରହ ପ୍ରଭାବରେ ଯାତ୍ରା, ବାଣିଜ୍ୟ, ଭ୍ରମଣ ଶାନ୍ତିପ୍ରଦ ରହିବ। ଯେମିତି ଚାହୁଁଛନ୍ତି ସେମିତି କାମ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟିର ଆଶଙ୍କା ରହିଛି। ପରିବାରର ଅସଜଡ଼ା ପରିସ୍ଥିତିକୁ ପଡ଼ୋଶୀଙ୍କ ସହାୟତାରେ ସଜାଡ଼ି ନେବେ।

**କନ୍ୟା** ପାପଗ୍ରହ ପ୍ରଭାବରେ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବାରୁ ବ୍ୟବହାରିକ ପରିବର୍ତ୍ତନ ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ଆଶଙ୍କା ରହିଛି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ଆନୁସଙ୍ଗିକ ସୁବିଧା ସୁଯୋଗ ପାଇ କାମ ହାସଲ କରିବେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ରଚନାତ୍ମକ କାମରେ ସମସ୍ୟା ସମାଧାନ ହେବ।

**ତୁଳା** ଆଜି ଧନାଧିପତିଙ୍କ ରାଶିକୁ ଦୃଷ୍ଟି ଯୋଗୁ ଅର୍ଥଲାଭ ଯୋଗୁ ଖୁସୀ ମନରେ କାମ କରିପାରନ୍ତି। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ନିଜ ପକ୍ଷ ସବଳ ରହିବା ହେତୁ ଆଶ୍ୱସ୍ତି ଲାଭ କରିବେ।

**ବିଛା** ଅଷ୍ଟମ ଭାବସ୍ଥ ତିନୋଟି ଗ୍ରହ ହେତୁ ଅଧିକାଂଶ ସମୟ ଅସ୍ଥିରତା ଲାଗି ରହିବ, ମାତ୍ର ଆର୍ଥିକ ସଂକଟ ଦୂରେଇ ଯିବ। ରାହୁଙ୍କ ପ୍ରଭାବରୁ ସମସ୍ୟାବହୁଳ କର୍ମକ୍ଷେତ୍ର ଓ ଅସଜଡା ପାରିବାରିକ ପରିସ୍ଥିତି ଟେନ୍ସନ ସୃଷ୍ଟି କରିବ। ବୃହସ୍ପତି ପ୍ରଭାବରୁ ଠିକଣା ସମୟରେ ନିଷ୍ପତ୍ତି ନେଇ ଉପକୃତ ହେବେ। ନୂଆ ଯୋଜନା ରୂପାୟନ ସଫଳ ହେବେ।

**ଧନୁ** ଅଷ୍ଟମାଧିପତି ସହ ତୃତୀୟାଧିପତିଙ୍କ ସମ୍ବନ୍ଧ ଭ୍ରାତୃବିବାଦର କାରଣ ହେବ। ପରୋକ୍ଷ ଶତ୍ରୁତାଜନିତ ଭୁଲ୍ ବୁଝାମଣାରୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ କରିବେ। ପାରିବାରିକ କ୍ଷେତ୍ରରେ ସମ୍ପର୍କୀୟଙ୍କ ସହ ମିତ୍ରତା ସ୍ଥାପନ କଲେ ସମସ୍ୟାମୁକ୍ତ ହେବେ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାର ମଉକା ପାଇପାରିବେ।

**ମକର** ବୃହସ୍ପତିଙ୍କ ଦୃଷ୍ଟିର ପ୍ରଭାବରେ ବନ୍ଧୁଙ୍କ ସହ ଦୂରଯାତ୍ରାର ଯୋଜନା କରିବେ। ସୁସମ୍ପର୍କ ରହିଥିବା ବିଜାତୀୟ ବ୍ୟକ୍ତିଙ୍କ ସହଯୋଗ ପାଇ କୃତ୍ୟକୃତ୍ୟ ହେବେ। ସକାଳୁ ଖୋଜୁଥିବା ଜିନିଷଟି ନ ପାଇବାରୁ ମାନସିକ ଶାନ୍ତି ବ୍ୟାହତ ହେବ। ଅତିନିକଟତର ବନ୍ଧୁଙ୍କ ଅନାଦର ଭାବ ଯୋଗୁ ସାମୟିକ ମନ ଦୁଃଖ ଘଟିବ।

**କୁମ୍ଭ** ଅନୁକୂଳ ଗ୍ରହସ୍ଥିତିଜନିତ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ କରିପାରିବେ। ଅଟକି ରହିଥିବା ନିର୍ମାଣାଧୀନ କାମ ଆରମ୍ଭକରିବାକୁ ମନ ବଳାଇବେ। ନିଜ ଚତୁଃପାର୍ଶ୍ୱରେ ବିରୋଧ ମନୋଭାବ ପୋଷଣ କରୁଥିବା ଲୋକମାନେ ଶତ୍ରୁତା ଆଚରଣ କରିପାରନ୍ତି। ତଥାପି ସ୍ତ୍ରୀଙ୍କ ସାହାଯ୍ୟ, ସହାନୁଭୂତି ଓ ଦୂରଦର୍ଶିତା ଗୁଣରୁ ମନୋବଳ ବୃଦ୍ଧି ପାଇବ।

**ମୀନ** ମଙ୍ଗଳଙ୍କ ସ୍ୱଭାବ ସ୍ଥିତି ଆର୍ଥିକ ଅଭିବୃଦ୍ଧି ସହ ଭୂସମ୍ପତ୍ତି ଲାଭ କରାଇପାରେ। ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ଟେନ୍ସନ ଥିଲେ ମଧ୍ୟ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ, ଫଳତଃ ସ୍ୱାସ୍ଥ୍ୟହାନିର ସମ୍ଭାବନା ରହିଛି।

ଆଜି ଜୁନ୍ ୨୬ ତାରିଖ, ଅନ୍ତର୍ଜାତୀୟ ନିଶାମୁକ୍ତି ଦିବସ, ଅଣସର ପଞ୍ଚମୀ, ଶ୍ରୀମନ୍ଦିରରେ ଫୁଲୁରୀଲାଗି, ଆଷାଢ଼ କୃଷ୍ଣ ୫ମୀ ବୁଧବାର, ରାଶିନକ୍ଷତ୍ର– ଧନିଷ୍ଠା/କୁମ୍ଭ, ଦିବା ଘ.୦୧.୦୫ମି. ଗତେ ଶତଭିଷା/କୁମ୍ଭ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୫୨ମି. ଗତେ ଘ.୦୮.୩୧ମି. ମଧ୍ୟେ, ଘ.୧୦.୧୦ମି. ଗତେ ଘ.୧୧.୨୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୯ ମି. ଗତେ ଘ.୦୧.୨୮ମି. ମଧ୍ୟେ ରାହୁ କାଳ।

# ଲୋକଙ୍କ ପାଖରେ ପହଞ୍ଚୁ ଯୋଜନାର ସୁଫଳ

## କୃଷକ ହେଲ୍‌ପଲାଇନ ନମ୍ବରରେ ପ୍ରତିନିଧିଙ୍କ ସହ କଥାହେଲେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ

**ଭୁବନେଶ୍ୱର,୨୫।୬(ଅନିଲ ଦାସ)**

କୃଷି କ୍ଷେତ୍ରରେ ପ୍ରତ୍ୟେକ ପରିବାରକୁ ପ୍ରୋତ୍ସାହିତ ଓ ସାମିଲ କରିବା ପାଇଁ ପ୍ରୟାସ କରିବାର ଆବଶ୍ୟକତା ରହିଛି। ଲୋକମାନେ ଏଥିରୁ ଦୂରେଇ ଯାଉଛନ୍ତି। ସେମାନଙ୍କୁ ଜୀବିକା ଅର୍ଜନ ଦିଗରେ ସକ୍ଷମ କରାଇବା ଅତ୍ୟନ୍ତ ଅପରିହାର୍ଯ୍ୟ। ଏଥିପାଇଁ ଯୋଜନାଗୁଡ଼ିକର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର କୃଷି ଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବିଭାଗକୁ ଅଧିକ କ୍ରିୟାଶୀଳ ଓ କାର୍ଯ୍ୟକ୍ରମଗୁଡ଼ିକୁ ସମ୍ପ୍ରସାରିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ପିଏମ୍ କିଷାନ, ଡିଜିଟାଲ ଫସଲ ସର୍ଭେ ଏବଂ କୃଷି କ୍ଷେତ୍ରରେ ନୂତନ ସରକାରଙ୍କ ପ୍ରାଥମିକତା ତଥା ନିଆଯାଇଥିବା ପଦକ୍ଷେପ ବିଷୟରେ ସମୀକ୍ଷା କରିଥିଲେ। ଆନ୍ତଃରାଜ୍ୟ ସ୍ଥାନାନ୍ତରକୁ ରୋକିବା ପାଇଁ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଉପରେ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ଦିଗରେ ସମସ୍ତ ଅଧିକାରୀ ଯତ୍ନବାନ ହେବା ଆବଶ୍ୟକ। ସମାଜର ଶେଷ ବର୍ଗର ଲୋକଙ୍କ ପାଖରେ ପହଞ୍ଚିବାର ଲକ୍ଷ୍ୟ ନେଇ ସେ ବିଭାଗୀୟ ଅଧିକାରୀମାନଙ୍କ ସହଯୋଗ ଲୋଡ଼ିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଏକାଠି ଏକ ଦଳ ଭାବେ କାମ କରି ପ୍ରତିଶ୍ରୁତି ପୂରଣ କରିବା, କୃଷକ ସମସ୍ୟାର ସମାଧାନ କରିବା ଏବଂ ଏହି ମିଶନକୁ ଆହୁରି ଆଗକୁ ନେବାର ପ୍ରୟାସ ଜାରିରଖିବା ଆବଶ୍ୟକ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଏବଂ ବିଭାଗର ସମସ୍ତ ନିର୍ଦ୍ଦେଶକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାବଶାଳୀ ପ୍ରଶାସନ ପାଇଁ ଜ୍ଞାନ ଆଦାନପ୍ରଦାନ (କେ-ଏସ୍ଇଏ) ଶୀର୍ଷକ ଇ-ପୁସ୍ତିକା ଉନ୍ମୋଚନ କରିଥିଲେ। ଏହି ପୁସ୍ତିକା ଯେପରି ବିଭାଗର ସମସ୍ତ ଅଧିକାରୀ ତଥା ଅନ୍ୟାନ୍ୟ ବିଭାଗ ନିକଟରେ ପହଞ୍ଚି ରେଫରେନ୍ସ ଓ ଅନୁଧ୍ୟାନ ପାଇଁ ଉପାଦେୟ ହୋଇପାରିବ ସେ ଦିଗରେ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ପ୍ରମୁଖ ଶାସନ ସଚିବ କହିଥିଲେ। ପ୍ରାରମ୍ଭରେ କୃଷି ବିଭାଗ ନିର୍ଦ୍ଦେଶକ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ କାଳିଆ ଏବଂ ପିଏମ୍ କିଷାନ ଯୋଜନାର ପୃଷ୍ଠଭୂମି ଓ ରୂପରେଖ ସମ୍ବନ୍ଧରେ ବିସ୍ତୃତ ଭାବେ ତଥ୍ୟ ପ୍ରଦାନ କରିଥିଲେ। ଯୋଜନାଗୁଡ଼ିକର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ସହିତ ଠକେଇ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଡିଜିଟାଲ ଫସଲ ସର୍ବେକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏ ଦିଗରେ କୃଷି ବିଭାଗ ନିର୍ଦ୍ଦେଶକ କୃଷକମାନଙ୍କୁ ବ୍ୟକ୍ତିଗତ ସେବା ପ୍ରଦାନରେ ସକ୍ଷମ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଡିଜିଟାଲ ଫସଲ ସର୍ବେକ୍ଷଣ ଖରିଫ-୨୦୨୩ରୁ ମିଳିଥିବା ଶିକ୍ଷା ଆଧାରରେ ଖରିଫ-୨୦୨୪ରେ ରାଜ୍ୟର ୩୦ ଜିଲାରେ ଏହା କରାଯିବ। ଡିଜିଟାଲ ଫସଲ ସର୍ବେକ୍ଷଣ ପାଇଁ ଏକ ମୋବାଇଲ ଆପ୍ଲିକେଶନ ଏବଂ ୱେବ୍‌ପୋର୍ଟାଲର ବିକାଶ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଓଡ଼ିଶା ମିଲେଟ୍ ମିଶନ ସମେତ ବିଭାଗର ପ୍ରୟାସ ଯୋଗୁ ମିଳିଥିବା ସଫଳତାର କାହାଣୀ ସମ୍ପର୍କରେ ପ୍ରମୁଖ ଶାସନ ସଚିବ ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। କୃଷକ ହେଲ୍‌ପଲାଇନ ନମ୍ବର ୧୫୫୩୩୩ ଜରିଆରେ ଚାଷୀଙ୍କୁ ଚାଷ ଓ ପାଣିପାଗ ସମ୍ବନ୍ଧୀୟ ଜ୍ଞାନ ପ୍ରସାର ଓ ପରାମର୍ଶ ପ୍ରଦାନ କରୁଥିବା ଆମ କୃଷି ସମ୍ପର୍କରେ ଜାଣିବା ପରେ ଉପମୁଖ୍ୟମନ୍ତ୍ରୀ ହେଲ୍‌ପଲାଇନ ନମ୍ବରକୁ ଫୋନ୍ କରି ଚାଷୀଙ୍କୁ ଦିଆଯାଉଥିବା ସେବା ଓ ସମାଧାନ ବିଷୟରେ ବୁଝିବା ପାଇଁ ଆମ କୃଷି ପ୍ରତିନିଧିଙ୍କ ସହ କଥା ହୋଇଥିଲେ।



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆଦାନପ୍ରଦାନ (କେ-ଏସ୍ଇଏ) ଶୀର୍ଷକ ଇ-ପୁସ୍ତିକା ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ।

# ବାପାଙ୍କୁ ଜାଳିଦେଲେ ପୁଅ

ଟିଟିଲାଗଡ଼, ୨୫।୬ (ଶରତ ମିଶ୍ର)-ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଜଗୁଆ ପଞ୍ଚାୟତ ଦର୍ଲୋ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଗୋପୀ ଭରାସାଗର (୬୦ )ଙ୍କୁ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ପୁଅ ମୋହନ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଗୋପୀ ଜଣେ ଅଲେଖ ଭକ୍ତ। ତାଙ୍କ ପରିବାରରେ ଦୀର୍ଘ ଦିନହେଲା ଜମି ବିବାଦ ଲାଗି ରହିଥିଲା। ଗୋପୀ ଅପରାହ୍ନରେ ଏକ ଜୋରକୁ ଗାଧୋଇବାକୁ ଯାଇଥିବାବେଳେ ମୋହନ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ବୋଲି ପୋଲିସ କହିଛି।

# ରାଜସ୍ୱ ଅଧିକାରୀ ନିଜ ଜିଲାରେ କାର୍ଯ୍ୟ କରିବା ମନୋବୃତ୍ତି ଛାଡ଼ନ୍ତୁ: ମନ୍ତ୍ରୀ ପୂଜାରୀ

**ଭୁବନେଶ୍ୱର,୨୫।୬(ଅନିଲ ଦାସ)**

ଓଡ଼ିଶା ରାଜସ୍ୱ ସେବା ଅଫିସରମାନେ ନିଜ ଘର ପାଖ ଜିଲାରେ କାର୍ଯ୍ୟ କରିବାର ଆଗ୍ରହ ପୋଷଣ ନ କରି ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟ ସମ୍ପାଦନ ପାଇଁ ଆଗ୍ରହ ପ୍ରକାଶ କରନ୍ତୁ। ତାହାହେଲେ ଯାଇ ପ୍ରଶାସନିକ ସ୍ତରରେ ସନ୍ତୁଳନ ବଜାୟ ରହିପାରିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ପରିଦର୍ଶନରେ ଯାଇ କହିଛନ୍ତି।

୧୫ତମ ସଂସ୍ଥାଗତ ପ୍ରଶିକ୍ଷଣ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମନ୍ତ୍ରୀ କହିଛନ୍ତି, ପ୍ରଶିକ୍ଷକ ତଥା ପ୍ରଶିକ୍ଷାର୍ଥୀ ଉଭୟଙ୍କ ମଧ୍ୟରେ ଉପଯୁକ୍ତ ଯୋଗାଯୋଗ ଦ୍ୱାରା ହିଁ ଉନ୍ନତ ମାନର ପ୍ରଶିକ୍ଷଣ ସମ୍ଭବ। ସରକାରୀ କାର୍ଯ୍ୟ ନିମନ୍ତେ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ଜନସାଧାରଣ କିପରି ଉପକୃତ ହେବେ ଓ ସେମାନଙ୍କ ମଧ୍ୟରେ ଆତ୍ମସନ୍ତୋଷର ଭାବ କିପରି ପରିଲକ୍ଷିତ ହେବ ଏହା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ। ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ରାଜସ୍ୱ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ୩ଟି ପୁସ୍ତିକାକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ।

ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏଥିରେ ଯୋଗଦେଇ କହିଛନ୍ତି, ରାଜସ୍ୱ ବିଭାଗ ହେଉଛି ରାଜ୍ୟ ସରକାରଙ୍କ ଆଖି ଓ କାନ। ତେଣୁ ରାଜସ୍ୱ ବିଭାଗରେ ଯୋଗଦେଇ ନିଜକୁ ଗୌରବାନ୍ୱିତ ମନେକରିବା ସହ ଲୋକଙ୍କ ନିକଟତର ହୋଇ ପଛରେ ଥିବା ଲୋକମାନଙ୍କୁ କିପରି ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ ସେ ଦିଗରେ ଚେଷ୍ଟା କରିବା ଦରକାର। ଏଥିସହିତ ଜଣେ ଆବେଦନକାରୀଙ୍କ ଆବେଦନକୁ ବିଚାର କରିବା ନିମନ୍ତେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ମାଧ୍ୟମରେ କିପରି ମାମଲାର ଫଇସଲା କରିଥିଲେ ତା'ର ଦୃଷ୍ଟାନ୍ତ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ ସ୍ୱାଗତ ସୂଚନା ଦେଇଥିବାବେଳେ ବିଭାଗୀୟ ଅତିରିକ୍ତ ସଚିବ ତ୍ରିଲୋଚନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।



ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।

# ଚିକିତ୍ସା ନ ପାଇ ରୋଗୀମୃତ୍ୟୁ ଅଭିଯୋଗ

## ଏସ୍‌ସିବିରେ ୧୨ ଘଣ୍ଟା ପଡ଼ିରହିଲେ

**କଟକ,୨୫।୬(ଶିଖା ପ୍ରିୟଦର୍ଶନୀ)**

ଏସ୍‌ସିବି ମେଡିକାଲରେ ଚିକିତ୍ସା ନ ପାଇ ମଙ୍ଗଳବାର ପୂର୍ବାହ୍ନରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଭଦ୍ରକ ଜିଲା ବେତାଳି ଗ୍ରାମର କଲରେଇ ମଲ୍ଲିକ(୬୫)। ଏହାକୁ ନେଇ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବା ପାଇଁ ସେମାନେ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କଲରେଇଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ରାତି ପ୍ରାୟ ୧୦ଟାରେ ଏସ୍‌ସିବି ମେଡିକାଲ କାଜୁଆଲ୍‌ଟିରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା ସେବା ଯୋଗାଇ ଦିଆଯାଇ ନ ଥିଲା। ଦୀର୍ଘ ସମୟ ପଡି ରହିବା ପରେ କାଜୁଆଲ୍‌ଟିରେ କାର୍ଯ୍ୟରତ ଡାକ୍ତର ରାତି ପ୍ରାୟ ୨ଟାରେ ତାଙ୍କୁ ପୁରାତନ ମେଡିସିନ ବିଭାଗକୁ ପଠାଇ ଦେଇଥିଲେ। ହେଲେ ସେଠାରେ ମଧ୍ୟ ଡାକ୍ତର ତାଙ୍କର ଚିକିତ୍ସା କରି ନ ଥିଲେ। ଫଳରେ ବିନା କୌଣସି ଚିକିତ୍ସା ଯୋଗୁ କଲରେଇଙ୍କ ମୃତ୍ୟୁ ଘଟିଥିବା ତାଙ୍କ ଜ୍ୱାଇଁ ଭାଗବତ ମଲ୍ଲିକ ଅଭିଯୋଗ କରିଛନ୍ତି। ଏନେଇ ଭାଗବତ କହିଛନ୍ତି, ଶାଶୁଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲକୁ ଆଣିଥିଲି। ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରହିଥିଲେ ମଧ୍ୟ ବେଡ୍ ମିଳିଲା ନାହିଁ କି ଚିକିତ୍ସା କରାଗଲା ନାହିଁ। ଫଳରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଶାଶୁଙ୍କ ମୃତ୍ୟୁ ଘଟିଲା। ମେଡିକାଲରେ ଡାକ୍ତର ଓ ନର୍ସଙ୍କ ମନମୁଖି ଶାସନ ଚାଲିଛି। ନିଜ ଇଚ୍ଛା ଅନୁଯାୟୀ ସେମାନେ କାମ କରୁଛନ୍ତି। ସେମାନଙ୍କ ପାଇଁ ରୋଗୀଙ୍କ ଜୀବନର କୌଣସି ମୂଲ୍ୟ ନାହିଁ। ମେଡିକାଲକୁ ବିଶ୍ୱସ୍ତରୀୟ କଥାରେ ନୁହେଁ କାମରେ କରି ଦେଖାଇବା ଆବଶ୍ୟକତା ରହିଛି ବୋଲି ଭାଗବତ କହିଛନ୍ତି। ଏନେଇ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, କେଉଁ କାରଣରୁ ଏହି ରୋଗୀଙ୍କ ଚିକିତ୍ସା କରାଯାଇ ନାହିଁ ସେ ନେଇ ତଦନ୍ତ କରାଯିବ। ଅପରପକ୍ଷରେ ଏସ୍‌ସିବିକୁ ବହୁ ରୋଗୀ ସ୍ଥାନାନ୍ତର ହେଉଛନ୍ତି। ଫଳରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। ଯଦି ଏ ଦିଗରେ ସରକାର କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରନ୍ତେ ତେବେ ସମସ୍ତ ରୋଗୀ ଉପଯୁକ୍ତ ଚିକିତ୍ସା ପାଇପାରନ୍ତେ ବୋଲି ମିଶ୍ର କହିଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

STAFF WANTED
Qualification 10th second Division, Computer Operational Experience Age- 30-50. Salary-10,000/- on merit (yearly increment) Free Accommodation even family. Apply Bio-data, documents, mobile number through post suitable applicant will be telephoned for interview at Candidates expenses. L R PALO (CONVENOR), PALO COLONY, BHANJANAGAR-761126, 9438572007

କର୍ମଚାରୀ ଆବଶ୍ୟକ
Construction Office ଭୁବନେଶ୍ୱରରେ Office କାର୍ଯ୍ୟରେ ଅଭିଜ୍ଞ ଥିବା Computer/Data Entry Operator, Engineer ସହ Marketing, Office Staff, Store Keeper, Accountant ଏବଂ Driver ଆବଶ୍ୟକ।
ରହିବା, ଖାଇବା ସୁବିଧା ଉପଲବ୍ଧ
Contact: 9937199625

ଶିକ୍ଷକ ଆବଶ୍ୟକ
୬ଷ୍ଠରୁ ୮ମ ଶ୍ରେଣୀ ପାଇଁ ଏକ ତାଲିମପ୍ରାପ୍ତ ଗଣିତ ଶିକ୍ଷକ ଆବଶ୍ୟକ।
ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର
ପାଣ୍ଡରା, ରସୁଲଗଡ଼, ଭୁବନେଶ୍ୱର
Mob.: 8763123782, 9937619497

WANTED
ଭୁବନେଶ୍ୱର ଏକ କଲ୍ୟାଣ ମଣ୍ଡପ ପାଇଁ ବଗିଚା କାମ/କେୟାର ଟେକର ଆବଶ୍ୟକ। ଦରମା: ୯୦୦୦/- + (Extra Tips). ସ୍ୱାମୀ/ସ୍ତ୍ରୀ ରହିବା ପାଇଁ ଘର ଦିଆଯିବ।
ଯୋଗାଯୋଗ: 7504690838, 9827516256

See Career Appointment on every Wednesday & Saturday

WANTED
CIVIL ENGINEER DEGREE / DIPLOMA OR DRAFTSMAN CIVIL CANDIDATES WITH AUTOCAD EXPERIENCE
9777247762

WANTED
ଧରିତ୍ରୀ DHARITRI Oriya daily is looking for
SENIOR ACCOUNTS EXECUTIVES
- Candidates should have at least 5 years + experience in the field of Accounts.
- Should have handled the Debtors Account, Bank reconciliation, Income Tax, Balance Sheet, Cash handling, MIS, day to day accounting, verification of bills and Tally entry.
- Proficiency in MS Excel, MS Word, & Tally is a must.

Apply immediately to : recruitment@dharitri.com
Attractive salary commensurate with experience

Email: principalkbdav@gmail.com
Website: www.kbdav.ac.in
KSHETRABASI DAV COLLEGE
NIRAKARPUR, KHORDHA, (ODISHA), 752019
WALK-IN-INTERVIEW FOR PROJECT ASSISTANT
A walk in interview will be conducted on Dt. 06.07.2024 at 10:00 AM in Room No 65 conference Hall, K.B.D.A.V College, Nirakarpur for engagement of one **Project Assistant (P.A.)** in History for two years under the project **"Bhubaneswar (from 1948 to present) an urban History of Odisha's Ancient most capital"** funded under MRIP-2023, OSHEC,Govt. of Odisha, Bhubaneswar.The details are available in the website **(www.kbdav.ac.in)**.
Principal Investigator (P.I.) – Dr. Kaibalya Charan Pati (9438248247)
Sd./- Principal

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଆନୁକୂଲ୍ୟରେ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ
ପକ୍ଷରୁ ଆୟୋଜିତ
"ନାଟ୍ୟ କର୍ମଶାଳା"
ଉକ୍ତ ନାଟ୍ୟ କର୍ମଶାଳା ତା୧୬।୦୭।୨୦୨୪ରିଖଠାରୁ ତା୨୨।୦୭।୨୦୨୪ରିଖ ପର୍ଯ୍ୟନ୍ତ ଉତ୍କଳ ରଙ୍ଗମଞ୍ଚ ପ୍ରେକ୍ଷାଳୟ ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଭୁବନେଶ୍ୱରଠାରେ ଆୟୋଜିତ ହେଉଅଛି। ଏହି ନାଟ୍ୟ କର୍ମଶାଳାରେ ଅଭିନୟ, ନିର୍ଦ୍ଦେଶନା, ଆଲୋକ ସଂପାତ ଓ ମଞ୍ଚକଳା ଉପରେ ଜାତୀୟ ନାଟ୍ୟ ବିଦ୍ୟାଳୟ, ନୂଆଦିଲ୍ଲୀର ଓ ଭାରତବର୍ଷର ଅଭିଜ୍ଞ ନାଟ୍ୟବିତ୍‌ମାନଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରାଯିବ। ଅଂଶଗ୍ରହଣ କରିବାକୁ ଇଚ୍ଛୁକ ନାଟ୍ୟଶିଳ୍ପୀମାନେ ନିଜର ଜୀବନୀ ପଞ୍ଜିକା (ବାୟୋଡାଟା) ତା୧୦।୦୭।୨୦୨୪ରିଖ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କୁ ଡାକଯୋଗେ କିମ୍ବା ମେଲ୍ :osnakademi@gmail.com ଯୋଗେ ଆବେଦନ କରିପାରିବେ। ସର୍ବମୋଟ ୨୦୦ ଜଣ ନାଟ୍ୟଶିଳ୍ପୀଙ୍କୁ ଗ୍ରହଣ କରାଯିବ । ଏଥିପାଇଁ ପ୍ରଥମ ଆବେଦନକାରୀଙ୍କୁ ଗୁରୁତ୍ୱ ପ୍ରଦାନ କରାଯିବ। ନାଟ୍ୟଶିଳ୍ପୀମାନଙ୍କୁ ୭ ଦିନ ପାଇଁ ମଧ୍ୟାହ୍ନ ଭୋଜନ ଏକାଡେମୀ ପକ୍ଷରୁ ଯୋଗାଇ ଦିଆଯିବ। ରହଣି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ନାଟ୍ୟଶିଳ୍ପୀ ନିଜେ ବ୍ୟବସ୍ଥା କରିବେ।
ଶ୍ରୀ ପ୍ରବୋଧ ରଥ
ସଚିବ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର

TP SOUTHERN ODISHA DISTRIBUTION LIMITED (Procurement Department) TPSODL
BPR North Star Building, 2nd Floor, Khodasingi, Berhampur, Odisha-760010
NOTICE INVITING TENDER Dt.: 26.06.2024
TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | SITC of maintenance free 300 nos. of earthing pit (set) along with earthing chamber and jointing with existing earth pit at different 33/11 kV PSS of TPSODL. | TPSODL/OT/ 2024-25/021 | 50,000 | 5,000 | 08.07.2024; 18:00 Hrs. |
| 2 | Rate Contract for Underground cable fault detection and maintenance. | TPSODL/OT/ 2024-25/020 | 2,00,000 | 5,000 | 08.07.2024; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, रॉंची
ई–निविदा आमंत्रण सूचना
पत्रांकः–   दिनांक–
ई–निविदा संख्याः–25/2023-24/RWD /EE/RANCHI

| क्रम सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|
| 1 | RWD/RANCHI / 47/ STPKG/15/ 2023-24 | बुढ़मू–ठाकुरगांव आर0सी0डी0 पथ गुरगाई से कोराबार भाया ठाकुरगाँव बस्ती बेरवारी एवं तुरमुली पथ का सुदृढ़ीकरण कार्य। (ल0–5.965 कि0मी0)<br>उमेडण्डा बाजारटांड़ से हरिनलेटा भाया हाई स्कूल एण्ड डिग्री कॉलेज नैदा एण्ड ऐरिड पथ तक पथ का सुदृढ़ीकरण कार्य। (ल0–8.570 कि0मी0) | 13,60,89,000.00 | तेरह करोड़ साठ लाख नवासी हजार रूपये मात्र। | 15 माह | प्रथम |

1. वेबसाईट में निविदा प्रकाशन की तिथिः–27.06.2024
2. ई–निविदा प्राप्ति की अंतिम तिथि एवं समयः–18.07.2024 अपराह्न 5.00 बजे तक।
3. निविदा खोलने की तिथि एवं समयः–20.07.2024 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
कार्यपालक अभियंता
ग्रामीण कार्य विभाग,कार्य प्रमण्डल, राँची
PR 327643 REO(24-25).D

CENTRE FOR DISTANCE AND ONLINE EDUCATION
SAMBALPUR UNIVERSITY, ODISHA
Email: ddccadmn@gmail.com
No. 1045/CDOE   Date: 25.06.24
ADMISSION OPEN FOR OPEN AND DISTANCE LEARNING PROGRAMME: 2024-25
ACADEMIC SESSION BEGINNING FROM SEPTEMBER - 2024
Online applications are invited for admission into different PG and UG programmes through Open and Distance Learning Mode under Centre for Distance and Online Education, Sambalpur University.
UG Programme : BBA
PG Programme : MBA, M.Com
Last Date of Online Submission of Application : 15th August, 2024
Candidates are advised to visit Website of Centre for Distance and Online Education, Sambalpur University (cdoe.suniv.ac.in) for details information of admission procedure.
Sd./- Director, CDOE

पर्यटन मंत्रालय MINISTRY OF TOURISM   NCHMCT
Institute of Hotel Management
Veer Surendra Sai Nagar, Bhubaneswar-751010
Tel: 0674-2589241, E-mail id: hospitality@ihmbbs.org
Website: www.ihmbbs.org
ADMISSION-2024
On behalf of National Council for Hotel Management and Catering Technology, Noida, IHM Bhubaneswar calls for application, from the eligible candidates to get admission in to 1st year of 3-Years B.Sc.-HHA (Hospitality & Hotel Administration) program with the following eligibility criteria against the residual vacancies at IHM Bhubaneswar which is an affiliated of NCHMCT.
1. Candidate must have passed 12th Exam with minimum of **40% marks** (in aggregate, in 10+2 system from a recognized board, either of any stream (Science/Arts/ Commerce/Vocational).
2. English should be one of the compulsory subject in 12th level and have passed the subject.
3. There is No Age bar.
4. The program recognized by **Jawaharlal Nehru University** to award the final degree.
5. Reservation as per government rules.

Interested candidate must apply to the Institute by attaching the copies of testimonials latest by **1st July, 2024** either in person/by posts or vide email at **hospitality@ihmbbs.org .** Admission form and other details are available on the website **www.ihmbbs.org .**
Admission helpline numbers: **9438810851 and 9937453823**
Name of contact person: **Gyana Ranjan Satapathy**
Mobile number of contact person: **9937453823**
Admission will be offered on the basis of a written test to be conducted shortly by NCHMCT for residual vacancies for which the dates will be intimated to the eligible applicants. Candidates may follow institute website for information on the written test schedule.
Sd/- Principal

# ଜୀବନ ପାଣିଫୋଟକା

ଓଡ଼ିଶାରେ ଶିଳ୍ପ ବିକାଶ ପାଇଁ ନିବେଶକୁ ଉତ୍ସାହିତ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଉତ୍ପାଦନର ପ୍ରମୁଖ ଭୂମିକାରେ ଥିବା ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ଅର୍ଥିକ ଦିଗକୁ ଅଣଦେଖା କରାଯିବାର ଖବର ସାମ୍ନାକୁ ଆସୁଛି । ବିଶେଷକରି ନିୟମିତ ବ୍ୟବଧାନରେ ବିଭିନ୍ନ ଶିଳ୍ପକେନ୍ଦ୍ରରେ ଦୁର୍ଘଟଣା ଯୋଗୁ ଶ୍ରମିକ ମୃତାହତ ହେବା ଚିନ୍ତାର ବିଷୟ । ୨୦୨୧ରେ ରାଉରକେଲା ଇସ୍ପାତ କାରଖାନାରେ ବିଷାକ୍ତ ଗ୍ୟାସ ସଂସ୍ପର୍ଶରେ ଆସି ୪ ଜଣ ଶ୍ରମିକଙ୍କ ମୃତ୍ୟୁ, ୨୦୨୩ରେ ସୁନ୍ଦରଗଡ଼ର ଶୁଭ ଇସ୍ପାତ ପ୍ରାଇଭେଟ୍ ଲିମିଟେଡ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଓ ୨ ଆହତ ହେବା ପ୍ରାୟ ସମସ୍ତଙ୍କର ମନେଅଛି । ଚଳିତ ସପ୍ତାହ ଅର୍ଥାତ୍ ୨୪ ଜୁନ ୨୦୨୪ରେ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଖାଡ଼ବନ୍ଧ ଗ୍ରାମରେ ଥିବା ରୁଙ୍ଗଟା ମାଇନ୍ସ ଲିମିଟେଡ୍ କାରଖାନାର ମେକାନିକାଲ ଷ୍ଟ୍ରକ୍‌ଚର ଭୁଶୁଡ଼ି ୨ ଶ୍ରମିକଙ୍କର ମୃତ୍ୟୁ ହେବା ସହ ୨ ଗୁରୁତର ଆହତ ହୋଇଛନ୍ତି । ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ସରକାରୀ ତଥ୍ୟ ଅନୁଯାୟୀ, ୨୦୧୯ରୁ ୨୦୨୨ ମଧ୍ୟରେ ବିଭିନ୍ନ କଳକାରଖାନା ଦୁର୍ଘଟଣାରେ ୧୩୭ ଶ୍ରମିକଙ୍କ ମୃତ୍ୟୁ ହେବା ସହ ୧୩୨ ଜଣ ଆହତ ହୋଇଥିଲେ । କେନ୍ଦ୍ର ସରକାରଙ୍କ ତଥ୍ୟ ଦର୍ଶାଏ, କାରଖାନା ଦୁର୍ଘଟଣାରେ ଭାରତରେ ଦିନକୁ ହାରାହାରି ୩ ଜଣଙ୍କର ମୃତ୍ୟୁ ହେଉଛି । ଦେଖିବାକୁ ଗଲେ ରାଜ୍ୟରେ ବିଭିନ୍ନ କଳକାରଖାନା ସମେତ କ୍ରଶର, ପଥର ଖାଦାନ, ଖଣି ଖନନ, ନିର୍ମାଣ, ଇଟାଭାଟି ଭଳି ଅସଙ୍ଗଠିତ କ୍ଷେତ୍ରରେ ଶ୍ରମିକମାନେ ଦୁର୍ଘଟଣାରେ ମୃତାହତ ହେଉଛନ୍ତି ।

ଏଭଳି ଦୁର୍ଘଟଣା ପଛରେ ଅନେକ କାରଣ ରହିଛି । ଶ୍ରମିକମାନେ ନିଜ ସୁରକ୍ଷା ପାଇଁ ଯତ୍ନବାନ ନୁହନ୍ତି । ଭାରତରେ ଏହା ଏକ ଚିରାଚରିତ ସମସ୍ୟା । ମଣିଷ ଜୀବନର କୌଣସି ମୂଲ୍ୟ ଏହି ଦେଶରେ ପୂର୍ବରୁ ନ ଥିଲା କି ଆଜି ମଧ୍ୟ ନାହିଁ । ଉଦାହରଣ ସ୍ୱରୂପ ଜୁନ ୧୭ ତାରିଖରେ କାଞ୍ଚନଜଙ୍ଘା ରେଳ ଦୁର୍ଘଟଣାରେ ଅନେକ ଲୋକଙ୍କର ମୃତ୍ୟୁ ଘଟିଥିଲେ ମଧ୍ୟ ସେମାନଙ୍କ ବିଷୟରେ କୌଣସି ତଥ୍ୟ ଦେଶବାସୀ ଜାଣିନାହାନ୍ତି । ଅର୍ଥାତ୍ ସେହି ସବୁ ମୃତ ଯାତ୍ରୀଙ୍କ ଜୀବନର କୌଣସି ମୂଲ୍ୟ ଥିଲା ଭଳି ଏ ଜାତି ଭାବେ ନାହିଁ । ଯେଉଁ ପରିବାରର ବ୍ୟକ୍ତି ମୃତ୍ୟୁର ସମ୍ମୁଖୀନ ହୁଏ, କେବଳ ସେହି ପରିବାର ସେଥିପାଇଁ ବ୍ୟସ୍ତ ହୁଏ । କିନ୍ତୁ ଯେହେତୁ ସାମାଜିକ ସ୍ତରରେ ଏହିସବୁ ଦୁର୍ଘଟଣା ପ୍ରତି କେବେହେଲେ କୌଣସି ପ୍ରତିକ୍ରିୟା ପ୍ରକାଶ ପାଏନାହିଁ, ସେଥିପାଇଁ ସରକାର ମଧ୍ୟ ଦୀର୍ଘମିଆଦୀ ସମାଧାନ ଖୋଜିବା ଲାଗି ଚିନ୍ତା କରେ ନାହିଁ । ଭାବିବାକୁ ଗଲେ କାଞ୍ଚନଜଙ୍ଘା ଏକ୍ସପ୍ରେସ, ବାହାନଗା ଟ୍ରେନ ଦୁର୍ଘଟଣା ଭଳି ବିରାଟକାୟ ଦୁର୍ଘଟଣା ଏବଂ ଅନେକଙ୍କ ମୃତ୍ୟୁଠାରୁ ଆରମ୍ଭ କରି ପ୍ରତ୍ୟେକ ଦିନ ଭାରତର ବିଭିନ୍ନ କଳକାରଖାନାରେ ସୁସ୍ଥସବଳ ଲୋକଙ୍କର ଅକାଳ ବିୟୋଗ ଘଟିବାରେ ଲାଗିଛି । ଯେଉଁମାନେ ମୂଲ ଲାଗି ରୋଜଗାର କରୁଛନ୍ତି, ସେମାନେ ନିଶ୍ଚିତ ଭାବେ ତାଙ୍କ ପଛରେ ଥିବା ଗୋଟିଏ ପରିବାରର ଦାୟିତ୍ୱ ବହନ କରୁଥିବେ । ସେହି ରୋଜଗାର କରୁଥିବା ବ୍ୟକ୍ତିର ମୃତ୍ୟୁପରେ ତାଙ୍କର ପରିବାର ତଳିତଳାନ୍ତ ହୋଇଯାଇଥାଆନ୍ତି । ସାଧାରଣ ଭାରତୀୟଙ୍କ ଚରିତ୍ର ହେଉଛି ସମସ୍ୟା ନିଜ ମୁଣ୍ଡ ଉପରେ ପଡ଼ି ନ ଥିବା ହେତୁ ସେହି ସମସ୍ୟା କାହାରି ଆଖିକୁ ଦେଖାଯାଏ ନାହିଁ । ତେଣୁ ଇସ୍ପାତ କାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କଠାରୁ ଆରମ୍ଭ କରି ବଡ଼ ଅଟ୍ଟାଳିକା ନିର୍ମାଣ କରୁଥିବା ମିସ୍ତ୍ରିର ଜୀବନ ପାଣିଫୋଟକା ଭଳି । ସକାଳୁ ଜଳଖିଆ ଖାଇ ଘରୁ ବାହାରିଲାବେଳକୁ ଜଣା ନଥାଏ ସନ୍ଧ୍ୟାରେ ପୁନର୍ବାର ଘରକୁ ଫେରିବେ କି ନାହିଁ । ଏଭଳି ପ୍ରଚ୍ଛଦପଟରେ ସୁଧାର ଆଣିବାକୁ ହେଲେ କେବଳ ଆଇନ ପ୍ରଣୟନ ଯଥେଷ୍ଟ ହେବ ନାହିଁ । ଯେଉଁସବୁ ସରକାରୀ ସଂସ୍ଥାକୁ ଶ୍ରମିକ ସୁରକ୍ଷା ସମ୍ପର୍କୀୟ ଦାୟିତ୍ୱ ଦିଆଯାଇଛି, ତାହାର ତଳତଳିଆ କର୍ମଚାରୀମାନେ ଅଳ୍ପ କିଛି ଅର୍ଥ ହାସଲ କରି ବଡ଼ ବିପଦ ପ୍ରତି ଦୁଆର ଖୋଲି ଦେଇଥାଆନ୍ତି । ଯେଉଁ ପର୍ଯ୍ୟନ୍ତ ଦୁର୍ଘଟଣା ଘଟି ନ ଥାଏ, ସେ ପର୍ଯ୍ୟନ୍ତ ସବୁକିଛି ସୁରୁଖୁରୁରେ ଚାଲିଥାଏ । ସେହିସବୁ କନିଷ୍ଠ ସରକାରୀ କର୍ମଚାରୀମାନେ ଭଲ ଦୁଇ ପଇସା ମଧ୍ୟ ରୋଜଗାର କରିଚାଲିଥାନ୍ତି । ଯେତେବେଳେ ଦୁର୍ଘଟଣା ଘଟେ, ସେତେବେଳେ ମାନ୍ଦା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ, ଯାହାର କୌଣସି ପ୍ରଭାବ ପଡ଼େନାହିଁ ଏବଂ ପରବର୍ତ୍ତୀ ସମୟରେ ମଧ୍ୟ ପରିସ୍ଥିତିରେ ପରିବର୍ତ୍ତନ ଆସେନାହିଁ । ଏଥିସହିତ ଯୋଡ଼ି ହୋଇଯାଏ ଶ୍ରମିକ ଜୀବନର ବେପରୁଆ ଆଭିମୁଖ୍ୟ । ସଡ଼କ, ରେଳ ଏବଂ ଶିଳ୍ପ ଦୁର୍ଘଟଣାରୁ ଆରମ୍ଭ କରି ଟ୍ୟୁବ୍‌ୱେଲ ଭିତରେ ପିଲା ପଡ଼ିଯିବା ଭଳି ଅସ୍ୱାଭାବିକ ଦୁର୍ଘଟଣା କେବଳ ଭାରତରେ ଅଧିକ ପରିମାଣରେ ଘଟିଥାଏ । ସେଥିପାଇଁ ଯାହା ପୂର୍ବରୁ ଉଲ୍ଲେଖ କରାଯାଇଛି ତାହା ଦୋହରାଯାଇପାରେ ଯେ, କେବଳ ଆଇନ ନୁହେଁ, ମଣିଷ ଜୀବନର ମୂଲ୍ୟକୁ ସମ୍ମାନ ଦେଇ ସବୁ ସ୍ତରରେ ଯଦି ଆଭିମୁଖ୍ୟର ପରିବର୍ତ୍ତନ ଘଟିବ, ତେବେ ଅନେକ ଦୁର୍ଘଟଣାରୁ ବର୍ତ୍ତିବା ସମ୍ଭବପର ହେବ ।

> ସାଧାରଣ ଭାରତୀୟଙ୍କ ଚରିତ୍ର ହେଉଛି ସମସ୍ୟା ନିଜ ମୁଣ୍ଡ ଉପରେ ପଡ଼ି ନ ଥିବା ହେତୁ ସେହି ସମସ୍ୟା କାହାରି ଆଖିକୁ ଦେଖାଯାଏ ନାହିଁ । ତେଣୁ ଇସ୍ପାତ କାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କଠାରୁ ଆରମ୍ଭ କରି ବଡ଼ ଅଟ୍ଟାଳିକା ନିର୍ମାଣ କରୁଥିବା ମିସ୍ତ୍ରିର ଜୀବନ ପାଣିଫୋଟକା ଭଳି ।

# ଅବସର ଜୀବନ: ଏକ ସ୍ୱର୍ଣ୍ଣିମ ଅଧ୍ୟାୟ



ଡ. ପ୍ରଫୁଲ୍ଲ କୁମାର ସାହୁ

ଆମ ଦେଶର ଆଇନ ଅନୁସାରେ ଷାଠିଏ ବର୍ଷ ବୟସ ହୋଇଗଲେ ଜଣକୁ କୁହାଯାଏ ବୟସ୍କ ବା ବରିଷ୍ଠ ନାଗରିକ । କର୍ମଜୀବୀ ହୋଇଥିଲେ ସେବେଠାରୁ ସେବାନିବୃତ୍ତ ହେବାକୁ ପଡ଼େ ଏବଂ ଆରମ୍ଭ ହୁଏ ଅବସର ଜୀବନ । ଅବସର ନେବା ଅନେକ ଆଗରୁ ମନେମନେ ଚାଲିଥାଏ ଦିନ ଗଣନା । ବାକି ରହିଲା ବର୍ଷେ ଛ'ମାସ ବା ମାସେ ଇତ୍ୟାଦି । ଏମିତି ଦିନ ଗଣୁଗଣୁ ସେହି ନିର୍ଦ୍ଧାରିତ ଦିନଟା ଆସି ପହଞ୍ଚିଯାଏ ଏବଂ ଜାଣିହୁଏନି କେମିତି ଏତେଶୀଘ୍ର ସରିଗଲା ଚାକିରିକାଳ । ଆଗେ ଛୁଟି ପାଇଁ ଉହଲ ବିକଳ ହେଉଥିବା ମନଟା ସହଜରେ ଗ୍ରହଣ କରିପାରେନି ଅସରନ୍ତି ଛୁଟି । ପୂର୍ବ ପ୍ରସ୍ତୁତି ସତ୍ତ୍ୱେ କାର୍ଯ୍ୟାଳୟର ଶେଷ ଦିନଟା ମନକୁ ବିଷାଦଗ୍ରସ୍ତ କରେ ଏବଂ କଣ୍ଟା ଫୋଡ଼ି ହେଲା ପରି ଲାଗେ ସହକର୍ମୀଙ୍କ ପ୍ରଶଂସା ଓ ଫୁଲତୋଡ଼ା । ବିଶେଷକରି ଯେଉଁମାନେ ବୃତ୍ତିକୁ ଆତ୍ମ ପରିଚିତିର ମୁଖ୍ୟ ଅଙ୍ଗ ବୋଲି ଭାବିଥାନ୍ତି, ସେମାନଙ୍କୁ ଅବସନ୍ନ କରିଦିଏ ବୃତ୍ତି ସମ୍ବନ୍ଧୀୟ ସୁବିଧା, ସୁଯୋଗ ଓ ସମ୍ମାନ ହରେଇବାର ଭୟ । ଅବସର ପରବର୍ତ୍ତୀ କର୍ମହୀନତା ତାଙ୍କୁ ଅବସାଦ ଆଣିଦିଏ ଏବଂ କର୍ମକ୍ଷେତ୍ରରେ କଟୁଥିବା ସମୟ ପାଲଟିଯାଏ ବୋଝ । କିନ୍ତୁ କର୍ମଠଙ୍କ କଥା ଅଲଗା । ସେମାନଙ୍କ ପାଇଁ ଅବସର ଅର୍ଥ ବାର୍ଦ୍ଧକ୍ୟ ନୁହେଁ କି ବିଶ୍ରାମ ନୁହେଁ ବରଂ ସମୟର କଡ଼ ଲେଉଟାଣି । ନୂଆ ରାସ୍ତା ପାଇଁ ନୂଆ ଠିକଣା । ଜୀବନର ଏକ ନୂଆ ସତେଜ ଅଧ୍ୟାୟକୁ ସାଦର ଆମନ୍ତ୍ରଣ ।

ପୂର୍ବରୁ ଲୋକମାନେ ଷାଠିଏ ବର୍ଷ ବେଳକୁ ଜରାଗ୍ରସ୍ତ ହେଉଥିଲେ ଏବଂ ସେହି କାରଣରୁ ଅବସର ବୟସ ଥିଲା ଷାଠିଏ । ଏବେ ବିଜ୍ଞାନର ଆଶୀର୍ବାଦରୁ ବଞ୍ଚିବାର ଅବଧି ବଢୁଛି ଏବଂ ପ୍ରଲମ୍ବିତ ହେବାରେ ଲାଗିଛି ଅବସର ପରବର୍ତ୍ତୀ ଜୀବନ । ଜଣେ ବ୍ୟକ୍ତି ଯେତିକି ଦିନ ଚାକିରି କରୁଛି, ପ୍ରାୟତଃ ତା'ଠାରୁ ବେଶିଦିନ ବଞ୍ଚୁଛି ଅବସର ପରେ । କେବଳ ବଞ୍ଚୁନାହିଁ, ସୁସ୍ଥ ଓ ସବଳ ରହି ପାରୁଛି ଉତ୍ତର-ବାର୍ଦ୍ଧକ୍ୟ (ଅଶୀବର୍ଷ) ପର୍ଯ୍ୟନ୍ତ । ତେଣୁ ଏବେ କାର୍ଯ୍ୟରୁ ଅବସର ଅର୍ଥ ବସି ବସି କିମ୍ବା ଖବରକାଗଜ ପଢ଼ି ଓ ଟେଲିଭିଜନ ଦେଖି ସମୟ କାଟିଦେବା ନୁହେଁ, ବରଂ ଚାକିରି କାଳରେ ଯାହା ହୋଇପାରି ନ ଥିଲା, ତାହା କାର୍ଯ୍ୟକାରୀ କରିବାର ଅବକାଶ ।

ଯେଉଁମାନେ କର୍ମବୀର– ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଅନୁଭବ କରିପାରନ୍ତିନି କର୍ମହୀନତା । ଗୋଟିଏ କର୍ମରୁ ଅବସର ନେଲେ ବାକିଥାଏ ଆଉ ଗୋଟିଏ କର୍ମ । ଆମେରିକାର ରାଷ୍ଟ୍ରପତି ଜିମି କାର୍ଟର । ଦେଶର ଉନ୍ନତି ପାଇଁ ଅବିରାମ ଉଦ୍ୟମ ସତ୍ତ୍ୱେ ଅନେକ ବିବାଦରେ ଛନ୍ଦି ହୋଇ ହରେଇ ବସିଲେ ଲୋକଙ୍କ ଆସ୍ଥା । ଶେଷରେ ନିର୍ବାଚନରେ ହାରି (୧୯୮୦) ରାଜନୀତିରୁ ବିଦାୟ ନେଇଥିଲେ ଛପନବର୍ଷ ବୟସରେ । ଅଳ୍ପଦିନ



ପରେ ଏମେରୀ ବିଶ୍ୱବିଦ୍ୟାଳୟରେ ଯୋଗଦେଲେ ଅଧ୍ୟାପକ ଭାବରେ । ଶିକ୍ଷା, ସ୍ୱାସ୍ଥ୍ୟ ଓ ମାନବିକ ଅଧିକାର ଉପରେ ଅନେକ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜନ କରିବା ସହିତ ରଚନା କଲେ ଚଉଦଟି ପୁସ୍ତକ । ଏଭଳି କୃତିତ୍ୱ ପାଇଁ ଦେଶ ବିଦେଶରୁ ଛୁଟିଲା ପ୍ରଶଂସା ଓ ସମ୍ମାନର ସୁଅ । ଶେଷରେ ନୋବେଲ ଶାନ୍ତି ପୁରସ୍କାର ଲାଭ କରି ବୟସ୍କଙ୍କ ପାଇଁ ପାଲଟିଗଲେ ପ୍ରେରଣାର ଉତ୍ସ । ଷାଠିଏ ବର୍ଷ ବୟସରେ ପଦାର୍ପଣ କଲାପରେ ରବୀନ୍ଦ୍ରନାଥ ଟାଗୋର ଆରମ୍ଭ କରିଥିଲେ ଚିତ୍ରବିଦ୍ୟା । ସତାବନ ବର୍ଷ ବୟସରେ ଗଳ୍ପଲେଖା ଆରମ୍ଭ କରିଥିଲେ ଫକୀରମୋହନ ସେନାପତି । ଅର୍ଥାତ୍ ସମାଜରେ ଏମିତି ଅନେକ କ୍ଷେତ୍ର ଅଛି, ଯାହା ବୟସ ଉପରେ ନୁହେଁ ନିର୍ଭର କରେ ଅନୁଭୂତି, ଅଭିଜ୍ଞାନ ଓ ସୃଜନଶୀଳତା ଉପରେ । ଗବେଷକଙ୍କ ମତରେ ବୟସାଧିକ୍ୟ ହିଁ ମେଧା ପ୍ରଦର୍ଶନର ଅନୁକୂଳ ସମୟ । କାରଣ ବୟସ ବଢ଼ିବା ସହିତ ବୃଦ୍ଧିପାଏ ଭାଷାଗତ ଜ୍ଞାନ, ଶିଳ୍ପକୌଶଳ ତଥା ଅନୁଶୀଳନ ଦକ୍ଷତା । ମାଇକେଲ ଆଞ୍ଜେଲୋ ସବୁଠାରୁ ସୁନ୍ଦର ମୂର୍ତ୍ତି ନିର୍ମାଣ କରିଥିଲେ ଅଶୀ ବର୍ଷ ବୟସରେ । ବୟାନବେ ବର୍ଷ ବୟସରେ ଟଲଷ୍ଟୟ ଲେଖିଥିଲେ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ଆଇ କେନ୍‌ନଟ୍ ବି ସାଇଲେଣ୍ଟ' । ଜର୍ମାନ ଲେଖକ ଗେଟେ ତାଙ୍କର ବିଖ୍ୟାତ ପୁସ୍ତକ 'ଫଷ୍ଟ' ଲେଖା ସଂପୂର୍ଣ୍ଣ କରିଥିଲେ ୮୩ ବର୍ଷ ବୟସରେ । ବୈଜ୍ଞାନିକ ଏଡିସନ୍ ଅଶୀବର୍ଷ ବୟସ ପରେ ଉଦ୍ଭାବନ କରିଥିଲେ ଡିକ୍ଟୋଫୋନ୍ ଯନ୍ତ୍ର । ବରିଷ୍ଠଙ୍କ ଅନୁଭୂତିରେ ଥାଏ ଏକ ପ୍ରୟୋଗାତ୍ମକ ମୂଲ୍ୟ । ଏଥିସହିତ ଅଭ୍ୟାସ ଓ ଆତ୍ମପ୍ରତ୍ୟୟ ମିଶିଗଲେ ପଛରେ ପଡ଼ିଯାଏ ବୟସ । ପଞ୍ଜାବର ଚଉରାନବେ ବର୍ଷ ବୟସ୍କ ଫୌଜ ସିଂ । ଅଭ୍ୟାସ ବଳରେ ଛଅଶହ ପ୍ରତିଯୋଗୀଙ୍କୁ ପଛରେ ପକାଇ ସଫଳତା ଅର୍ଜନ କରିଥିଲେ ଇଡେନବର୍ଗରେ ଅନୁଷ୍ଠିତ ମାରାଥନ (୨୦୦୬) ଦୌଡ଼ରେ । ନବେବର୍ଷ ବୟସରେ ଚମତ୍କାର ସାହାନାଇ ବାଦନ କରୁଥିଲେ ବିସମିଲ୍ଲା ଖାଁ । ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସ୍‌କର୍ ଓ ଆଶା ଭୋଂସଲେ ସୁଲଳିତ କଣ୍ଠରେ ସଙ୍ଗୀତ ପରିବେଷଣ କରି ପାରୁଥିଲେ ପାଖାପାଖି ଅଶୀବର୍ଷ ପର୍ଯ୍ୟନ୍ତ ।

ଚାକିରି ଅବଧି ପରିମିତ । କିନ୍ତୁ ସଂସାର ପାଠଶାଳାର ପାଠ ଅସରନ୍ତି । ଯେତେ ଅନୁଭୂତି ଅଭିଜ୍ଞତା ହାସଲ କଲେ ବି ଜାଣିବାପାଇଁ ବାକି ଥାଏ ଆହୁରି ଅନେକ କିଛି । ଯେଉଁମାନେ ଭାବନ୍ତି ମୋର ଯାହା ଶିଖିବାର ଥିଲା ଶିଖିସାରିଛି ଓ ଯାହା କରିବାର ଥିଲା କରି ସାରିଛି, ସେଇମାନେ ପ୍ରକୃତରେ ବୃଦ୍ଧ । କାରଣ ଏଭଳି ଭାବନା ହିଁ ବାର୍ଦ୍ଧକ୍ୟର ଲକ୍ଷଣ ଏବଂ ଏହା ମନରେ ଜାଗ୍ରତ ହେବା ମାତ୍ରେ ଆରମ୍ଭ ହୁଏ ଅବନତି ପ୍ରକ୍ରିୟା । ଅନ୍ୟପକ୍ଷରେ ଯେଉଁମାନେ ଭାବନ୍ତି ଯାହାକିଛି ଜାଣିଛି ତାହା ସାମାନ୍ୟ ଏବଂ ଯେତେବାଟ ଯାଇଛି ତା'ଠାରୁ ଅନେକ ଆଗକୁ ଯିବାର ଅଛି, ସେହିମାନଙ୍କ ଭିତରେ ଥାଏ ଅପରାହ୍ନକୁ ଆଭାମୟ କରିବାର ପ୍ରଚୁର ସମ୍ଭାବନା । ଥରେ ଗୋଟିଏ ଜାହାଜର ଡେକ୍ ଉପରେ ଜଣେ ଅତି ବୟସ୍କ ବ୍ୟକ୍ତି କିଛି କରୁଥିବାର ଦେଖି ବ୍ରିଟିଶ ଲେଖକ ବ୍ରୁସ୍ ଚାର୍ୱିନ୍ ତାଙ୍କ ପାଖକୁ ଯାଇ ଜାଣିଲେ ସେ ଚୀନା ଅକ୍ଷରର କାଲିଗ୍ରାଫି ଅଭ୍ୟାସରେ ମଗ୍ନ । କୌତୂହଳ ଏଡ଼ି ନ ପାରି ବ୍ରୁସ୍ ତାଙ୍କ ସହିତ ଆଳାପ ଜମାଇ ପଚାରିଲେ ପରିଣତ ବୟସରେ ଏସବୁ ଶିଖିବାରେ ଲାଭ କ'ଣ ? ବୃଦ୍ଧ ଉତ୍ତର ଦେଲେ ଏଥିରୁ ମିଳୁଥିବା ପ୍ରଚୁର ଆନନ୍ଦ ହିଁ ଲାଭ । ବ୍ରୁସ୍ ବୟସ ଜାଣିବାକୁ ଚାହିଁବାରୁ ସେ କହିଲେ– ମାତ୍ର ଚାରି ବର୍ଷ । କାରଣ ଚାରି ବର୍ଷ ତଳେ ସେ ଏହା ଶିଖିବା ଆରମ୍ଭ କଲେ ଏବଂ ସେବେଠାରୁ ଯେଉଁ ଆନନ୍ଦ ଅନୁଭବ କରୁଛନ୍ତି, ତାହା ତାଙ୍କୁ ଆଣିଦେଇଛି ନବଜନ୍ମ । ବୃଦ୍ଧଙ୍କର ଏଭଳି ଉତ୍ସାହକୁ ଲକ୍ଷ୍ୟ କରି ବ୍ରୁସ୍ ଲେଖିଛନ୍ତି – ବୟସ ହେଉଛି ଏକ ସଂଖ୍ୟା ମାତ୍ର । ବୟସ ଦେହରେ ନ ଥାଏ, ଥାଏ ମନରେ । ଅର୍ଥାତ୍ ଜୈବିକ ବୟସ ନୁହେଁ ଗୁରୁତ୍ୱପୂର୍ଣ୍ଣ ହେଉଛି ମନସ୍ତାତ୍ତ୍ୱିକ ବୟସ ।

କର୍ମତତ୍ପରତାରେ ଥାଏ ବାର୍ଦ୍ଧକ୍ୟକୁ ଜିଣିବାର ଅସଲ କୌଶଳ । ବୟସକୁ ପ୍ରତିବନ୍ଧକ ବୋଲି ନ ଭାବି କାମରେ ଯୋଡ଼ିହୋଇ ରହିଲେ ବୃଦ୍ଧିପାଏ ଆତ୍ମପ୍ରତ୍ୟୟ, ଆତ୍ମମର୍ଯ୍ୟାଦା ଓ ଆତ୍ମସାମର୍ଥ୍ୟବୋଧ । ଅନ୍ୟପକ୍ଷରେ ଯେଉଁମାନେ ଦେହର ବଳକୁ ଅସଲ ବଳ ବୋଲି ଭାବନ୍ତି, ଅବସର ପରେ ସେଇମାନଙ୍କୁ ହିଁ ଘାରେ ବଳ ହଟିଯିବାର ଭୟ । ସୁସ୍ଥ ସବଳ ଥାଇ ବି ଭଙ୍ଗାମନ ନେଇ ଉଦାସ କଣ୍ଠରେ କହନ୍ତି – ଆଉ ବଳ ବୟସ କାହିଁ, ପାରିବି ପୁତ୍ର ଉପୁଜାଇ । ସ୍ୱପ୍ନକୁ ପଛରେ ଛାଡ଼ି ଆସିଥିବାରୁ ଦେହର ବଳ ଥାଇ ବି ଏମାନେ କିଛି କରିବାକୁ ଚାହାନ୍ତିନି ବରଂ ତାଙ୍କ ପ୍ରତି ଅବହେଳାର ଅଭିଯୋଗ ନେଇ ବ୍ୟକ୍ତ କରନ୍ତି ଅସନ୍ତୋଷ । ଅବସର ଜୀବନକୁ ଉତ୍ସବମୁଖର କରିବାର ଅସଲ ଉପାୟ ହେଉଛି ସାମାଜିକ ସମ୍ପର୍କ । ଆଜିକାଲି ପୁଅବୋହୂ ନାତିନାତୁଣୀଙ୍କ ଗହଣରେ ଶେଷ ଜୀବନ କାଟିବାର ସମ୍ଭାବନା ବି କମ୍ । ତେଣୁ ବରିଷ୍ଠଙ୍କ ପାଇଁ ଏବେ ବଡ଼ ସମସ୍ୟା ହୋଇ ଉଭା ହୋଇଛି ଏକାକୀତ୍ୱ ଓ ନିଃସଙ୍ଗତା । ଯେଉଁମାନେ ମେଳାପୀ, ବନ୍ଧୁବତ୍ସଳ ଓ ପରୋପକାରୀ ସେମାନେ ଆଧ୍ୟାତ୍ମିକ ଆଲୋଚନାରେ ମାତନ୍ତି ଏବଂ ସମଭାବାପନ୍ନ ଲୋକଙ୍କୁ ଏକାଠି କରି ଲାଗିପଡ଼ନ୍ତି ସମାଜସେବା ଓ ସାଙ୍ଗଠନିକ କାର୍ଯ୍ୟରେ । ବରିଷ୍ଠମାନେ ସାଧାରଣତଃ ଅନେକ ପ୍ରକାର ସମ୍ପର୍କରେ ଧନୀ ଏବଂ ସେମାନଙ୍କ ପାଖରେ ଥାଏ ସାମାଜିକ ସମସ୍ୟାକୁ ବୁଝିବା ଓ ତା'ର ସମାଧାନ କରିବାର ସାମର୍ଥ୍ୟ । ତେଣୁ ସକାରାତ୍ମକ ଭାବନା ନେଇ ସେମାନେ ପଡ଼ୋଶୀଙ୍କ ଭଲମନ୍ଦରେ ନିଜକୁ ବାଣ୍ଟି ପାରିଲେ କ୍ଳାନ୍ତ ଅପରାହ୍ନ ବି ପାଲଟିଯିବ ସ୍ୱର୍ଣ୍ଣିମ ଅଧ୍ୟାୟ ।

**ଅବସର ପ୍ରାପ୍ତ ଅଧ୍ୟକ୍ଷ**
**ବିଜୁପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ମାଗଣାର ଭୟଙ୍କର ପରିଣତି



ଉପେନ୍ଦ୍ର ବିଶ୍ୱାଳ

ନୋବେଲ ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ ଆମେରିକୀୟ ଲେଖକ ଜନ୍ ଷ୍ଟେନ୍‌ବେକ୍ କହୁଥିଲେ, ''ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ମାତ୍ରାଧିକ କ୍ଷମତାଲୋଭ ହିଁ ଭ୍ରଷ୍ଟ ବ୍ୟବସ୍ଥାର ଜନକ ।'' ଭ୍ରଷ୍ଟ ବ୍ୟବସ୍ଥା ମଧ୍ୟରେ 'ମାଗଣା' ବ୍ୟବସ୍ଥା ହେଉଛି ଅତୀବ ସାଙ୍ଘାତିକ । ମାଗଣା ବ୍ୟବସ୍ଥା ହେଉଛି ପଶୁବୁଦ୍ଧିର ପରିଣାମ । ଅର୍ଥାତ୍ ଏକପ୍ରକାର ଅତ୍ୟାଚାର । ୨୦୨୨ ଜୁଲାଇରେ ବରିଷ୍ଠ ଅଧିବକ୍ତା ଅଶ୍ୱିନୀ ଉପାଧ୍ୟାୟଙ୍କ ଏକ ଯାଚିକା ଉପରେ ବିଚାରକରି ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ, ''ଲାଞ୍ଚ ଦେବାନେବା ଯେମିତି ଏକ ଅପରାଧ, ଠିକ୍ ସେମିତି ରାଜନୈତିକ ଦଳଗୁଡ଼ିକ ଦ୍ୱାରା ମାଗଣା ବଣ୍ଟନ, ପ୍ରତିଶ୍ରୁତି ପୂର୍ବକ ଭୋଟ ହାତେଇବା ଏକ ପ୍ରକାର ଲାଞ୍ଚ ପ୍ରକ୍ରିୟା, ଯାହାକି ଜନ ପ୍ରତିନିଧି ଆଇନର ବିରୁଦ୍ଧାଚରଣ କରୁଛି । ଏଣୁ ତାହା ଅପରାଧ ପର୍ଯ୍ୟାୟଭୁକ୍ତ ।'' ଏହା କିଭଳି ରୋକାଯାଇପାରିବ ସେ ସମ୍ବନ୍ଧେ ସମୁଚିତ ଉପାୟ ବାହାରକରି ନ୍ୟାୟାଳୟକୁ ଅବଗତ କରାଇବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ । କୁହାଯାଏ, ଯଦି ଗୋଟେ ଜାତିକୁ ବିନଷ୍ଟ କରିବାର ଇଚ୍ଛା, ତେବେ ଏପରି ବ୍ୟବସ୍ଥା ଖଞ୍ଜିଦିଅ ଯେମିତି କି ସେ ତା'ର ଶକ୍ତି, ସାମର୍ଥ୍ୟ ସବୁ ଭୁଲିଯିବ ଏବଂ ସ୍ୱାଭିମାନଶୂନ୍ୟ ହୋଇ ସତ୍ୟାନାଶକୁ ଅନାଇ ରହିଥିବ । ମରଣମୁହାଁ ଯୋଜନା ମଧ୍ୟରେ 'ମାଗଣା' ସେଭଳି ଏକ ଭୟଙ୍କର ବରବାଦୀ ବ୍ୟବସ୍ଥା ।

ମନେପଡ଼େ ପିଲାବେଳର ବନିଶୀରେ ମାଛ ଧରିବା କଥା । ସାମାନ୍ୟ ଟିକେ ଆହାର ଲୋଭ ଦେଖାଇ ଶିକାର କରିଥାଉ ମାଛଟିକୁ । ନିଜର ନିରୀହପଣରେ ମାଛଟି ଜାଣିପାରେନା କାଣିଚାଏ କରୁଣା ବିନିମୟର କୁପରିଣତିକୁ । 'ମାଗଣା'ର ମୋହ ଏମିତି ଏକ ରୋଗ ଯେ ଥରେ ଯଦି ଗ୍ରାସକଲା, ତେବେ ସେଥିରୁ ମୁକୁଳିବା ଖୁବ୍ କଷ୍ଟସାଧ୍ୟ । ଦେଶ ଓ ଜାତିକୁ ସେଥିପାଇଁ ଅନେକ ମୂଲ୍ୟ ଦେବାକୁ ପଡ଼େ । ମେଣ୍ଢାଲୋମରେ ମେଣ୍ଢାଙ୍କ ପାଇଁ କମ୍ବଳ ତିଆରିକରି ବାଣ୍ଟିବାରେ ନେତାମାନେ ଖୁବ୍ ଓସ୍ତାଦ । ଏକଦା ଜଣେ ନେତା ମେଣ୍ଢାପଲଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଲେ ଯେ, ମୁଁ ଏଥର ଜିତିଲେ ପ୍ରତି ମେଣ୍ଢାକୁ ଗୋଟେ ଗୋଟେ କମ୍ବଳ ବାଣ୍ଟିବି । ସବୁ ମେଣ୍ଢା ଖୁସିରେ ଗଦଗଦ ହୋଇଗଲେ । ନେତା ଜଣକ ସେଠାରୁ ଚାଲିଗଲା ପରେ ମେଷ ଶାବକଟିଏ ଅବୁଝା ଦୃଷ୍ଟିରେ ତା'ମାଆକୁ ପଚାରିଲା – ସବୁ ମେଣ୍ଢା ଆଜି ଖୁସି କାହିଁକି ? କମ୍ବଳ କଥା ଶୁଣିଲା ପରେ ପୁଣି ପଚାରିଲା – ଆମ ପାଇଁ ଏତେ ସଂଖ୍ୟାରେ ଯେଉଁ କମ୍ବଳ ବ୍ୟବସ୍ଥା ହେବ, ସେଥିପାଇଁ ଲୋମ କେଉଁଠୁ ଆଣିବେ ସେ ? ଆମ ଦେହରୁ କାଟିନେଇ ବା ଆମ ଚମଡ଼ା ଉତାରିନେଇ କମ୍ବଳ ତିଆରି କରିବେ ନାହିଁ ତ ? ବେକାରି ଭତ୍ତା, ଗରିବ ଭତ୍ତା, ଚାଷୀ ଭତ୍ତା, ମହିଳା ଭତ୍ତା, ମାଗଣା ବିଜୁଳି, ଶସ୍ତା ବା ମାଗଣା ଗ୍ୟାସ୍ ଆଦି ବ୍ୟବସ୍ଥାରେ ପ୍ରଲୁବ୍ଧ ହେଉଥିବା ଆମେମାନେ କେବେ ପଚାରିଛୁ କି, ଏତେ ସବୁ ବ୍ୟବସ୍ଥା ତୁଲାଇବାକୁ ପଇସା ଆସିବ କେଉଁଠୁ ? ମାଗଣାର ପୃଷ୍ଠପୋଷକମାନେ ତାଙ୍କ ଜମିବାଡ଼ି,



ସ୍ଥାବର/ଅସ୍ଥାବର ସମ୍ପତ୍ତି ବିକି ଭରଣା କରିବେ କି ? ଗୋଟିଏ ପରିବାରର ଜଣେ ବ୍ୟକ୍ତି ଯଦି କିଛି କାମ ନ କରି ବସି ଖାଏ, ତେବେ ପରିବାର ଚଳେଇବା ପାଇଁ ଆର ଜଣଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ । ତାକୁ ଅନେକ କଷ୍ଟ ଓ ତ୍ୟାଗ ସ୍ୱୀକାର କରିବାକୁ ହେବ । ଠିକ୍ ସେମିତି ଦେଶର ଗୋଟେ ବର୍ଗ ଯଦି ବସି ଖାଇଲେ ବା ମାଗଣା ପାଇଲେ, ତାକୁ ଭରଣ କରିବାକୁ ଅନ୍ୟ ବର୍ଗଙ୍କୁ ଅଧିକ ଯାତନା ସହିବାକୁ ପଡ଼ିବ, ଅଧିକରୁ ଅଧିକ କର ଦେବାକୁ ପଡ଼ିବ ।

ଏକଦା ହିଟ୍‌ଲର ଗୋଟେ କୁକୁଡ଼ାକୁ ସଂସଦ ଭିତରକୁ ସାଥିରେ ନେଇ ଆସିଲେ । ଆଶ୍ଚର୍ଯ୍ୟ ହୋଇ ସମସ୍ତେ ଦେଖୁଥାନ୍ତି ଓ ମନେ ମନେ ଭାବୁଥାନ୍ତି ଏହାର ରହସ୍ୟ କ'ଣ ହୋଇପାରେ । ଏହି ସମୟରେ କୁକୁଡ଼ା ପରଗୁଡ଼ିକୁ ସେ ଉପାଡ଼ିବାକୁ ଲାଗିଲେ, ଗୋଟେ ପରେ ଗୋଟେ । ସବୁ ପର ଉପାଡ଼ି ସାରି ତାକୁ ତଳେ ଛାଡ଼ିଦେଲେ । ତା'ପରେ ଦାନା ଦୁଇଟା ଦେଲେ ଖାଇବାକୁ । କୁକୁଡ଼ା ଦାନା ଖାଇ ଖାଇ ହିଟ୍‌ଲରଙ୍କ ଗୋଡ଼ ପାଖକୁ ଚାଲି ଆସିଲା । ହିଟ୍‌ଲର ଯୁଆଡ଼େ ଚାଲିଲେ, ଯନ୍ତ୍ରଣାକୁ ପାସୋରିପକେଇ ସାମାନ୍ୟ ଦାନା ଲୋଭରେ କୁକୁଡ଼ା ବି ତାଙ୍କ ପଛେ ପଛେ ଚାଲିଲା । ସେଇଠୁ ବାଚସ୍ପତିଙ୍କ ମୁହଁକୁ ଅନେଇ ହିଟ୍‌ଲର କହିଲେ, ''ଗଣତନ୍ତ୍ର ବ୍ୟବସ୍ଥାରେ ନେତାମାନେ ୫ବର୍ଷ ଜନତାଙ୍କୁ ଠିକ୍ ଏମିତି ଲୁଟିବେ ଏବଂ ନିର୍ବାଚନ ସମୟ ଆସିଲେ ତାଙ୍କ ଉପରକୁ ଏହିଭଳି କିଛି ଦାନା ଫୋପାଡ଼ିବେ । ସେଇ ଦାନା ଦିଇଟା ପାଇ ଜନତା ଖୁସ । ତା'ପରେ ଏହି କୁକୁଡ଼ା ପରି ସେମାନେ ଚାଲୁଥିବେ ନେତାଙ୍କ ଗୁଣ ଗାଇ ଗାଇ । ଅର୍ଥାତ୍ ଶୋଷକ ସାଜୁଥିବା ସେହି ନେତାମାନେ ତାଙ୍କର ଯାବତୀୟ ଯନ୍ତ୍ରଣାର କାରଣ ଜାଣି ମଧ୍ୟ ନେତାଙ୍କ ଗୋଲାମ ହେବାକୁ ଗୌରବ ମଣିବେ ଜନତା ।''

ଯେତେ ପ୍ରାଚୁର୍ଯ୍ୟ ଭରି ରହିଥିଲେ ବି ମାଗଣା ପ୍ରତି ମୋହାବିଷ୍ଟ ହେଲେ, ଦୁର୍ଦ୍ଦିନ ଓ ଦୁର୍ଭାଗ୍ୟ ଘୋଟି ଆସିବ ଭୂମିର ଭାଗ୍ୟାକାଶରେ, ଠିକ୍ ଭେନେଜୁଏଲା ପରି । ସୁନାଖଣି, ତୈଳଖଣିରେ ସମୃଦ୍ଧ ଥିବା ଦକ୍ଷିଣ ଆମେରିକାର ସବୁଠୁ ବିତ୍ତଶାଳୀ ଭୂମି ଥିଲା ଭେନେଜୁଏଲା । ଶହ ଶହ ମାଇଲ ବ୍ୟାପୀ ପରିବ୍ୟାପ୍ତ ଥିଲା ତୈଳ ଭଣ୍ଡାରମାନ, ତା'ସାଙ୍ଗକୁ ଅନେକ ସୁନାଖଣି । ବିଶ୍ୱର ସର୍ବାଧିକ ତୈଳ ଭଣ୍ଡାରର ଦେଶ, ସେଦିନର ସମୃଦ୍ଧ ଭୂମିଟି ଆଜି ଏକ କାଙ୍ଗାଳ ଦେଶରେ ପରିଣତ । କର୍ମଠ ଜାତିଟି ମାଗଣା ବ୍ୟବସ୍ଥାରେ ମୋହାବିଷ୍ଟ ହୋଇ ଏକ କର୍ମକୁଣ୍ଠ ଜାତିରେ ପରିଣତ ହୋଇଗଲା ଅଚିରେ । ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ତଥ୍ୟାନୁଯାୟୀ ମାଗଣା ବ୍ୟବସ୍ଥାର ଘାତକ ପରିଣତିରେ ଅନ୍ୟୂନ ୯୪ ଭାଗ ବ୍ୟକ୍ତି ଦାରିଦ୍ର୍ୟଜନିତ ଯନ୍ତ୍ରଣାରେ ନିଷ୍ପେଷିତ ଆଜି । ଆଫ୍ରିକୀୟ ଦେଶ ସୋମାଲିଆ ବିଶ୍ୱର ଅନ୍ୟ ଏକ ପ୍ରମୁଖ ଅପରାଧ ଓ ଅରାଜକତାର ଦେଶ ଭାବେ ପରିଗଣିତ ।

**ଗୋଡ଼ିଶୁଳ, ନୀଳଗିରି, ବାଲେଶ୍ୱର**
**ମୋ:୯୪୩୭୪୩୬୦୭୩**

## ଏଇ ଭାରତରେ

ବୟସ ଏକ ସଂଖ୍ୟା, ଏହା ପ୍ରମାଣ କରି ଦେଖାଇଛନ୍ତି ସୁରଟର ବକୁଳାବେନ ପଟେଲ । ତାଙ୍କ ବୟସ ଏବେ ୮୦ । ସେ ୫୯ ବର୍ଷରେ ସୁଇମିଂ ଶିଖି ୫୦୦ରୁ ଅଧିକ ମେଡାଲ ଓ ଟ୍ରଫି ଜିତିଛନ୍ତି । ସେ ଭାରତ ନାଟ୍ୟମ୍‌ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ୭୫ ବର୍ଷ ବୟସରେ ସେ ଅଢ଼େଇ ଘଣ୍ଟା ନୃତ୍ୟ ପ୍ରଦର୍ଶନ କରି ବୁକ୍ ଅଫ୍ ଲିମ୍କା ରେକର୍ଡସରେ ସ୍ଥାନ ପାଇଛନ୍ତି । ଏହି ନୃତ୍ୟ ପ୍ରଦର୍ଶନରେ ସେ ହେଉଛନ୍ତି ବୟୋଜ୍ୟେଷ୍ଠ ମହିଳା । ବକୁଳାବେନ ପିଲାଦିନୁ ମାତାପିତାଙ୍କୁ ହରାଇଥିଲେ । ଏହି କାରଣରୁ ଅଧିକ ପଢ଼ିପାରି ନ ଥିଲେ । ନବମରେ ପଢୁଥିବାବେଳେ ତାଙ୍କର ବିବାହ ହୋଇଯାଇଥିଲା । ତେବେ ପିଲାଦିନରୁ ଖେଳ ପ୍ରତି ରୁଚି ରଖିଥିବା ବକୁଳାବେନ ଗୃହିଣୀ ଜୀବନରେ ତାହାକୁ ସାକାର କରିଛନ୍ତି । ୧୯୯୪ରେ ସ୍ୱାମୀଙ୍କ ଦେହାନ୍ତ ପରେ ପିଲାଙ୍କ ଯତ୍ନ ନେବା ସହ ସୁଇମିଂ ଓ ନାଚ ଶିଖିବା ଆରମ୍ଭ କରିଥିଲେ । ଏବେ ୮୦ ବର୍ଷ ବୟସରେ ବକୁଳାବେନ ୮୦ ଦେଶରେ ସୁଇମିଂ ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ସେ ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ ମହାସାଗର, ବଙ୍ଗୋପସାଗରରେ ପହଁରି ପୁରସ୍କୃତ ହୋଇଛନ୍ତି । ସେ ସକାଳ ୪ଟାରୁ ଉଠି ସୁଇମିଂ ପାଇଁ ୫ କି.ମି. ଚାଲି ଚାଲି ଯାଆନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୨୬ ଜୁନ୍ ୧୯୭୫**

- ହିମାଚଳପ୍ରଦେଶ ପରିବହନ ସଂସ୍ଥାର ଏକ ବସ୍ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ୧୦ ଯାତ୍ରୀଙ୍କ ମୃତ୍ୟୁ ।
- କେରଳ ରାଜ୍ୟ ଅନ୍ତର୍ଗତ କୋଝିକୋଡ଼ ଜିଲାର ୫ଟି ସ୍ଥାନରେ ୮୦ ନିୟୁତ ଟନ ଲୁହାପଥର ଗଚ୍ଛିତ ଥିବାର ସନ୍ଧାନ ମିଳିଛି ।
- ନ୍ୟୁଅର୍ଲିନସରୁ ୧୨୨ ଯାତ୍ରୀଙ୍କୁ ଘେନି ଆସୁଥିବା ଇଷ୍ଟର୍ଣ୍ଣ ଏୟାରଲାଇନ୍ସର ଏକ ବିମାନ କେନେଡି ଅନ୍ତର୍ଜାତୀୟ ବିମାନ ବନ୍ଦର ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ୧୦୭ ଜଣଙ୍କ ମୃତ୍ୟୁ ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 4 | 3 | | | | | 8 | |
| | | | | 5 | | | | 9 |
| | | 1 | | | | 6 | | 2 |
| | | 2 | | | | | | 4 |
| | 6 | | | | | 5 | | |
| 1 | | | | | | | 9 | |
| | | | | | 3 | | | 7 |
| | | | | 7 | 8 | 1 | | |
| 5 | | 8 | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 7 | 1 | 8 | 9 | 5 | 2 | 6 |
| 6 | 5 | 9 | 4 | 7 | 2 | 8 | 1 | 3 |
| 1 | 8 | 2 | 6 | 3 | 5 | 9 | 7 | 4 |
| 5 | 7 | 6 | 9 | 2 | 4 | 3 | 8 | 1 |
| 8 | 3 | 1 | 5 | 6 | 7 | 4 | 9 | 2 |
| 2 | 9 | 4 | 8 | 1 | 3 | 7 | 6 | 5 |
| 4 | 1 | 5 | 2 | 9 | 8 | 6 | 3 | 7 |
| 9 | 6 | 3 | 7 | 5 | 1 | 2 | 4 | 8 |
| 7 | 2 | 8 | 3 | 4 | 6 | 1 | 5 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଭିତରକାଠ ନିକଟରେ ଭକ୍ତଙ୍କ ଗହଳି

ମହାଶୟ,

ଶ୍ରୀ ଜଗନ୍ନାଥ ମନ୍ଦିରର ଚାରିଦ୍ୱାର ଖୋଲିବା ଲୋକଙ୍କୁ ଖୁସି କରିଛି । ଭିତରକାଠ ନିକଟରେ ଭକ୍ତଙ୍କ ଗହଳି ଫଳରେ ଦର୍ଶନରେ ଅହେତୁକ ବିଳମ୍ବ ହେଉଛି । ତିରୁମାଲା, ସିରିଡି ଏବଂ ଭାରତର ଅନ୍ୟାନ୍ୟ ବିଖ୍ୟାତ ମନ୍ଦିରରେ କରାଯାଇଥିବା ଷ୍ଟେନଲେସ ଷ୍ଟିଲ ବାଡ଼ ବ୍ୟବହାର କରି ତିନୋଟି ଧାଡିରେ ଦର୍ଶନ କଲେ ଏହାର ସମାଧାନ ହୋଇପାରିବ । ଭିତରକାଠ ନିକଟରେ ଅବସ୍ଥାପିତ ଶ୍ରୀଜଗନ୍ନାଥ ମନ୍ଦିର ପୋଲିସ ଧାଡ଼ିଗୁଡିକର ନିରନ୍ତର ଅଗ୍ରଗତି କରିବା ପାଇଁ ସାହାଯ୍ୟ କରିବା ଦରକାର । ଆଳତୀ, ତୁଳାସୀ ପତ୍ର ଏବଂ ପାଦୁକ ମନ୍ଦିର ବାହାରେ ଯୋଗାଇ ଦିଆଯିବା ଉଚିତ । ଶ୍ରୀମନ୍ଦିର ବାହାର ପରିକ୍ରମା ଅଞ୍ଚଳର ମେଘନାଦ ପାଚେରୀ କଡ଼ରେ ଏକ କ୍ୟୁ କମ୍ପ୍ଲେକ୍ସ ବିକଶିତ କରାଯାଉ, ଯାହାର ଛାତରେ ପଙ୍ଖା ଲାଗିଥିବ ଏବଂ ଧାଡି ପାଖରେ ବସିବା ପାଇଁ ବେଞ୍ଚ ଥିବ । ଏଭଳି ବ୍ୟବସ୍ଥା ଅନ୍ୟ ବଡ଼ବଡ଼ ତୀର୍ଥ ଅଞ୍ଚଳରେ ରହିଛି । ତେଣୁ ଓଡିଶା ସରକାର ଏହା କରିବା ଆବଶ୍ୟକ ।

**–ବିଶ୍ୱନାଥ ପଣ୍ଡା, ସଭାପତି, ଶ୍ରୀ ଜଗନ୍ନାଥଙ୍କ ଭକ୍ତ ସଂଘ, ଓଡ଼ିଶା**

## ଚିରନ୍ତନୀ

ସବୁ ଜୀବ-ଗ୍ରାମ
ପଥ ଛାଡ଼ି ଗୃହେ ଏବେ ଲୋଡ଼ଇ ବିଶ୍ରାମ
କ୍ଷୀଣସ୍ରୋତେ ଶୁଭ୍ର ବାଲି ପରେ
ସୁକୋମଳ ସାନ୍ଧ୍ୟ ଛାୟା ମୃଦୁ ମୃଦୁ ଝରେ ।
–(ଚକ୍ରବାକ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏଥର ନବଯୌବନ ଦର୍ଶନ ବନ୍ଦ

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ**

■ ଭକ୍ତଙ୍କୁ ଶ୍ରୀମନ୍ଦିର ପ୍ରବେଶ ମନା
■ ପହଣ୍ଡି ଟିକେଟ ଦର୍ଶନ ହେବନି

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷର ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୭ରେ ଅନୁଷ୍ଠିତ ହେବାକୁ ଯାଉଛି। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ମଙ୍ଗଳବାର ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିଲେ। ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକରେ ଚୂଡ଼ାନ୍ତ ହୋଇଥିବା ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତିନିର୍ଘଣ୍ଟକୁ ପରିଚାଳନା କମିଟି ବୈଠକରେ ଅନୁମୋଦନ କରାଯାଇଛି। ସେହିପରି ଚଳିତବର୍ଷ ତିଥି କ୍ଷୟ ଯୋଗୁ ଗୋଟିଏ ଦିନରେ ରଥଯାତ୍ରା, ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ପଡୁଛି। ତେଣୁ ନବଯୌବନ ଦର୍ଶନ ବନ୍ଦ ରହିବ। ଭକ୍ତଙ୍କୁ ଶ୍ରୀମନ୍ଦିରକୁ ପ୍ରବେଶ ଉପରେ କଟକଣା ଜାରି ହେବ। ପହଣ୍ଡି ଟିକେଟ ଦର୍ଶନକୁ ମଧ୍ୟ ବନ୍ଦ ରଖାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ୧୯୭୧ ମସିହା ଅନୁଯାୟୀ ଚଳିତବର୍ଷର ରଥଯାତ୍ରା ଆୟୋଜନ କରାଯିବ ଏବଂ ରଥଯାତ୍ରା ଦିନ ଅପରାହ୍ଣ ୫ଟାରେ ରଥଟଣା ହେବ ବୋଲି ପରିଚାଳନା କମିଟି ବୈଠକରେ ସ୍ଥିର ହୋଇଛି।

ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ କହିଛନ୍ତି, ଛତିଶା ନିଯୋଗ ବୈଠକରେ ଚୂଡ଼ାନ୍ତ ହୋଇଥିବା ନୀତିନିର୍ଘଣ୍ଟ ଓ ବ୍ୟବସ୍ଥାବଳୀକୁ ପରିଚାଳନା କମିଟି ବୈଠକରେ ଅନୁମୋଦନ କରାଯାଇଛି। ୧୯୭୧ ମସିହା ଅନୁଯାୟୀ ଚଳିତବର୍ଷର ରଥଯାତ୍ରା ଅନୁଷ୍ଠିତ ହେବ। ପଟିଦିଅଁଙ୍କଠାରୁ ଆଜ୍ଞାମାଳ ଯିବା ପରେ ରଥଖଳାରୁ ସିଂହଦ୍ୱାର ନିକଟକୁ ରଥଟଣା ହେବ। ରଥଯାତ୍ରା ପୂର୍ବ ରାତ୍ର ୨ଟାରେ ମଙ୍ଗଳ ଆଳତି, ୨ଟା ୪୦ରେ ଦଶାବତାର ଠାକୁର ବାହୁଡ଼ା ବିଜେ, ୩ଟାରେ ଅଣସର ତାଟି ଫିଟା, ୩ଟା ୪୫ରେ ଦଇତାପତି ସର୍ବାଙ୍ଗ ହେବ। ରଥଯାତ୍ରା ଦିନ ଭୋର ୪ଟାରେ ନେତ୍ରୋତ୍ସବ ବନ୍ଦାପନା, ୫ଟା ୨୫ରେ ଦ୍ୱାରପାଳ ପୂଜା ହେବ। ସକାଳ ୬ରୁ ୭ଟା ମଧ୍ୟରେ ଗୋପାଳବଲ୍ଲଭ ଓ ସକାଳ ଧୂପ, ୭ଟା ୩୦ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ସେନାପଟା ଲାଗି, ପୂର୍ବାହ୍ନ ୧୧ଟାରେ ରଥ ପ୍ରତିଷ୍ଠା, ଅପରାହ୍ଣ ୧ଟାରେ ମଙ୍ଗଳାର୍ପଣ, ୧ଟା ୧୦ରେ ଧାଡ଼ି ପହଣ୍ଡି ଆରମ୍ଭ ହେବ। ୨ଟା ୩୦ରେ ପହଣ୍ଡି ଶେଷ, ୪ଟାରେ ଛେରାପହଁରା କରାଯିବ। ୪ଟା ୩୦ରେ ଚାରଫିଟା ଓ ଘୋଡ଼ା ସାରଥି ଲାଗିବ। ଅପରାହ୍ଣ ୫ଟାରେ ରଥଟଣା ଆରମ୍ଭ ହେବ। ଜୁଲାଇ ୧୫ରେ ବାହୁଡ଼ା ଯାତ୍ରା ଓ ୧୭ରେ ସୁନାବେଶ ଅନୁଷ୍ଠିତ ହେବ।

ସେହିପରି ସଦସ୍ୟମାନଙ୍କ ମତ ଅନୁଯାୟୀ, ଶ୍ରୀମନ୍ଦିରରେ ଥିବା ପୁରୁଣା ରେକର୍ଡଗୁଡ଼ିକର ସଂରକ୍ଷଣ ନେଇ ଡିଜିଟାଇଜେଶନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା କହିଛନ୍ତି, ଆଲୋଚନା କରିବା ଓ ଶାସ୍ତ୍ର ଦେଖିବା ପରେ ସମସ୍ତ ନୀତିନିର୍ଘଣ୍ଟ ସ୍ଥିର କରାଯାଇଛି। ଚଳିତବର୍ଷ ଗୋଟିଏ ଦିନରେ ରଥଯାତ୍ରା, ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ନୀତିକାନ୍ତି କରିବାକୁ ଥିବାରୁ ସମୟ ଅଭାବ ଓ ଭିଡ଼କୁ ଦୃଷ୍ଟିରେ ରଖି ନବଯୌବନ ଦର୍ଶନ ବନ୍ଦ ରଖାଯିବ। ଭକ୍ତଙ୍କୁ ଶ୍ରୀମନ୍ଦିରକୁ ପ୍ରବେଶ ଉପରେ କଟକଣା ଜାରି ହେବ। ପହଣ୍ଡି ସମୟରେ ଯେଉଁ ଟିକେଟ ଦର୍ଶନ ହେଉଥିଲା ତାହା ମଧ୍ୟ ବନ୍ଦ ରହିବ। ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ସେବାୟତ ଓ ସେବାୟତ ପରିବାର ଶ୍ରୀମନ୍ଦିର ପରିସରକୁ ଯାଇପାରିବେ, କିନ୍ତୁ ଭିତରକୁ ପ୍ରବେଶ ଉପରେ କଟକଣା ରହିବ। ନୀତିକୁ ଶୀଘ୍ର ସମ୍ପାଦନ କରିବା ନିମନ୍ତେ ନୀତି ପୂର୍ବରୁ ସମସ୍ତ ସେବାୟତଙ୍କୁ ଉପସ୍ଥିତ ରହିବାକୁ କୁହାଯାଇଛି। ମହାପ୍ରଭୁଙ୍କ ଆଶୀର୍ବାଦ ରହିଲେ ଓ ନୀତି ଶୀଘ୍ର ହେଲେ ରଥ କିଛି ବାଟ ଗଡ଼ିଯିବ ବୋଲି ପୂଜାପଣ୍ଡା କହିଛନ୍ତି।



ବୈଠକରେ ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ, ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ଏବଂ ଅନ୍ୟମାନେ।

## ୩୪ ଲକ୍ଷ ଠକାମିର ଶିକାର ହେଲେ ଡାକ୍ତର

ବାରିପଦା,୨୫।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ବିଶ୍ୱନାଥ ଦାସ ଅନ୍‌ଲାଇନ ଟ୍ରେଡିଂଆପ୍ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଠକାମିର ଶିକାର ହୋଇଛନ୍ତି। ଏନେଇ ସେ ଜିଲା ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୧୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, କାର୍ଲିଲ ଗ୍ରୁପ ଇଣ୍ଡିଆ ଇକ୍ୟୁଟି ଫାଇନାନ୍ସ କ୍ଲବ ନାମକ ଏକ ବାଣିଜ୍ୟ ପୁଞ୍ଜି ବିନିଯୋଗ ଗୋଷ୍ଠୀର ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଡା. ଦାସ ଯୋଗ ଦେଇଥିଲେ। ଏହି ଗ୍ରୁପ୍‌ରେ ତରୁଣ ଜୈନ ମେଣ୍ଟର ଓ ଆସିଷ୍ଟାଣ୍ଟ ଭାବେ ରାମ ଶର୍ମାଙ୍କ ନେତୃତ୍ୱରେ ପୁଞ୍ଜି ବିନିଯୋଗ କରାଯାଉଥିଲା। ଏହାକୁ ଅନୁକରଣ କରି ଶେୟାର କ୍ରୟ ଏବଂ ବିକ୍ରୟ ପାଇଁ ମେ ୩ରୁ ୭ ଜୁନ୍ ମଧ୍ୟରେ ଡା. ଦାସ ବିଭିନ୍ନ ଆକାଉଣ୍ଟରେ ଟଙ୍କା ଟ୍ରାନ୍ସଫର କରିବାକୁ ଲାଗିଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଜରିଆରେ ୧୮ଲକ୍ଷ ୨୦ହଜାର, ପିଏନ୍‌ବି ଜରିଆରେ ୩ଲକ୍ଷ ୫୦ହଜାର ଓ ଏସ୍‌ବିଆଇ ଜରିଆରେ ୧୨ଲକ୍ଷ ୭୪ହଜାର ଟଙ୍କାକୁ ମିଶାଇ ମୋଟ ୩୪ଲକ୍ଷ ୪୪ହଜାର ଟଙ୍କା ସେ ୯ଟି ବିଭିନ୍ନ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ। ତେବେ ଜୁନ୍ ୭ରେ ଭିଲାସ ଟ୍ରାନ୍ସକୋର ଲିମିଟେଡ୍‌ରୁ ୪୧ଲକ୍ଷ ୭୦ହଜାର ଟଙ୍କା ଆଇପିଓ କିଣିବାର ୭ଦିନ ପରେ ସବସ୍କ୍ରିପସନ(ସଦସ୍ୟତା) ଥିବା ୩୦ହଜାର ଶେୟାରକୁ ୧୦ଜୁନରେ କାର୍ଲିଲ ଆକାଉଣ୍ଟକୁ ବିକ୍ରି କରିବା ସମୟରେ ଆକାଉଣ୍ଟଟି ଦେଖିବାକୁ ମିଳି ନ ଥିଲା। ଆକାଉଣ୍ଟର ମେଣ୍ଟର, ଆସିଷ୍ଟାଣ୍ଟ ଓ ଗ୍ରାହକଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିଲା ନାହିଁ। ଫଳରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇ ଥାନାରେ ଅଭିଯୋଗ କରିଛନ୍ତି।

## ବୃଦ୍ଧାଙ୍କୁ କଚାଡ଼ି ମାରିଲା ହାତୀ

ନୀଳଗିରି, ୨୫।୬ (ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଉପଖଣ୍ଡରେ ଦିନକୁ ଦିନ ବୃଦ୍ଧି ପାଇଛି ହାତୀପଲଙ୍କ ଆତଙ୍କରାଜ। କୁଲଡିହା ଅଭୟାରଣ୍ୟରୁ ହାତୀପଲ ଗାଁ ମୁହାଁ ହୋଇ ଆଖପାଖ ଅଞ୍ଚଳରେ ପଶି ଧନଜୀବନ ନଷ୍ଟ କରୁଛନ୍ତି। ଗତ ସୋମବାର ବିଳମ୍ବିତ ରାତିରେ ୩ଟି ହାତୀ ଖସି ଆସି ଶ୍ୟାମସୁନ୍ଦରପୁର ପଞ୍ଚାୟତ ଶ୍ରୀଦେଇପୁର ନିକଟ କାଇଂଶପାଳ ଗ୍ରାମର ଜଣେ ୬୨ବର୍ଷୀୟ ବୃଦ୍ଧାଙ୍କୁ କଚାଡ଼ି ମାରିଦେଇଥିବା ଅଭିଯୋଗ ପରେ ବନବିଭାଗ ତଦନ୍ତ ଆରମ୍ଭ ହୋଇଛି। ଉକ୍ତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ସ୍ତ୍ରୀ ପୁଷ୍ପି ଗତ ସୋମବାର ରାତି ପ୍ରାୟ ୧୨ଟା ବେଳେ ପରିସ୍ରା କରିବାକୁ ଘରବାଡ଼ି ପଛକୁ ଯାଇଥିଲେ। ଉକ୍ତ ବାଡ଼ିରେ ଆମ୍ବ ଓ କଦଳୀ ଗଛ ଖାଇବାକୁ ପଶିଆସିଥିବା ୩ଟି ହାତୀ ମଧ୍ୟରୁ ଗୋଟିଏ ହାତୀ ଆକ୍ରମଣରେ ବୃଦ୍ଧାଜଣକ ପଡ଼ିଯିବାରୁ ହାତୀଟି ଶୁଣ୍ଢରେ କଚାଡି ଦେଇଥିଲା। ବୃଦ୍ଧାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଚେତାଶୂନ୍ୟ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍ପିଟାଲକୁ ଆଣିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ବେଳେ ପରିବାର ପକ୍ଷରୁ ନୀଳଗିରି ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇଛି। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଛି।

## ପ୍ରଥମଥର ଦୁବାଇ ଗଲା କଳାହାଣ୍ଡି ଆମ୍ବ

ଭବାନୀପାଟଣା,୨୫।୬ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ଆମ୍ବର ଚାହିଦା ପ୍ରଥମେ ଦେଶ ଭିତରେ ରହିଥିବାବେଳେ ଏବେ ବିଦେଶରେ ମଧ୍ୟ ଚାହିଦା ବଢ଼ିଛି। ମଙ୍ଗଳବାର ଜିଲାର ନର୍ଲା ବ୍ଲକ ସାଡିଙ୍ଗତରା ଗ୍ରାମରୁ ପ୍ରଥମଥର ପାଇଁ ଦୁବାଇକୁ ୨୫ କୁଇଣ୍ଟାଲ ଆମ୍ବ ପଠାଯାଇଛି। ସଡ଼କ ପଥରେ ଏହି ଆମ୍ବ ଭୁବନେଶ୍ୱର ପର୍ଯ୍ୟନ୍ତ ଯାଇ ସେଠାରୁ ବିମାନ ଯୋଗେ ଦୁବାଇକୁ ଯିବ। ସାଡିଙ୍ଗତରା ଗ୍ରାମର ମହିଳା ଚାଷୀ ଶ୍ରଦ୍ଧାଞ୍ଜଳି ମାଝିଙ୍କଠାରୁ ଏହି ଆମ୍ବକୁ ପାଫ ଗ୍ରୁପ ଓ ଶାନ ଟ୍ରେଡେର୍ସ କ୍ରୟ କରି ଦୁବାଇକୁ ପଠାଇଥିବା ଜଣାପଡ଼ିଛି। ଆମ୍ବ ପଠାଇବା ସମୟରେ ଜିଲା ଉଦ୍ୟାନ ଅଧିକାରୀ କିଶୋର ମହାଲିଙ୍ଗଙ୍କ ସମେତ ସ୍ଥାନୀୟ ଚାଷୀ ଗ୍ରୁପର କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-KURENHM-BAM-262-2024

କାର୍ଯ୍ୟର ନାମ : 03 ବର୍ଷ ସମୟାବଧି ନିମନ୍ତେ ପ୍ଲାଟଫର୍ମ, ଅଫିସ୍ ବିଲ୍ଡିଙ୍ଗ, ଆରକ୍ଷଣ କାର୍ଯ୍ୟାଳୟ, କନକୋର୍ସ ଏରିଆ, ପରିଚାଳନା କ୍ଷେତ୍ର, ପ୍ରତୀକ୍ଷା ହଲ, ୟାର୍ଡ୍, ହୋମ୍ ସିଗ୍‌ନାଲ ଟୁ ହୋମ୍ ସିଗ୍‌ନାଲ ପର୍ଯ୍ୟନ୍ତ ୟାର୍ଡ୍ ସହିତ ବ୍ରହ୍ମପୁର ଷ୍ଟେସନର ସଫେଇ ଏବଂ ବ୍ରହ୍ମପୁର(BAM) କଲୋନୀର ଦୈନିକ ସଫେଇ ଏବଂ ଝାଡୁମାରିବା ତଥା ବ୍ରହ୍ମପୁରର ଷ୍ଟେସନ ଏବଂ କଲୋନୀଠାରୁ ନଗରପାଳିକା ମାର୍ଗଦର୍ଶିକା ଇତ୍ୟାଦି ଅନୁଯାୟୀ ଡମ୍ପିଂ ୟାର୍ଡ୍ ପର୍ଯ୍ୟନ୍ତ 165 Cu Ft. ଆବର୍ଜନାଗୁଡ଼ିକରର ନିଷ୍କାସନ।

ବିଜ୍ଞାପିତ ମୂଲ୍ୟ (₹) : 6,42,50,721.02, EMD (₹) : 4,71,300.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 11,800.00, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ: ତା.27.06.2024ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.07.2024ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ଖୋର୍ଦ୍ଧା ରୋଡ୍

PR-243/P/24-25

## ଆସିଲେନି ସାକ୍ଷୀ, ୨୭କୁ ଶୁଣାଣି ଘୁଞ୍ଚିଲା

**ଅଭିନେତ୍ରୀ ବର୍ଷାଙ୍କୁ ନିର୍ଯାତନା ମାମଲା**

କଟକ,୨୫।୬ (କାର୍ତ୍ତିକ ସାହୁ)

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଦେବା ମାମଲାରେ କଟକ ଜେଏମ୍‌ଏଫ୍‌ସି (ଏମ୍‌ପି/ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟ)ରେ ମଙ୍ଗଳବାର କେହି ସାକ୍ଷୀ ହାଜର ହୋଇନାହାନ୍ତି। ଫଳରେ ମାମଲାର ଶୁଣାଣିକୁ ଆସନ୍ତା ୨୭ ତାରିଖକୁ ଘୁଞ୍ଚାଇ ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ଅଭିନେତା ତଥା ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତିଙ୍କ ବିରୋଧରେ ବର୍ଷା ପୁରୀଘାଟ ଥାନାରେ ୨୦୨୦ରେ ନିର୍ଯାତନା ମାମଲା ଦାଏର କରିଥିଲେ। ଅନୁଭବ ତାଙ୍କୁ ମାନସିକ, ଶାରୀରିକ ଭାବେ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁ ମଧ୍ୟ ବର୍ଷାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଇଥିଲେ। ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ୍ ଦାଏର କରିଥିଲେ। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖାଯାଇଥିଲା। କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବ ମହାନ୍ତି କରିଥିବା ଆବେଦନକୁ ଗତ ମେ’ ୮ ତାରିଖରେ ଖାରଜ କରିଦେଇଥିଲେ।



ଏଥିସହ ମେ’ ୧୦ରେ ଚାର୍ଜଫ୍ରେମ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଦିନ ଅନୁଭବଙ୍କୁ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅନୁଭବ କୋର୍ଟରେ ହାଜର ନ ହୋଇ ସମୟ ଗଡ଼ାଇବାରୁ ତାଙ୍କ ବିରୋଧରେ ଜାମିନ୍‌ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଥିଲା। ସ୍ୱତନ୍ତ୍ର କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ଆବେଦନର ଶୁଣାଣି କରି ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଥିଲେ। ଏଥିସହ ଅନୁଭବ ଜୁନ୍ ୨୩ ତାରିଖ ମଧ୍ୟରେ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହୋଇପାରିବେ ବୋଲି ହାଇକୋର୍ଟ ଆଦେଶ ଦେଇଥିଲେ। ଏନବିଡବ୍ଲ୍ୟୁ ମାମଲାରେ ଅନୁଭବ ଗୁରୁବାର ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇଥିଲେ। ଅନୁଭବ ହାଜର ହେବା ପରେ ତାଙ୍କ ନାମରେ ଓ ତାଙ୍କ ଦୁଇ ସହଯୋଗୀଙ୍କ ନାମରେ ଚାର୍ଜଫ୍ରେମ ହୋଇସାରିଛି। ଏଣିକି ସାକ୍ଷ୍ୟ ଗ୍ରହଣ ଅଦାଲତଙ୍କ ବିଚାର ପ୍ରକ୍ରିୟା ଜରିଆରେ ଚାଲିବ ବୋଲି ଆଇନଜୀବୀ ଅଫ୍ରଜ ଅହମଦ ସୂଚନା ଦେଇଛନ୍ତି।

ଅପରପକ୍ଷରେ ଅନୁଭବଙ୍କ ବିରୋଧରେ ବର୍ଷା ୨୦୨୨ରେ ହାଇକୋର୍ଟରେ କରିଥିବା ଅଦାଲତ ଅବମାନନା ମାମଲା ଶୁଣାଣିରେ ସୋମବାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏହି ମାମଲାରେ ଆଗେଇବାକୁ ଚାହୁଁନାହାନ୍ତି ବୋଲି ବର୍ଷାଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଛି। ଫଳରେ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଅନ୍ତ ଘଟାଇଛନ୍ତି।

## ମଧ୍ୟାହ୍ନଭୋଜନ ପରିବର୍ତ୍ତେ ପିଲାଙ୍କୁ ୫ ଟଙ୍କିଆ ବିସ୍କୁଟ

**ବିଦ୍ୟାଳୟରେ ଚାଉଳ ଅଭାବ**

ଛେଣ୍ଡିପଦା,୨୫।୬ (ଅଜିତ ଧଳ)

ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଦେବାକୁ ଚାଉଳ ନାହିଁ। ଫଳରେ ଛାତ୍ରୀଛାତ୍ରମାନଙ୍କୁ ଭାତ, ଡାଲି ପରିବର୍ତ୍ତେ ଦିଆଯାଉଛି ୫ ଟଙ୍କିଆ ବିସ୍କୁଟ। ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର କେତୋଟି ବିଦ୍ୟାଳୟରେ କିଛିଦିନ ହେଲା ଏପରି ଅବ୍ୟବସ୍ଥା ଦେଖାଦେଇଥିବା ସାଧାରଣରେ ଅଭିଯୋଗ ହେଉଛି।

କେତେଜଣ ଅଭିଭାବକ ଅଭିଯୋଗ କରିଛନ୍ତି, ଗ୍ରୀଷ୍ମ ଛୁଟି ପାଇଁ ଦେଢ଼ମାସ ହେଲା ସ୍କୁଲ ବନ୍ଦ ରହିଥିଲା। ହେଲେ ସ୍କୁଲ ଖୋଲିବା ପରେ କେତୋଟି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପିଲାଙ୍କୁ ଦିଆଯାଇପାରୁ ନାହିଁ। କାରଣ ଉକ୍ତ ସ୍କୁଲଗୁଡ଼ିକରେ ଥିବା ମଧ୍ୟାହ୍ନ ଭୋଜନ ଚାଉଳ ସରିଯାଇଛି। ପ୍ରଶାସନ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ କରାଯାଇ ନ ଥିବାରୁ ପିଲାମାନେ ଭୋକରେ ରହୁଛନ୍ତି। ରାଜ୍ୟ ସରକାର ବିଦ୍ୟାଳୟଗୁଡ଼ିକରେ ପୂର୍ବପରି ମଧ୍ୟାହ୍ନ ଭୋଜନ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଛେଣ୍ଡିପଦାର କିଛି ସ୍କୁଲରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଖରା ଛୁଟି ପୂର୍ବରୁ କେତୋଟି ବିଦ୍ୟାଳୟ କର୍ତ୍ତୃପକ୍ଷ ନିକଟସ୍ଥ ଅଙ୍ଗନୱାଡି ଓ ରାଶନ ଡିଲରଙ୍କ ଠାରୁ ଚାଉଳ ଉଧାର ଆଣି ମଧ୍ୟାହ୍ନଭୋଜନ ଦେଇଥିଲେ। କିନ୍ତୁ ସରକାର ଚାଉଳ ଯୋଗାଇ ନ ଥିବାରୁ ଉଧାର ଅଣାଯାଇଥିବା ଚାଉଳ ବିଦ୍ୟାଳୟ କର୍ତ୍ତୃପକ୍ଷ ଶୁଝିପାରି ନାହାନ୍ତି। ତେଣୁ ଆସନ୍ତା ୩ ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ ବିଦ୍ୟାଳୟଗୁଡ଼ିକୁ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ଯୋଗାଇ ନ ଦେଲେ ଘୋର ଅବ୍ୟବସ୍ଥା ସୃଷ୍ଟି ହେବ ବୋଲି ଜଣେ ଶିକ୍ଷକ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏ ନେଇ ଛେଣ୍ଡିପଦା ଗୋଷ୍ଠୀ ଶିକ୍ଷାଧିକାରୀ ମଧୁସ୍ମିତା ନନ୍ଦ କହିଛନ୍ତି, ୧୯୧ଟି ସ୍କୁଲରେ ମଧ୍ୟାହ୍ନ ଭୋଜନ ଦିଆଯାଉଛି। ଶିକ୍ଷକମାନେ ମଧ୍ୟାହ୍ନ ଭୋଜନ ଆପ୍‌ରେ ମତ ଦେଇଛନ୍ତି। ଚାଉଳ ଅଭାବ ଥିବା ନେଇ କୌଣସି ଅଭିଯୋଗ ଆସିନାହିଁ। ଚଳିତ ମାସରେ ଚାଉଳ ଦେବା ବିଳମ୍ବ ହୋଇଛି। କିଛି ସ୍କୁଲକୁ ଚାଉଳ ଯୋଗାଇ ଦିଆଯାଇଥିବା ବେଳେ ଅନ୍ୟ ବିଦ୍ୟାଳୟକୁ ୪ଦିନ ମଧ୍ୟରେ ଯୋଗାଇ ଦିଆଯିବ।

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. 17-KUR-TRD-OT-2024-25

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଲେଭେଲ କ୍ରସିଙ୍ଗ୍ ନଂ. 183, 274, 317 ଏବଂ 320 କୁ ବନ୍ଦ କରିବା ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) / ରୋଡ୍ ଅଣ୍ଡର ବ୍ରିଜ୍ (RUB) ସହିତ ରୋଡ୍ ଓଭର ବ୍ରିଜ୍ (ROB)ର ନିର୍ମାଣ।

ବିଜ୍ଞାପିତ ମୂଲ୍ୟ (₹) : 14,32,273.78, EMD (₹) : 28,700.00।

(2) ଟେଣ୍ଡର ସଂ. 14-KUR-TRD-OT-2024-25

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳ ପରିସୀମା ଅଧୀନସ୍ଥ ମିଶନ-3000 MT ସମ୍ବନ୍ଧୀୟ ଖୋର୍ଦ୍ଧା ରୋଡ୍-ପଲାସା ସେକ୍ସନରେ ମେଜର ପୋଲ (BGML) ଗର୍ଡ଼ରଗୁଡ଼ିକର ପ୍ରସ୍ତାବିତ ସ୍ଥାନାନ୍ତରଣ ସମ୍ବନ୍ଧୀୟ OHE ରୂପାନ୍ତରଣ।

ବିଜ୍ଞାପିତ ମୂଲ୍ୟ (₹) : 1,17,42,034.51, EMD (₹) : 2,08,700.00।

ଶେଷ ହେବା ଅବଧି : 180 ଦିନ (କ୍ରମ ସଂ. 1 ଏବଂ 2 ପାଇଁ)।

ବିଡ୍ ଆରମ୍ଭ ହେବା ତାରିଖ : ତା.26.06.2024 ରିଖ (କ୍ରମ ସଂ. 1 ଏବଂ 2 ପାଇଁ), ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.07.2024 ରିଖ 1300 ଘଟିକାରେ (କ୍ରମ ସଂ. 1 ଏବଂ 2 ପାଇଁ)।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-240/P/24-25

## ବଜ୍ରପାତରେ ଛାତ୍ରଙ୍କ ମୃତ୍ୟୁ

ଚଣ୍ଡିଖୋଲ,୨୫।୬(ପ୍ରଦୀପ୍ତ କୁମାର ପୃଷ୍ଟି)

ବଜ୍ରପାତରେ ମଙ୍ଗଳବାର ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହାସ୍ଥିତ ଭଗବତୀ ବିଦ୍ୟାପୀଠର ଜଣେ ୯ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ବ୍ଲକ୍ ଅଧୀନ ମଙ୍ଗରାଜପୁର ଗ୍ରାମର ମୋହନ ସେନାପତିଙ୍କ ପୁଅ ଡିଭୁନି ସେନାପତି(୧୪)। ଅପରାହ୍ଣରେ ପ୍ରବଳ ବର୍ଷା ପବନ ଆସିବାରୁ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଥିଲା। ଫଳରେ ଛାତ୍ରୀଛାତ୍ର ଘରକୁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ହୋଇଥିଲା। ବାଟରେ ଡିଭୁନିଙ୍କୁ ବଜ୍ରପାତ ହେବାରୁ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ବିୟୋଗରେ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ ଓ ସହପାଠୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ଲେଖକ ହରପ୍ରସାଦ ଦାସଙ୍କୁ କୋର୍ଟ ଝଟକା

**ମାନହାନି ଆବେଦନ ଖାରଜ**

ଭୁବନେଶ୍ୱର,୨୫।୬

ଜଣେ ଜଣେ ଅଧ୍ୟାପିକାଙ୍କୁ ସାମାଜିକ ଗଣମାଧ୍ୟମରେ ଅରୁଚିକର ମେସେଜ ଦେବା ସହ ବିଳମ୍ବିତ ରାତିରେ ଭିଡିଓ କଲ୍ କରି ଲେଖକ ହରପ୍ରସାଦ ଦାସ ମାନସିକ ନିର୍ଯାତନା ଦେବା ଅଭିଯୋଗକୁ ନେଇ ଅତୀତରେ ଚର୍ଚ୍ଚା ଜୋର ଧରିଥିଲା। ଏ ନେଇ ସେତେବେଳେ କିଛି ବିଶିଷ୍ଟ ଲେଖକ ମହିଳା କମିଶନଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ମାତ୍ର ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିବା ସହ ହରପ୍ରସାଦ ଭୁବନେଶ୍ୱର ଅଦାଲତରେ ମାମଲା ରୁଜୁ କରିଥିଲେ। ତେବେ ଶୁଣାଣି ସମୟରେ ସେ କିମ୍ବା ତାଙ୍କ ଓକିଲ ଉପସ୍ଥିତ ନ ରହିବାରୁ କୋର୍ଟ ମାମଲାକୁ ଖାରଜ କରିଦେଇଛନ୍ତି। ଏହା ଲେଖକ ହରପ୍ରସାଦଙ୍କୁ ଅଦାଲତ ଝଟକା ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ୨୦୧୭ରେ ହରପ୍ରସାଦ ଦାୟର କରିଥିବା ମାମଲାରେ ସମ୍ବାଦ କଳିକା, ‘ସମ୍ବାଦ କଳିକା’ର ପ୍ରକାଶିକା ବାସନ୍ତୀ ରାୟ, ସମ୍ପାଦକ ଜୟାଶିଷ ରାୟ, ପଲ୍ଲୀଶ୍ରୀ ପଟ୍ଟନାୟକ, ଉମାକାନ୍ତ ରାଉତ, କୁଳାଙ୍ଗାର (ପ୍ରୀତିକାନ୍ତ ପଣ୍ଡା), ଅସିତ ମହାନ୍ତି, ମନୁ ଦାଶ, ଅମୀୟ ପାଣ୍ଡବ ଓ ବିମଳେନ୍ଦୁ ମହାନ୍ତିଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ସିନିୟର ସିଭିଲ ଜଜ୍‌ଙ୍କ ପାଖରେ ମାନହାନୀ ଓ ଭୁବନେଶ୍ୱର ଏସଡିଜେଏମ୍‌ଙ୍କ କୋର୍ଟରେ ଆପରାଧିକ ମାମଲା ଦାୟର ହୋଇଥିଲ। ମାମଲା ବିଚାରାଧୀନ ଥିବାବେଳେ ହରପ୍ରସାଦଙ୍କ ପକ୍ଷରୁ ଦୀର୍ଘ ସାତବର୍ଷ ଧରି ବାରମ୍ବାର ସମୟ ନିଆଯାଇଥିଲା। ମାତ୍ର ଗତ ଏପ୍ରିଲ ୧୦ରେ ତାଙ୍କ ଆଇନଜୀବୀ ଅଧିକ ସମୟ ଲୋଡି ଏକ ପିଟିସନ ଦାଖଲ କରିଥିଲେ। କିନ୍ତୁ ପିଟିସନ ଶୁଣାଣି ବେଳେ ସେ କିମ୍ବା ତାଙ୍କ ଆଇନଜୀବୀ ଉପସ୍ଥିତ ନ ଥିବାରୁ କୋର୍ଟ ପିଟିସନକୁ ଖାରଜ କରିଦେଇଥିଲେ। ସେହିପରି ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ସିଭିଲଜଜ୍‌ଙ୍କ ଅଦାଲତ ହରପ୍ରସାଦଙ୍କ ମୂଳ ଆବେଦନକୁ ଖାରଜ କରିଦେଇଛନ୍ତି। ହରପ୍ରସାଦଙ୍କ ପକ୍ଷରୁ ଏହି ମାମଲା ଚିତ୍ତରଂଜନ ବୈରୀଶଲ୍ୟ ଲଢୁଥିବାବେଳେ, ପ୍ରତିପକ୍ଷଙ୍କ ପକ୍ଷରୁ ଶୀଳଭଦ୍ର ଶାସ୍ତ୍ରୀ, ଅଶୋକ ମହାପାତ୍ର, ବନବିହାରୀ ମହାନ୍ତି, ଶୁଭାଶିଷ ରାୟ, ଧ୍ରୁବଚରଣ ମହାନ୍ତି ଓ ମିହିରକାନ୍ତ ମହାନ୍ତି ପ୍ରମୁଖ ଲଢୁଥିଲେ।

## ରୁଙ୍ଗଟା କାରଖାନା ପରିସରରେ ଗୋଷ୍ଠୀ ସଂଘର୍ଷ

**ଓଡ଼ିଆ-ଅଣଓଡ଼ିଆ ଶ୍ରମିକ ହାତାହାତିରୁ ଉତ୍ତେଜନା**




ଢେଙ୍କାନାଳ ଜିଲା ଝାଡ଼ବନ୍ଧ ଗ୍ରାମସ୍ଥିତ ରୁଙ୍ଗଟା ମାଇନ୍ସ ଲିମିଟେଡ୍ କାରଖାନା।

ଢେଙ୍କାନାଳ,୨୫।୬(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ଝାଡବନ୍ଧ ଗ୍ରାମସ୍ଥିତ ରୁଙ୍ଗଟା ମାଇନ୍ସ ଲିମିଟେଡ୍ କାରଖାନା ପରିସରରେ ମଙ୍ଗଳବାର ପୁଣି ଉତ୍ତେଜନା ଦେଖାଦେଇଥିଲା। ସୋମବାର ଏକ ଷ୍ଟ୍ରକଚର ଭୁଶୁଡ଼ି ପଶ୍ଚିମବଙ୍ଗର ୨ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ସକାଳ ପ୍ରାୟ ୮ଟାରେ କମ୍ପାନୀ ପରିସରରେ କାର୍ଯ୍ୟରତ ଓଡ଼ିଆ ଓ ଅଣଓଡ଼ିଆ ଶ୍ରମିକ ୨ ଗୋଷ୍ଠୀ ହୋଇ ହାତାହାତି ହେବା ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଗୋଷ୍ଠୀ ସଂଘର୍ଷ ଯୋଗୁ ଉଭୟ ପକ୍ଷର ୪ଜଣ ଆହତ ହୋଇଥିଲେ। ସେମାନଙ୍କୁ ବଅଁରପାଳସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଖବରପାଇ ବାଲିମୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଦୁର୍ଘଟଣା ଘଟିଥିବା ସ୍ଥାନରେ କାମ କରିବା ଏବଂ ନ କରିବାକୁ ନେଇ ଓଡ଼ିଆ, ଅଣଓଡ଼ିଆ ଶ୍ରମିକଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବାରୁ ଏହି ସଂଘର୍ଷ ହୋଇଥିଲା। ପରେ ପୋଲିସ ଉପସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଦୁଇଗୋଷ୍ଠୀ ଶ୍ରମିକଙ୍କୁ ଏକାଠି କରି ଘଟଣାର ସମାଧାନ କରିଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି, ଘଟଣାକୁ ନେଇ କୌଣସି ମାମଲା ହୋଇନାହିଁ। ପୋଲିସ ଉପସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଓ ୨ ଗୋଷ୍ଠୀର ଶ୍ରମିକ ମିଶି ଆଲୋଚନା କରିବା ପରେ ସମାଧାନ ହୋଇଛି।

**ଚକ୍ରଧରପୁର ଡିଭିଜନର ଷ୍ଟେଶନଗୁଡ଼ିକରେ ଟିକେଟ ବିକ୍ରୟ ଯନ୍ତ୍ର (ଏଟିଭିଏମ୍) ଜରିଆରେ ଅଣସଂରକ୍ଷିତ ଟିକେଟ ଜାରି କରିବା ପାଇଁ ସୁବିଧାକାରୀଙ୍କ ନିୟୋଜନ**

ବିଜ୍ଞାପନ ଅଧିସୂଚନା ନଂ.: ସିଓଏମ୍‌ଏମ୍‌ଏଲ୍.୮୦/ୟୁଟିଏସ୍ ପିଆର୍‌ଏସ୍ ସେଲ୍/ଏଟିଭିଏମ୍ ଫାସିଲିଟେଟର୍/୦୬/୨୪, ତାରିଖ: ୨୧।୦୬।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଡିଭିଜନ ଅବସରପ୍ରାପ୍ତ ରେଳପଥ କର୍ମଚାରୀ ଏବଂ ଜନସାଧାରଣଙ୍କଠାରୁ ନଅଟି ଷ୍ଟେଶନରେ ସ୍ମାର୍ଟ କାର୍ଡ ବ୍ୟବହାରକରି ସ୍ୱୟଂଚାଳିତ ଟିକେଟ ବିକ୍ରୟ ଯନ୍ତ୍ର (ଏଟିଭିଏମ୍) ଜରିଆରେ ଅଣସଂରକ୍ଷିତ ଟିକେଟ ଜାରି କରିବା ପାଇଁ ସୁବିଧାକାରୀଙ୍କ ନିୟୋଜନ ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି। ସ୍ମାର୍ଟ କାର୍ଡର ପ୍ରତ୍ୟେକ ରିଚାର୍ଜ ପାଇଁ କେବଳ ୩% ବୋନସ ଦିଆଯିବ। ଜଣେ ସୁବିଧାକାରୀ ଭାବେ କାର୍ଯ୍ୟ କରିବା ପାଇଁ ପ୍ରାରମ୍ଭିକ ଭାବେ ତା୩୧।୦୩।୨୦୨୫ରିଖ ପର୍ଯ୍ୟନ୍ତ ଅନୁମତି ଦିଆଯିବ ଏବଂ ସମୟ ସମୟରେ ପ୍ରାପ୍ତ ହୋଇଥିବା ଅର୍ଡରଗୁଡ଼ିକ ଆଧାରରେ ଉପରୋକ୍ତ ଅବଧିକୁ ବୃଦ୍ଧି କରାଯିବ। ଷ୍ଟେଶନ ସହିତ ତାହାର ବର୍ଗ ନିମ୍ନପ୍ରଦତ୍ତ ସାରଣୀରେ ଦିଆଯାଇଛି:

| କ୍ର.ସଂ. | ରେଳ ଷ୍ଟେଶନର ନାମ | ବର୍ଗ (ଏନ୍‌ଏସ୍‌ଜି) | ଆବଶ୍ୟକ ସୁବିଧାକାରୀଙ୍କ ସଂଖ୍ୟା |
|---|---|---|---|
| ୧ | ଟାଟାନଗର (ଟାଟା) | ୨ | ୦୪ |
| ୨ | ଆଦିତ୍ୟପୁର (ଏଡିଟିପି) | ୫ | ୦୧ |
| ୩ | ଗହ୍ମାରିଆ (ଜିଏମ୍‌ଏଚ୍) | ୫ | ୦୧ |
| ୪ | ସିନି (ଏସ୍‌ଆଇଏନ୍‌ଆଇ) | ୫ | ୦୧ |
| ୫ | ଚାଇଁବାସା (ସିବିଏସ୍‌ଏ) | ୫ | ୦୧ |
| ୬ | ଚକ୍ରଧରପୁର (ସିକେପି) | ୪ | ୦୨ |
| ୭ | ରାଉରକେଲା (ଆର୍‌ଓୟୁ) | ୩ | ୦୩ |
| ୮ | ରାଜଗାଙ୍ଗପୁର (ଜିପି) | ୫ | ୦୧ |
| ୯ | ଝାରସୁଗୁଡ଼ା (ଜେଏସ୍‌ଜି) | ୩ | ୦୧ |

ଅଧିସୂଚନା ଏବଂ ଆବେଦନ ଫର୍ମ ତା୧୪।୦୭।୨୦୨୪ରିଖ ୧୮.୦୦ ଘଟିକା ପର୍ଯ୍ୟନ୍ତ ରେଳପଥର ୱେବ୍‌ସାଇଟ୍: www.ser.indianrailways.gov.inରୁ ଡାଉନ୍‌ଲୋଡ୍ କରାଯିବା ଏବଂ ଏ୪ ଆକାର କାଗଜରେ ତାହାର ପ୍ରିଣ୍ଟଆଉଟ୍ ନିଆଯିବ। ଆବଶ୍ୟକ ସମସ୍ତ ସଂଲଗ୍ନକ ସମ୍ବଳିତ ଆବେଦନ ଫର୍ମକୁ ଏକ ଲଫାପାରେ ସିଲ୍ କରାଯାଇ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର, ପଶ୍ଚିମ ସିଂହଭୂମ ଜିଲ୍ଲା, ଝାଡ଼ଖଣ୍ଡ–୮୩୩୧୦୨ଙ୍କ କାର୍ଯ୍ୟାଳୟରେ ରଖାଯାଇଥିବା ଡ୍ରପ୍ ବକ୍ସରେ ତା୧୫।୦୭।୨୦୨୪ରିଖ ୧୩.୩୦ ଘଟିକା ସୁଦ୍ଧା ପକାଇଯାଇପାରିବ। ସେଗୁଡ଼ିକୁ ତା୧୫।୦୭।୨୦୨୪ରିଖ ୧୫.୩୦ ଘଟିକାରେ ଖୋଲାଯିବ। ଯଦି କୌଣସି ଅପ୍ରତ୍ୟାଶିତ କାରଣ ଯୋଗୁ କାର୍ଯ୍ୟାଳୟ ବନ୍ଦ ରହିଥାଏ, ତେବେ ଆବେଦନକୁ ପରବର୍ତ୍ତୀ କାର୍ଯ୍ୟଦିବସର ୧୩.୩୦ ଘଟିକା ପର୍ଯ୍ୟନ୍ତ ପକାଯାଇପାରିବ। ଯୋଗ୍ୟତା ମାନଦଣ୍ଡର ବିବରଣୀ ଆବେଦନ ଫର୍ମରେ ଦେଖାଯାଇପାରିବ। ଡାକରେ ପ୍ରାପ୍ତ ହୋଇଥିବା ଆବେଦନଗୁଡ଼ିକୁ ଗ୍ରହଣ କରାଯିବ ନାହିଁ।

(PR-302) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## ସଂକ୍ଷେପରେ

### ମେଡିକାଲ କଲେଜରେ ଖୋଲିବ ବାୟୋମେଡିକାଲ ଇଞ୍ଜିନିୟରିଂ ବିଭାଗ

ଭୁବନେଶ୍ୱର,୨୫।୬(ଅସମାପିକା ସାହୁ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଙ୍ଗଳବାର ଜାତୀୟ ସ୍ୱାସ୍ଥ୍ୟ ମିଶନ ମୁଖ୍ୟ କାର୍ଯ୍ୟାଳୟରେ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟକାରିତା ସହ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ରକ୍ତ ଶିକୁଳିଜନିତ ରକ୍ତ ସମସ୍ୟା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ମହାଲିଙ୍ଗ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଏକ ବଡ଼ ଦାୟିତ୍ୱ ବୋଲି କହିଥିଲେ। ଏଥିସହ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ମେଡିକାଲ କଲେଜଗୁଡ଼ିକରେ ବାୟୋମେଡିକାଲ ଇଞ୍ଜିନିୟରିଂ ବିଭାଗ ଖୋଲିବା ଉପରେ ଗୁରୁତ୍ୱାରୋପ କରିଥିଲେ। ୧୦୮ ଆମ୍ବୁଲାନ୍ସଗୁଡ଼ିକର ରୋଗୀଙ୍କ ପାଖରେ ପହଞ୍ଚିବା ସମୟ ୧୫ ମିନିଟ୍‌କୁ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ଯେକୌଣସି କୋଣରେ ଥିଲେ ସୁଦ୍ଧା ଜଣେ ରୋଗୀ କିପରି ଏହାର ଲାଭ ଉଠାଇପାରିବେ ସେ ଦିଗରେ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି। ସେହିଭଳି ସିଏଚ୍‌ସିଗୁଡ଼ିକୁ ୨୪ ଘଣ୍ଟିଆ କରିବା ସହ ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନଦେବାକୁ ବୈଠକରେ ସେ ଗୁରୁତ୍ୱାରୋପ କରିଥିଲେ। 'ଯୋଗ' ସ୍ୱାସ୍ଥ୍ୟ ପାଇଁ ହିତକାରୀ। ଏଥିନିମନ୍ତେ ଯୋଗ ପ୍ରଶିକ୍ଷକଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ମଧ ମନ୍ତ୍ରୀ ମତପ୍ରକାଶ କରିଥିଲେ। ବୈଠକରେ ବିଭାଗୀୟ ମୁଖ୍ୟ ଡି. ବୃନ୍ଦାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପର୍ଯ୍ୟଟକଙ୍କୁ ଉନ୍ନତ ସୁବିଧା ଦେବା ପାଇଁ ନୂଆ କାର୍ଯ୍ୟପନ୍ଥା ସ୍ଥିର : ମନ୍ତ୍ରୀ

ଭୁବନେଶ୍ୱର,୨୫।୬(ଶର୍ମିଷ୍ଠା ପାଣିଗ୍ରାହୀ) ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆରମ୍ଭ ହୋଇଛି 'ଏକ ପେଡ୍ ମାଆ କେ ନାମ୍' ଅଭିଯାନରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଚାରା ଲଗାଇଛନ୍ତି। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନ ପରିସରରେ ବଉଳଗଛର ଚାରା ରୋପଣକରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି। ମାଆଙ୍କୁ ସମ୍ମାନ ଦେବା ଏବଂ ଓଡ଼ିଶାକୁ ଏକ ସବୁଜ ରାଜ୍ୟରେ ପରିଣତ କରିବା ଦିଗରେ ଗୁରୁତ୍ୱ ଦେଇଛନ୍ତି ମନ୍ତ୍ରୀ ପରିଡ଼ା। ରାଜ୍ୟରେ ସବୁଜିମାର ଆବଶ୍ୟକତା ରହିଛି ଓ ଏଥିସହ ଉକ୍ତ ଅଭିଯାନକୁ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହି ଉତ୍ତମ କାର୍ଯ୍ୟରେ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା ପାନ୍ଥନିବାସ ପରିଦର୍ଶନକରି ସେଠାରେ ଚାରାରୋପଣ କରିଥିଲେ ଓ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ସେ କହିଲେ, ପର୍ଯ୍ୟଟକଙ୍କୁ ଉନ୍ନତ ସେବା ତଥା ସୁବିଧା ସୁନିଶ୍ଚିତ କରିବା ପାଇଁ ଏକ ନୂତନ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି, ଯାହା ଆଗାମୀ ଦିନରେ ପର୍ଯ୍ୟଟକଙ୍କ ପାଇଁ ନୂତନ ଅଭିଜ୍ଞତା ଆଣିଦେବ। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଓଟିଡିସିର ଜେନେରାଲ ମ୍ୟାନେଜର ଡ. ଲଲାଟେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୫ଟା ସୁଦ୍ଧା ସରିବ ରଥଟଣା

**ରଥଯାତ୍ରା, ବାହୁଡ଼ା ପାଇଁ ପ୍ରଶାସନିକ ପ୍ରସ୍ତୁତି**

- ରାସ୍ତାରୁ ବିଦ୍ୟୁତ୍ ତାର ହଟାଯିବ
- ଆଇନଶୃଙ୍ଖଳା ପରିସ୍ଥିତିକୁ ଗୁରୁତ୍ୱ
- ଡ୍ରେନ୍ ମରାମତି ନିର୍ଦ୍ଦେଶ


ବୈଠକରେ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ବାଙ୍କୀ,୨୫।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଉପଲକ୍ଷେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଦେବୀପ୍ରସାଦ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଜୁଲାଇ ୭ରେ ରଥଯାତ୍ରା ଓ ୧୫ରେ ବାହୁଡ଼ା ଯାତ୍ରା ପାଇଁ ଅପରାହ୍ନ ୩ଟା ସୁଦ୍ଧା ହୋମ କାର୍ଯ୍ୟ ଓ ପହଣ୍ଡି ବିଜେ ସହିତ ଅନ୍ୟାନ୍ୟ କାର୍ଯ୍ୟ ଶେଷ ହୋଇ ରଥଟଣା ଆରମ୍ଭ ହେବ ଓ ଅପରାହ୍ନ ୫ଟା ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ମା'ଚର୍ଚ୍ଚିକାଙ୍କ ପୀଠରୁ ୩ ରଥ ବାହାରିବ। ଏହି ରଥରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରା ବିଜେ ହେବେ। ଏହି ୩ ରଥ ମା'ଚର୍ଚ୍ଚିକାଙ୍କ ପୀଠରୁ ଆସି ଐଶାନେଶ୍ୱର ମହାଦେବଙ୍କ ପୀଠ ନିକଟରେ ମାଉସୀ ମା'ମନ୍ଦିରରେ ରହିବ।

ରଥ ଆସିବା ନିମନ୍ତେ ବାଟରେ ଥିବା ଗଛ ଡାଳ କଟାଯିବ। ରାସ୍ତାକଡରେ ଗଦା ହୋଇଥିବା ବାଲି ଗୋଡି ଅବରୋଧ ହଟାଯିବ। ଏହାଛଡ଼ା ଡ୍ରେନ୍ ସମସ୍ୟାର ସମାଧାନ ପାଇଁ ବାଙ୍କୀ ପୂର୍ତ୍ତ ବିଭାଗ ଓ ଏନ୍‌ଏସିକୁ ନିର୍ଦ୍ଦେଶ ଦିଆଯାଇଛି। ରଥ ଯିବା ରାସ୍ତାରେ ଅପରାହ୍ନ ୩ଟାରୁ ବିଦ୍ୟୁତ୍ ତାର ବିଚ୍ଛିନ୍ନ କରାଯିବ। ରଥଟଣା ଶେଷ ହେବା ପରେ ଏହି ତାର ସଂଯୋଗ କରିବାକୁ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ରଥଟଣା ସମୟରେ ଟେଲିଫୋନ ତାର ଓ କେବୁଲ ତାର କଟାଯିବା ପାଇଁ ନିଷ୍ପତ୍ତି ହୋଇଛି। ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ରଥଟଣା ରାସ୍ତାକୁ ବ୍ଲିଚିଂ ପାଉଡର ପକାଇ ସଫା କରିବା ନିମନ୍ତେ ବାଙ୍କୀ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜନସ୍ୱାସ୍ଥ୍ୟ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ପ୍ରବଳ ଜନସମାଗମ ଦୃଷ୍ଟିରୁ ଯେକୌଣସି ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ବାଙ୍କୀ ଉପଖଣ୍ଡର ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଉପସ୍ଥିତ ରହି ଚିକିତ୍ସା ସେବା ଯୋଗାଇ ଦେବା ନିମନ୍ତେ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ଆଇନ ଶୃଙ୍ଖଳା ରକ୍ଷା ପାଇଁ ଉପଖଣ୍ଡ ପୋଲିସ ଅଧିକାରୀ ଓ ବାଙ୍କୀ ଥାନା ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚର୍ଚ୍ଚିକା ମନ୍ଦିର ଠାରୁ ମାରୱାଡି ପଟି ଓ ମେଡିକାଲ ଛକ, କଚେରି ଛକ ପର୍ଯ୍ୟନ୍ତ ରାସ୍ତା ଅବରୋଧ ହଟାଯିବା ସହ ବିଦ୍ୟୁତ୍ ଖୁଣ୍ଟରେ ରଥ ଯେପରି ଧକ୍କା ନ ହୁଏ ସେନଇ ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଐଶ୍ୟନେଶ୍ୱର ମନ୍ଦିରଠାରୁ ଚର୍ଚ୍ଚିକା ଗ୍ରାମ ଦେଇ ନୃସିଂହ ଛକ ପର୍ଯ୍ୟନ୍ତ ଡ୍ରେନ୍ ମରାମତି ପାଇଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କୁହାଯାଇଛି। ବାଙ୍କୀ କଲେଜର ଏନସିସି, ଏନଏସ୍‌ଏସ୍, ଓ ରୋଭର ରେଞ୍ଜରର ୨୦ଜଣ କ୍ୟାଡେଟ ରଥଯାତ୍ରାରେ ସହଯୋଗ କରି ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ନିଷ୍ପତ୍ତି ହୋଇଛି। ରଗଡ଼ି ମହିମାମଣିଙ୍କ ରଥଯାତ୍ରା ପାଇଁ ରଗଡି ଗୁଣ୍ଡିଚା ପଡ଼ିଆରୁ ଅବରୋଧ ମୁକ୍ତ କରିବା, ବଡଦାଣ୍ଡ ସଫା, ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟସେବା, ରାସ୍ତା ମରାମତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୁବର୍ଣ୍ଣପୁର ତୃତୀୟା ଦେବ ରଥଯାତ୍ରା ଓ ବରପୁଟ-ବାଣିଆ ଦେବଗିରି ଜଗନ୍ନାଥଙ୍କ ରଥଯାତ୍ରା ନିମନ୍ତେ ମୁଖ୍ୟ ରାସ୍ତା ମରାମତି କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ସକହାରୀ ଜିଲାପାଳ ପର୍ଶୁରାମ ମଲ୍ଲିକ, ଅତିରିକ୍ତ ତହସିଲଦାର ସ୍ୱର୍ଣ୍ଣମ ପ୍ରିୟଦର୍ଶିନୀ, ବାଙ୍କୀ ରଥକମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଯୁଗଳ କିଶୋର ଭୂତ, ସୁବର୍ଣ୍ଣପୁର ତୃତୀୟ ଦେବ ରଥ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀ, ମନ୍ଦିର ପରିଚାଳନା କମିଟି ସଭାପତି ଶୁଭେନ୍ଦୁ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଜିଲାପାଳ ହୃଷୀକେଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ବର୍ଷ ପରେ ଅଭିଯୁକ୍ତ ଶ୍ୱଶୁର ଗିରଫ

**ଯୌତୁକଜନିତ ନବବଧୂ ଆତ୍ମହତ୍ୟା ମାମଲା**

ଭୁବନେଶ୍ୱର,୨୫।୬(ସତ୍ୟଜିତ୍ ରାଉତ): ଯୌତୁକଜନିତ ନବବଧୂ ଆତ୍ମହତ୍ୟା ମାମଲାରେ ଲିଙ୍ଗରାଜ ଥାନା ପୋଲିସ ୪ବର୍ଷ ପରେ ଅଭିଯୁକ୍ତ ଶ୍ୱଶୁରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ବଡମ୍ବା ଅଞ୍ଚଳର କୁମାର ପଲେଇ (୬୬)। କୋର୍ଟଚାଲାଣ ପରେ ଅଭିଯୁକ୍ତ କୁମାରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମୃତା ନବବଧୂ ହେଲେ ଅଭିଯୋଗକାରିଣୀ ମଞ୍ଜୁବାଳା ବେହେରାଙ୍କ ଝିଅ ରାଜଲକ୍ଷ୍ମୀ ବେହେରା। ସେ ୨୦୧୯ରେ ଅଭିଯୁକ୍ତ କୁମାରଙ୍କ ପୁଅଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ବରପକ୍ଷଙ୍କୁ ଦିଆଯାଇଥିଲେ ମଧ ଆଉ ୨ ଲକ୍ଷ ଟଙ୍କା ବାପଘରୁ ଆଣିବା ପାଇଁ ରାଜଲକ୍ଷ୍ମୀଙ୍କୁ ବାଧ କରାଯାଉଥିଲା। ନିର୍ଯାତନା ସହି ନ ପାରି ରାଜଲକ୍ଷ୍ମୀ ୨୦୨୦ ଜୁଲାଇ ୧ରେ ଭୁବନେଶ୍ୱର ଓଲ୍ଡଟାଉନସ୍ଥିତ ଭଡାଘରେ ଓଢ଼ଣିଦ୍ୱାରା ଝୁଲି ଆତ୍ମହତ୍ୟା କରିଥିଲେ। ମା' ମଞ୍ଜୁବାଳାଙ୍କ ଏତଲା ପରେ ପୋଲିସ ଏକ ମମାଲା (ନଂ.୯୯/୨୦୨୦) ରୁଜୁ କରି ଅଭିଯୁକ୍ତ କୁମାରଙ୍କ ପୁଅ ତଥା ରାଜଲକ୍ଷ୍ମୀଙ୍କ ସ୍ୱାମୀଙ୍କୁ ଘଟଣାର ୨ ଦିନ ପରେ ଗିରଫ କରିଥିଲା।

# ଶ୍ରମମନ୍ତ୍ରୀଙ୍କୁ ଭେଟିଲେ ବୋସ୍ ୧୯୯୪ ବ୍ୟାଚ୍ ବନ୍ଧୁ



ଭୁବନେଶ୍ୱର,୨୫।୬(ଅନୁରାଧା ମହାରଣା) ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ କଲେଜ ସମୟର ବନ୍ଧୁମାନେ ସାକ୍ଷାତକରି ମଙ୍ଗଳବାର ଶୁଭେଚ୍ଛା ଜଣାଇଛନ୍ତି। ମନ୍ତ୍ରୀ ଖୁଣ୍ଟିଆ କଟକସ୍ଥିତ ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ(ବୋସ୍) କଲେଜରେ ସିଭିଲ ଇଞ୍ଜିନିୟରିଂ ପଢ଼ିଥିଲେ। ୧୯୯୪ ବ୍ୟାଚ୍‌ରେ ସେ ଜଣେ ମେଧାବୀ ଛାତ୍ର ଥିଲେ। ଏବେ ସେ ମୟୂରଭଞ୍ଜ ଜିଲା ଯଶିପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇ ମନ୍ତ୍ରୀପଦ ପାଇଥିବାରୁ ତାଙ୍କ ସହପାଠୀମାନେ ଭାବ ବିନିମୟ ବେଳେ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। କଟକର ବୋସ୍ ଅନୁଷ୍ଠାନର ୧୯୯୪ ମସିହାର ସିଭିଲ ଇଞ୍ଜିନିୟରିଂର ସେ ମେଧାବୀ ଛାତ୍ର ଥିଲେ। ଅତୀତରେ ଘଟିଯାଇଥିବା ଛାତ୍ରଜୀବନର ଘଟଣାବଳୀକୁ ମନେପକାଇଛନ୍ତି। ୧୯୯୪ ବ୍ୟାଚ୍‌ର ବନ୍ଧୁ ବିଭୁଦତ୍ତ ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ନାୟକ, ସେଖ ବର୍କୁଲ୍ଲାହ, ଗିରିଜା ନନ୍ଦିନୀ ପତି, ପ୍ରଣୟ ଚନ୍ଦ୍ରିକା ସାମଲ, ନିରୁପମା ସ୍ୱାଇଁ, ବୈକୁଣ୍ଠ ବେହେରା, ଦେବବ୍ରତ ମିଶ୍ର, ସତ୍ୟାଶିଷ ରାଉତ, କମ୍ପାନୀ ବେହେରା, ନିରଞ୍ଜନ ବେହେରା, ସୁଖେନ୍ଦୁ କୁମାର ପୁହାଣ ଓ ଅମିୟ କୁମାର ଦାସ ପ୍ରମୁଖ ମନ୍ତ୍ରୀଙ୍କ ଶୁଭକାମନା କରିବା ସହ ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ କହିଛନ୍ତି। ଏଥିସହ ମନ୍ତ୍ରୀଙ୍କ କର୍ମମୟ ଜୀବନ ସୁଦୀର୍ଘ, ସୁଖୀ ଓ ନିରାମୟ ହେଉ ବୋଲି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସେମାନେ ପ୍ରାର୍ଥନା କରିଛନ୍ତି।

# ଶାସକ ଦଳ ଉପରେ ବର୍ଷିଲା ବିଜେଡି



ଖବରଦାତା ସମ୍ମିଳନୀରେ ବିଜେଡି ନେତୃମଣ୍ଡଳୀ।

ଆଠଗଡ଼,୨୫।୬(ସତ୍ୟ ପ୍ରସାଦ ରଥ)

**ଡାକ୍ତରଖାନାରେ କର୍ମଚାରୀଙ୍କୁ ଅଶୋଭନୀୟ ଆଚରଣ ଅଭିଯୋଗ**

ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରଙ୍କୁ ଖରାପ ପ୍ରଦର୍ଶନ କରିବା ଘଟଣାକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଏନେଇ ମଙ୍ଗଳବାର ଅପରାହ୍ନରେ ଆଠଗଡ଼ ବିଜେଡି କାର୍ଯ୍ୟାଳୟର ସୂର୍ଯ୍ୟଭବନ ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ବିଜେଡି ନେତୃମଣ୍ଡଳୀ ଯୋଗଦେଇ ଶାସକ ଦଳ ଉପରେ ବର୍ଷିଛନ୍ତି। ଏହି ସମ୍ମିଳନୀରେ ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ, ଜିଲା ଯୁବ ବିଜେଡି ସମ୍ପାଦକ ରାକେଶ ଦାଶ, ଛାତ୍ର ବିଜେଡ଼ି ସଭପତି ଏମ୍‌ଡ଼ି ଖଲିଦ , ନଗର ସଭାପତି ଶିଶିର ପ୍ରସାଦ ମାନସିଂ, ଏନ୍‌ଏସି ଉପନଗରପାଳ ବି.ଶୁଭ୍ରଶଙ୍କର ଜ୍ୟୋତି ଓ ରଞ୍ଜନଜେନା ପ୍ରମୁଖ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଭାଜପା ବିଧାୟକ ପ୍ରାର୍ଥୀ ଅଭୟ କୁମାର ବାରିକ୍ ସହଯୋଗୀଙ୍କ ସହ ୨୧ ଜୁନ୍‌ରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ସକାଳ ୮ଟାରେ ଯାଇଥିଲେ। ଉକ୍ତ ଦିନ ଆନ୍ତର୍ଜାତକ ଯୋଗଦିବସ ଥିବାରୁ ଡାକ୍ତର ଓ କର୍ମଚାରୀମାନେ ଯୋଗସାରି ୮ଟା୧୦ରେ ପହଞ୍ଚିଥିଲେ। ଏହି ସମୟରେ ଡାକ୍ତରଖାନାରେ ବିଭିନ୍ନ ଅନିୟମିତତା ଚାଲିଥିବା ଦର୍ଶାଇ ଅଭୟ ଓ ତାଙ୍କ ସହଯୋଗୀମାନେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଆଗରେ ଡାକ୍ତରଖାନା ଅଧୀକ୍ଷକ ବିଜୟ କୁମାର ମିଶ୍ରଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏସମ୍ପର୍କିତ ଏକ ଭିଡିଓ ମଧ ଭାଇରାଲ ହୋଇଥିଲା। ଏହି ଘଟଣାର ପ୍ରତିବାଦ କରି ଅଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ୨୨ ତାରିଖରୁ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି।

### ଖେଳ ଶିକ୍ଷୟିତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ମାହାଙ୍ଗା,୨୫।୬(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତସ୍ଥିତ କସ୍ତୁରବା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ କ୍ରୀଡ଼ା ଶିକ୍ଷୟିତ୍ରୀ କ୍ଷଣପ୍ରଭା ଦାସଙ୍କ ବିୟୋଗରେ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଅତିଥିଭାବେ ଶିକ୍ଷାବିତ୍ ମାଧବଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ପଣ୍ଡା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଲଳିତମୋହନ ମହାପାତ୍ର, ପୂର୍ବତନ ସମିତି ସଭ୍ୟ ପ୍ରମୋଦ କୁମାର ବେହେରା, ଓସ୍ତାର ପ୍ରତିନିଧି ପ୍ରଣବ କିଶୋର ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଦାସଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ କ୍ଷଣପ୍ରଭାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓସ୍ତା ସଂଘ ପକ୍ଷରୁ ସ୍ୱର୍ଗତା ଦାସଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ଲକ୍ଷ୍ମୀକାନ୍ତ ପ୍ୟାରେଲାଲଙ୍କ କାଳଜୟୀ ସଙ୍ଗୀତରେ ଝୁମିଲେ ଶ୍ରୋତା

ଭୁବନେଶ୍ୱର,୨୫।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଉପାସନା କଲଚରାଲ ଟ୍ରଷ୍ଟ ପକ୍ଷରୁ ଏନିଟ୍ୟୁନ୍‌ର ସହଭାଗିତାରେ ମଙ୍ଗଳବାର ସୂଚନା ଭବନଠାରେ ବଲିଉଡ୍‌ର ବିଶିଷ୍ଟ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପ୍ୟାରେଲାଲଙ୍କ ସଙ୍ଗୀତକୁ ନେଇ ଏକ ସୁମଧୁର ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ ନିର୍ଦ୍ଦେଶକ ବିଦ୍ୟୁତ୍ ରାୟ, ଲାୟନ୍ସ କ୍ଲବ୍‌ର ପୂର୍ବତନ ସଭାପତି ରାମପ୍ରସାଦ ପାତ୍ର, ଡ. ଆରତୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବାଦ୍ୟଶିଳ୍ପୀ ସାନୁ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବାରୁ ତାଙ୍କ ଚିକିତ୍ସା ନିମନ୍ତେ ଟ୍ରଷ୍ଟ ତରଫରୁ ଟ୍ରଷ୍ଟି ଲୋଭା ବିଶ୍ୱାଳ ଓ ସୀମା ମହାନ୍ତି ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ସଙ୍ଗୀତ କାର୍ଯ୍ୟକ୍ରମରେ ଓ ମେରି ମେହବୁବା..., ରାମ କରେ ଏସା..., ଡଫଲି ୱାଲେ..., ଝିଲ୍‌ମିଲ୍ ସୀତାରୋଉଁକା ହମ୍‌ବନେ ତୁମ୍ ବନେ... ଆଦି ଲୋକପ୍ରିୟ ଗୀତକୁ କଣ୍ଠଶିଳ୍ପୀ ଶିବୁ ପଟ୍ଟନାୟକ, ହରିଶ, ବିଷ୍ଣୁ, ମମତା, କୌଶିକ ପଟ୍ଟନାୟକ, ସୀମା ମହାନ୍ତି, ବବିତା କର, ଲୋଭା ବିଶ୍ୱାଳ ପ୍ରମୁଖ ପରିବେଷଣ କରି ଉପସ୍ଥିତ ଅତିଥି ଓ ଦର୍ଶକଙ୍କୁ ଝୁମାଇଥିଲେ। ବାଦ୍ୟଯନ୍ତ୍ରରେ ଗେନୁ, ବୁଢ଼ା, ବରଦା, କିରଣ, ତାପସ, କାବୁ, କୁନୁ ଓ ବବଲୁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅଭିଷେକ ଆନନ୍ଦ ଓ କୁମାର ଗୌରବ ସଂଯୋଜନା କରିଥିଲେ।

# ପ୍ରାଚୀର, ରାସ୍ତା ମରାମତି ପାଇଁ ନିର୍ଦ୍ଦେଶ

ମାହାଙ୍ଗା,୨୫।୬(ଯଯାତି ସିଂହ)

**ପ୍ରାଣୀ ଚିକିତ୍ସାଳୟର ସମୀକ୍ଷା ବୈଠକ**

- ଖାଲି ପଦବୀ ପୂରଣ ଉପରେ ଗୁରୁତ୍ୱାରୋପ

ମାହାଙ୍ଗା ପ୍ରାଣୀ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ଓ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି ବିଧାୟକ ସାରଦା ପ୍ରସାଦ। ସେ ମଙ୍ଗଳବାର ମାହାଙ୍ଗା ମଣ୍ଡଳ ପ୍ରାଣୀଧନ କାର୍ଯ୍ୟାଳୟରେ ପହଞ୍ଚି ଅଧିକାରୀଙ୍କ ସହ ଏ ବିଷୟରେ ଆଲୋଚନା କରିଛନ୍ତି। ପ୍ରାଣୀ ଚିକିତ୍ସା କେନ୍ଦ୍ରର ପ୍ରାଚୀର, ରାସ୍ତା ଓ ପରିସରକୁ ଖୁବ୍‌ଶୀଘ୍ର ମରାମତି କରିବାକୁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏହି ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବାକୁ ଗୁରୁତ୍ୱ ଦେଇଛନ୍ତି। ଏଥିସହ ନୃତାଙ୍ଗ ଏବଂ ଚାହାପଡା ପ୍ରାଣୀଧନ କେନ୍ଦ୍ର ନୂତନ ଗୃହ ନିର୍ମାଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ପ୍ରାଣୀଧନ ବିଭାଗ ପକ୍ଷରୁ ନବ ନିର୍ବାଚିତ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ବୈଠକରେ ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ମୀନକେତନ ପଣ୍ଡା, କୋଠପଦା ପ୍ରାଣୀ ଚିକିତ୍ସା ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଲଳିତ ମୋହନ ବେହେରା, ଗ୍ରାମ ଉନ୍ନୟନ ଯନ୍ତ୍ରୀ ବିଜୟ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଦ୍ୟୁତ୍ ସାହୁ ପ୍ରମୁଖ ଯୋଗଦେଇଥିଲେ ।


ବୈଠକରେ ବିଧାୟକ ସାରଦା ପ୍ରସାଦ ପ୍ରାଣୀଧନ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

# ଖରାଦିନିଆ ଚାଷ, ବର୍ଷାଜଳ ନିଷ୍କାସନକୁ ଗୁରୁତ୍ୱ

**ହଂସୁଆ ସଫେଇ ସ୍ଥିତି ଅନୁଧ୍ୟାନ କଲେ ବିଧାୟକ**

ରଘୁନାଥପୁର,୨୫।୬ (ରାଜେନ୍ଦ୍ର ନାରାୟଣ ସିଂହ)

ବିରିଡି, ରଘୁନାଥପୁର, ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକ ଅଞ୍ଚଳର ବିସ୍ତୀର୍ଣ୍ଣ ଚାଷଜମି ରହିଛି। ଏହି ଅଞ୍ଚଳର ଚାଷୀଙ୍କ ପାଇଁ ହଂସୁଆ ସଫେଇ ଜୀବନରେଖା ସଦୃଶ। ଆଗାମୀ ଖରିଫ ଚାଷ ପର୍ବରୁ ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ ରଘୁନାଥପୁର ବ୍ଲକର ଗୋଠିଣାଠାରୁ ନେଉଳିଆ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ହଂସୁଆ ସଫେଇ ପରିଦର୍ଶନ କରି ଏହାର ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ ହୋଇଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଡ୍ରେନେଜ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରାମପ୍ରସାଦ ରାଓ, ସହକାରୀ ଯନ୍ତ୍ରୀ ସନାତନ ମହାଲି ଓ କନିଷ୍ଠ ଯନ୍ତ୍ରୀ ସୁମନ ଘୋଷ ବିଧାୟକଙ୍କ ସହ ଗସ୍ତ କରି ସମସ୍ୟାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ।


ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ବର୍ଷାଋତୁ ଆଗମନ ହେତୁ ସଫେଇର ପୁନରୁଦ୍ଧାର କାର୍ଯ୍ୟ ସମ୍ଭବ ନୁହେଁ। ତେବେ ଚାଷୀଙ୍କ ସମସ୍ୟାର ସମାଧାନ କରିବା ପାଇଁ ବିଧାୟକ ଭୋଇ ଅଧିକାରୀଙ୍କୁ କହିଥିଲେ। ଏଥିସହ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ଉପରେ ଦୃଷ୍ଟିଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଚାଷୀଙ୍କ ସହ ଆଲୋଚନା କରି କେଉଁ ସ୍ଥାନରେ କିଭଳି ସମସ୍ୟା ଉପୁଜୁଛି ସେ ବିଷୟରେ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଖରାଦିନିଆ ଫସଲ ଓ ପରିବା ପାଇଁ ସଫେଇରେ କିପରି ପାଣି ରହିପାରିବ ଓ ବର୍ଷାଦିନେ ସେଠାରୁ ତୁରନ୍ତ ଜଳ ନିଷ୍କାସନ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ ଅଧିକାରୀଙ୍କୁ କହିଥିଲେ। ବିଧାୟକ ଡ. ଭୋଇ ବିରାଟ କଟକ, ନୂଆପଲେଇ, ସାଳିଜଙ୍ଗା, ଚିକିଣିଆ, କଳାଧାରୀ, ନାଳିବାର ଓ ନେଉଳିଆ ଅଞ୍ଚଳ ପରିଦର୍ଶନ କରି ଫେରିଯାଇଥିଲେ। ତାଙ୍କର ଏହି ଗସ୍ତ ସମୟରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏବଂ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

କଣ୍ଟାପଡା,୨୫।୬(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅଧୀନ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ସେଠାରେ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିବା ସହ ବିଭିନ୍ନ ୱାର୍ଡ ବୁଲି ଦେଖିଥିଲେ। ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ପାଇଁ ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ତାଙ୍କ ଅନୁରୋଧ ରକ୍ଷା କରି ମଙ୍ଗଳବାର ଅପରାହ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ।

### ଥଇଥାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଉତ୍କଳ ବାଳାଶ୍ରମରୁ ପିଲା ନିଖୋଜ ମାମଲା**

କଟକ,୨୫।୬ (କାର୍ତ୍ତିକ ସାହୁ)

ଉତ୍କଳ ବାଳାଶ୍ରମର ପିଲା ନିଖୋଜ ମାମଲାର ମଙ୍ଗଳବାର ଶୁଣାଣି କରି ଉଦ୍ଧାର ବାଳକଙ୍କୁ ଥଇଥାନ ନିମନ୍ତେ ହାଇକୋର୍ଟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନିଖୋଜ ବାଳକଙ୍କୁ ବ୍ୟକ୍ତିଗତ ଭାବେ ହାଜର କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ବାଳକଙ୍କୁ କେତେକ ପ୍ରଶ୍ନ ପଚାରିଥିଲେ। ତେବେ ସେ ଆଉ ପାଠ ପଢ଼ିବାକୁ ଚାହୁଁ ନ ଥିବା କହିବା ସହ ଡ୍ରାଇଭିଂ ପ୍ରତି ଆଗ୍ରହ ଥିବା ଖଣ୍ଡପୀଠଙ୍କୁ ଜଣାଇଥିଲେ। ବାଳକଙ୍କୁ ଡ୍ରାଇଭିଂ ଟ୍ରେନିଂ ଦିଆଯିବା ନେଇ କଟକ ଜିଲାପାଳ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସେ ଦିବ୍ୟାଙ୍ଗ ହୋଇଥିବାରୁ ଜିଲାପାଳ ତାଙ୍କୁ ମାସିକ ହଜାରେ ଟଙ୍କା ଭତ୍ତା ପ୍ରଦାନ ସହ ରାଶନ କାର୍ଡ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ପାଇଁ ମଧ୍ୟ ହାଇକୋର୍ଟ ଆଦେଶ ଦେଇଛନ୍ତି। ଅପରପକ୍ଷରେ ଦୁଇଜଣ ଆଇନଜୀବୀ ଯେକୌଣସି ଦୁଇଟି ବାଳାଶ୍ରମ ପରିଦର୍ଶନ କରି ସେଠାକାର ଅବସ୍ଥା ଏବଂ ଅନ୍ତେବାସୀଙ୍କୁ ସମସ୍ତ ସୁବିଧା ମିଳୁଛି କି' ନାହିଁ ସେ ସଂକ୍ରାନ୍ତରେ ହାଇକୋର୍ଟରେ ରିପୋର୍ଟ ଦାଖଲ ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟର ବିଭିନ୍ନ ବାଳାଶ୍ରମରେ କେବଳ ପିଲାଙ୍କୁ ରଖାଯାଉଛି ନା' ସେମାନଙ୍କ ଥଇଥାନ ପାଇଁ କିଛି ପଦକ୍ଷେପ ଗ୍ରହଣ କରାଯାଉଛି ସେ ସଂକ୍ରାନ୍ତରେ ଜବାବ ରଖିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଉତ୍କଳ ବାଳାଶ୍ରମରୁ ଜଣେ ବାଳକ ନିଖୋଜ ହୋଇଯାଇଥିବା ନେଇ ହାଇକୋର୍ଟ ନିଜଆଡୁ ମାମଲା ରୁଜୁ କରିଥିଲେ। ଏହି ବାଳକଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ହାଇକୋର୍ଟ ଆଦେଶ ଦେଇଥିଲେ।

# ଦୟା, ମକରା ନଦୀ ଜଳ ପ୍ରଦୂଷିତ

**ମାଛ ମରି ଭାସୁଛନ୍ତି**
- ନଦୀକୂଳବାସୀ ଚର୍ମରୋଗରେ ଆକ୍ରାନ୍ତ
- ସମସ୍ୟା ପ୍ରତି ଦୃଷ୍ଟି ଦେଉନି ପ୍ରଶାସନ

କଣାସ,୨୫।୬(ବିଭୂତି ଭୂଷଣ ତ୍ରିପାଠୀ)


ନଦୀରେ ମାଛ ମରି ଭାସୁଛନ୍ତି।

ପ୍ରବାଦ ଅଛି, ଯେଉଁ ଅଞ୍ଚଳରେ ଯେତେ ନଦୀ ସେ ଅଞ୍ଚଳ ସେତେ ବିକଶିତ। କିନ୍ତୁ ଆଧୁନିକ ସମାଜରେ ଯେଉଁ ଅଞ୍ଚଳରେ ଯେତେ ନଦୀ ସେହି ଅଞ୍ଚଳ ସେତେ ସମସ୍ୟାବହୁଳ ବୋଲି ଦେଖିବାକୁ ମିଳୁଛି। ପୁରୀ ଜିଲା କଣାସ ବ୍ଲକରେ ପ୍ରବାହିତ ହେଉଥିବା ମୁଖ୍ୟ ନଦୀ ଦୟା ଓ ତା'ର ଶାଖା ରାଜୁଆ, ମକରା ନଦୀର ଜଳ ପ୍ରଦୂଷିତ ହୋଇଯାଇଛି। ଭୁବନେଶ୍ୱରର ଆବର୍ଜନା ଗଙ୍ଗୁଆ ନାଳ ଦ୍ୱାରା ଦୟା ନଦୀକୁ ନିଷ୍କାସନ ହେଉଛି। ଫଳରେ ଦୟା ଓ ରାଜୁଆ, ମକରା ନଦୀର ଜଳ ଏପରି ବିଷାକ୍ତ ହୋଇଯାଇଛି ଯେ, ଅନେକ ମାଛ ନଦୀରେ ମରି ଭାସୁଥିବା ଦେଖିବାକୁ ମିଳିଛି। ଅଞ୍ଚଳବାସୀଙ୍କ ସମେତ ଦୟା ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଅଶୋକ ପ୍ରଧାନ, ସୁକାନ୍ତ କିଶୋର ସାମନ୍ତରାୟ, ଶ୍ରୀକାନ୍ତ ପଟ୍ଟଯୋଷୀ ପ୍ରମୁଖ ଗଙ୍ଗୁଆ ନାଳର ଆବର୍ଜନା ଜଳକୁ ଦୟା ନଦୀକୁ ନ ଛାଡ଼ିବା ପାଇଁ ବାରମ୍ବାର ଦାବିକରି ଆସୁଛନ୍ତି। ମାତ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଦିନକୁ ଦିନ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପୁରୀ ଜିଲାର ପିପିଲି, ଡେଲାଙ୍ଗ, କଣାସ ଏବଂ ଖୋର୍ଦ୍ଧା ଜିଲାର ଜଟଣୀ ଅଞ୍ଚଳରେ ନଦୀକୂଳ ଗ୍ରାମବାସୀ ନଦୀ ଜଳ ଉପରେ ନିର୍ଭର କରୁଛନ୍ତି। ତେଣୁ ସେମାନେ ବିଷାକ୍ତ ଜଳ ବ୍ୟବହାର କରି ବିଭିନ୍ନ ଚର୍ମରୋଗ, କିଡ୍‌ନୀ ସମସ୍ୟାରେ ଆକ୍ରାନ୍ତ ହେଉଛନ୍ତି। ପୂର୍ବତନ ସତ୍ୟବାଦୀ ବିଧାୟକ ଉମକାନ୍ତ ସାମନ୍ତରାୟ କିପରି ଦୟା ନଦୀକୁ ଗଙ୍ଗୁଆ ନାଳର ପ୍ରଦୂଷିତ ଜଳ ନ ଆସିବ ସେ ସଂକ୍ରାନ୍ତରେ ବିଭାଗୀୟ ଉଚ୍ଚ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବା ସହ ଘଟଣାସ୍ଥଳକୁ ଆସି ତଦନ୍ତ କରି ଫେରିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଏହି ସମସ୍ୟା ସମାଧାନ ନ କଲେ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଦୟା ନଦୀ ସୁରକ୍ଷା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଦୟା ଓ ରାଜୁଆ ନଦୀରେ ଗଡବଡପୁଟ, ପାଣ୍ଡିଆକେରା, ଚୁପୁରିଙ୍ଗି, ସୁନାଖଳା, ବଡାଲ, ଗୋପୀନାଥପୁର, ଗଡ଼ିଶାଗୋଦାଠାରେ ପାଇପ ଜଳ ପ୍ରକଳ୍ପମାନ ବସାଯାଇ ଦୟା ନଦୀର ଜଳ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବାରୁ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଝାଁଳା,୨୫।୬(ବୁଲା ବାରିକ)

୧୬ ନଂ. ଜାତୀୟ ରାଜପଥ ଝାଁଳା ଗ୍ରୀନ ପାର୍କ ସମ୍ମୁଖରେ ମଙ୍ଗଳବାର ସକାଳ ୭ଟା ସମୟରେ ଏକ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଇନ୍‌ଫୋଭ୍ୟାଲି ଥାନା ଝାଁଳା ପଞ୍ଚାୟତ ଦକ୍ଷିଣ ମୁଣ୍ଡମୁହାଣ ଗ୍ରାମର ନେତ୍ରାନନ୍ଦ ଜେନା (୬୫)। ସୂଚନା ଅନୁସାରେ, ସକାଳୁ ନେତ୍ରାନନ୍ଦ ଘରୁ ବଜାରକୁ ଚାହା ପିଇବାକୁ ଆସି ଝାଁଳା ଗ୍ରୀନ ପାର୍କ ସମ୍ମୁଖରେ ରାସ୍ତା ପାରି ହେଉଥିଲେ। ଏହି ସମୟରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ ଗାଡ଼ି ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ନେତ୍ରାନନ୍ଦ ଚକା ତଳେ ଚାପି ହୋଇଯାଇଥିଲେ। ଖବରପାଇ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ନେତ୍ରାନନ୍ଦଙ୍କ ଘରକୁ ଖବର ଦେବାରେ ତାଙ୍କ ପୁଅ ଗୋବିନ୍ଦ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ଚିହ୍ନଟ କରିଥିଲେ। ପୋଲିସ କ୍ୟାପିଟାଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରି ଅପରାହ୍ନରେ ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଫେରାର ହୋଇଯାଇଥିବା ଜଣାପଡ଼ିଛି।

## ମେଡିକାଲ କଲେଜରେ ଖୋଲିବ ବାୟୋମେଡିକାଲ ଇଞ୍ଜିନିୟରିଂ ବିଭାଗ

**ଜାତୀୟ ସ୍ୱାସ୍ଥ୍ୟ ମିଶନର ସମୀକ୍ଷା ବୈଠକ**

ଭୁବନେଶ୍ୱର,୨୫।୬(ଅସମାପିକା ସାହୁ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଙ୍ଗଳବାର ଜାତୀୟ ସ୍ୱାସ୍ଥ୍ୟ ମିଶନ ମୁଖ୍ୟ କାର୍ଯ୍ୟାଳୟରେ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟକାରିତା ସହ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ରକ୍ତ ଶିକୁଳିଜନିତ ରକ୍ତ ସମସ୍ୟା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ମହାଲିଙ୍ଗ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଏକ ବଡ଼ ଦାୟିତ୍ୱ ବୋଲି କହିବା ସହ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ମେଡିକାଲ କଲେଜଗୁଡ଼ିକରେ ବାୟୋମେଡିକାଲ ଇଞ୍ଜିନିୟରିଂ ବିଭାଗ ଖୋଲିବା ସହ ୧୦୮ ଆମ୍ବୁଲାନ୍ସଗୁଡ଼ିକର ରୋଗୀଙ୍କ ପାଖରେ ପହଞ୍ଚିବା ସମୟ ୧୫ ମିନିଟ୍‌କୁ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା ସ୍ୱାସ୍ଥ୍ୟସେବା ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବା, ସୂଚନା ଓ ପ୍ରଯୁକ୍ତି ବିଦ୍ୟାକୁ ଉପଯୋଗ କରି ସ୍ୱାସ୍ଥ୍ୟସେବାକୁ ଅଧିକ ସରଳ ଓ ଜନକଲ୍ୟାଣକାରୀ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି। ରାଜ୍ୟର ଯେକୌଣସି କୋଣରେ ଥିଲେ ସୁଦ୍ଧା ଜଣେ ରୋଗୀ କିପରି ଏହାର ଲାଭ ଉଠାଇପାରିବେ ସେ ଦିଗରେ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି। ସେହିଭଳି ସିଏଚ୍‌ସିଗୁଡ଼ିକୁ ୨୪ ଘଣ୍ଟିଆ କରିବା ସହ ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନଦେବାକୁ ବୈଠକରେ ସେ ଗୁରୁତ୍ୱାରୋପ କରିଥିଲେ। 'ଯୋଗ' ସ୍ୱାସ୍ଥ୍ୟ ପାଇଁ ହିତକାରୀ। ତେଣୁ ଏହି ଅନୁସାରେ ପ୍ରତି ଜିଲା ତଥା ସହରାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ନିୟମିତ ବ୍ୟବଧାନରେ ଯୋଗ ପ୍ରଶିକ୍ଷଣ ଶିବିର ଆୟୋଜନ ଓ ଏଥିନିମନ୍ତେ ଯୋଗ ପ୍ରଶିକ୍ଷକଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ମଧ୍ୟ ମନ୍ତ୍ରୀ ମତପ୍ରକାଶ କରିଥିଲେ। ଏହି ବୈଠକରେ ବିଭାଗୀୟ ମୁଖ୍ୟ ଡି. ବୃନ୍ଦାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭାରତୀୟ ନୌସେନାର ଡଙ୍ଗା ଆହୁଲା 'ରେଗାଟା' ପ୍ରତିଯୋଗିତା



ଟ୍ରଫି ସହ ବିଜେତା ଦଳର ପ୍ରତିଯୋଗୀ।

ବାଲୁଗାଁ,୨୫।୬(ସଂଗ୍ରାମ ପାଇକରାୟ)

ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ଚିଲିକାରେ ପ୍ରଶିକ୍ଷଣ ନେଉଥିବା ୦୧/୨୪ ବ୍ୟାଚ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏକ ରୋମାଞ୍ଚକର ଡଙ୍ଗା ଆହୁଲା ପ୍ରତିଯୋଗିତା 'ରେଗାଟା' ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଦୁଃସାହସିକତା ମନୋଭାବ ସୃଷ୍ଟି କରିବା, ଜଳପ୍ରବାହ କୌଶଳ ବଢ଼ାଇବା, ମାନସିକ ଓ ଶାରୀରିକ ଶକ୍ତି ବିକାଶ କରିବା ଏହି ନୌକା ଆହୁଲା ପ୍ରତିଯୋଗିତାର ମୂଳ ଲକ୍ଷ୍ୟ ଥିଲା। ଅଗ୍ନିବୀର ପ୍ରଶିକ୍ଷଣପ୍ରାପ୍ତ ୮ଟି ଟ୍ରେନିଂ ଡିଭିଜନ ଏବଂ ଜାହାଜର କର୍ମକର୍ତ୍ତାଙ୍କୁ ନେଇ ସମୁଦାୟ ୧୨ଟି ଦଳ ଏହି ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ଯାହାକୁ ପାରମ୍ପରିକ ଭାବରେ 'କକ' ବୋଲି କୁହାଯାଏ। ପ୍ରତିଯୋଗିତାରେ ସମସ୍ତ ୧୨ଟି ଦଳ ୨୭ ଫୁଟ ଲମ୍ବର 'ଡି.କେ ହ୍ୱାଲର୍ସ'(ବୋଟ)କୁ ନେଭିଗେଟ କରିଥିଲେ। ପ୍ରତ୍ୟେକ ହ୍ୱାଲର୍ସଙ୍କୁ ଏକ ଦଳ ତଥା 'ରୋୟର' ଏବଂ ଗୋଟିଏ କକ୍ସୱେନ ତଥା 'ହେଲମ' ଦ୍ୱାରା ପରିଚାଳିତ କରାଯାଇଥିଲା। ନୌକାଚାଳନା ତଥା ବୋଟ ଟାଣିବା 'ରେଗାଟା' ଭାରତୀୟ ନୌସେନାର ଏକ ଅନ୍ୟତମ ସମ୍ମାନଜନକ ତଥା ପାରମ୍ପରିକ କ୍ରୀଡ଼ା କାର୍ଯ୍ୟକଳାପ, ଯାହା ଦଳଗତ କାର୍ଯ୍ୟ ଏବଂ ସିନର୍ଜିର ନାବିକ ଏବଂ ନୌବାହିନୀ ପରମ୍ପରାକୁ ଆଲୋକିତ କରେ। ପ୍ରତିଯୋଗିତାରେ ଆଙ୍ଗ୍ରେ ଡିଭିଜନର ଦଳ ସାମଗ୍ରିକ ଚାମ୍ପିୟନ ଭାବରେ ବିବେଚିତ ହୋଇଥିଲେ। ଚିଲିକା ନୌସେନା କମାଣ୍ଡିଂ ଅଫିସର କମୋଡୋର ଏନ୍‌ପି ପ୍ରଦୀପ ବିଜେତା ଦଳ ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଜାହାଜ କର୍ମଚାରୀ ସାମିଲ ହୋଇ ଉତ୍ସାହର ସହ ପରିଚାଳନାରେ ସହଯୋଗ କରିଥିଲେ।

## ମୋରମ ବୋଝେଇ ୪ ହାଇୱା ଜବତ: ୩ ଗିରଫ

ଖୋର୍ଦ୍ଧା,୨୫।୬(ପ୍ରଭାତ ପାଣିଗ୍ରାହୀ)

ଅରାଙ୍ଗରୁ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ୪ଟି ବେଆଇନ ମୋରମ ବୋଝେଇ ହାଇୱା ଗାଡ଼ିକୁ ଜବତ କରିଛି। ଏଥିସହ ୩ଜଣ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୟାଗଡ ଜିଲା ବଦିଲୋର ସୁରେଶ କୁମାର ଜେନା , ଖୋର୍ଦ୍ଧା ଥାନା ଗୁରୁଜଙ୍ଗର ସଞ୍ଜୀୟ କୁମାର ସାହୁ ଏବଂ ବେଗୁନିଆ ଥାନା ବାଜପୁରର ସୁଦାମ ବେହେରା। ଏମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ।

## କୋଣାର୍କରେ ଜିଲା ଭାଜପାର କଳାଦିବସ

କୋଣାର୍କ,୨୫।୬(ଜ୍ୟୋତିରାଜ ମହାନ୍ତି)

ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶାସନ ସମୟରେ ଦେଶରେ ଲାଗୁ ହୋଇଥିବା ଜରୁରିକାଳୀନ ପରିସ୍ଥିତିର ୫୦ବର୍ଷ ପୂର୍ତ୍ତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଜୁନ ୨୫ ତାରିଖକୁ କଳା ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଭାଜପା ପୁରୀ ଜିଲାସ୍ତରୀୟ କଳା ଦିବସ କୋଣାର୍କ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପୁରୀ ଜିଲା କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ତରାଇ, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ବାଇଧର ମଲ୍ଲିକ, ଜିଲା ମହିଳା ମୋର୍ଚ୍ଚା ସଭାପତି ଜ୍ୟୋତି ମହାପାତ୍ର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବରିଷ୍ଠ କାର୍ଯ୍ୟକର୍ତ୍ତା ସର୍ବେଶ୍ୱର ମିଶ୍ର, ଭାଜପା ବରିଷ୍ଠ ନେତା ଶଙ୍କର ପରିଡ଼ା, ସୁରେନ ପାଲ ପ୍ରମୁଖ ଯୋଗଦେଇଥିଲେ। ଜରୁରିକାଳୀନ ସ୍ଥିତି ସମୟରେ କଂଗ୍ରେସ ସରକାରଙ୍କ ବର୍ବରତା ଓ ସାମ୍ବିଧାନିକ ସଙ୍କଟ ସମ୍ପର୍କରେ ଅତିଥିମାନେ ଅବଗତ କରାଇଥିଲେ। ପୁରୀ ଜିଲା ବିଧାୟକ, ମଣ୍ଡଳ ସଭାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଦସ୍ୟା, ଜିଲା କମିଟି ସମସ୍ତ ସଦସ୍ୟ, ଜିଲା ପରିଷଦ, ସଂଯୋଜକ, ପ୍ରଭାରୀ, ମୋର୍ଚ୍ଚା ସଭାପତି ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ରଶ୍ମିରଞ୍ଜନ ବିଶ୍ୱାଳ, କୋଣାର୍କ ଭାଜପା ମଣ୍ଡଳ କର୍ମକର୍ତ୍ତା ପ୍ରମୁଖ ପରିଚାଳନା କରିଥିଲେ।



ଭାଜପା ପକ୍ଷରୁ କଳାଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ନେତୃବୃନ୍ଦ ।

## ପର୍ଯ୍ୟଟକଙ୍କୁ ଉନ୍ନତ ସୁବିଧା ଦେବା ପାଇଁ ନୂଆ କାର୍ଯ୍ୟପନ୍ଥା ସ୍ଥିର : ମନ୍ତ୍ରୀ

**ପର୍ଯ୍ୟଟନ ଭବନରେ 'ଏକ୍ ପେଡ୍ ମାଆ କେ ନାମ୍' କାର୍ଯ୍ୟକ୍ରମ**

ଭୁବନେଶ୍ୱର,୨୫।୬(ଶର୍ମିଷ୍ଠା ପାଣିଗ୍ରାହୀ)

ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆରମ୍ଭ ହୋଇଛି 'ଏକ ପେଡ୍ ମାଆ କେ ନାମ୍' ଅଭିଯାନରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଚାରା ଲଗାଇଛନ୍ତି। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନ ପରିସରରେ ବଉଳଗଛର ଚାରା ରୋପଣକରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି। ମାଆକୁ ସମ୍ମାନ ଦେବା ଏବଂ ଓଡ଼ିଶାକୁ ଏକ ସବୁଜ ରାଜ୍ୟରେ ପରିଣତ କରିବା ଦିଗରେ ଗୁରୁତ୍ୱ ଦେଇଛନ୍ତି ମନ୍ତ୍ରୀ ପରିଡ଼ା। ରାଜ୍ୟରେ ସବୁଜିମାର ଆବଶ୍ୟକତା ରହିଛି ଓ ଏଥିସହ ଉକ୍ତ ଅଭିଯାନକୁ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ପର୍ଯ୍ୟଟନ ଅଧିକାରୀମାନେ ରାଜ୍ୟ ସାରା ଏହାର ଅଧିକ ପ୍ରଚାରପ୍ରସାର କରିବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ ନିର୍ଦ୍ଦେଶ ଦେବା ସହ ଏହି ଉତ୍ତମ କାର୍ଯ୍ୟରେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଏହାସହ ଉପମୁଖ୍ୟମନ୍ତ୍ରୀ ପରିଡ଼ା ପାନ୍ଥନିବାସ ପରିଦର୍ଶନକରି ସେଠାରେ ଚାରାରୋପଣ କରିଥିଲେ ଓ ବିଭିନ୍ନ ଅଧିକାରୀଙ୍କ ସହ ପାନ୍ଥନିବାସର ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ଆଲୋଚନା ସମୟରେ ସେ କହିଲେ, ପର୍ଯ୍ୟଟକଙ୍କୁ ଉନ୍ନତ ସେବା ତଥା ସୁବିଧା ସୁନିଶ୍ଚିତ କରିବା ପାଇଁ ଏକ ନୂତନ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି, ଯାହା ଆଗାମୀ ଦିନରେ ପର୍ଯ୍ୟଟକଙ୍କ ପାଇଁ ନୂତନ ଅଭିଜ୍ଞତା ଆଣିଦେବ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଓଟିଡିସିର ଜେନେରାଲ ମ୍ୟାନେଜର ଡ. ଲଲାଟେନ୍ଦୁ ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଚାରାରୋପଣ କରୁଛନ୍ତି ।

## ବର୍ଷା ଅଭାବ: ଖରିଫ ଚାଷ ବାଧାପ୍ରାପ୍ତ ଆଶଙ୍କା

**୫୬,୭୯୬ ହେକ୍ଟର ଜମିକୁ ନାହିଁ ଜଳସେଚନ ସୁବିଧା**
- ୧,୨୦, ୨୮୫ ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟ
- ୬୦ ପ୍ରତିଶତ ଜମିରେ ଧାନବୁଣା ହୋଇପାରିନାହିଁ

ଖୋର୍ଦ୍ଧା,୨୫।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ଅଧିକାଂଶ ଅଞ୍ଚଳରେ ବର୍ଷା ଅଭାବ ଯୋଗୁ ଖରିଫ ଚାଷ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି। ଜୁନ ପହିଲାରୁ ଅଦ୍ୟାବଧି ସ୍ୱାଭାବିକ ପରିମାଣଠାରୁ କମ୍ ବୃଷ୍ଟିପାତ ହୋଇଥିବାବେଳେ ଖୋର୍ଦ୍ଧା ଜିଲାରେ ୪୬ ପ୍ରତିଶତ କମ୍ ବର୍ଷା ହୋଇଥିବା ପାଣିପାଗ ତଥ୍ୟରୁ ସୂଚନା ମିଳିଛି। ଆବଶ୍ୟକ ପରିମାଣର ବର୍ଷା ନ ହେଲେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇପାରେ। ଜିଲାର ୫୬, ୭୯୬ ହେକ୍ଟର ଜମିକୁ ଜଳସେଚନ ସୁବିଧା ନ ଥିବାବେଳେ ଏପର୍ଯ୍ୟନ୍ତ ୬୦ ପ୍ରତିଶତ ଜମିରେ ଧାନବୁଣା ହୋଇପାରିନାହିଁ। ଖରିଫ ଧାନଚାଷ ଲକ୍ଷ୍ୟ ବାଟବଣା ହେବା ଆଶଙ୍କା ରହିଛି। ଏହା ଚାଷୀଙ୍କ ଚିନ୍ତା ବଢାଇଛି।

ଖୋର୍ଦ୍ଧା ଜିଲାର ୧,୨୪,୬୫୦ ହେକ୍ଟର ଚାଷଜମିରୁ ଚଳିତ ଖରିଫ ଋତୁରେ ୧,୨୦, ୨୮୫ ହେକ୍ଟର ଜମିରେ ଧାନ ଫସଲ କରିବା ପାଇଁ କୃଷି ବିଭାଗ ଲକ୍ଷ୍ୟ ରଖିଛି। ଜିଲାରେ ୪୦,୮୦୦ ହେକ୍ଟର ଜମିରେ କୃଷି ବିଭାଗ ଧାନ ବୁଣା ପାଇଁ ଲକ୍ଷ୍ୟ ରଖିଥିବାବେଳେ ୬୧,୪୬୭ ହେକ୍ଟର ଜମିରେ ଧାନ ରୋଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ୧ଲକ୍ଷ ୨୦ ହଜାର ୨୮୫ ହେକ୍ଟର ଜମିରେ ଧାନ ଏବଂ ୧୮ ହଜାର ୧୮ହେକ୍ଟର ଜମିରେ ଅଣଧାନ ଚାଷ କରାଯିବ। ତନ୍ମଧ୍ୟରୁ ୧୭ ହଜାର ୪୭୫ ହେକ୍ଟର ଢିପ, ୪୩ ହଜାର ୩୩୮ ହେକ୍ଟର ସମତୁଲ ଜମି ଏବଂ ଅବଶିଷ୍ଟ ୪୮,୮୦୭ ହେକ୍ଟର ତଳିଆ ଜମିରେ ଖରିଫ ଧାନ ଫସଲ ଅମଳ ଲକ୍ଷ୍ୟ ରଖାଯାଇଛି। ଖୋର୍ଦ୍ଧା ବ୍ଲକ୍‌ରେ ୧୪,୪୨୦ ହେକ୍ଟର, ବେଗୁନିଆ ବ୍ଲକ୍‌ରେ ୧୬,୫୬୦ ହେକ୍ଟର, ବୋଲଗଡ଼ ବ୍ଲକ୍‌ରେ ୧୫,୬୨୦ ହେକ୍ଟର, ଟାଙ୍ଗୀ ବ୍ଲକ୍‌ରେ ୧୨,୭୬୦ ହେକ୍ଟର, ଚିଲିକା ବ୍ଲକ୍‌ରେ ୧୧,୭୧୦ ହେକ୍ଟର, ବାଣପୁର ବ୍ଲକ୍‌ରେ ୧୨,୬୫୦ ହେକ୍ଟର, ଭୁବନେଶ୍ୱର ବ୍ଲକ୍‌ରେ ୮,୯୪୦ହେକ୍ଟର, ଜଟଣୀ ବ୍ଲକ୍‌ରେ ୭,୨୪୦ ହେକ୍ଟର, ବାଲିଅନ୍ତା ବ୍ଲକ୍‌ରେ ୯,୭୯୫ ହେକ୍ଟର ଓ ବାଲିପାଟଣା ବ୍ଲକ୍‌ରେ ୧୦,୫୯୦ହେକ୍ଟର ଜମିରେ ଧାନ ଚାଷ କରିବା ନେଇ ବିଭାଗ ଲକ୍ଷ୍ୟ ରଖିଛି।

ଜିଲାର ପ୍ରାୟ ୬୭,୮୫୪ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ରହିଥିବା କୃଷି ବିଭାଗ ପକ୍ଷରୁ ଜଣାପଡିଛି। ସେଥିରୁ ଦୟା, ମଲାଗୁଣୀ, ରଣ ପ୍ରଭୃତି ନଦୀ ଦ୍ୱାରା ୨୧,୦୯୦ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ଥିବାବେଳେ କେନାଲ ଦ୍ୱାରା ୬୮୧୫ ହେକ୍ଟର, ଉଠାଜଳସେଚନ ଦ୍ୱାରା ୩୩୧୭ ହେକ୍ଟର, ନଳକୂପ ଜରିଆରେ ୭୩୦ ହେକ୍ଟର ଏବଂ ଅନ୍ୟାନ୍ୟ ପ୍ରାକୃତିକ ଉତ୍ସ ଦ୍ୱାରା ୧୫୯ ହେକ୍ଟର ଜମି ଜଳସେଚିତ ହୋଇଥାଏ। ବାଲିଅନ୍ତା, ବାଲିପାଟଣା ଓ ଭୁବନେଶ୍ୱର ବ୍ଲକ୍‌କୁ ଛାଡ଼ିଦେଲେ ଅନ୍ୟ ବ୍ଲକ୍‌ରେ ଜଳସେଚନର ପର୍ଯ୍ୟାପ୍ତ ସୁବିଧା ନାହିଁ। ବାଲିଅନ୍ତା ବ୍ଲକ୍‌ରେ ସର୍ବାଧିକ ୧୨,୧୩୬ ହେକ୍ଟର ଜମି ଜଳସେଚିତ ହୋଇଥିବାବେଳେ ଖୋର୍ଦ୍ଧା ବ୍ଲକ୍‌ରେ ସର୍ବନିମ୍ନ ୨,୯୬୧ ହେକ୍ଟର, ଚିଲିକା ବ୍ଲକରେ ୩,୪୪୭ ହେକ୍ଟର, ବେଗୁନିଆ ବ୍ଲକ୍‌ରେ ୪,୩୯୨ ହେକ୍ଟର, ବୋଲଗଡ଼ରେ ୫,୯୫୦ ହେକ୍ଟର, ଟାଙ୍ଗୀ ବ୍ଲକ୍‌ରେ ୫,୩୫୮ହେକ୍ଟର, ବାଣପୁର ବ୍ଲକ୍‌ରେ ୯,୧୮୨ ହେକ୍ଟର, ଭୁବନେଶ୍ୱର ବ୍ଲକରେ ୯,୩୬୪ ହେକ୍ଟର, ଜଟଣୀ ବ୍ଲକ୍‌ରେ ୩,୧୦୩ ହେକ୍ଟର ଓ ବାଲିପାଟଣା ବ୍ଲକରେ ୧୧,୯୬୧ ହେକ୍ଟର ଜମି ଜଳସେଚନ ସୁବିଧା ରହିଛି। ଜିଲାରେ ଥିବା ୪ଟି ବୃହତ୍ କେନାଲ, ଗୋଟିଏ ମଧ୍ୟମ, ୧୬୨ଟି କ୍ଷୁଦ୍ର କେନାଲ, ୩୪୫ଟି ସରକାରଙ୍କ ଉଠାଜଳସେଚନ ପ୍ରକଳ୍ପ ଓ ୩୩୧୭ଟି ଘରୋଇ ଭାବେ ପରିଚାଳିତ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ୪୦ ପ୍ରତିଶତ ଜମିକୁ ଜଳସେଚନ କରାଯାଉଛି। ଜିଲାର ଅବଶିଷ୍ଟ ୫୬,୭୯୬ ହେକ୍ଟର ଜମିର ଚାଷୀ ଜଳସେଚନ ସୁବିଧାରୁ ବଞ୍ଚିତ। ଚାଷପାଇଁ ବର୍ଷା ଜଳ ହିଁ ଏକମାତ୍ର ଭରସା । ମୌସୁମୀର ଲୁଚକାଳି ଖେଳ ଯୋଗୁ ଧାନବୁଣା କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ସୁଭାଷ ଚନ୍ଦ୍ର ପଣ୍ଡା କହିଛନ୍ତି, ଜିଲାରେ ମେ' ମାସରେ କିଛି ବ୍ଲକରେ ବର୍ଷା ହୋଇଛି। ଏବେ ସୁଦ୍ଧା ୪୦ ପ୍ରତିଶତ ଜମିରେ ଧାନବୁଣା ସରିଛି।

## ସଂକ୍ଷେପରେ

### କନ୍ୟା ସନ୍ତାନ ହ୍ରାସ ନେଇ ଜିଲାପାଳଙ୍କ ଉଦ୍‌ବେଗ

ଖୋର୍ଦ୍ଧା,୨୫।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ପ୍ରାକ୍ ଗର୍ଭଧାରଣ ଓ ପ୍ରସୂତି ପୂର୍ବ ନିର୍ଦ୍ଧାରଣ କୌଶଳ ଅଧିନିୟମ ପରାମର୍ଶଦାତା କମିଟି (ପିସିପିଏନ୍‌ଡିଟି) ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିବା ସହ ଜିଲାରେ କାର୍ଯ୍ୟକ୍ଷମ ଥିବା ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକ ସମ୍ପର୍କରେ ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଉକ୍ତ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକଗୁଡ଼ିକର ଠିକ୍ ଭାବେ ନିରୀକ୍ଷଣ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଲିଙ୍ଗ ଅନୁପାତରେ ଝିଅଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ। ବାଣପୁର, ଟାଙ୍ଗୀ, ବାଲୁଗାଁ, ବୋଲଗଡ଼ ବ୍ଲକରେ କନ୍ୟା ସନ୍ତାନଙ୍କ ଜନ୍ମ ହାର ଅତି କମ୍ ଥିବାରୁ ସେଠାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ, ଡିପିଏମ୍ ପ୍ରକାଶ ବାନାର୍ଜୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଧାନ ବୁଣିବାବେଳେ ବିଲରେ ଚାଷୀ ମୃତ

ନିମାପଡ଼ା,୨୫।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ବାମନାଳ ପଞ୍ଚାୟତ ପାତି ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଜମିରେ ଧାନ ବୁଣୁଥିବା ସମୟରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବେନ୍ଦ୍ର ବରାଳ(୫୧)। ଧାନ ବୁଣୁଥିବାବେଳେ ଦେବେନ୍ଦ୍ର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଓ ଗ୍ରାମ ଲୋକେ ତାଙ୍କୁ ନିମାପଡ଼ା ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବେନ୍ଦ୍ରଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଡାକ୍ତର ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛନ୍ତି। ଦେବେନ୍ଦ୍ରଙ୍କ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନଠାରେ ଦାବି କରିଛନ୍ତି। ଅସହ୍ୟ ଗୁଳୁଗୁଳି ଯୋଗୁ ଦେବେନ୍ଦ୍ରଙ୍କ ମୃତ୍ୟୁ ଅଂଶୁଘାତରେ ନଚେତ ହୃଦ୍‌ଘାତରେ ହୋଇଥିବା ଲୋକେ କହୁଛନ୍ତି।

# ପୂର୍ତ୍ତ ବିଭାଗର ସେତୁ ନିର୍ମାଣ ସରୁନି



ବାଲିଅନ୍ତା ସାଇଫୋନ ଛକସ୍ଥିତ ଗୋପ ବ୍ରାଞ୍ଚ କେନାଲ ଉପରେ ଦୁର୍ବଳ ଅବସ୍ଥାରେ ଥିବା ପୋଲରେ ଲୋକେ ଯାତାୟାତ କରୁଛନ୍ତି।



ନୂଆ ସେତୁ କାମ ଚାଲିଛି।

ବାଲିଅନ୍ତା,୨୫।୬(ନୀଳମାଧବ ସାହୁ)

## ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ଲୋକେ

ହଂସପାଳ- ଅଭୟମୁଖୀ ଜୟଦେବ ରାସ୍ତାର ବାଲିଅନ୍ତା ସାଇଫୋନ ଛକସ୍ଥିତ ଗୋପ ବ୍ରାଞ୍ଚ କେନାଲ ପୋଲ ଉପରେ ଯାତାୟାତ କରିବା ନେଇ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳସେଚନ ବିଭାଗର ୫୦ ବର୍ଷରୁ ଊର୍ଦ୍ଧ୍ୱ ଏହି ବିପଦପୂର୍ଣ୍ଣ ସେତୁ ଯାତାୟାତର ମାଧ୍ୟମ ପାଲଟିଛି। ଏହି ସେତୁ ପାର୍ଶ୍ୱରେ ପୂର୍ତ୍ତ ବିଭାଗ ପକ୍ଷରୁ ଆଉ ଏକ ନୂତନ ସେତୁ କାମ ଚାଲିଛି। ଏହି ନୂତନ ସେତୁର କଂକ୍ରିଟ ପିଲାର ନିର୍ମାଣ ସମୟରେ ରାସ୍ତାର ଉଭୟ ପାର୍ଶ୍ୱ ଅଂଶ ନଷ୍ଟ ହୋଇଯାଇଥିଲା। ବିଶେଷକରି ପୁରୁଣା ଓ ନିର୍ମାଣାଧୀନ ସେତୁ ମଝିରେ ଥିବା ଆରଡ଼ି ବିଭାଗ ଦ୍ୱାରା ନିର୍ମିତ ଅନ୍ୟ ଏକ ପୋଲର ଆପ୍ରୋଚ ରାସ୍ତାଟି ନୂତନ ସେତୁର ନିର୍ମାଣ ସମୟରେ କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଗାଡ଼ିମୋଟର ଯାତାୟାତରେ ବିପଦ ସୃଷ୍ଟି ହେବା ଆଶଙ୍କାରେ ସେତୁଟିକୁ ବନ୍ଦ ରଖାଯାଇଛି। ଏଣୁ ଗୋଟିଏ ମାତ୍ର ଅପ୍ରଶସ୍ତ ପୋଲରେ ଯାତାୟାତ କରିବାକୁ ଲୋକେ ବାଧ ହେଉଛନ୍ତି। ଭୁବନେଶ୍ୱରକୁ ସଂଯୋଗ କରୁଥିବା ଏହି ପୋଲ ଦେଇ ବାଲିଅନ୍ତା ବ୍ଲକ ସମେତ ପ୍ରାୟ ୮ଟି ବ୍ଲକର ହଜାର ହଜାର ଜନସାଧାରଣ ଯାତାୟାତ ପାଇଁ ନିର୍ଭର କରୁଛନ୍ତି। ଏକ ସଙ୍ଗରେ ଉଭୟ ପଟୁ ଗାଡ଼ିମୋଟର ଆସିବା ଦ୍ୱାରା ସମସ୍ୟା ଦେଖାଦେଉଛି। ସକାଳ ଓ ସନ୍ଧ୍ୟା ସମୟରେ ଏହି ୨୦ ଫୁଟ ଲମ୍ବର ପୋଲଟିକୁ ପାସ କରିବାରେ ଅଧିକ ସମୟ ଲାଗୁଛି। ଏହି ଅଣଓସାରିଆ ପୋଲରେ ଯାତାୟାତ ସମୟରେ ଅସାବଧାନତା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଦୁର୍ଘଟଣା ଯୋଗୁ ପୁରୁଣା ପୋଲର ଉଭୟ ପଟ ସିମେଣ୍ଟବାଡ଼ା ଭାଙ୍ଗିରୁଜି ଗଲାଣି। ଲୋକଙ୍କ ସୁରକ୍ଷା ପାଇଁ ଜଳସେଚନ ବିଭାଗ ପକ୍ଷରୁ ଅସ୍ଥାୟୀ ଭାବେ ଭାଙ୍ଗି ଯାଇଥିବା ବାଡ଼ାର ଅଂଶକୁ ବାଉଁଶରେ ଆବଦ୍ଧ କରାଯାଇଛି। ଦୈନନ୍ଦିନ ହଜାର ହଜାର ଲୋକଙ୍କ ଯାତାୟାତରେ ସୁବିଧା ପାଇଁ ବନ୍ଦ ହୋଇ ରହିଥିବା ମଝି ପୋଲକୁ ତୁରନ୍ତ ଖୋଲିବାକୁ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଦାବି କରିଛନ୍ତି। ଏନେଇ ପୂର୍ତ୍ତ ବିଭାଗ ସହକାରୀ ବିମଳ ଦାସଙ୍କୁ ପଚାରିବାରେ, କେନାଲରେ ପାଣି ପ୍ରବାହିତ ହେବା ଯୋଗୁ ନୂତନ ସେତୁ ନିର୍ମାଣ କାର୍ଯ୍ୟରେ ବାଧା ଦେଖାଦେଇଥିଲା। ଏବେ କେନାଲରେ ପାଣି ପ୍ରବାହ ବନ୍ଦ ହେବା ପରେ ସେତୁ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହୋଇଛି। ପ୍ରଥମେ ସେତୁର ଉଭୟ ପାର୍ଶ୍ୱର ୱାଲ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ନିର୍ମାଣ ଚାଲିଛି। ୱାଲ କାର୍ଯ୍ୟ ଶେଷ ହେଲେ ଅତଡ଼ା ଖାଇ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାର ପିଚୁ ଓ ଆପ୍ରୋଚ ରାସ୍ତାକୁ ତୁରନ୍ତ ମରାମତି କରାଯିବ। ଏକ ସପ୍ତାହ ମଧ୍ୟରେ ବନ୍ଦ ଅବସ୍ଥାରେ ଥିବା ମଝି ପୋଲକୁ ଖୋଲାଯିବ ବୋଲି ସେ କହିଛନ୍ତି।

## ୫୭ନଂ. ୱାର୍ଡ ଅଫିସ ନିର୍ମାଣ ବନ୍ଦ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫।୬ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ଦକ୍ଷିଣ ପୂର୍ବ ଜୋନ୍‌ର ୱାର୍ଡ ନଂ. ୫୭ ବଡ଼ଗଡ଼ ବ୍ରିଟ୍ କଲୋନୀରେ ଚାଲିଥିବା ୱାର୍ଡ ଅଫିସ୍ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ଜିଏ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ଜମିରେ ଡାକଘର ନିର୍ମାଣ ପାଇଁ ପ୍ରସ୍ତାବ ବିଚାରାଧୀନ ରହିଛି। ତେଣୁ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ସମ୍ପୃକ୍ତ ସ୍ଥାନରେ ନିର୍ମାଣ କାର୍ଯ୍ୟ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ବ୍ରିଟ୍ କଲୋନୀ ଡେଭଲପ୍‌ମେଣ୍ଟ ଆସୋସିଏଶନ୍ ପକ୍ଷରୁ ଡ. ଏ.କେ. ପାତ୍ର ଏନେଇ ଜୁନ୍ ୧୨ରେ ଅଭିଯୋଗ କରିବା ପରେ ଗତ ୨୦ ତାରିଖରେ ଜିଏ ବିଭାଗ ପକ୍ଷରୁ କାମ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଆସିଛି। ତେବେ ସମ୍ପୃକ୍ତ ସ୍ଥାନରେ ୱାର୍ଡ ଅଫିସ୍ ନିର୍ମାଣ ଚାଲିଥିବାବେଳେ ପ୍ରାୟ ୬୦% କାମ ସରିଯାଇଛି। ଏଭଳି ସ୍ଥିତିରେ କାମକୁ ହଠାତ୍ ବନ୍ଦ କରିବାକୁ ନେଇ ସ୍ଥାନୀୟ କର୍ପୋରେଟର ସନ୍ତୋଷ ସିଂ କହିଛନ୍ତି, ସମ୍ପୃକ୍ତ ଜମିକୁ ମଲ୍ଟି ପର୍ପୋଜ ଅର୍ବାନ ସର୍ଭିସ ସେଣ୍ଟର ଭାବେ ବ୍ୟବହାର କରାଯାଇ ପାରିବ ବୋଲି ପୂର୍ବରୁ ନିର୍ଦ୍ଦେଶ ରହିଥିଲା। ଆମ ୱାର୍ଡରେ ୱାର୍ଡ ଅଫିସ୍ ଓ କମ୍ୟୁନିଟି ସେଣ୍ଟର କିଛି ନାହିଁ। ଲୋକଙ୍କୁ ପେନ୍‌ସନ୍ ପ୍ରଦାନଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ପାଖରେ ଥିବା ନେତାଜୀ କ୍ଲବ୍ ଉପରେ ନିର୍ଭର କରିବାକୁ ପଡୁଛି। ସମ୍ପୃକ୍ତ ସ୍ଥାନରେ ୱାର୍ଡ ଅଫିସ ତିଆରି ହୋଇଥିଲେ ସ୍ଥାନୀୟ ୱାର୍ଡର ୧୫ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହୋଇଥାନ୍ତେ। ମାତ୍ର ଏବେ ଲୋକଙ୍କ ସେବାରେ ବାଧା ଉପୁଜିଛି।

ସୂଚନାଯୋଗ୍ୟ, ଜିଏ ବିଭାଗ ପକ୍ଷରୁ ୨୦୨୩ ଡିସେମ୍ବର ୨୨ରେ ୨୫ଟି ୱାର୍ଡର ୱାର୍ଡ ଅଫିସ ପାଇଁ ଜମି ପ୍ରଦାନ କରାଯାଇଥିଲା। ୱାର୍ଡ ନଂ. ୫୭ ପାଇଁ ଖାତା ନଂ. ୧୬୧୬ (ଜିଏଡି) ପ୍ଲଟ୍ ନଂ. ୪୨୩୪ର ଘରବାରି କିସମର ୦.୦୫୨ ଡିସିମିଲ୍ ଜମି ଆଲଟ୍‌ମେଣ୍ଟ ହୋଇଥିଲା। ୪୧ଲକ୍ଷ ୭ହଜାର ୮୯୩ ଟଙ୍କା ବ୍ୟୟ ଅଟକଳରେ ୨୦୨୪ ଫେବୃଆରୀ ୧୪ରେ ୱାର୍ଡ ଅଫିସ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।



ନିର୍ମାଣାଧୀନ ୫୭ନଂ. ୱାର୍ଡ ଅଫିସ କୋଠା।

## କଂଗ୍ରେସ ଭବନ ସମ୍ମୁଖରେ ଧାରଣା




ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ କାଳିମାଡ଼ ଘଟଣାରେ ମହିଳା କଂଗ୍ରେସ ନେତ୍ରୀଙ୍କୁ ନିଲମ୍ବନ ପ୍ରତିବାଦରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଦଳୀୟ ରାଜ୍ୟ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଛି।

# 'ରତ୍ନଭଣ୍ଡାର ପ୍ରସଙ୍ଗକୁ ଗୁରୁତ୍ୱ ଦେଉନି ଶ୍ରୀମନ୍ଦିର ପ୍ରଶାସନ'

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

## ଅଭିଯୋଗ ଆଣି କ୍ଷୋଭ ପ୍ରକାଶ କଲେ ସୁଦର୍ଶନ

ରଥଯାତ୍ରା ନୀତିନିର୍ଘଣ୍ଟ ନେଇ ମଙ୍ଗଳବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ବୈଠକ ପରେ ରତ୍ନଭଣ୍ଡାର ପ୍ରସଙ୍ଗକୁ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅସନ୍ତୋଷ ତଥା କ୍ଷୋଭ ପ୍ରକାଶ କରିଛନ୍ତି। ସୁଦର୍ଶନ କହିଛନ୍ତି, ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯିବା ସହ ମରାମତି କରାଯାଉ ବୋଲି ସାରା ବିଶ୍ୱରେ ଥିବା ଅଗଣିତ ଜଗନ୍ନାଥପ୍ରେମୀ ଚାହୁଁଛନ୍ତି। ଏନେଇ ବିଗତ ଦିନରେ ଗଣମାଧ୍ୟମକୁ ସୂଚନା ଦେବା କାରଣରୁ ମଙ୍ଗଳବାର ବୈଠକରେ ଗଣମାଧ୍ୟମ ଆଗରେ କିଛି ନ କହିବା ପାଇଁ ପରୋକ୍ଷରେ କୁହାଗଲା। ତେବେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ସୁରକ୍ଷା ଉପରେ ସେ କହିଥିଲେ। ମାତ୍ର ମଙ୍ଗଳବାର ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ପ୍ରସଙ୍ଗରେ କୌଣସି ଆଲୋଚନା କରାଗଲା ନାହିଁ। ସେହିପରି ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ପ୍ରଶାସନ ପକ୍ଷରୁ ତାଙ୍କୁ ଆଶ୍ୱାସନା ଦିଆଯାଇଥିଲା ଯେ, ମଠଗୁଡ଼ିକରେ ମୂର୍ତ୍ତି ଲାଗିବ, ମାତ୍ର ଲଗାଗଲା ନାହିଁ। ଏନେଇ ପ୍ରଶ୍ନର ଉତ୍ତର ପ୍ରଶାସନ ଦେଲାନାହିଁ। ତେବେ ୨୦୧୮ ମସିହାରୁ ରିପୋର୍ଟ ଆସିଛି, ରତ୍ନଭଣ୍ଡାର ସ୍ଥିତି ଖରାପ ଅଛି ବୋଲି ଜାଣିବା ପରେ କାହିଁକି ରତ୍ନଭଣ୍ଡାର



ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ

ମରାମତି କରାଗଲା ନାହିଁ ଏବଂ ସମସ୍ତେ ନୀରବ ରହିଲେ କ'ଣ ପାଇଁ ବୋଲି ସୁଦର୍ଶନ ପ୍ରଶ୍ନ କରିଛନ୍ତି। ପୂର୍ବରୁ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲିବା ନେଇ ପୂର୍ବ ସରକାରଙ୍କ ପକ୍ଷରୁ କରାଯାଇଥିବା ରତ୍ନଭଣ୍ଡାର କମିଟି ସୂଚନା ଦେଇଥିଲା। ଯଦି ପରିଚାଳନା କମିଟି ବୈଠକରେ କୌଣସି ଆଲୋଚନା କରାଯାଉନାହିଁ ତେବେ କମିଟି କେମିତି ଖୋଲିବ ବୋଲି ସେ ପ୍ରଶ୍ନ କରିଛନ୍ତି। ରତ୍ନଭଣ୍ଡାର ନ ଖୋଲେଇ ଦେବା ପାଇଁ ପୂର୍ବରୁ ଯୋଜନା ହୋଇଛି ବୋଲି ଏଥିରୁ ସନ୍ଦେହ ଲାଗୁଛି। ନୂଆ ରାଜ୍ୟ ସରକାର ଚାରିଦ୍ୱାର ଖୋଲିବା ନିଷ୍ପତ୍ତି ନେଲେ। ରତ୍ନଭଣ୍ଡାର ଖୋଲିବା ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କିନ୍ତୁ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ବିଷୟରେ ଆଲୋଚନା କରି ସରକାରଙ୍କୁ ସହଯୋଗ କରିବା ଦିଗରେ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଶ୍ରୀମନ୍ଦିର ପରିଚାଳନା କମିଟି ଗୁରୁତ୍ୱ ଦେଉନାହାନ୍ତି ବୋଲି ସୁଦର୍ଶନ ଅଭିଯୋଗ ଆଣିଛନ୍ତି। ଅତୀତରେ ରତ୍ନସିଂହାସନ ମରାମତି ପାଇଁ ଶ୍ରୀବିଗ୍ରହକୁ ଅସ୍ଥାୟୀ ସିଂହାସନକୁ ଆଣି କାର୍ଯ୍ୟ କରାଯାଇଥିଲା। କିନ୍ତୁ ରତ୍ନଭଣ୍ଡାରକୁ କେବଳ ରଥଯାତ୍ରା ସମୟରେ ଖୋଲାଯିବା କଥା କହିବା କାରଣ କ'ଣ ବୁଝାପଡୁନାହିଁ। ୨୦୧୮ରେ ରତ୍ନଭଣ୍ଡାର ଖୋଲିବାକୁ ଯାଇଥିବା ପ୍ରାଧିକୃତ କମିଟି ରିପୋର୍ଟ ଓ ୨୦୨୩ରେ ଲେଜର୍ ସ୍କାନିଂ ରିପୋର୍ଟରେ ରତ୍ନଭଣ୍ଡାର ଅସୁରକ୍ଷିତ ଥିବା ସ୍ପଷ୍ଟ ହୋଇଥିବାବେଳେ ପରିଚାଳନା କମିଟି କିନ୍ତୁ ଏ ବାବଦରେ ମୁହଁ ନ ଖୋଲିବା ଦୁର୍ଭାଗ୍ୟଜନକ ବୋଲି ସୁଦର୍ଶନ କହିଛନ୍ତି। ପ୍ରଥମେ ରତ୍ନଭଣ୍ଡାରର ମରାମତି ଆବଶ୍ୟକ ରହିଛି। ତେଣୁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସୁଦର୍ଶନ ଅନୁରୋଧ କରିଛନ୍ତି।

# ଆଜି ଦ୍ୱିତୀୟ ରଥଯାତ୍ରା ସମନ୍ୱୟ ବୈଠକ

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ନିମନ୍ତେ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଘୋଷଯାତ୍ରା ନିମନ୍ତେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ପୂର୍ବରୁ ଦୁଇଟି ପ୍ରସ୍ତୁତି ବୈଠକ ଶେଷ ହୋଇଥିଲା। ପରେ ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ତେବେ ଦ୍ୱିତୀୟ ରଥଯାତ୍ରା ସମନ୍ୱୟ ବୈଠକ ବୁଧବାର ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଯାଉଛି। ବୁଧବାର ପୂର୍ବାହ୍ନ ୧୧ଟାରେ ପୁରୀ ପୌରସଦନ ପରିସରରେ ବୈଠକ ଆରମ୍ଭ ହେବ। ବୈଠକରେ ରଥଯାତ୍ରା ସମ୍ପର୍କରେ ଆଲୋଚନା କରାଯିବ। ବିଶେଷକରି ସ୍ୱାସ୍ଥ୍ୟ ଓ ବିଦ୍ୟୁତ ଯୋଗାଣ, ସ୍ୱତନ୍ତ୍ର ଟ୍ରେନ ଚଳାଚଳ, ଭିନ୍ନକ୍ଷମଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ବ୍ୟବସ୍ଥା, ଆବଶ୍ୟକ ରଥକାଠ, ରଥନିର୍ମାଣ, ବିଭିନ୍ନ ବନଖଣ୍ଡରେ ଥିବା ଫାସୀ ଓ ଅସନ ଆଦି କାଠର ତାଲିକା ପ୍ରସ୍ତୁତ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଏଥିସହ ରଥଯାତ୍ରା ସମୟରେ ବିଶୁଦ୍ଧ ପାନୀୟଜଳ ଯୋଗାଣ, ଶାନ୍ତି ଶୃଙ୍ଖଳା ରକ୍ଷା, ଆଇନଶୃଙ୍ଖଳା ପରିସ୍ଥିତି, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ପୋଲିସ ମୁତୟନ ବ୍ୟବସ୍ଥା, ସିସିଟିଭି କ୍ୟାମେରା ଲଗାଇବା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଆଦି ଉପରେ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଜିଲାପାଳ, ଏସ୍‌ପି , ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ସେବାୟତ, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିବେ।

# ଶ୍ରମମନ୍ତ୍ରୀଙ୍କୁ ଭେଟିଲେ ବୋସ୍ ୧୯୯୪ ବ୍ୟାଚ୍ ବନ୍ଧୁ

ଭୁବନେଶ୍ୱର,୨୫।୬
(ଅନୁରାଧା ମହାରଣା)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ କଲେଜ ସମୟର ବନ୍ଧୁମାନେ ସାକ୍ଷାତକରି ମଙ୍ଗଳବାର ଶୁଭେଚ୍ଛା ଜଣାଇଛନ୍ତି। ମନ୍ତ୍ରୀ ଖୁଣ୍ଟିଆ କଟକସ୍ଥିତ ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ(ବୋସ୍) କଲେଜରେ ସିଭିଲ ଇଞ୍ଜିନିୟରିଂ ପଢ଼ିଥିଲେ। ୧୯୯୪ ବ୍ୟାଚ୍‌ରେ ସେ ଜଣେ ମେଧାବୀ ଛାତ୍ର ଥିଲେ। ଏବେ ସେ ମୟୂରଭଞ୍ଜ ଜିଲା ଯଶିପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇ ମନ୍ତ୍ରୀପଦ ପାଇଥିବାରୁ ତାଙ୍କ ସହପାଠୀମାନେ ଭାବ ବିନିମୟ ବେଳେ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। କଟକର ବୋସ୍ ଅନୁଷ୍ଠାନର ୧୯୯୪ ମସିହାର ସିଭିଲ ଇଞ୍ଜିନିୟରିଂର ସେ ମେଧାବୀ ଛାତ୍ର ଥିଲେ। ଅତୀତରେ ଘଟିଯାଇଥିବା ଛାତ୍ରଜୀବନର ଘଟଣାବଳୀକୁ ମନେପକାଇଛନ୍ତି। ୧୯୯୪ ବ୍ୟାଚ୍‌ର ବନ୍ଧୁ ବିଭୁଦତ୍ତ ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ନାୟକ, ସେଖ ବର୍କୁଲ୍ଲାହ, ଗିରିଜା ନନ୍ଦିନୀ ପତି, ପ୍ରଣୟ ଚନ୍ଦ୍ରିକା ସାମଲ, ନିରୁପମା ସ୍ୱାଇଁ, ବୈକୁଣ୍ଠ ବେହେରା, ଦେବବ୍ରତ ମିଶ୍ର, ସତ୍ୟାଶିଷ ରାଉତ, କମ୍ପାନୀ ବେହେରା, ନିରଞ୍ଜନ ବେହେରା, ସୁଖେନ୍ଦୁ କୁମାର ପୁହାଣ ଓ ଅମିୟ କୁମାର ଦାସ ପ୍ରମୁଖ ମନ୍ତ୍ରୀଙ୍କ ଶୁଭକାମନା କରିବା ସହ ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ କହିଛନ୍ତି। ଏଥିସହ ମନ୍ତ୍ରୀଙ୍କ କର୍ମମୟ ଜୀବନ ସୁଦୀର୍ଘ, ସୁଖୀ ଓ ନିରାମୟ ହେଉ ବୋଲି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସେମାନେ ପ୍ରାର୍ଥନା କରିଛନ୍ତି।



ଶ୍ରମମନ୍ତ୍ରୀ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ବୋସ୍ ଶିକ୍ଷାନୁଷ୍ଠାନର ୧୯୯୪ ବ୍ୟାଚ୍‌ର ସହପାଠୀ ଶୁଭେଚ୍ଛା ଜଣାଉଛନ୍ତି।

# ଗଙ୍ଗୁଆ ଜବରଦଖଲ ଉଚ୍ଛେଦ ହେବ: ବାବୁ ସିଂ

ପୁରୁଣା ଭୁବନେଶ୍ୱର,୨୫।୬
(ସୁବାସ ଚନ୍ଦ୍ର ପ୍ରଧାନ)

ରାଜଧାନୀ ଭୁବନେଶ୍ୱରରେ ପ୍ରବାହିତ ଗନ୍ଧବତୀ ନଦୀ ବର୍ତ୍ତମାନର ପ୍ରଦୂଷିତ ଗଙ୍ଗୁଆ ଖୁବ୍‌ଶୀଘ୍ର ଜବରଦଖଲ ମୁକ୍ତ ହେବ। ଏଥିସହ ଏହା ଗତିପଥ ବଦଳାଇ ପୋତି ଅବୈଧ ନିର୍ମାଣ ଉଚ୍ଛେଦ କରାଯିବ ବୋଲି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି। ରାଜଧାନୀ ମଧ୍ୟରେ ବହିଯାଇଥିବା ଅଧିକାଂଶ ପ୍ରାକୃତିକ ନାଳର ପ୍ରଦୂଷିତ ଜଳ ଓ ବର୍ଷାଦିନେ ତଳିଆ ଅଞ୍ଚଳରୁ ପାଣି ଏହି ଗଙ୍ଗୁଆ ନଦୀରେ ମିଶିଥାଏ। ଏଣୁ ଭୁବନେଶ୍ୱରକୁ ବନ୍ୟା ଦାଉରୁ ରକ୍ଷା କରୁଥିବା ଗଙ୍ଗୁଆ ଜବରଦଖଲ ମୁକ୍ତ ହେବା ନିହାତି ଆବଶ୍ୟକ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବଡ଼ଗଡ଼, କେଶୁରା, ବାସୁଆଘାଇ, ଶିଶୁପାଳ, ଲିଙ୍ଗିପୁର, ନୂଆଗାଁ, କୁକୁଡ଼ାଘାଇ, ପାଟଣା, ପଳାସପୁର, ବସନ୍ତପୁର ଆଦି ସ୍ଥାନରେ ଗଙ୍ଗୁଆ ଉପକୂଳବର୍ତ୍ତୀ ଜମିକୁ ବ୍ଲୁଜୋନ୍ ଅର୍ଥାତ୍ ଜଳପ୍ଲାବିତ ଅଞ୍ଚଳ ଘୋଷଣା କରିଥିଲେ ମଧ୍ୟ ଅସାଧୁ ଜମି ବ୍ୟବସାୟୀ ଓ ରାଜସ୍ୱ ବିଭାଗର ଦୁର୍ନୀତିଗ୍ରସ୍ତ ଅଧିକାରୀ କିସମ ଘରବାରି ପରିବର୍ତ୍ତନ କରି ଅନେକ ସ୍ଥାନରେ ବେଆଇନ ନିର୍ମାଣ କରିଚାଲିଛନ୍ତି। ଗଙ୍ଗୁଆ ନଦୀପଥ ବଦଳାଇ କେତେକ ସ୍ଥାନରେ ନଦୀ ଉପକୂଳ ପୋତି ରାସ୍ତା ନିର୍ମାଣ କରିବା ସହିତ ଅବୈଧ ପ୍ଲଟିଂ କରି ଜମି ବିକ୍ରି କରିଛନ୍ତି। ସରକାରୀ ଯୋଜନାରେ ଯେଉଁ ଅଞ୍ଚଳରେ ଗୃହ ନିର୍ମାଣ ବାରଣ ରହିଛି, ସେସବୁ ଅବୈଧ ପ୍ଲଟିଂ ବ୍ୟବସାୟୀଙ୍କୁ ସହାୟତା କରିବାକୁ ଜନପ୍ରତିନିଧି ପାଣ୍ଠି ଦୁରୁପଯୋଗ କରି ରାସ୍ତା ନିର୍ମାଣ କରାଯାଇଛି। ଏଣୁ ଏସବୁ ଜବରଦଖଲ ଗଙ୍ଗୁଆ ନଦୀପଥରୁ ଏବଂ ପ୍ରାକୃତିକ ନାଳ ନିକଟରୁ ଖୁବ୍‌ଶୀଘ୍ର ଉଚ୍ଛେଦ କରି ଭୁବନେଶ୍ୱରକୁ ବନ୍ୟା ଦାଉରୁ ରକ୍ଷା କରାଯିବାର ସମସ୍ତ ବ୍ୟବସ୍ଥା ହେବା ନେଇ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି। ଗଙ୍ଗୁଆ ନଦୀର ଟଙ୍କପାଣି ରୋଡ଼ କେଶୁରା ନିକଟରେ ଐତିହ୍ୟ ପଥର ନିର୍ମିତ ନାଳ ନଷ୍ଟ ହେବାକୁ ବସିଲାଣି। ଏଣୁ ସେସବୁ ସୁରକ୍ଷା ପାଇଁ ମଧ୍ୟ ସିଏ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏକାମ୍ର ନିର୍ବାଚନମଣ୍ଡଳୀ ଅଧୀନ ନୂଆଗାଁରୁ ଗଙ୍ଗୁଆ ନଦୀକୁ ବନ୍ୟା ଜଳ ଯିବା ପାଇଁ ଲିଙ୍ଗିପୁର ମୌଜାର ଯେଉଁ ପାଣି ନାଳ ପ୍ଲଟ ନଂ. ୨୦ ଓ ୬ ଉପରେ କଂକ୍ରିଟ ରାସ୍ତା ନିର୍ମାଣ କରି ଗଙ୍ଗୋତ୍ରୀ ନଗର ୧ ଗଢ଼ି ଉଠିଛି, ଏହାର ପୁନରୁଦ୍ଧାର କରିବା ସହିତ ଅବୈଧ ନିର୍ମାଣ ହଟାଇବାକୁ ନୂଆଗାଁ ଓ ବିଜୟ ବିହାର ଆଦି ବାସିନ୍ଦା ଦାବି କରିଛନ୍ତି। ବାବୁ ସିଂଙ୍କ ଏଭଳି ଘୋଷଣାକୁ ଗଙ୍ଗୁଆ ବଞ୍ଚାଅ ଆନ୍ଦୋଳନ ଆବାହକ ତଥା ପୂର୍ବତନ ଖଦି ବୋର୍ଡ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ଏକାମ୍ର ଜନ ଜାଗରଣ ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ ଓ ଅନେକ ବୁଦ୍ଧିଜୀବୀ ସ୍ୱାଗତ କରିଛନ୍ତି।



ଜବର ଦଖଲ ହୋଇଥିବା ଗଙ୍ଗୁଆ ନାଳ।

# ବର୍ଷା ଅଭାବ: ଖରିଫ ଚାଷ ବାଧାପ୍ରାପ୍ତ ଆଶଙ୍କା

**ଖୋର୍ଦ୍ଧା,୨୫।୬(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାର ଅଧିକାଂଶ ଅଞ୍ଚଳରେ ବର୍ଷା ଅଭାବ ଯୋଗୁ ଖରିଫ ଚାଷ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି। ଜୁନ ପହିଲାରୁ ଅଦ୍ୟାବଧି ସ୍ୱାଭାବିକ ପରିମାଣଠାରୁ କମ୍ ବୃଷ୍ଟିପାତ ହୋଇଥିବାବେଳେ ଖୋର୍ଦ୍ଧା ଜିଲାରେ ୪୬ ପ୍ରତିଶତ କମ୍ ବର୍ଷା ହୋଇଥିବା ପାଣିପାଗ ତଥ୍ୟରୁ ସୂଚନା ମିଳିଛି। ଆବଶ୍ୟକ ପରିମାଣର ବର୍ଷା ନ ହେଲେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇପାରେ। ଜିଲାର ୫୬, ୭୯୬ ହେକ୍ଟର ଜମିକୁ ଜଳସେଚନ ସୁବିଧା ନ ଥିବାବେଳେ ଏପର୍ଯ୍ୟନ୍ତ ୬୦ ପ୍ରତିଶତ ଜମିରେ ଧାନବୁଣା ହୋଇପାରିନାହିଁ। ଖରିଫ ଧାନଚାଷ ଲକ୍ଷ୍ୟ ବାଟବଣା ହେବା ଆଶଙ୍କା ରହିଛି। ଏହା ଚାଷୀଙ୍କ ଚିନ୍ତା ବଢାଇଛି।

ଖୋର୍ଦ୍ଧା ଜିଲାର ୧,୨୪,୬୫୦ ହେକ୍ଟର ଚାଷଜମିରୁ ଚଳିତ ଖରିଫ ଋତୁରେ ୧,୨୦, ୨୮୫ ହେକ୍ଟର ଜମିରେ ଧାନ ଫସଲ କରିବା ପାଇଁ କୃଷି ବିଭାଗ ଲକ୍ଷ୍ୟ ରଖିଛି। ଜିଲାରେ ୪୦,୮୦୦ ହେକ୍ଟର ଜମିରେ କୃଷି ବିଭାଗ ଧାନ ବୁଣା ପାଇଁ ଲକ୍ଷ୍ୟ ରଖିଥିବାବେଳେ ୬୧,୪୬୭ ହେକ୍ଟର ଜମିରେ ଧାନ ରୋଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ୧ଲକ୍ଷ ୨୦ ହଜାର ୨୮୫ ହେକ୍ଟର ଜମିରେ ଧାନ ଏବଂ ୧୮ ହଜାର ୧୮ହେକ୍ଟର ଜମିରେ ଅଣଧାନ ଚାଷ କରାଯିବ। ତନ୍ମଧ୍ୟରୁ ୧୭ ହଜାର ୪୭୫ ହେକ୍ଟର ଢିପ, ୪୩ ହଜାର ୩୩୮ ହେକ୍ଟର ସମତୁଲ ଜମି ଏବଂ ଅବଶିଷ୍ଟ ୪୮,୮୦୭ ହେକ୍ଟର ତଳିଆ ଜମିରେ ଖରିଫ ଧାନ ଫସଲ ଅମଳ ଲକ୍ଷ୍ୟ ରଖାଯାଇଛି। ଖୋର୍ଦ୍ଧା ବ୍ଲକ୍‌ରେ ୧୪,୪୨୦ ହେକ୍ଟର, ବେଗୁନିଆ ବ୍ଲକ୍‌ରେ ୧୬,୫୬୦ ହେକ୍ଟର, ବୋଲଗଡ଼ ବ୍ଲକ୍‌ରେ ୧୫,୬୨୦ ହେକ୍ଟର, ଟାଙ୍ଗୀ ବ୍ଲକ୍‌ରେ ୧୨,୭୬୦ ହେକ୍ଟର, ଚିଲିକା ବ୍ଲକ୍‌ରେ ୧୧,୭୧୦ ହେକ୍ଟର, ବାଣପୁର ବ୍ଲକ୍‌ରେ ୧୨,୬୫୦ ହେକ୍ଟର, ଭୁବନେଶ୍ୱର ବ୍ଲକ୍‌ରେ ୮,୯୪୦ହେକ୍ଟର, ଜଟଣୀ ବ୍ଲକ୍‌ରେ ୭,୨୪୦ ହେକ୍ଟର, ବାଲିଅନ୍ତା ବ୍ଲକ୍‌ରେ ୯,୭୯୫ ହେକ୍ଟର ଓ ବାଲିପାଟଣା ବ୍ଲକ୍‌ରେ ୧୦,୫୯୦ହେକ୍ଟର ଜମିରେ ଧାନ ଚାଷ କରିବା ନେଇ ବିଭାଗ ଲକ୍ଷ୍ୟ ରଖିଛି।

ଜିଲାର ପ୍ରାୟ ୬୭,୮୫୪ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ରହିଥିବା

**୫୬,୭୯୬ ହେକ୍ଟର ଜମିକୁ ନାହିଁ ଜଳସେଚନ ସୁବିଧା**

- ୧,୨୦, ୨୮୫ ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟ
- ୬୦ ପ୍ରତିଶତ ଜମିରେ ଧାନବୁଣା ହୋଇପାରିନାହିଁ

କୃଷି ବିଭାଗ ପକ୍ଷରୁ ଜଣାପଡିଛି। ସେଥିରୁ ଦୟା, ମଲାଗୁଣୀ, ରଣ ପ୍ରଭୃତି ନଦୀ ଦ୍ୱାରା ୨୧,୦୯୦ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ଥିବାବେଳେ କେନାଲ ଦ୍ୱାରା ୬୮୧୫ ହେକ୍ଟର, ଉଠାଜଳସେଚନ ଦ୍ୱାରା ୩୩୧୭ ହେକ୍ଟର, ନଳକୂପ ଜରିଆରେ ୭୩୦ ହେକ୍ଟର ଏବଂ ଅନ୍ୟାନ୍ୟ ପ୍ରାକୃତିକ ଉତ୍ସ ଦ୍ୱାରା ୧୫୯ ହେକ୍ଟର ଜମି ଜଳସେଚିତ ହୋଇଥାଏ। ବାଲିଅନ୍ତା, ବାଲିପାଟଣା ଓ ଭୁବନେଶ୍ୱର ବ୍ଲକ୍‌କୁ ଛାଡ଼ିଦେଲେ ଅନ୍ୟ ବ୍ଲକ୍‌ରେ ଜଳସେଚନର ପର୍ଯ୍ୟାପ୍ତ ସୁବିଧା ନାହିଁ। ବାଲିଅନ୍ତା ବ୍ଲକ୍‌ରେ ସର୍ବାଧିକ ୧୨,୧୩୬ ହେକ୍ଟର ଜମି ଜଳସେଚିତ ହୋଇଥିବାବେଳେ ଖୋର୍ଦ୍ଧା ବ୍ଲକ୍‌ରେ ସର୍ବନିମ୍ନ ୨,୯୬୧ ହେକ୍ଟର, ଚିଲିକା ବ୍ଲକରେ ୩,୪୪୭ ହେକ୍ଟର, ବେଗୁନିଆ ବ୍ଲକ୍‌ରେ ୪,୩୯୨ ହେକ୍ଟର, ବୋଲଗଡ଼ରେ ୫,୯୫୦ ହେକ୍ଟର, ଟାଙ୍ଗୀ ବ୍ଲକ୍‌ରେ ୫,୩୫୮ହେକ୍ଟର, ବାଣପୁର ବ୍ଲକ୍‌ରେ ୯,୧୮୨ ହେକ୍ଟର, ଭୁବନେଶ୍ୱର ବ୍ଲକରେ ୯,୩୬୪ ହେକ୍ଟର, ଜଟଣୀ ବ୍ଲକ୍‌ରେ ୩,୧୦୩ ହେକ୍ଟର ଓ ବାଲିପାଟଣା ବ୍ଲକରେ ୧୧,୯୬୧ ହେକ୍ଟର ଜମି ଜଳସେଚନ ସୁବିଧା ରହିଛି। ଜିଲାରେ ଥିବା ୪ଟି ବୃହତ୍ କେନାଲ, ଗୋଟିଏ ମଧ୍ୟମ, ୧୬୨ଟି କ୍ଷୁଦ୍ର କେନାଲ, ୩୪୫ଟି ସରକାରଙ୍କ ଉଠାଜଳସେଚନ ପ୍ରକଳ୍ପ ଓ ୩୩୧୭ଟି ଘରୋଇ ଭାବେ ପରିଚାଳିତ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ୪୦ ପ୍ରତିଶତ ଜମିକୁ ଜଳସେଚନ କରାଯାଉଛି। ଜିଲାର ଅବଶିଷ୍ଟ ୫୬,୭୯୬ ହେକ୍ଟର ଜମିର ଚାଷୀ ଜଳସେଚନ ସୁବିଧାରୁ ବଞ୍ଚିତ। ଚାଷପାଇଁ ବର୍ଷା ଜଳ ହିଁ ଏକମାତ୍ର ଭରସା। ମୌସୁମୀର ଲୁଚକାଳି ଖେଳ ଯୋଗୁ ଧାନବୁଣା କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ସୁଭାଷ ଚନ୍ଦ୍ର ପଣ୍ଡା କହିଛନ୍ତି, ଜିଲାରେ ମେ’ ମାସରେ କିଛି ବ୍ଲକରେ ବର୍ଷା ହୋଇଛି। ଏବେ ସୁଦ୍ଧା ୪୦ ପ୍ରତିଶତ ଜମିରେ ଧାନବୁଣା ସରିଛି। ଜିଲାରେ ୪୦୫୦ କୁଇଣ୍ଟାଲ ବିଭିନ୍ନ କିସମର ବିହନ ଏବଂ ପ୍ୟାକ୍ସ, ଲ୍ୟାମ୍ପସ ଏବଂ ୧୦୭ ଡିଲର ପଏଣ୍ଟ ପକ୍ଷରୁ ପ୍ରାୟ ୧୭ ହଜାର ମେଟ୍ରିକ ଟନ ସାର ଯୋଗାଇ ଦିଆଯାଇଛି। ସାର କଳାବଜାରୀ ରୋକିବା ପାଇଁ ଟାସ୍କଫୋର୍ସ ଗଠନ କରାଯାଇଛି। ତିନିସ୍ତରୀୟ ଟାସ୍କଫୋର୍ସ ବିଭିନ୍ନ ସ୍ଥାନରେ ଚଢାଉ କରୁଛନ୍ତି। ବିହନ, ସାର, କୀଟନାଶକ ଚାଷୀଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଛି। କୃଷକଙ୍କୁ ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଯୋଗାଇ ଦେବା ଲାଗି ଯୋଜନା ରହିଛି। ପ୍ରାକୃତିକ ଦୁର୍ବିପାକ ସମୟରେ ଫସଲ କ୍ଷତି ଲାଗି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିୱାଇ)ରେ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯିବାର ଯୋଜନା ରହିଛି। ଚଳିତବର୍ଷ ଜିଲାରେ ୧୫୬୦ହେକ୍ଟର ଜମିରେ ଧନିଚା ଓ ରାଜ୍ୟ ଯୋଜନାରେ ୬ଶହ ହେକ୍ଟର ଜମିରେ ଧାଡ଼ିରୁଆ ଧାନଚାଷ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ଜଳନିଧି ଓ ସୌର ପ୍ରକଳ୍ପ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି।

# ୩ ରଥକୁ ବଡ଼ଧରା ପୋଟଳ ଉଠିଲା



**ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ବଡ଼ଦାଣ୍ଡସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରଥ ନିର୍ମାଣକାରୀ ସେବକମାନେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ୩ରଥର ତୃତୀୟ ଭୂଇଁ ଫ୍ରେମ୍ ଉଠି ମଝି ଭୂଇଁ ଉପରେ ସଂଯୋଗ ସହ ତୃତୀୟ ଭୂଇଁ ଉପରେ ୪ଟି ପୋଟଳ ଖମ୍ବୀ ଏବଂ ଦୁଇଟି ପୋଟଳ ସେଣୀ ସଂଯୋଗ ହୋଇଥିଲା। ମଙ୍ଗଳବାର ତିନିରଥ ମହାରଣା ସେବକ ଏବଂ ଭୋଇସେବକଙ୍କ ସହଯୋଗରେ ବଡ଼ଧରା ପୋଟଳ ତିନିରଥର ତୃତୀୟ ଭୂଇଁ ଉପରେ ସେଟିଂ କରାଯାଇଛି। ଏହି ପୋଟଳ ୧୩ ପରସ୍ତ ବିଶିଷ୍ଟ। ଏହା ରଥର ଶେଷ ଭୂଇଁ ଉପରୁ ନିର୍ମାଣ ହୋଇଥାଏ, ଏହାର ଗଠନ ଶୈଳୀ ଶ୍ରୀମନ୍ଦିର ଶ୍ରୀଭାଗ ଅଂଶ ପରି ଦୃଶ୍ୟମାନ ହୁଏ। ଏଥିସହ ତିନିର ପଛ ଆଣି ଡ଼ମକ ଚାରି ନାହାକାକୁ ଲାଗି ପଡ଼ି କଣ୍ଟାବାଡିଆ ଶେଷ ହୋଇଛି। ଚାରିନାହାକା ଉଭୟ ପଟରେ ମୂଳକଇଞ୍ଚି ବାଡ଼ିଆ ଶେଷ ହୋଇଛି। ୩ ରଥର ଚାରିପାର୍ଶ୍ୱରେ ତାଗବାଡ଼ିଆ ବା ବଟନ ଆଡ଼ିଆ ଆରମ୍ଭ ହୋଇଛି। ତାଗବାଡ଼ିଆ ପରେ ରଥ ଚାରିପାର୍ଶ୍ୱରେ ପଟାବାଡ଼ିଆ କାର୍ଯ୍ୟ ଆରମ୍ଭ ହେବ। ତିନିରଥର କନକମୁଣ୍ଡି ନିର୍ମାଣ ସହ ତା’ର ଚାରିପାର୍ଶ୍ୱରେ କାପ ବିନ୍ଧ ଶେଷ ହେବା ସହ କଳସ ପିଣ୍ଡି ନିର୍ମାଣ ଜାରି ରହିଛି। ତିନିରଥର ବଡ଼ଧରା ପୋଟଳ ରଥରେ ସେଟିଂ ପରେ ବାକି ପୋଟଳଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରି ରହିଛି। ତିନି ରଥର ୪ଟି ଲେଖାଏ ଧ୍ୱଜବତା ନିର୍ମାଣ ଶେଷ ହୋଇଛି। ଏଥିସହ ରଥ ଦ୍ୱାରଗୁଡିକରେ ନାଟଗୋଡ଼ ସେଟିଂ ପାଇଁ ଆଠଟି ଲେଖାଏ ଗାରେଡ଼ି ନିର୍ମାଣ ସରିଛି। ରୂପକାର ସେବକମାନେ ଚାର ପରିଛାରେ ଚିତ୍ର ଖୋଦେଇ ଶେଷ କରିବା ସହ ନାଟଗୋଡ଼ଗୁଡିକରେ ରୂପ ଖୋଦେଇ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ରଥର ବାହ୍ୟ ଅଂଶରେ ଧଳା ପ୍ରାଇମର ଦେବା ସହ ରଥ ପାର୍ଶ୍ୱଦେବଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ ଏବଂ ଠେକରା ବାଡ଼ରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ରଥ କଇଞ୍ଚି କଣ୍ଟା, ପୋଟଳ ପାଇଁ ଗୋଡ଼ି ଛାଲ କଣ୍ଟା ତିଆରିରେ ବ୍ୟସ୍ତ ରହିଛନ୍ତି।

## ସଂକ୍ଷେପରେ

### ପିକଅପ୍ ଭ୍ୟାନ୍– ବାଇକ୍ ମୁହାଁମୁହିଁ: ୨ ଯୁବକ ଗୁରୁତର

**ବାଲିଅନ୍ତା ୨୫।୬(ନୀଳମାଧବ ସାହୁ) :** ହଂସପାଳ–ଅଭୟମୁଖୀ ଜୟଦେବ ରାସ୍ତାର ବାଲିଅନ୍ତା ବଜାର ଛକରେ ମଙ୍ଗଳବାର ସନ୍ଧ୍ୟାରେ ଏକ ପିକଅପ୍ ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କାରେ ହେବାରୁ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ୨ ଭାଇ ଭୁବନେଶ୍ୱର କୋଳଥିଆ ଅଞ୍ଚଳରେ ରହୁଥିବାବେଳେ ଉଭୟଙ୍କ ପରିଚୟ ମିଳିପାରିନାହିଁ। ୨ ଭାଇ ବାଲିଅନ୍ତାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ପିକଅପ୍ ଭ୍ୟାନ୍ ସହ ପିଟି ହୋଇଥିଲେ। ଫଳରେ ଉଭୟ ରାସ୍ତାରେ ପ୍ରାୟ ୧୦ଫୁଟ ପର୍ଯ୍ୟନ୍ତ ଘୋଷାରି ହୋଇଯାଇଥିଲେ। ସେମାନେ ପିନ୍ଧିଥିବା ହେଲ୍‌ମେଟ୍ ମଧ୍ୟ ଭାଙ୍ଗିରୁଜି ଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ରାସ୍ତାରୁ ଉଠାଇ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ବାଲିଅନ୍ତା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଛି।

# ଶ୍ରୀଅରବିନ୍ଦ ଜ୍ଞାନ ମନ୍ଦିରର ବାର୍ଷିକୋତ୍ସବ



**ଟାଙ୍ଗୀ(ଖୋର୍ଦ୍ଧା),୨୫।୬(ରଘୁନାଥ ସାହୁ)**

ସୁନାଖଳାସ୍ଥ ଶ୍ରୀଅରବିନ୍ଦ ଜ୍ଞାନ ମନ୍ଦିରର ୬୨ତମ ବାର୍ଷିକୋତ୍ସବ ୨୪ ଓ ୨୫ ତାରିଖ ୨ ଦିନ ଧରି ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ଭାରତର ଆଧ୍ୟାତ୍ମିକ ପତାକାକୁ ଚିଲିକା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ ଉତ୍ତୋଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହାପରେ ବନ୍ଦେ ମାତରମ୍ ଗାନ କରାଯାଇ ଶ୍ରୀଅରବିନ୍ଦ ଓ ଶ୍ରୀମା’ଙ୍କ ତୈଳଚିତ୍ରରେ ଧୂପ ପୁଷ୍ପ ଅର୍ପଣ ପରେ ଶ୍ରୀଅରବିନ୍ଦଙ୍କ ସମାଧି ପୀଠରେ ସମୂହ ଧ୍ୟାନ ଓ ପ୍ରାର୍ଥନା କରାଯାଇଥିଲା। ରାମଚନ୍ଦ୍ର ମାର୍ଥାଙ୍କ ସଭାପତିତ୍ୱରେ ଆଧ୍ୟାତ୍ମିକ ଆଲୋଚନାଚକ୍ରରେ ‘ବିଶ୍ୱାସ ରଖ ମାଆ ସବୁ କିଛି କରିଦେବି’ ଅନୁଷ୍ଠିତ ହୋଇଥିଲା। କାଲୁପଡ଼ା ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସଞ୍ଜୟ ମହାପାତ୍ର ଓ ଶ୍ରୀଅରବିନ୍ଦ ପାଠଚକ୍ର ଆନ୍ଦୋଳନର ରାଜ୍ୟ ସଂଗଠକ ପ୍ରଭାତ ନାୟକ ଆଲୋଚକ ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ ସମାଧି ପୀଠରେ ସମୂହ ଧ୍ୟାନ କରାଯିବା ପରେ ଦଳଗତ ଆଲୋଚନା ହୋଇଥିଲା। ପୂର୍ବାହ୍ନରେ ଆଧ୍ୟାତ୍ମିକ ଆଲୋଚନା ‘ଜୀବନ ସମସ୍ୟାର ସମାଧାନରେ ଶ୍ରୀଅରବିନ୍ଦଙ୍କ ଯୋଗ’ ଉପରେ ଖୋର୍ଦ୍ଧା ଜିଲା ଶ୍ରୀଅରବିନ୍ଦ ପାଠଚକ୍ର ଆନ୍ଦୋଳନର ସଂଗଠକ ସୁରେନ୍ଦ୍ରନାଥ ଜେନା ଓ ରାଜ୍ୟ ସଂଗଠକ ନାୟକ ଆଲୋଚନା କରିଥିଲେ। ଅପରାହ୍ନରେ ସାଙ୍ଗଠନିକ ଆଲୋଚନା ହୋଇଥିଲାବେଳେ ସନ୍ଧ୍ୟା ସମୟରେ ସମବେତ ଧ୍ୟାନ ପରେ ‘ମାନବ କର୍ମ ବିକାଶ ଓ ଶ୍ରୀଅରବିନ୍ଦ’ ଉପରେ ଆଲୋଚନା ହୋଇଥିଲା। ଶିବିରରେ ରାଜ୍ୟ ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଚିଲିକା ପୂର୍ବତନ ବିଧାୟକ ଡା. ବିଭୂତିଭୂଷଣ ହରିଚନ୍ଦନ ଓ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା ପ୍ରମୁଖ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ସମାଧି ପୀଠରେ ଧୂପପୁଷ୍ପ ଅର୍ପଣ କରିଥିଲେ।

# ୪ ବର୍ଷ ପରେ ଅଭିଯୁକ୍ତ ଶ୍ୱଶୁର ଗିରଫ

### ଯୌତୁକଜନିତ ନବବଧୂ ଆତ୍ମହତ୍ୟା ମାମଲା

**ଭୁବନେଶ୍ୱର,୨୫।୬(ସତ୍ୟଜିତ୍ ରାଉତ)**

ଯୌତୁକଜନିତ ନବବଧୂ ଆତ୍ମହତ୍ୟା ମାମଲାରେ ଲିଙ୍ଗରାଜ ଥାନା ପୋଲିସ ୪ବର୍ଷ ପରେ ଅଭିଯୁକ୍ତ ଶ୍ୱଶୁରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ବଡମ୍ବା ଅଞ୍ଚଳର କୁମାର ପଲେଇ (୬୬)। କୋର୍ଟଚାଲାଣ ପରେ ଅଭିଯୁକ୍ତ କୁମାରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମୃତା ନବବଧୂ ହେଲେ ଅଭିଯୋଗକାରିଣୀ ମଞ୍ଜୁବାଳା ବେହେରାଙ୍କ ଝିଅ ରାଜଲକ୍ଷ୍ମୀ ବେହେରା। ସେ ୨୦୧୯ରେ ଅଭିଯୁକ୍ତ କୁମାରଙ୍କ ପୁଅଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ବରପକ୍ଷଙ୍କୁ ଦିଆଯାଇଥିଲେ ମଧ୍ୟ ଆଉ ୨ ଲକ୍ଷ ଟଙ୍କା ବାପଘରୁ ଆଣିବା ପାଇଁ ରାଜଲକ୍ଷ୍ମୀଙ୍କୁ ବାଧ୍ୟ କରାଯାଉଥିଲା। ନିର୍ଯାତନା ସହି ନ ପାରି ରାଜଲକ୍ଷ୍ମୀ ୨୦୨୦ ଜୁଲାଇ ୧ରେ ଭୁବନେଶ୍ୱର ଓଲ୍ଡଟାଉନସ୍ଥିତ ଭଡାଘରେ ଓଢ଼ଣିଦ୍ୱାରା ଝୁଲି ଆତ୍ମହତ୍ୟା କରିଥିଲେ। ମା’ ମଞ୍ଜୁବାଳାଙ୍କ ଏତଲା ପରେ ପୋଲିସ ଏକ ମମାଲା (ନଂ.୯୯/୨୦୨୦) ରୁଜୁ କରି ଅଭିଯୁକ୍ତ କୁମାରଙ୍କ ପୁଅ ତଥା ରାଜଲକ୍ଷ୍ମୀଙ୍କ ସ୍ୱାମୀଙ୍କୁ ଘଟଣାର ୨ ଦିନ ପରେ ଗିରଫ କରିଥିଲା।

# ବିଚାରପତିଙ୍କୁ ଚିଲିକା ଓକିଲ ସଂଘର ବିଦାୟ ସମ୍ବର୍ଦ୍ଧନା



ବିଚାରପତି ବିକାଶ ଗୋଏଲଙ୍କୁ ଚିଲିକା ଓକିଲ ସଂଘ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

**ବାଣପୁର,୨୫।୬(ଦିଲୀପ ସ୍ୱାଇଁ)**

ଚିଲିକା ବ୍ଲକ ଗଙ୍ଗାଧରପୁରସ୍ଥିତ ଚିଲିକା ଜୁଡିସିଆଲ କୋର୍ଟ ବିଚାରପତି ବିକାଶ ଗୋଏଲ ପଦୋନ୍ନତି ପାଇ ସମ୍ବଲପୁର ଜିଲା ଜୁଡିସିଆଲ କ୍ଷେତ୍ରକୁ ବଦଳି ହୋଇଛନ୍ତି। ଚିଲିକା କୋର୍ଟ ପ୍ରତିଷ୍ଠା ଦିନରୁ ପ୍ରଥମ ବିଚାରପତି ଭାବେ ୨୦୨୧ ଜାନୁଆରୀ ୨୩ରୁ ଅଦ୍ୟାବଧି ଗୋଏଲଙ୍କ ନ୍ୟାୟିକ ସେବା ସମେତ ତାଙ୍କର କାର୍ଯ୍ୟକାଳ ଓ ସାମାଜିକ ଲୋକସମ୍ପର୍କ ସାଧାରଣରେ ବେଶ ଲୋକପ୍ରିୟ ରହିଥିଲା। ଚିଲିକା ଓକିଲ ସଂଘ ପକ୍ଷରୁ ବିଦାୟୀ ବିଚାରପତି ଗୋଏଲଙ୍କ ପାଇଁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଆୟୋଜିତ ହୋଇଥିଲା। ସଂଘ ସଭାଗୃହରେ ସଭାପତି ପ୍ରଦୀପ୍ତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଗୋଏଲ, ଚଳିତ ମାସରେ ଅବସର ନେବାକୁ ଯାଉଥିବା କୋର୍ଟ ସିଏସ୍‌ଆଇ କର୍ମଚାରୀ ବିଜୟ ପାତାଳସିଂ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚାସୀନ ସଂଘର ସମ୍ପାଦକ ଅଶୋକ କୁମାର ଚମ୍ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବକ୍ତା ଭାବେ ପ୍ରାକ୍ତନ ସଭାପତି ହରେକୃଷ୍ଣ ଜଗଦ୍ଦେବ, ଖଗେଶ୍ୱର ପାତ୍ର, ବରିଷ୍ଠ ଓକିଲ ଦିଲୀପ ପଟ୍ଟନାୟକ, ଅରୁଣ ହୋତା, ସୁରେନ୍ଦ୍ର ପ୍ରଧାନ, ପ୍ରାକ୍ତନ ସମ୍ପାଦକ ପ୍ରଦୋଷ ଦାସ ଓ ଦେବାଶିଷ ରଥ, ଅଶୋକ ଜେନା, ପ୍ରଦୀପ ପଟ୍ଟନାୟକ, ନୋଟାରୀ ଭାସ୍କର ଚନ୍ଦ୍ର ଘଡ଼ାଇ, ଚିତ୍ରସେନ ସାହୁ ବିଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ଆଇନଜୀବୀ ସନ୍ତୋଷ ବେହେରା, ହେମନ୍ତ ସାହୁ, ମନୋରଞ୍ଜନ ପରିଡ଼ା, ବିରଞ୍ଚି ବେହେରା, ବିବେକାନନ୍ଦ ପଣ୍ଡା, କିଶୋର ବେହେରା, ରାମଚନ୍ଦ୍ର ପଲାଇ, ସୁକାନ୍ତ ପ୍ରଧାନ, ପ୍ରଦୀପ ଜେନା, ବୈକୁଣ୍ଠନାଥ ପ୍ରଧାନ, ଦୁର୍ଗାଶଙ୍କର ଶତପଥୀଙ୍କ ସହିତ ବହୁ ଆଇନଜୀବୀ ତଥା କୋର୍ଟ କର୍ମଚାରୀ ଉପସ୍ଥିତ ରହି ସମ୍ଭାଷଣ ଜଣାଇଥିଲେ।

# ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନକଲେ ସ୍ୱାସ୍ଥ୍ୟମନ୍ତ୍ରୀ

### ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର

**କଣ୍ଟାପଡା, ୨୫।୬(ସୁରନାରାୟଣ ସାହୁ):** କଣ୍ଟାପଡା ବ୍ଲକ ଅଧୀନ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ସେଠାରେ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିବା ସହ ବିଭିନ୍ନ ୱାର୍ଡ ବୁଲି ଦେଖିଥିଲେ। ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ପାଇଁ ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ତାଙ୍କ ଅନୁରୋଧ ରକ୍ଷା କରି ମଙ୍ଗଳବାର ଅପରାହ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ।

# ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆସୁନି: ଭାଜପା

**ଜଟଣୀ,୨୫।୬(ରବୀନ୍ଦ୍ରନାଥ ମହାକୁଡ)**



ଜଟଣୀ ନଗର ଭାଜପା ପକ୍ଷରୁ ସ୍ଥାନୀୟ ରାମଚନ୍ଦ୍ରପୁର ବଜାରସ୍ଥ ଭାଜପା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜଟଣୀରେ ସ୍ୱାସ୍ଥ୍ୟ ଏବଂ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନାଙ୍କ ନେତୃତ୍ୱରେ ଉକ୍ତ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀରେ ଜଟଣୀ ପୌରାଞ୍ଚଳରେ ଡ୍ରେନେଜ୍ ଏବଂ ପରିମଳ ବ୍ୟବସ୍ଥାରେ ଦୀର୍ଘ ଦିନ ଧରି ସୁଧାର ଆସି ନ ଥିବାକୁ ବିଶ୍ୱରଞ୍ଜନ କ୍ଷୋଭ ପ୍ରକାଶ କରିବା ସହିତ ବର୍ଷା ପୂର୍ବରୁ ସହରର ବିଭିନ୍ନ ଗଳି କନ୍ଦି, ସାହି, ବସ୍ତି ସହିତ ସହରର ମୁଖ୍ୟ ରାସ୍ତାରେ ରହିଥିବା ସମସ୍ତ ଡ୍ରେନ୍‌ର ମରାମତି, ଡ୍ରେନ୍ ଉପରେ ସ୍ଲାବ ପକାଇବା, ଅଳିଆ ଆବର୍ଜନା ସଫା କରିବାକୁ ଜଟଣୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ସେହିପରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ସହିତ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ପାଇଁ ଏକ୍ସରେ ଟେକ୍ନିସିଆନ, ଅଲଟ୍ରାସାଉଣ୍ଡ ଟେକ୍ନିସିଆନ ସହିତ ମେଡିସିନ ବିଶେଷଜ୍ଞ, ଶିଶୁ ବିଶେଷଜ୍ଞ ନିଯୁକ୍ତି ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ଫିଜିଓଥେରାପି କେନ୍ଦ୍ରକୁ ଉପର ମହଲାରୁ ତଳ ମହଲାକୁ ସ୍ଥାନାନ୍ତର କରିବା ଆଦି ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା। ଉକ୍ତ ସମସ୍ୟାରେ ସୁଧାର ଆଣିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କୁ ଭାଜପା ବିଧାୟକ ପ୍ରାର୍ଥୀ ବଡ଼ଜେନା ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ଏମ୍‌ପି ପ୍ରତିନିଧି ସତୀଶ ଶର୍ମା, ତିରୁପତି ଶତପଥୀଙ୍କ ସହିତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ବିଧାୟକ ପ୍ରଦୀପଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବେଗୁନିଆ,୨୫।୬(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ଥାନା ଅଧୀନ କଡବ ଓ ମାଣିବନ୍ଧ ପଞ୍ଚାୟତରେ ବିଧାୟକ ପ୍ରଦୀପ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟଙ୍କ ସମେତ ଦଳୀୟ କର୍ମୀ, ନେତା ଓ ଜନସାଧାରଣ ଉପସ୍ଥିତ ଥିଲେ। ବିଧାୟକ ସାହୁ ଦଳମତ ନିର୍ବିଶେଷରେ ଅଞ୍ଚଳର ବିକାଶ ପାଇଁ ସର୍ବଦା ଚେଷ୍ଟା ଜାରି ରହିବ ବୋଲି ମତବ୍ୟକ୍ତ କରିଥିଲେ।



ବିଧାୟକ ପ୍ରଦୀପ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧିତ କରାଯାଉଛି।

# ରତ୍ନଭଣ୍ଡାର ପ୍ରସଙ୍ଗକୁ ଗୁରୁତ୍ୱ ଦେଉନି ଶ୍ରୀମନ୍ଦିର ପ୍ରଶାସନ

**ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)**

ରଥଯାତ୍ରା ନୀତିନିର୍ଘଣ୍ଟ ନେଇ ମଙ୍ଗଳବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ବୈଠକ ପରେ ରତ୍ନଭଣ୍ଡାର ପ୍ରସଙ୍ଗକୁ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅସନ୍ତୋଷ ତଥା କ୍ଷୋଭ ପ୍ରକାଶ କରିଛନ୍ତି। ସୁଦର୍ଶନ କହିଛନ୍ତି, ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯିବା ସହ ମରାମତି କରାଯାଉ ବୋଲି ସାରା ବିଶ୍ୱରେ ଥିବା ଅଗଣିତ ଜଗନ୍ନାଥପ୍ରେମୀ ଚାହୁଁଛନ୍ତି। ଏନେଇ ବିଗତ ଦିନରେ ଗଣମାଧ୍ୟମକୁ ସୂଚନା ଦେବା କାରଣରୁ ମଙ୍ଗଳବାର ବୈଠକରେ ଗଣମାଧ୍ୟମ ଆଗରେ କିଛି ନ କହିବା ପାଇଁ ପରୋକ୍ଷରେ କୁହାଗଲା। ତେବେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ସୁରକ୍ଷା ଉପରେ ସେ କହିଥିଲେ। ମାତ୍ର ମଙ୍ଗଳବାର ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ପ୍ରସଙ୍ଗରେ କୌଣସି ଆଲୋଚନା କରାଗଲା ନାହିଁ। ସେହିପରି ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ପ୍ରଶାସନ ପକ୍ଷରୁ ତାଙ୍କୁ ଆଶ୍ୱସନା ଦିଆଯାଇଥିଲା ଯେ, ମଠଗୁଡ଼ିକରେ ମୂର୍ତ୍ତି ଲାଗିବ, ମାତ୍ର ଲଗାଗଲା ନାହିଁ। ଏନେଇ ପ୍ରଶ୍ନର ଉତ୍ତର ପ୍ରଶାସନ ଦେଲାନାହିଁ। ତେବେ ୨୦୧୮ ମସିହାରୁ ରିପୋର୍ଟ ଆସିଛି, ରତ୍ନଭଣ୍ଡାର ସ୍ଥିତି ଖରାପ ଅଛି ବୋଲି ଜାଣିବା ପରେ କାହିଁକି ରତ୍ନଭଣ୍ଡାର ମରାମତି କରାଗଲା ନାହିଁ ଏବଂ ସମସ୍ତେ ନୀରବ ରହିଲେ କ’ଣ ପାଇଁ ବୋଲି ସୁଦର୍ଶନ ପ୍ରଶ୍ନ କରିଛନ୍ତି। ପୂର୍ବରୁ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲିବା ନେଇ ପୂର୍ବ ସରକାରଙ୍କ ପକ୍ଷରୁ କରାଯାଇଥିବା ରତ୍ନଭଣ୍ଡାର କମିଟି ସୂଚନା ଦେଇଥିଲା। ଯଦି ପରିଚଳାନା କମିଟି ବୈଠକରେ କୌଣସି ଆଲୋଚନା କରାଯାଉନାହିଁ ତେବେ କମିଟି କେମିତି ଖୋଲିବ ବୋଲି ସେ ପ୍ରଶ୍ନ କରିଛନ୍ତି। ରତ୍ନଭଣ୍ଡାର ନ ଖୋଲେଇ ଦେବା ପାଇଁ ପୂର୍ବରୁ ଯୋଜନା ହୋଇଛି ବୋଲି ଏଥିରୁ ସନ୍ଦେହ ଲାଗୁଛି। ନୂଆ ରାଜ୍ୟ ସରକାର ଚାରିଦ୍ୱାର ଖୋଲିବା ନିଷ୍ପତ୍ତି ନେଲେ। ରତ୍ନଭଣ୍ଡାର ଖୋଲିବା ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କିନ୍ତୁ ଶ୍ରୀମନ୍ଦିର ପରିଚାଳନା କମିଟିବୈଠକରେ ଏ ବିଷୟରେ ଆଲୋଚନା କରି ସରକାରଙ୍କୁ ସହଯୋଗ କରିବା ଦିଗରେ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଶ୍ରୀମନ୍ଦିର ପରିଚାଳନା କମିଟି ଗୁରୁତ୍ୱ ଦେଉନାହାନ୍ତି ବୋଲି ସୁଦର୍ଶନ ଅଭିଯୋଗ ଆଣିଛନ୍ତି। ଅତୀତରେ ରତ୍ନସିଂହାସନ ମରାମତି ପାଇଁ ଶ୍ରୀବିଗ୍ରହକୁ ଅସ୍ଥାୟୀ ସିଂହାସନକୁ ଆଣି କାର୍ଯ୍ୟ କରାଯାଇଥିଲା। କିନ୍ତୁ ରତ୍ନଭଣ୍ଡାରକୁ କେବଳ ରଥଯାତ୍ରା ସମୟରେ ଖୋଲାଯିବା କଥା କହିବା କାରଣ କ’ଣ ବୁଝାପଡୁନାହିଁ। ୨୦୧୮ରେ ରତ୍ନଭଣ୍ଡାର ଖୋଲିବାକୁ ଯାଇଥିବା ପ୍ରାଧିକୃତ କମିଟି ରିପୋର୍ଟ ଓ ୨୦୨୩ରେ ଲେଜର୍ ସ୍କାନିଂ ରିପୋର୍ଟରେ ରତ୍ନଭଣ୍ଡାର ଅସୁରକ୍ଷିତ ଥିବା ସ୍ପଷ୍ଟ ହୋଇଥିବାବେଳେ ପରିଚାଳନା କମିଟି କିନ୍ତୁ ଏ ବାବଦରେ ମୁହଁ ନ ଖୋଲିବା ଦୁର୍ଭାଗ୍ୟଜନକ ବୋଲି ସୁଦର୍ଶନ କହିଛନ୍ତି। ପ୍ରଥମେ ରତ୍ନଭଣ୍ଡାରର ମରାମତି ଆବଶ୍ୟକ ରହିଛି। ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସୁଦର୍ଶନ ଅନୁରୋଧ କରିଛନ୍ତି।

**ଅଭିଯୋଗ ଆଣି କ୍ଷୋଭ ପ୍ରକାଶ କଲେ ସୁଦର୍ଶନ**



## ସଂକ୍ଷେପରେ

### ଯୌତୁକଜନିତ ନବବଧୂ ଆତ୍ମହତ୍ୟା ମାମଲା
#### ୪ ବର୍ଷ ପରେ ଅଭିଯୁକ୍ତ ଶ୍ୱଶୁର ଗିରଫ

ଭୁବନେଶ୍ୱର,୨୫।୬(ସତ୍ୟଜିତ୍ ରାଉତ)

ଯୌତୁକଜନିତ ନବବଧୂ ଆତ୍ମହତ୍ୟା ମାମଲାରେ ଲିଙ୍ଗରାଜ ଥାନା ପୋଲିସ ୪ବର୍ଷ ପରେ ଅଭିଯୁକ୍ତ ଶ୍ୱଶୁରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ବଡମ୍ବା ଅଞ୍ଚଳର କୁମାର ପଲେଇ (୬୬)। କୋର୍ଟଚାଲାଣ ପରେ ଅଭିଯୁକ୍ତ କୁମାରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମୃତା ନବବଧୂ ହେଲେ ଅଭିଯୋଗକାରିଣୀ ମଞ୍ଜୁବାଳା ବେହେରାଙ୍କ ଝିଅ ରାଜଲକ୍ଷ୍ମୀ ବେହେରା। ସେ ୨୦୧୯ରେ ଅଭିଯୁକ୍ତ କୁମାରଙ୍କ ପୁଅଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ବରପକ୍ଷଙ୍କୁ ଦିଆଯାଇଥିଲେ ମଧ୍ୟ ଆଉ ୨ ଲକ୍ଷ ଟଙ୍କା ବାପଘରୁ ଆଣିବା ପାଇଁ ରାଜଲକ୍ଷ୍ମୀଙ୍କୁ ବାଧ୍ୟ କରାଯାଉଥିଲା। ନିର୍ଯାତନା ସହି ନ ପାରି ରାଜଲକ୍ଷ୍ମୀ ୨୦୨୦ ଜୁଲାଇ ୧ରେ ଭୁବନେଶ୍ୱର ଓଲ୍ଡଟାଉନସ୍ଥିତ ଭଡାଘରେ ଓଢ଼ଣିଦ୍ୱାରା ଝୁଲି ଆତ୍ମହତ୍ୟା କରିଥିଲେ। ମା' ମଞ୍ଜୁବାଳାଙ୍କ ଏତଲା ପରେ ପୋଲିସ ଏକ ମମାଲା (ନଂ.୯୯/୨୦୨୦) ରୁଜୁ କରି ଅଭିଯୁକ୍ତ କୁମାରଙ୍କ ପୁଅ ତଥା ରାଜଲକ୍ଷ୍ମୀଙ୍କ ସ୍ୱାମୀଙ୍କୁ ଘଟଣାର ୨ ଦିନ ପରେ ଗିରଫ କରିଥିଲା।

### ପିକ୍‌ଅପ୍ ଭ୍ୟାନ୍- ବାଇକ୍ ମୁହାଁମୁହିଁ: ୨ ଯୁବକ ଗୁରୁତର

ବାଲିଅନ୍ତା ୨୫।୬(ନୀଳମାଧବ ସାହୁ)

ହଂସପାଳ-ଅଭୟମୁଖୀ ଜୟଦେବ ରାସ୍ତାର ବାଲିଅନ୍ତା ବଜାର ଛକରେ ମଙ୍ଗଳବାର ସନ୍ଧ୍ୟାରେ ଏକ ପିକଅପ୍ ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କାରେ ହେବାରୁ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ୨ ଭାଇ ଭୁବନେଶ୍ୱର କୋଳଥିଆ ଅଞ୍ଚଳରେ ରହୁଥିବାବେଳେ ଉଭୟଙ୍କ ପରିଚୟ ମିଳିପାରିନାହିଁ। ୨ ଭାଇ ବାଲିଅନ୍ତାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ପିକଅପ୍ ଭ୍ୟାନ୍ ସହ ପିଟି ହୋଇଥିଲେ। ଫଳରେ ଉଭୟ ରାସ୍ତାରେ ପ୍ରାୟ ୧୦ଫୁଟ ପର୍ଯ୍ୟନ୍ତ ଘୋଷାରି ହୋଇଯାଇଥିଲେ। ସେମାନେ ପିନ୍ଧିଥିବା ହେଲ୍‌ମେଟ୍ ମଧ୍ୟ ଭାଙ୍ଗିରୁଜି ଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ରାସ୍ତାରୁ ଉଠାଇ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ବାଲିଅନ୍ତା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଛି।

### ମୋରମ ବୋଝେଇ ୪ ହାଇୱା ଜବତ: ୩ ଗିରଫ

ଖୋର୍ଦ୍ଧା,୨୫।୬(ପ୍ରଭାତ ପାଣିଗ୍ରାହୀ)

ଅରାଙ୍ଗରୁ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ୪ଟି ବେଆଇନ ମୋରମ ବୋଝେଇ ହାଇୱାକୁ ଜବତ କରିଛି। ଏଥିସହ ୩ଜଣ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୟାଗଡ ଜିଲା ବଦିଲୋର ସୁରେଶ ଜେନା(୨୦), ଖୋର୍ଦ୍ଧା ଥାନା ଗୁରୁଜଙ୍ଗର ସଞ୍ଜୟ ସାହୁ(୪୮) ଏବଂ ବେଗୁନିଆ ଥାନା ବାଜପୁରର ସୁଦାମ ବେହେରା(୨୮)। ସୋମବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ବେଆଇନ ଭାବେ ମୋରମ ବୁହାହେଉଥିବା ଖବର ପାଇଥିଲା। ଶିଳ୍ପାଞ୍ଚଳ ଥାନା ପୋଲିସର ଏକ ଟିମ୍ ଚଢାଉ କରି ମୋରମ ବୋଝେଇ ୪ ହାଇୱା ଜବତ କରିବା ସହ ୩ ଚାଳକଙ୍କୁ ଗିରଫ କରିଥିଲା। ଗିରଫ ୩ ଡ୍ରାଇଭରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି।

# 'ମାସେ ମଧ୍ୟରେ ମୁକୁଳା ଡ୍ରେନ୍‌ରେ ସ୍ଲାବ୍ ପଡ଼ିବ'



ଭୁବନେଶ୍ୱର, ୨୫।୬(ବନ୍ଦନା ସେଠୀ)

ରାଜଧାନୀରେ ଥିବା ସମସ୍ତ ମୁକୁଳା ଡ୍ରେନ୍ ଉପରେ ଯୁଦ୍ଧକାଳୀନ ଭିତ୍ତିରେ ମାସକ ମଧ୍ୟରେ ସ୍ଲାବ୍ ପକାଯିବ। ସେହିପରି ସହରରେ ଥିବା ୩୪ଟି ସମ୍ବେଦନଶୀଳ ସ୍ଥାନରେ ୧ସପ୍ତାହ ମଧ୍ୟରେ ଡ୍ରେନ୍ ବ୍ୟାରିକେଡ୍ କରାଯିବ ବୋଲି ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ମଙ୍ଗଳବାର ସୂଚନା ଦେଇଛନ୍ତି। ସହରରେ ମୋଟ ୧୮୦୦ କି.ମି. ଡ୍ରେନ୍ ରହିଛି। ସେଥିରୁ ବିଏମ୍‌ସି ଅଧୀନରେ ୧୩୮୦ କି.ମି. ଡ୍ରେନ୍ ଆସୁଛି। ଏଥିରୁ ୨୭ କି.ମି. ମୁକୁଳା ଡ୍ରେନ୍ ରହିଥିବାବେଳେ ସେ ସବୁକୁ ଚିହ୍ନଟ କରାଯାଇଛି। ସେହିପରି କିଛି ସ୍ଥାନରେ ଡ୍ରେନ୍ ଉପରେ ଜବରଦଖଲ ରହିଥିବାରୁ କାମରେ ସମସ୍ୟା ଉପୁଜୁଛି। ତେବେ ବିଭିନ୍ନ ବିଭାଗ ସହ ସମନ୍ୱୟ ବୈଠକ କରାଯାଇ ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଉଥିବା କମିଶନର ସୂଚନା ଦେଇଛନ୍ତି। ଅପରପକ୍ଷେ ଜୁଲାଇ ୧୫ ମଧ୍ୟରେ ସମସ୍ତ ଡ୍ରେନ୍ ସଫେଇ କରିବାକୁ ମେୟର ସୁଲୋଚନା ଦାସ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମେ ଜୁନ୍ ପ୍ରଥମ ସପ୍ତାହ, ପରେ ଜୁନ୍ ୨୦ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ତେବେ ସଫେଇରେ ଲାଗିଥିବା ଏଜେନ୍ସିମାନେ ଆଉ କିଛି ସମୟ ମାଗିଥିବାରୁ ଏବେ ଜୁଲାଇ ୧୫ ଭିତରେ ଡ୍ରେନ୍ ସଫା କରିବାକୁ କୁହାଯାଇଛି। ଏଥିରେ ଖିଲାପକଲେ ସମ୍ପୃକ୍ତ ଏଜେନ୍ସି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ମେୟର ଚେତାବନୀ ଦେଇଛନ୍ତି।

ରାଜଧାନୀ ସମେତ ସାରା ରାଜ୍ୟରେ ଏବେ ମୌସୁମୀ ବର୍ଷା ହେଉଛି। ମୃତ୍ୟୁଯନ୍ତା ପାଲଟିଥିବା ଭୁବନେଶ୍ୱରର ବିଭିନ୍ନ ଡ୍ରେନ୍‌ରେ ଜଳସ୍ତର ବୃଦ୍ଧି ପାଇଛି। ଏଥିସହ ମୁକୁଳା ଡ୍ରେନ୍‌କୁ ନେଇ ସହରବାସୀଙ୍କ ଚିନ୍ତା ବଢ଼ିଛି। କାରଣ ଜୁନ୍ ୧୯ରେ ଭୁବନେଶ୍ୱର ୟୁନିଟ୍-୩ ମସ୍‌ଜିଦ କଲୋନିରେ ଡ୍ରେନ୍ ପାଣିରେ ଭାସି ଜଣେ ନାବାଳକର ମୃତ୍ୟୁ ହୋଇଥିଲା। ଏହାପୂର୍ବରୁ ଅର୍ଥାତ୍ ଗତ ୯ବର୍ଷରେ ଏଭଳି ୮ଜୀବନ ଯାଇଥିବାରୁ ବର୍ଷା ଆସିବା ମାତ୍ରେ ଲୋକଙ୍କ ମନରେ ଭୟ ଘାରୁଛି। ଘଟଣା ଘଟିବା ପରେ ବିଏମ୍‌ସି କମିଶନର ଓ ମେୟର ସହରର ସବୁ ମୁକୁଳା ଡ୍ରେନ୍‌ରେ ସ୍ଲାବ୍ ପଡ଼ିବା ସହ ସମ୍ବେଦନଶୀଳ ସ୍ଥାନରେ ସ୍ଥାୟୀ ବ୍ୟାରିକେଡ୍ ନିର୍ମାଣ ହେବ ବୋଲି କହି ଲୋକଙ୍କୁ ଶାନ୍ତ କରାଇଥାନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଆଉ ତାହାକୁ ଗୁରୁତ୍ୱ ଦେଇ ନ ଥାନ୍ତି। ଫଳରେ ପ୍ରତିବର୍ଷ ମୁକୁଳା ଡ୍ରେନ୍ କୌଣସି ନା କୌଣସି ବିପଦ ଆଣୁଛି। ଚଳିତ ବର୍ଷ ମଧ୍ୟ ବିଏମ୍‌ସି କମିଶନର ଓ ମେୟର ସମାନ କଥା କହି ଆସୁଛନ୍ତି। ହେଲେ ସହର ସାରା ବିପଦର ଆଁ ମେଲି ରହିଥିବା ମୁକୁଳା ଡ୍ରେନ୍ ଉପରେ ମାସକ ମଧ୍ୟରେ ସ୍ଲାବ୍ ପଡ଼ିବା ଓ ବ୍ୟାରିକେଡ୍ ଲାଗିବା ପ୍ରତିଶ୍ରୁତିକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ରାଜଧାନୀବାସୀ।

### ବିଏମ୍‌ସି କମିଶନରଙ୍କୁ ନୋଟିସ ଜାରିକଲା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ

**ଡ୍ରେନ୍‌ରେ ଭାସି ନାବାଳକ ମୃତ୍ୟୁ ଘଟଣା**

ୟୁନିଟ୍-୩ ମସ୍‌ଜିଦ୍ କଲୋନିଠାରେ ଡ୍ରେନ୍‌ରେ ପଡ଼ି ଜଣେ ନାବାଳକର ମୃତ୍ୟୁ ଘଟଣାରେ ବିଏମ୍‌ସି କମିଶନରଙ୍କୁ ସୋମବାର ନୋଟିସ ଜାରି କରିଛନ୍ତି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଅଧ୍ୟକ୍ଷା ମନ୍ଦାକିନୀ କର। ରାଜ୍ୟ ରାଜଧାନୀରେ ବାରମ୍ବାର ଏଭଳି ଘଟଣା ଘଟିବା ଅତ୍ୟନ୍ତ ଦୁଃଖର ବିଷୟ। ତେଣୁ ଏଭଳି ଘଟଣାକୁ ରୋକିବା ପାଇଁ ବିଏମ୍‌ସି କେଉଁସବୁ ପଦକ୍ଷେପ ନେଉଛି ତାହା ଜଣାଇବା ପାଇଁ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଘଟଣାକୁ ଗୁରୁତ୍ୱର ସହ ନେଇ ସହରରେ ଥିବା ମୁକୁଳା ଡ୍ରେନ୍ ଓ ମ୍ୟାନ୍‌ହୋଲ୍‌ଗୁଡ଼ିକରେ ତୁରନ୍ତ ସ୍ଲାବ୍ ପକାଇବାକୁ କୁହାଯାଇଛି। ଯେଉଁଠାରେ ସ୍ଲାବ୍ ପକାଇବା ସମ୍ଭବ ନୁହେଁ, ସେଠାରେ ତୁରନ୍ତ ବ୍ୟାରିକେଡ୍ କରିବା କିମ୍ବା ସତର୍କ ସୂଚନା ମାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଓଏସ୍‌ସିପିସିଆର୍ ଅଧ୍ୟକ୍ଷା। ଏଥିସହ ନିୟମିତ ସଫେଇ ସହ ତଦାରଖ କରିବାକୁ ତାଗିଦ କରାଯାଇଛି। ଏହାଦ୍ୱାରା ଡାଇରିଆ, ଡେଙ୍ଗୁ, ମ୍ୟାଲେରିଆ ଭଳି ବର୍ଷାଦିନିଆ ରୋଗକୁ ନିୟନ୍ତ୍ରଣ କରିହେବ। ଲୋକଙ୍କ ମୂଲ୍ୟବାନ୍ ଜୀବନ ରକ୍ଷା ପାଇଁ ବିଏମ୍‌ସି ଅଞ୍ଚଳରେ ନିୟମିତ ସଚେତନତା କ୍ୟାମ୍ପେନ କରିବାକୁ ଆୟୋଗ ଅଧ୍ୟକ୍ଷା ଉକ୍ତ ନୋଟିସରେ ଉଲ୍ଲେଖ କରିଛନ୍ତି।



ମଙ୍ଗଳବାର ସନ୍ଧ୍ୟାରେ ରାଜଧାନୀ ଭୁବନେଶ୍ୱରରେ ହୋଇଥିବା ମୌସୁମୀ ବର୍ଷା।

# ମେଡିକାଲ କଲେଜରେ ଖୋଲିବ ବାୟୋମେଡିକାଲ ଇଞ୍ଜିନିୟରିଂ ବିଭାଗ



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଙ୍ଗଳବାର ଜାତୀୟ ସ୍ୱାସ୍ଥ୍ୟ ମିଶନ ମୁଖ୍ୟ କାର୍ଯ୍ୟାଳୟରେ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

**ଜାତୀୟ ସ୍ୱାସ୍ଥ୍ୟ ମିଶନର ସମୀକ୍ଷା ବୈଠକ**

ଭୁବନେଶ୍ୱର,୨୫।୬(ଅସମାପିକା ସାହୁ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଙ୍ଗଳବାର ଜାତୀୟ ସ୍ୱାସ୍ଥ୍ୟ ମିଶନ ମୁଖ୍ୟ କାର୍ଯ୍ୟାଳୟରେ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟକାରିତା ସହ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ରକ୍ତ ଶିକୁଳିଜନିତ ରକ୍ତ ସମସ୍ୟା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ମହାଲିଙ୍ଗ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଏକ ବଡ଼ ଦାୟିତ୍ୱ ବୋଲି କହିବା ସହ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ମେଡିକାଲ କଲେଜଗୁଡ଼ିକରେ ବାୟୋମେଡିକାଲ ଇଞ୍ଜିନିୟରିଂ ବିଭାଗ ଖୋଲିବା ସହ ୧୦୮ ଆମ୍ବୁଲାନ୍ସଗୁଡ଼ିକର ରୋଗୀଙ୍କ ପାଖରେ ପହଞ୍ଚିବା ସମୟ ୧୫ ମିନିଟ୍‌କୁ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା ସ୍ୱାସ୍ଥ୍ୟସେବା ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବା, ସୂଚନା ଓ ପ୍ରଯୁକ୍ତି ବିଦ୍ୟାକୁ ଉପଯୋଗ କରି ସ୍ୱାସ୍ଥ୍ୟସେବାକୁ ଅଧିକ ସରଳ ଓ ଜନକଲ୍ୟାଣକାରୀ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି। ରାଜ୍ୟର ଯେକୌଣସି କୋଣରେ ଥିଲେ ସୁଦ୍ଧା ଜଣେ ରୋଗୀ କିପରି ଏହାର ଲାଭ ଉଠାଇପାରିବେ ସେ ଦିଗରେ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି। ସେହିଭଳି ସିଏଚ୍‌ସିଗୁଡ଼ିକୁ ୨୪ ଘଣ୍ଟିଆ କରିବା ସହ ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନଦେବାକୁ ବୈଠକରେ ସେ ଗୁରୁତ୍ୱାରୋପ କରିଥିଲେ। 'ଯୋଗ' ସ୍ୱାସ୍ଥ୍ୟ ପାଇଁ ହିତକାରୀ। ତେଣୁ ଏହି ଅନୁସାରେ ପ୍ରତି ଜିଲା ତଥା ସହରାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ନିୟମିତ ବ୍ୟବଧାନରେ ଯୋଗ ପ୍ରଶିକ୍ଷଣ ଶିବିର ଆୟୋଜନ ଓ ଏଥିନିମନ୍ତେ ଯୋଗ ପ୍ରଶିକ୍ଷକଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ମଧ୍ୟ ମନ୍ତ୍ରୀ ମତପ୍ରକାଶ କରିଥିଲେ। ଏହି ବୈଠକରେ ବିଭାଗୀୟ ମୁଖ୍ୟ ଡି. ବୃନ୍ଦାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଲକ୍ଷ୍ମୀକାନ୍ତ ପ୍ୟାରେଲାଲଙ୍କ କାଳଜୟୀ ସଙ୍ଗୀତରେ ଝୁମିଲେ ଶ୍ରୋତା

ଭୁବନେଶ୍ୱର,୨୫।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଉପାସନା କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ଏନିଟ୍ୟୁନ୍‌ର ସହଭାଗିତାରେ ମଙ୍ଗଳବାର ସୂଚନା ଭବନଠାରେ ବଲିଉଡ୍‌ର ବିଶିଷ୍ଟ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପ୍ୟାରେଲାଲଙ୍କ ସଙ୍ଗୀତକୁ ନେଇ ଏକ ସୁମଧୁର ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ ନିର୍ଦ୍ଦେଶକ ବିଦ୍ୟୁତ୍ ରାୟ, ଲାୟନ୍ସ କ୍ଲବ୍‌ର ପୂର୍ବତନ ସଭାପତି ରାମପ୍ରସାଦ ପାତ୍ର, ଡ. ଆରତୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବାଦ୍ୟଶିଳ୍ପୀ ସାନୁ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବାରୁ ତାଙ୍କ ଚିକିତ୍ସା ନିମନ୍ତେ ଟ୍ରଷ୍ଟ ତରଫରୁ ଟ୍ରଷ୍ଟି ଲୋଭା ବିଶ୍ୱାଳ ଓ ସୀମା ମହାନ୍ତି ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ସଙ୍ଗୀତ କାର୍ଯ୍ୟକ୍ରମରେ ଓ ମେରି ମେହବୁବା.., ରାମ କରେ ଏସା..., ଡଫଲି ୱାଲେ.., ଝିଲ୍‌ମିଲ୍ ସୀତାରୋଉଁକା ହମ୍‌ବନେ ତୁମ ବନେ... ଆଦି ଲୋକପ୍ରିୟ ଗୀତକୁ କଣ୍ଠଶିଳ୍ପୀ ଶିବୁ ପଟ୍ଟନାୟକ, ହରିଶ, ବିଷ୍ଣୁ, ମମତା, କୌଶିକ ପଟ୍ଟନାୟକ, ସୀମା ମହାନ୍ତି, ବବିତା କର, ଲୋଭା ବିଶ୍ୱାଳ ପ୍ରମୁଖ ପରିବେଷଣ କରି ଉପସ୍ଥିତ ଅତିଥି ଓ ଦର୍ଶକଙ୍କୁ ଝୁମାଇଥିଲେ। ବାଦ୍ୟଯନ୍ତ୍ରରେ ଗେଲୁ, ବୁଢ଼ା, ବରଦା, କିରଣ, ତାପସ, କାବୁ, କୁନୁ ଓ ବବଲୁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅଭିଷେକ ଆନନ୍ଦ ଓ କୁମାର ଗୌରବ ସଂଯୋଜନା କରିଥିଲେ।




ଉପାସନା କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ସୂଚନା ଭବନରେ ଅନୁଷ୍ଠିତ ସଙ୍ଗୀତ ସନ୍ଧ୍ୟା।

## ଭାରତୀୟ ନୌସେନାର ଡଙ୍ଗା ଆହୁଲା 'ରେଗାଟା' ପ୍ରତିଯୋଗିତା

ବାଲୁଗାଁ,୨୫।୬(ସଂଗ୍ରାମ ପାଇକରାୟ)

ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ଚିଲିକାରେ ପ୍ରଶିକ୍ଷଣ ନେଉଥିବା ୦୧/୨୪ ବ୍ୟାଚ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏକ ରୋମାଞ୍ଚକର ଡଙ୍ଗା ଆହୁଲା ପ୍ରତିଯୋଗିତା 'ରେଗାଟା' ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଦୁଃସାହସିକତା ମନୋଭାବ ସୃଷ୍ଟି କରିବା, ଜଳପ୍ରବାହ କୌଶଳ ବଢ଼ାଇବା, ମାନସିକ ଓ ଶାରୀରିକ ଶକ୍ତି ବିକାଶ କରିବା ଏହି ନୌକା ଆହୁଲା ପ୍ରତିଯୋଗିତାର ମୂଳ ଲକ୍ଷ୍ୟ ଥିଲା। ଅଗ୍ନିବୀର ପ୍ରଶିକ୍ଷଣପ୍ରାପ୍ତ ୮ଟି ଟ୍ରେନିଂ ଡିଭିଜନ ଏବଂ ଜାହାଜର କର୍ମକର୍ତ୍ତାଙ୍କୁ ନେଇ ସମୁଦାୟ ୧୨ଟି ଦଳ ଏହି ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ଯାହାକୁ ପାରମ୍ପରିକ ଭାବରେ 'କକ' ବୋଲି କୁହାଯାଏ। ପ୍ରତିଯୋଗିତାରେ ସମସ୍ତ ୧୨ଟି ଦଳ ୨୭ ଫୁଟ ଲମ୍ବର 'ଡି.କେ ହ୍ୱାଲର୍ସ'(ବୋଟ)କୁ ନେଭିଗେଟ କରିଥିଲେ। ପ୍ରତ୍ୟେକ ହ୍ୱାଲର୍ସଙ୍କୁ ଏକ ଦଳ ତଥା 'ରୋୟର' ଏବଂ ଗୋଟିଏ କକ୍ସୱେନ ତଥା 'ହେଲମ' ଦ୍ୱାରା ପରିଚାଳିତ କରାଯାଇଥିଲା। ନୌକାଚାଳନା ତଥା ବୋଟ ଟାଣିବା 'ରେଗାଟା' ଭାରତୀୟ ନୌସେନାର ଏକ ଅନ୍ୟତମ ସମ୍ମାନଜନକ ତଥା ପାରମ୍ପରିକ କ୍ରୀଡ଼ା କାର୍ଯ୍ୟକଳାପ, ଯାହା ଦଳଗତ କାର୍ଯ୍ୟ ଏବଂ ସିନର୍ଜିର ନାବିକ ଏବଂ ନୌବାହିନୀ ପରମ୍ପରାକୁ ଆଲୋକିତ କରେ। ପ୍ରତିଯୋଗିତାରେ ଆଙ୍ଗ୍ରେ ଡିଭିଜନର ଦଳ ସାମଗ୍ରିକ ଚାମ୍ପିୟନ ଭାବରେ ବିବେଚିତ ହୋଇଥିଲେ। ଚିଲିକା ନୌସେନା କମାଣ୍ଡିଂ ଅଫିସର କମୋଡୋର ଏନ୍‌ପି ପ୍ରଦୀପ ବିଜେତା ଦଳ ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଜାହାଜ କର୍ମଚାରୀ ସାମିଲ ହୋଇ ଉତ୍ସାହର ସହ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ୟାପକ ଚାରାରୋପଣ ଦ୍ୱାରା ପ୍ରକୃତିର ସୁରକ୍ଷା ସମ୍ଭବ

**ଆନନ୍ଦବନରେ ଚାରାରୋପଣ କଲେ ମନ୍ତ୍ରୀ ଗଣେଶରାମ**

ଭୁବନେଶ୍ୱର,୨୫।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆ ମଙ୍ଗଳବାର ଅପରାହ୍ନରେ ଆନନ୍ଦବନ ପରିସରରେ ଚାରା ରୋପଣ କରିଛନ୍ତି। 'ଏକ ପେଡ୍ ମାଆ କେ ନାମ୍' (ମା'ଙ୍କ ପାଇଁ ଗଛଟିଏ) ଅଭିଯାନ କାର୍ଯ୍ୟକ୍ରମରେ ପଣସ ଚାରା ଲଗାଇଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ପ୍ରକୃତିର ସୁରକ୍ଷା କେବଳ ବ୍ୟାପକ ଚାରାରୋପଣ ଓ ବନୀକରଣ ଦ୍ୱାରା ସମ୍ଭବ। ନିଜ ମା'ଙ୍କୁ ଆମେ ଯେପରି ସମ୍ମାନ ଜଣାଉ, ଚାରାରୋପଣକୁ ସେହିଭଳି ଅଗ୍ରାଧିକାର ଦେଇ ଧରିତ୍ରୀ ମା'ର ଶ୍ରୀ ବୃଦ୍ଧି ଓ ପର୍ଯ୍ୟାବରଣର ସନ୍ତୁଳନକୁ ବଜାୟ ରଖିବା ଜରୁରୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶରେ ଚାରା ରୋପଣକୁ ଏକ ବିରାଟ ଅଭିଯାନର ରୂପ ଦେଇ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ ଦୃଢ଼ ସଂକଳ୍ପ ନେଇଛନ୍ତି। ସେହିଭଳି ଆମ ରାଜ୍ୟକୁ ସବୁଜିମାମୟ କରି ଗଢ଼ିତୋଳିବା ଦିଗରେ ସମସ୍ତ ରାଜ୍ୟବାସୀ ଚାରା ରୋପଣ ମାଧ୍ୟମରେ ଆଗଭର ହେବା ଆବଶ୍ୟକ ବୋଲି ମନ୍ତ୍ରୀ ସିଂଖୁଣ୍ଟିଆ ମତ ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସିଟି ବନଖଣ୍ଡ ଅଧିକାରୀ ଅଜିତ ଶତପଥୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଚାରାରୋପଣ କରୁଛନ୍ତି।

## ପର୍ଯ୍ୟଟକଙ୍କୁ ଉନ୍ନତ ସୁବିଧା ଦେବା ପାଇଁ ନୂଆ କାର୍ଯ୍ୟପନ୍ଥା ସ୍ଥିର : ମନ୍ତ୍ରୀ

**ପର୍ଯ୍ୟଟନ ଭବନରେ 'ଏକ୍ ପେଡ୍ ମାଆ କେ ନାମ୍' କାର୍ଯ୍ୟକ୍ରମ**

ଭୁବନେଶ୍ୱର,୨୫।୬(ଶର୍ମିଷ୍ଠା ପାଣିଗ୍ରାହୀ)

ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆରମ୍ଭ ହୋଇଛି 'ଏକ ପେଡ୍ ମାଆ କେ ନାମ୍' ଅଭିଯାନରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଚାରା ଲଗାଇଛନ୍ତି। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନ ପରିସରରେ ବଉଳଗଛର ଚାରା ରୋପଣକରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛନ୍ତି। ମାଆକୁ ସମ୍ମାନ ଦେବା ଏବଂ ଓଡ଼ିଶାକୁ ଏକ ସବୁଜ ରାଜ୍ୟରେ ପରିଣତ କରିବା ଦିଗରେ ଗୁରୁତ୍ୱ ଦେଇଛନ୍ତି ମନ୍ତ୍ରୀ ପରିଡ଼ା। ରାଜ୍ୟରେ ସବୁଜିମାର ଆବଶ୍ୟକତା ରହିଛି ଓ ଏଥିସହ ଉକ୍ତ ଅଭିଯାନକୁ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ପର୍ଯ୍ୟଟନ ଅଧିକାରୀମାନେ ରାଜ୍ୟ ସାରା ଏହାର ଅଧିକ ପ୍ରଚାରପ୍ରସାର କରିବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ ନିର୍ଦ୍ଦେଶ ଦେବା ସହ ଏହି ଉତ୍ତମ କାର୍ଯ୍ୟରେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଏହାସହ ଉପମୁଖ୍ୟମନ୍ତ୍ରୀ ପରିଡ଼ା ପାନ୍ଥନିବାସ ପରିଦର୍ଶନକରି ସେଠାରେ ଚାରାରୋପଣ କରିଥିଲେ ଓ ବିଭିନ୍ନ ଅଧିକାରୀଙ୍କ ସହ ପାନ୍ଥନିବାସର ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ଆଲୋଚନା ସମୟରେ ସେ କହିଲେ, ପର୍ଯ୍ୟଟକଙ୍କୁ ଉନ୍ନତ ସେବା ତଥା ସୁବିଧା ସୁନିଶ୍ଚିତ କରିବା ପାଇଁ ଏକ ନୂତନ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି, ଯାହା ଆଗାମୀ ଦିନରେ ପର୍ଯ୍ୟଟକଙ୍କ ପାଇଁ ନୂତନ ଅଭିଜ୍ଞତା ଆଣିଦେବ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଓଟିଡିସିର ଜେନେରାଲ ମ୍ୟାନେଜର ଡ. ଲଲାଟେନ୍ଦୁ ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



'ଏକ ପେଡ୍ ମାଆ କେ ନାମ୍' ଅଭିଯାନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଚାରାରୋପଣ କରୁଛନ୍ତି।

## ସଂକ୍ଷେପରେ

### ଏମ୍‌ପି ପ୍ରତିନିଧି ଭାବେ ଚିନ୍ମୟ ପୃଷ୍ଟି ମନୋନୀତ

ଟାଙ୍ଗୀ ଖୋର୍ଦ୍ଧା,୨୫।୬(ରଘୁନାଥ ସାହୁ)

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଟାଙ୍ଗୀ ବ୍ଲକ ପ୍ରତିନିଧି ଭାବେ ଯୁବ ସଂଗଠକ



ଚିନ୍ମୟ କୁମାର ପୃଷ୍ଟିଙ୍କୁ ନିଯୁକ୍ତି ଦେଇଥିବା ଜଣାପଡ଼ିଛି। ଏହି ନିଯୁକ୍ତି ସମ୍ପର୍କରେ ତା ୨୩।୬।୨୪ ରିଖ ଚିଠି ନଂ. ୧୬୪/୨୪ରେ ଏମ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଟାଙ୍ଗୀ ବିଡିଓଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ଏମ୍‌ପିଙ୍କ ପ୍ରତିନିଧି ଭାବେ ସମସ୍ତ ବ୍ଲକ ବୈଠକରେ ଉପସ୍ଥିତ ରହିବା ଓ ସମସ୍ତ ଯୋଗାଯୋଗ ରଖିବା ସମ୍ପର୍କରେ ଚିଠିରେ ନିର୍ଦ୍ଦେଶ ରହିଛି। ପୃଷ୍ଟି ଟାଙ୍ଗୀ ଅଞ୍ଚଳରେ ଜଣେ ଯୁବ ସଂଗଠକ ଭାବେ ପରିଚିତ।

### ଏମ୍‌ପିଙ୍କ ପ୍ରତିନିଧି ହେଲେ ସତୀଶ

ଜଟଣୀ,୨୫।୬(ରବୀନ୍ଦ୍ରନାଥ ମହାକୁଡ଼)

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଜଟଣୀ ପୌରାଞ୍ଚଳ ପ୍ରତିନିଧି ଭାବେ ଯୁବ ସଂଗଠକ ସାମାଜିକ କର୍ମୀ ସତୀଶ ଶର୍ମାଙ୍କୁ



ନିଯୁକ୍ତ କରିଛନ୍ତି। ଏନେଇ ଏମ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଲିଖିତ ସୂଚନା ପ୍ରଦାନ କରାଯାଇଛି। ସତୀଶ ଉକ୍ତ ଦାୟିତ୍ୱକୁ ସମାଜ ଏବଂ ସାଧାରଣ ଜନତାଙ୍କ ହିତ ପାଇଁ ଏମ୍‌ପିଙ୍କ ପ୍ରତିନିଧି ଭାବେ ସୁଚାରୁରୂପେ ନିର୍ବାହ କରିବେ ବୋଲି କହିଥିଲେ। ଏଥିସହ ଏହି ଦାୟିତ୍ୱ ପାଇଁ ଏମ୍‌ପି ଷଡ଼ଙ୍ଗୀ ଓ ଭାଜପାକୁ କୃତଜ୍ଞତା ଜଣାଇଛନ୍ତି।

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ଝାଁଳା,୨୫।୬(ବୁଲା ବାରିକ) ୧୬ ନଂ. ଜାତୀୟ ରାଜପଥ ଝାଁଳା ଗ୍ରୀନ ପାର୍କ ସମ୍ମୁଖରେ ମଙ୍ଗଳବାର ସକାଳ ୭ଟା ସମୟରେ ଏକ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଇନ୍‌ଫୋଭ୍ୟାଲି ଥାନା ଝାଁଳା ପଞ୍ଚାୟତ ଦକ୍ଷିଣ ମୁଣ୍ଡମୁହାଣ ଗ୍ରାମର ନେତ୍ରାନନ୍ଦ ଜେନା (୬୫)। ସୂଚନା ଅନୁସାରେ, ସକାଳୁ ନେତ୍ରାନନ୍ଦ ଘରୁ ବଜାରକୁ ଚାହା ପିଇବାକୁ ଆସି ଝାଁଳା ଗ୍ରୀନ ପାର୍କ ସମ୍ମୁଖରେ ରାସ୍ତା ପାରି ହେଉଥିଲେ। ଏହି ସମୟରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ ଗାଡ଼ି ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ନେତ୍ରାନନ୍ଦ ଚକା ତଳେ ଚାପି ହୋଇଯାଇଥିଲେ। ଖବରପାଇ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ନେତ୍ରାନନ୍ଦଙ୍କ ଘରକୁ ଖବର ଦେବାରେ ତାଙ୍କ ପୁଅ ଗୋବିନ୍ଦ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ଚିହ୍ନଟ କରିଥିଲେ। ପୋଲିସ କ୍ୟାପିଟାଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରି ଅପରାହ୍ନରେ ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ମୁକୁଳା ପଡ଼ିଛି ବ୍ୟାରେଜ୍, ପାଣି ଅଭାବରୁ କେନାଲ ଫାଟି ଆଁ

ନିରାକାରପୁର,୨୫।୬
(ମାନସ ଚନ୍ଦ୍ର ପଟ୍ଟନାୟକ)



- ଭଣ୍ଡାଉଛି ଓସିସି
- ମରାମତି ହେଉନି କି ନୂତନ ଗେଟ୍ ସଂଯୋଗ କରାଯାଉନି
- ବାଲିବସ୍ତା ଏକମାତ୍ର ସାହା ଭରସା
- ଚଳିତବର୍ଷ ଧାନଚାଷକୁ ନେଇ ଚିନ୍ତାରେ ଚାଷୀ

ଖୋର୍ଦ୍ଧା ଜିଲା ରାମେଶ୍ୱର ଗଡ଼ଠାରେ ୧୯୮୩ ମସିହାରେ ୯ଟି ଗେଟ୍ ବିଶିଷ୍ଟ ମଲାଗୁଣି ନଦୀ ଉପରେ ଏକ ବ୍ୟାରେଜ୍ ନିର୍ମାଣ ହୋଇଥିଲା, ଯାହା ଏବେ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି। ଫଳରେ ପଡ଼ୋଶୀ ବେଗୁନିଆ, ସତ୍ୟବାଦୀ, ବ୍ରହ୍ମଗିରି, ଖୋର୍ଦ୍ଧା ଆଦି ନିର୍ବାଚନମଣ୍ଡଳୀର ଥିବା ପ୍ରାୟ ୨୦/୩୦ ପଞ୍ଚାୟତର ହଜାର ହଜାର ଚାଷୀ ଭଲ ଫସଲ ଉତ୍ପାଦନ କରି ନ ପାରି ଚାଷ ଛାଡ଼ି ଦାଦନ ଶ୍ରମିକ ପାଲଟିଲେଣି।

ବ୍ୟାରେଜ୍ ନିର୍ମାଣ ସହ ବିଭିନ୍ନ ଅଞ୍ଚଳକୁ କେନାଲ ଓ ପରି କେନାଲ ନିର୍ମାଣ ମଧ୍ୟ କରାଯାଇଥିଲା। ନିର୍ମାଣ ପରେ ଉପରୋକ୍ତ ଚାଷୀକୁଳ ଏହାର ଭରପୂର ଫାଇଦା ମଧ୍ୟ ନେଇଥିଲେ। ବିଶେଷକରି ଲୋକେ ଦାଦନ ଶ୍ରମିକ ହେବା ଛାଡ଼ି ଖରିଫ ଧାନ ଅମଳ ପରେ ପରେ ଟାଇଚୁଙ୍ଗ ଧାନ ସହ ରବି ଫସଲ ହିସାବରେ କଖାରୁ, କାକୁଡ଼ି, ବାଇଗଣ, ଭେଣ୍ଡି, ବିଭିନ୍ନ କିସମର ଶାଗ ସମେତ ବିଭିନ୍ନ ସବୁଜ ପନିପରିବା ଓ ଆଖୁ ଚାଷ କରି ନିକଟସ୍ଥ ବଜାରରେ ବିକ୍ରି କରି ନିଜେ ଦୁଆର ମୁହଁରୁ ଭଲ ଦୁଇପଇସା ରୋଜଗାର ସହ ସ୍ଥାନୀୟବାସିନ୍ଦା ସୁଲଭ ଦରରେ ଗାଁରୁ ସବୁଜ ପନିପରିବା ପାଇପାରୁଥିଲେ। ଖରାଋତୁରେ କ୍ଷେତବାଡ଼ିରେ ଜାତିଜାତିକା ଫସଲ ହୋଇଥିବାରୁ ଏକ ନିଆରା ପରିବେଶ ମଧ୍ୟ ସୃଷ୍ଟି ହେଉଥିଲା। ହେଲେ ଦୁଃଖର ବିଷୟ ସେସବୁ ଏବେ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଚାଷୀଙ୍କ ପାଇଁ ଦିବାସ୍ୱପ୍ନ ପାଲଟିଛି। ଯେଉଁ ସ୍ଥାନରେ ଚାଷୀ ଦିନେ ସୁନାର ଫସଲ ଆମଦାନୀ କରୁଥିଲା ତାହା ଏବେ ପଡ଼ିଆ ପଡ଼ିଛି। ଏହି ସ୍ଥାନରେ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ବଡ଼ବଡ଼ ବୋରିଂମାନ କରାଯାଇ ସ୍ଥାନୀୟ ପଞ୍ଚାୟତବାସୀ ପିଇବା ପାଣିର ମଧ୍ୟ ସୁଯୋଗ ପାଇପାରୁଥିଲେ। ବିଭାଗୀୟ ବଡ଼ପଣ୍ଡାଙ୍କ ଦୂରଦୃଷ୍ଟି ଅଭାବ ସାଙ୍ଗକୁ ପ୍ରଶାସନର ଅବହେଳା ପାଇଁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ସୂଚନାଯୋଗ୍ୟ, ବ୍ୟାରେଜ୍ ନିର୍ମାଣର କିଛି ବର୍ଷପରଠାରୁ ଚାଷୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ତା'ର ରକ୍ଷଣାବେକ୍ଷଣ ପ୍ରତି ଗୁରୁତ୍ୱ ଦିଆଗଲାନି। ଫଳରେ କେତେବେଳେ ଯାନ୍ତ୍ରିକ ତ୍ରୁଟି ତ ପୁଣି କେତେବେଳେ ଗେଟ୍ ମରାମତି ସମସ୍ୟା, ପୁଣି କେବେ କେନାଲ ମରାମତି ନ ହେବା କାରଣରୁ ଅନେକ ସ୍ଥାନରେ ଘଳିଆ ସହ କୃତ୍ରିମ ଜଙ୍ଗଲ ସୃଷ୍ଟି ଯୋଗୁ ଉପର ପାଣି ତଳକୁ ଆସିପାରିଲାନି। ତେବେ ଗତ ଫନିରେ ୩ନଂ., ୬ନଂ. ଓ ୭ନଂ. ଆଦି ୩ଟି ଗେଟ୍‌କୁ କଢ଼ା ଯାଇ ସଂଯୋଗ ବେଳକୁ ଆଉ ଗୋଟେ କ୍ଷତିଗ୍ରସ୍ତ କାରଣରୁ ତାହା ଏବେ ବାଲିବସ୍ତାରେ କାର୍ଯ୍ୟ ଚଳୁଛି। ତେବେ ୧ନଂ, ୨ନଂ, ୪ନଂ, ୫ନଂ, ୮ନଂ, ୯ନଂ ଆଦି ୬ଟି ଗେଟ୍‌ରେ ମଧ୍ୟ ଅଚଳାବସ୍ଥା ସୃଷ୍ଟି ହୋଇଛି। ଆସନ୍ତା ବର୍ଷାଋତୁ ପୂର୍ବରୁ ନୂତନ ଗେଟ୍ ସଂଯୋଗ କରା ନ ଗଲେ ବର୍ଷାଋତୁରେ ପରିସ୍ଥିତି ଅଣାୟତ୍ତ ହେବାର ଆଶା ଓ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏନେଇ ବିଭାଗୀୟ ଯନ୍ତ୍ରୀ ସନ୍ତୋଷ କୁମାର ରାୟଙ୍କୁ ପଚାରିବାରେ, ମାର୍ଚ୍ଚ ମାସଠାରୁ ଓଡ଼ିଶା କନଷ୍ଟ୍ରକ୍ସନ କର୍ପୋରେଶନ (ଓସିସି) ବିଭାଗକୁ ୩ କୋଟି ୪୦ ଲକ୍ଷ ଟଙ୍କା ବିଭାଗ ପକ୍ଷରୁ ଦିଆସରିଛି। ଖୁବ୍ କମ୍ ଦିନରେ ଏହାର କାର୍ଯ୍ୟ ସମ୍ପନ୍ନ ହେବ ବୋଲି ସେ ଜଣାଇଛନ୍ତି। ତେବେ ଗତ ମାର୍ଚ୍ଚ ମାସଠାରୁ ଓସିସି ଟଙ୍କା ନେଇ ବସିଥିବାବେଳେ ତାର ନିଦ କେବେ ଭାଙ୍ଗିବ ବୋଲି ସ୍ଥାନୀୟ ଚାଷୀକୁଳ ପ୍ରଶ୍ନ କରିଛନ୍ତି। ଯଦି ବ୍ୟାରେଜ୍‌ଜନିତ ବର୍ଷା ପାଣି ଯୋଗୁ କିଛି କ୍ଷତି ହୁଏ, ସେଥିପାଇଁ ଓସିସି ବିଭାଗ ଦାୟୀ ରହିବ ବୋଲି ଚାଷୀ ଅଶୋକ ରାଉତରାୟ, ସୁଶାନ୍ତ ମହତରାୟ, ରମାକାନ୍ତ ଜେନା ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି।

# ଲିଙ୍ଗ ଅନୁପାତରେ ଝିଅଙ୍କ ସଂଖ୍ୟା କମ୍

**କନ୍ୟା ସନ୍ତାନ ହ୍ରାସ ନେଇ ଜିଲାପାଳଙ୍କ ଉଦ୍‌ବେଗ**

ଖୋର୍ଦ୍ଧା,୨୫।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ପ୍ରାକ୍ ଗର୍ଭଧାରଣ ଓ ପ୍ରସୂତି ପୂର୍ବ ନିର୍ଦ୍ଧାରଣ କୌଶଳ ଅଧିନିୟମ ପରାମର୍ଶଦାତା କମିଟି (ପିସିପିଏନ୍‌ଡିଟି) ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିବା ସହ ଜିଲାରେ କାର୍ଯ୍ୟକ୍ଷମ ଥିବା ଅଲ୍‌ଟ୍ରାସାଉଣ୍ଡ କ୍ଲିନିକଗୁଡ଼ିକ ସମ୍ପର୍କରେ ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଉକ୍ତ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକଗୁଡ଼ିକର ଠିକ୍ ଭାବେ ନିରୀକ୍ଷଣ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଲିଙ୍ଗ ଅନୁପାତରେ ଝିଅଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ। ବାଣପୁର, ଟାଙ୍ଗୀ, ବାଲୁଗାଁ, ବୋଲଗଡ଼ ବ୍ଲକରେ କନ୍ୟା ସନ୍ତାନଙ୍କ ଜନ୍ମ ହାର ଅତି କମ୍ ଥିବାରୁ ସେଠାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ, ଡିପିଏମ୍ ପ୍ରକାଶ ବାନାର୍ଜୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ବ୍ୟକ୍ତିଙ୍କ ଟାର୍ଗେଟରେ ଟ୍ରାଫିକ୍ ଲାଇଟ୍, ସୂଚନା ଫଳକ



ନିରାକାରପୁର,୨୫।୬
(ମାନସ ଚନ୍ଦ୍ର ପଟ୍ଟନାୟକ)

ଜନସାଧାରଣ ରାସ୍ତାଘାଟରେ କିଭଳି ସୁବିଧାରେ ଯାତାୟାତ କରିପାରିବେ ସେଥିପାଇଁ ଛକଗୁଡ଼ିକରେ ପ୍ରଶାସନ ପକ୍ଷରୁ ସ୍ଥାୟୀ ଫଳକ, ବୁଲାଣି ସିମ୍ବଲ, ସ୍ୱୟଂଚାଳିତ ସୋଲାର ଟ୍ରାଫିକ୍ ଲାଇଟ ବ୍ୟବସ୍ଥା କରାଯାଇଛି। ହେଲେ ଲଗାଇବାର ଅଳ୍ପ କିଛି ଦିନ ମଧ୍ୟରେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ସୂଚନା ଫଳକ, ଟ୍ରାଫିକ୍ ଲାଇଟ୍‌ଗୁଡ଼ିକୁ ଖୁଣ୍ଟରୁ ଖୋଲି ନେଇଯାଉଥିବା ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ନୂଆ ଜଗନ୍ନାଥ ସଡ଼କ ଲେଣ୍ଡୁ ଛକରେ ଦେଖିବାକୁ ମିଳିଛି। ଏଗୁଡ଼ିକ ଚୋରି ହୋଇଯିବା ପରେ ଅପରିଚିତ ଲୋକେ ନିର୍ଦ୍ଦିଷ୍ଟ ସ୍ଥାନକୁ ଯିବା ପାଇଁ ଦ୍ୱନ୍ଦ୍ୱରେ ପଡ଼ିବା ସହିତ ଟ୍ରାଫିକ ଲାଇଟ୍ ନ ଥିବାରୁ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ତେଣୁ ଉକ୍ତ ସ୍ଥାନରେ ପୁନଃ ଟ୍ରାଫିକ ବ୍ୟବସ୍ଥା କରିବା ସହିତ ଏହାକୁ ନେଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ ଦାବି ହେଉଛି।

# ଭାରତୀୟ ନୌସେନାର ଡଙ୍ଗା ଆହୁଲା 'ରେଗାଟା' ପ୍ରତିଯୋଗିତା




ଟ୍ରଫି ସହ ବିଜେତା ଦଳର ପ୍ରତିଯୋଗୀ।

ବାଲୁଗାଁ,୨୫।୬(ସଂଗ୍ରାମ ପାଇକରାୟ)

ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ଚିଲିକାରେ ପ୍ରଶିକ୍ଷଣ ନେଉଥିବା ୦୧/୨୪ ବ୍ୟାଚ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏକ ରୋମାଞ୍ଚକର ଡଙ୍ଗା ଆହୁଲା ପ୍ରତିଯୋଗିତା 'ରେଗାଟା' ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଦୁଃସାହସିକତା ମନୋଭାବ ସୃଷ୍ଟି କରିବା, ଜଳପ୍ରବାହ କୌଶଳ ବଢ଼ାଇବା, ମାନସିକ ଓ ଶାରୀରିକ ଶକ୍ତି ବିକାଶ କରିବା ଏହି ନୌକା ଆହୁଲା ପ୍ରତିଯୋଗିତାର ମୂଳ ଲକ୍ଷ୍ୟ ଥିଲା। ଅଗ୍ନିବୀର ପ୍ରଶିକ୍ଷଣପ୍ରାପ୍ତ ୮ଟି ଟ୍ରେନିଂ ଡିଭିଜନ ଏବଂ ଜାହାଜର କର୍ମକର୍ତ୍ତାଙ୍କୁ ନେଇ ସମୁଦାୟ ୧୨ଟି ଦଳ ଏହି ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ଯାହାକୁ ପାରମ୍ପରିକ ଭାବରେ 'କକ' ବୋଲି କୁହାଯାଏ। ପ୍ରତିଯୋଗିତାରେ ସମସ୍ତ ୧୨ଟି ଦଳ ୨୭ ଫୁଟ ଲମ୍ବର 'ଡି.କେ ହ୍ୱାଲର୍ସ'(ବୋଟ)କୁ ନେଭିଗେଟ କରିଥିଲେ। ପ୍ରତ୍ୟେକ ହ୍ୱାଲର୍ସଙ୍କୁ ଏକ ଦଳ ତଥା 'ରୋୟର' ଏବଂ ଗୋଟିଏ କକ୍ସ୍ୱେନ ତଥା 'ହେଲମ' ଦ୍ୱାରା ପରିଚାଳିତ କରାଯାଇଥିଲା। ନୌକାଚାଳନା ତଥା ବୋଟ ଟାଣିବା 'ରେଗାଟା' ଭାରତୀୟ ନୌସେନାର ଏକ ଅନ୍ୟତମ ସମ୍ମାନଜନକ ତଥା ପାରମ୍ପରିକ କ୍ରୀଡ଼ା କାର୍ଯ୍ୟକଳାପ, ଯାହା ଦଳଗତ କାର୍ଯ୍ୟ ଏବଂ ସିନର୍ଜିର ନାବିକ ଏବଂ ନୌବାହିନୀ ପରମ୍ପରାକୁ ଆଲୋକିତ କରେ। ପ୍ରତିଯୋଗିତାରେ ଆଙ୍ଗ୍ରେ ଡିଭିଜନର ଦଳ ସାମଗ୍ରିକ ଚାମ୍ପିୟନ ଭାବରେ ବିବେଚିତ ହୋଇଥିଲେ। ଚିଲିକା ନୌସେନା କମାଣ୍ଡିଂ ଅଫିସର କମୋଡୋର ଏନ୍‌ପି ପ୍ରଦୀପ ବିଜେତା ଦଳ ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଜାହାଜ କର୍ମଚାରୀ ସାମିଲ ହୋଇ ଉତ୍ସାହର ସହ ପରିଚାଳନାରେ ସହଯୋଗ କରିଥିଲେ।

### ମୋରମ ବୋଝେଇ ୪ ହାଇୱା ଜବତ: ୩ ଗିରଫ

ଖୋର୍ଦ୍ଧା,୨୫।୬(ପ୍ରଭାତ ପାଣିଗ୍ରାହୀ)

ଅରାଙ୍ଗରୁ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ୪ଟି ବେଆଇନ ମୋରମ ବୋଝେଇ ହାଇୱା ଗାଡ଼ିକୁ ଜବତ କରିଛି। ଏଥିସହ ୩ଜଣ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୟାଗଡ ଜିଲା ବଦିଲୋର ସୁରେଶ କୁମାର ଜେନା(୨୦), ଖୋର୍ଦ୍ଧା ଥାନା ଗୁରୁଜଙ୍ଗର ସଞ୍ଜୟ କୁମାର ସାହୁ(୪୮) ଏବଂ ବେଗୁନିଆ ଥାନା ବାଜପୁରର ସୁଦାମ ବେହେରା(୨୮)। ସୂଚନାଯୋଗ୍ୟ, ସୋମବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ବେଆଇନ ଭାବେ ମୋରମ ବୁହାହେଉଥିବା ଖବର ପାଇଥିଲା। ଏହାପରେ ଶିଳ୍ପାଞ୍ଚଳ ଥାନା ପୋଲିସର ଏକ ଟିମ୍ ସେଠାରେ ଚଢାଉ କରି ମୋରମ ବୋଝେଇ ୪ ହାଇୱା ଜବତ ସହ ୩ ଚାଳକଙ୍କୁ ଗିରଫ କରିଥିଲା। ଏ ନେଇ ପୋଲିସ ଦଫା ୪୪୭, ୩୭୯, ୩୪ ଆଇପିସିରେ ଏକ କେସ୍(ନଂ. ୧୪୮/୨୪) ରୁଜୁ ପରେ ଗିରଫ ୩ ଡ୍ରାଇଭରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି।

### ବିଦ୍ୟୁତ୍ ଆଘାତରେ ୨ ଗାଈ ମୃତ

ବଳଙ୍ଗା,୨୫।୬(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ କୋଠକୁସାଙ୍ଗ ପଞ୍ଚାୟତ ଗଣେଶ ବଜାରରେ ମଙ୍ଗଳବାର ରାତ୍ର ୮ଟା ସମୟରେ ବିଦ୍ୟୁତ୍ ଖୁଣ୍ଟରୁ ଆକସ୍ମିକ ଭାବେ କରେଣ୍ଟ ଲାଗି ୨ଟି ଗାଈଙ୍କ ମୃତ୍ୟୁ ଘଟିଛି। କୋଠକୁସାଙ୍ଗ ଗ୍ରାମର ନାରାୟଣ ରାଉତରାୟଙ୍କ ୨ଟି ଗାଈ ଘରୁ ପଳାଇ ଆସିଥିବାବେଳେ ଛକରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ।

### ପାଣିଦୁଆର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଣି ସମସ୍ୟା

ଟାଙ୍ଗୀ,୨୫।୬(ରଘୁନାଥ ସାହୁ)

ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ନିୟମିତ ମଧ୍ୟାହ୍ନ ଭୋଜନ ଦିଆଯିବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ କେତେକ ବିଦ୍ୟାଳୟରେ ପାଣିର ଅଭାବ ରହିଛି, ସେଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ନାହିଁ। ଏହିଭଳି ଚିଲିକା ବ୍ଲକ ଜରିପଡ଼ାର ପାଣିଦୁଆର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଣିର କୌଣସି ବ୍ୟବସ୍ଥା ନାହିଁ। ବର୍ଷ ବର୍ଷ ଧରି ଟ୍ୟାଙ୍କର ଯୋଗେ ଗ୍ରାମ୍ୟ ଜଳଯୋଗାଣ କେନ୍ଦ୍ରରୁ ବିଦ୍ୟାଳୟକୁ ପାଣି ଆସିଲେ ମଧ୍ୟାହ୍ନ ଭୋଜନ ରନ୍ଧାଯାଇଥାଏ। ପ୍ରତିଦିନ ଭଳି ଆଜି ପାଣି ଟାଙ୍କି ନେଇ ବିଦ୍ୟାଳୟକୁ ଆସୁଥିବା ବେଳେ ଅସାବଧାନତାବଶତଃ ନିକଟରେ ଥିବା ପୋଖରୀକୁ ଗାଡିଟି ଖସିପଡ଼ିଥିଲା। ଫଳରେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବା କଷ୍ଟକର ହୋଇପଡ଼ିଛି। ଏହି ବିଦ୍ୟାଳୟରେ ୪ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ପାଣି ଯୋଗାଣର ସ୍ଥାୟୀ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପାଣିଦୁଆର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେନ୍‌ଙ୍କ ସହ ଯୋଗାଯୋଗ କରିବାରେ ସେ କହିଲେ ବିଦ୍ୟାଳୟ ପରିସରରେ ଏକ ନଳକୂପ ଥିଲେ ମଧ୍ୟ ସେ ପାଣି ପିଇବା ପାଇଁ ଅଥବା ରୋଷଇ ଉପଯୁକ୍ତ ନୁହେଁ, ଏ ସମ୍ପର୍କରେ ଆମେ ଶିକ୍ଷା ବିଭାଗ ଅଧିକାରୀ ଓ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ, ତେଣୁ ବାଧ ହୋଇ ଆମେ ପ୍ରତିଦିନ ଅଟୋ ଯୋଗେ ପାଣି ବାହାରୁ ଆଣୁଛୁ। ଉପରୋକ୍ତ ଦୁର୍ଘଟଣା ଫଳରେ ପାଣି ନିର୍ଦ୍ଧାରିତ ସମୟରେ ପହଞ୍ଚି ନ ଥିବାରୁ ମଧ୍ୟାହ୍ନ ଭୋଜନ ରୋଷେଇରେ ସମସ୍ୟା ଉପୁଜିଛି। ତେଣୁ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ତୁରନ୍ତ ବିଦ୍ୟାଳୟ ପରିସରରେ ପାଣିର ବ୍ୟବସ୍ଥା କଲେ, ଛାତ୍ରୀଛାତ୍ର ମାନେ ଉପକୃତ ହୋଇପାରନ୍ତେ।

# 'ଗଣତନ୍ତ୍ରକୁ ହତ୍ୟା କରିଥିଲେ ଇନ୍ଦିରା'

**ଭାଜପା ପାଳିଲା କଳା ଦିବସ**

ଖୋର୍ଦ୍ଧା,୨୫।୬(ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ଜନତା ପାର୍ଟି(ଭାଜପା) ଖୋର୍ଦ୍ଧା ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ମଙ୍ଗଳବାର ମଧ୍ୟଖୋର୍ଦ୍ଧା ମଣ୍ଡଳ ସଭାପତି ପ୍ରଦୀପ୍ତ ପାଣିଙ୍କ ସଭାପତିତ୍ୱରେ କଳା ଦିବସ (ଜରୁରିକାଳୀନ ପରିସ୍ଥିତି) ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ ଭାଜପା ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ଦିଲୀପ ହୋତା, ପ୍ରତାପ ମହାପାତ୍ର, ଦେବ ଆଚାର୍ଯ୍ୟ, ଶିକ୍ଷାବିତ୍ ମିହିର ବିଧାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ। ଶୋଭନ ଘୋଷ, ରୁଦ୍ର ଭାନୁ ନରେନ୍ଦ୍ର ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ପଟ୍ଟନାୟକ କହିଲେ ଯେ, ଭାରତୀୟ ଇତିହାସରେ କଂଗ୍ରେସ ଅତୀତରେ ଅନେକ କଳାକାହାଣୀ ଲେଖିଛି। ଆଜକୁ ୪୯ ବର୍ଷ ତଳେ ୧୯୭୫ ଜୁନ୍ ୨୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସରକାରୀ କଳର ଅପବ୍ୟବହାର କରି ଭାରତରେ ପ୍ରଥମ ଥର ପାଇଁ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ସେ ଗଣତନ୍ତ୍ରକୁ ହତ୍ୟା କରିବା ସହ ମାନବିକ ଅଧିକାରକୁ ମଧ୍ୟ କ୍ଷୁଣ୍ଣ କରିଥିଲେ। ଦେଶର ସମସ୍ତ ବିରୋଧୀ ଦଳର ନେତୃବୃନ୍ଦଙ୍କୁ ନେଇ ଜେଲରେ ରଖିଥିଲେ। ତେଣୁ ଏହି ଦିବସକୁ ଭାଜପା କଳା ଦିବସ ଭାବେ ପାଳନ କରିଆସୁଛି। ଭାଜପା ନେତା ଘୋଷ କହିଲେ, ଗଣତନ୍ତ୍ର ବିପଦରେ କହୁଥିବା କଂଗ୍ରେସ ସମ୍ବିଧାନକୁ ସର୍ବାଧିକ ଥର ଅପବ୍ୟବହାର କରିବା ସହ କ୍ଷତି ପହଞ୍ଚାଇଛି। ଭାରତୀୟ ଜନତା ପାର୍ଟି ଏକ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ଦେଶବାସୀଙ୍କୁ କଂଗ୍ରେସର ଏହି କଳା କାରନାମା ସମ୍ପର୍କରେ ଅବଗତ କରାଇଛି। ଜରୁରିକାଳୀନ ପରିସ୍ଥିତି ଭାରତୀୟ ଇତିହାସର ଏକ କଳାଦିନ। ମନେପଡ଼ିଲେ, ଶିହରଣ ଖେଳିଯାଏ। ଉକ୍ତଦିନ ଗଣତନ୍ତ୍ର ପାଇଁ ଏକ ଅନ୍ଧକାର ଦିବସ କହିଲେ ଅତ୍ୟୁକ୍ତି ହେବନାହିଁ। ସେହିପରି ଦେବ ଆଚାର୍ଯ୍ୟ କହିଲେ, କଂଗ୍ରେସ ସର୍ବଦା ଓଡ଼ିଶା ଏବଂ ଓଡ଼ିଆ ବିରୋଧୀ ମାନସିକତା ରଖିଆସିଛି। ଅପରପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାବାସୀଙ୍କୁ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଅନେକ ଓଡ଼ିଆ ପ୍ରତିଭାଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଓଡ଼ିଶାର ଝିଅ ଆଜି ଭାରତର ରାଷ୍ଟ୍ରପତି। ମନ୍ତ୍ରିମଣ୍ଡଳରେ ଓଡ଼ିଆଙ୍କୁ ପ୍ରାଥମିକତା ଦିଆଯିବା ସହ ଭାରତର ବିଭିନ୍ନ ବିଭାଗରେ ଓଡ଼ିଆ ସର୍ବୋଚ୍ଚ ପଦବୀରେ ଅବସ୍ଥାପିତ ହୋଇଛନ୍ତି ବୋଲି ସେ କହିଥିଲେ। ମହାପାତ୍ର କହିଥିଲେ, ଓଡ଼ିଶାରେ ୨୪ବର୍ଷ ପରେ ଭାଜପା ସରକାର ଗଢ଼ିଛି। ଡବଲ ଇଞ୍ଜିନ ସରକାର ଚାଲିବ। ବିକାଶର ପଥରେ ଓଡ଼ିଶା ଆଗେଇ ଚାଲିବ। ବିକଶିତ ଭାରତ ଓଡ଼ିଶାର ସମୃଦ୍ଧିରୁ ଆରମ୍ଭ ହେବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ବିକଶିତ ଓଡ଼ିଶା ଗଠନ ହେବ। ୨୦୩୬ ବେଳକୁ ଓଡ଼ିଶା ସଶକ୍ତ ରାଜ୍ୟ ଭାବେ ପରିଚୟ ସୃଷ୍ଟି କରିବ। ବିକାଶକୁ ଭାଜପା ଗୁରୁତ୍ୱ ଦେଉଛି ବୋଲି ମହାପାତ୍ର କହିଛନ୍ତି।




ଭାଜପା ପକ୍ଷରୁ କଳାଦିବସ ପାଳନ କରାଯାଉଛି।

# ପଥର ମାଫିଆଙ୍କ ଉପରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ

- ଗ୍ରାମବାସୀଙ୍କୁ ଭୟ ଦେଖାଇ ପଥର ଚାଲାଣ କରୁଥିଲେ
- ସମ୍ପୃକ୍ତ ସ୍ଥାନରେ ୧୪୪ ଧାରା ଲାଗୁ ହେବ

ବେଗୁନିଆ,୨୫।୬
(ହରପ୍ରସନ୍ନ ପଣ୍ଡା / ସନ୍ଧ୍ୟାରାଣୀ ମିଶ୍ର)



ବେଗୁନିଆ ବ୍ଲକ ଅଧୀନ ଗଡ଼ଗୁଡୁମ ଗ୍ରାମରେ ପଥର ମାଫିଆମାନେ ସ୍ଥାନୀୟ ଜନସାଧାରଣଙ୍କୁ ଭୟଭୀତ କରି ଗ୍ରାମ୍ୟ ଜଙ୍ଗଲରୁ ପଥର କାଟି ଚୋରାଚାଲାଣ କରି ଆସୁଥିଲେ। ଏନେଇ ଗ୍ରାମବାସୀ ଏକତ୍ରିତ ହୋଇ ସେମାନଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପରିସ୍ଥିତି ଅନୁଧ୍ୟାନ କରି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ, ସମ୍ପୃକ୍ତ ଗ୍ରାମର ରାଜସ୍ୱ ଗ୍ରାମ ଫୁଲଛାଞ୍ଚୁଣି ମୌଜାରେ ଗତ କିଛି ବର୍ଷ ହେବ ନିଲାମଧାରୀ ଦିବାକର ବେହେରା ଏବଂ ତାଙ୍କର କିଛି ସହଯୋଗୀ ମିଶି ପଥର ଖଣି ନିଲାମ ନେଇ ପଥର କାଟୁଥିଲେ। ନିଲାମ ନେଇଥିବା ସ୍ଥାନରୁ ପଥର ଶେଷ ହୋଇଯିବାରୁ ସେମାନେ ସ୍ଥାନୀୟ ଲୋକଙ୍କୁ ପ୍ରଶାସନର ଭୟ ଦେଖାଇ ଜୋରଜବରଦସ୍ତ ଗଡ଼ଗୁଡୁମ ଗ୍ରାମରେ ଥିବା ଗ୍ରାମ୍ୟ ଜଙ୍ଗଲରୁ ପଥର କାଟି ଚୋରାଚାଲାଣ କରୁଥିଲେ। ମାଫିଆମାନେ ଜଙ୍ଗଲ କାଟି ପଦା କରିବାକୁ ବାହାରିଥିବାବେଳେ ଗ୍ରାମବାସୀ ଏକତ୍ରିତ ହୋଇ ସମ୍ପୃକ୍ତ ଘଟଣା ସମ୍ପର୍କରେ ଗତ ୧୬ ତାରିଖରେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ତହସିଲଦାର ତାପସ ବିଶି, ଖଣି ନିଗମ ଅଧିକାରୀ ଜଗନ ବେହେରା, ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ନିଲାମ ଦିଆଯାଇଥିବା ଅଞ୍ଚଳ ଏବଂ ଏହା ବାଦ୍ ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ଭାବେ ଖୋଳାଯାଇଥିବା ଅଞ୍ଚଳକୁ ମାପ କରାଯାଇଥିଲା। ଏହାପରେ ଜବରଦଖଲ ଅଞ୍ଚଳକୁ ୭ ଦିନ ମଧ୍ୟରେ ଛାଡ଼ିବାକୁ ନିଲାମଧାରୀଙ୍କୁ ତହସିଲଦାର ନିର୍ଦ୍ଦେଶ ଦେବା ସହ ଏହାର ଉପଯୁକ୍ତ ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଉକ୍ତ ଅଞ୍ଚଳରେ ୧୪୪ ଧାରା ଲାଗୁ ପାଇଁ ଖଣି ନିଗମ ଅଧିକାରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।




୨୫।୬।୨୦୨୪

| | |
|---|---|
| ୭୪,୪୨୮ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୮.୨୨୦ ଗ୍ରାମ୍ |

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ୨ ଗାଈ ମୃତ

ବଳଙ୍ଗା,୨୫।୬(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ କୋଠକୁସାଙ୍ଗ ପଞ୍ଚାୟତ ଗଣେଶ ବଜାରରେ ମଙ୍ଗଳବାର ରାତ୍ର ୮ଟା ସମୟରେ ବିଦ୍ୟୁତ୍ ଖୁଣ୍ଟରୁ ଆକସ୍ମିକ ଭାବେ କରେଣ୍ଟ ଲାଗି ୨ଟି ଗାଈଙ୍କ ମୃତ୍ୟୁ ଘଟିଛି। ସୂଚନାରୁ ପ୍ରକାଶ, କୋଠକୁସାଙ୍ଗ ଗ୍ରାମର ନାରାୟଣ ରାଉତରାୟଙ୍କ ୨ଟି ଗାଈ ଘରୁ ପଳାଇ ଆସିଥିବାବେଳେ ଛକରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ନାରାୟଣ ଗରିବ ଶ୍ରେଣୀର ହୋଇଥିବାବେଳେ ସେ ଏହି ୨ ଗାଈ ମାଧ୍ୟମରେ ପରିବାର ପ୍ରତିପୋଷଣ କରୁଥିଲେ। ଗାଈଙ୍କ ମୃତ୍ୟୁରେ ପରିବାର ଲୋକ ଦୁଃଖରେ ଭାଙ୍ଗି ପଡ଼ିଥିବାବେଳେ ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତା ଯୋଗୁ ଏଭଳି ଅଘଟଣ ଘଟିଥିବା ଗ୍ରାମବାସୀ କହିଛନ୍ତି।

### ବିଦ୍ୟୁତ୍ ଯନ୍ତ୍ରୀଙ୍କୁ ଆକ୍ରମଣ ଘଟଣାର ସମାଧାନ

ପିପିଲି,୨୫।୬(ଦୁର୍ଗା ମାଧବ ମିଶ୍ର)

ପିପିଲି ବିଦ୍ୟୁତ୍ ବିଭାଗ (୨) କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ କଲ୍ୟାଣ ସୁତ୍ରଧରଙ୍କୁ ଗତ ୨୧ ତାରିଖରେ ତାଙ୍କ କାର୍ଯ୍ୟାଳୟରେ କେତେଜଣ ବ୍ୟକ୍ତି ଆକ୍ରମଣ କରିଥିବା ପିପିଲି ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ମଙ୍ଗଳବାର ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ଏକ ମିଳିତ ବୈଠକ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। କନିଷ୍ଠ ଯନ୍ତ୍ରୀ ସ୍ଥାନୀୟ ସୁକାନ୍ତ ଭଞ୍ଜଙ୍କ ନାମରେ ଥାନାରେ ଅଭିଯୋଗ ହୋଇଥିଲା। କେଉଁ କାରଣରୁ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା, ସେ ବାବଦରେ ସମସ୍ତ କଥା ଆଲୋଚନା କରାଯାଇ ଭଦ୍ର ବ୍ୟକ୍ତିମାନେ ସମସ୍ୟାର ସମାଧାନ କରିଥିଲେ। ସୁକାନ୍ତ ଭଞ୍ଜଙ୍କ ନାମରେ ଥାନାରେ ହୋଇଥିବା ଏତଲାକୁ ସମ୍ପୂର୍ଣ୍ଣ ରଫାଦଫା କରିବା ସଙ୍ଗେ ସଙ୍ଗେ ଉଭୟ ଦୋଷୀଙ୍କୁ ଏଠାରେ ସମାପ୍ତ କରିବାକୁ ପିପିଲି ଥାନା ଆଇଆଇସିଙ୍କୁ ଲିଖିତ ଜଣାଇଛନ୍ତି। ସୂଚନାଯୋଗ୍ୟ, ନୂଆ ବିଦ୍ୟୁତ୍ ସଂଯୋଗ ବିଦ୍ୟୁତ୍ ସମ୍ବନ୍ଧୀୟ ଅସୁବିଧା ସମ୍ପର୍କରେ ଗ୍ରାହକମାନେ ଅଭିଯୋଗକୁ ଟାଟା ପାୱାର ଶୁଣୁ ନ ଥିବାବେଳେ ଓଲଟା ଗ୍ରାହକଙ୍କୁ ବିଭିନ୍ନ ଉପାୟରେ ହଇରାଣ ହରକତ କରୁଛନ୍ତି।

# ପିଇବା ପାଣିରେ ଲୌହାଂଶ

## ଜମୁଛି ମାଟିଆ ରଙ୍ଗର ଆସ୍ତରଣ

- ବଢ଼ୁଛି କିଡ୍‌ନୀ ରୋଗୀଙ୍କ ସଂଖ୍ୟା
- ଅଭିଯୋଗ ଶୁଣୁନାହିଁ ପ୍ରଶାସନ

ଅସ୍ତରଙ୍ଗ,୨୫।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)



ନଳକୂପରୁ ବାହାରୁଥିବା ଗୋଳିଆପାଣି ।



ଜଣେ ବାଳକ ପାଣିକୁ ପରିଷ୍କାର କରି ପିଇବା ପାଇଁ ନେଉଛନ୍ତି ।

ନଳକୂପରୁ ବାହାରୁଛି ଗୋଳିଆ ପାଣି। ଖରା ହେଉ କି ବର୍ଷାଦିନ, ସବୁ ସମୟରେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ନଗର, କୋରଣା, ଛୁରିଆନା ଓ ଶିଶୁଅ ପଞ୍ଚାୟତବାସୀ ଏଭଳି ସ୍ଥିତିର ସମ୍ମୁଖୀନ ହେଉଛନ୍ତି। କେବଳ ଏହି ପଞ୍ଚାୟତ ନୁହେଁ, ଭୂତଳ ଜଳସ୍ତର କମୁଥିବାରୁ ଅସ୍ତରଙ୍ଗ ଉପକଣ୍ଠ ଖାଡ଼ିଲିଙ୍ଗବାସୀ ମଧ୍ୟ ଜଳାଭାବ ସମସ୍ୟା ନେଇ ଦୁର୍ଦ୍ଦଶା ଭୋଗୁଛନ୍ତି। ପାଣି ମୁନ୍ଦେ ପିଇବା ତ ଦୂରର କଥା, କୌଣସି କାର୍ଯ୍ୟରେ ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ। ପାନୀୟଜଳରେ ଲୌହାଂଶ ଭାସିବା ଚିନ୍ତାର କାରଣ ପାଲଟିଛି। ଅଧିକାଂଶ ସ୍ଥାନରେ ୧୫୦ରୁ ୨୦୦ ଫୁଟ ସ୍ତରରେ ନଳକୂପ ବୋରୱେଲ୍ ପାଣି ଉଠାଉ ଥିବାବେଳେ ଉପରୋକ୍ତ ସ୍ଥାନର ଜଳ ପ୍ରଦୂଷିତ ହୋଇଯାଇଛି। ପାଣିରେ କେଲଜାଲ୍ ନାଇଟ୍ରୋଜେନ୍, ଫସ୍‌ଫରସ୍, ପୋଟାସିୟମ ଓ କାଲ୍‌ସିୟମ ମାତ୍ରା ଅଧିକ ରହୁଛି। ଲୋକେ ନଳକୂପ ଅଥବା ବୋରୱେଲ୍ ପାଣି ପିଇବା ଦ୍ୱାରା ପେଟ, କିଡ୍‌ନୀ ଓ ଚର୍ମରୋଗର ଶିକାର ହେଉଥିବା ନଜରକୁ ଆସିଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି।

ଖାଡ଼ିଲିଙ୍ଗ ସମେତ ନଗର, କୋରଣା, ଶିଶୁଅ, ଛୁରିଆନା ଆଦି ପଞ୍ଚାୟତରେ ପିଇବାପାଣି ସମସ୍ୟା ସବୁଠୁ ଅଧିକ। ଏହି ସବୁ ଅଞ୍ଚଳର ନଳକୂପ ପାଣି ପ୍ରଦୂଷିତ। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ସମେତ ଉପକଣ୍ଠ ଗାଁଗୁଡ଼ିକରେ ଏଭଳି ସମସ୍ୟା ଲାଗିରହିଛି। ପ୍ରତି ଲିଟର ପିଛା ପିଇବା ପାଣିରେ ୨.୫୭୪ ମିଲିଗ୍ରାମ ଆଇରନ ରହୁଛି। ଫଳରେ ପାଣିରେ ମାଟିଆ ରଙ୍ଗର ଆସ୍ତରଣ ଜମୁଛି। ଏହି ପାଣି ପିଇବା ଉପଯୋଗୀ ହେଉ ନ ଥିବାବେଳେ ଲୋକେ ତାହାକୁ ବ୍ୟବହାର କରିବା ଦ୍ୱାରା କିଡ୍‌ନୀ ଓ ପେଟରୋଗରେ ଆକ୍ରାନ୍ତ ହେଉଛନ୍ତି। ପାଣିକୁ କୌଣସି ପାତ୍ରରେ ରଖିବାର କିଛି ସମୟ ମଧ୍ୟରେ ମାଟିଆ ରଙ୍ଗର ଆସ୍ତରଣ ବସିଯାଉଛି। ପାଣି ଲୁଣିଆ ଲାଗୁଛି। ଲୋକେ ଏକ ପାତ୍ରରେ ଗୋଡ଼ି, ବାଲି ପକାଇ ସେଥିରେ ପାଣି ରଖି କିଛି ସମୟ ପରେ ପରିସ୍ରବଣ ପ୍ରଣାଳୀରେ କପଡ଼ାରେ ଛାଣି ତାହାକୁ ବ୍ୟବହାର କରୁଛନ୍ତି। ସାଧାରଣତଃ ପାଣିରେ ଲୌହ ଅଂଶର ମାତ୍ରା ଲିଟର ପିଛା ୧ ମିଲିଗ୍ରାମ ରହିବା କଥା। ମାତ୍ର ଏଠାରେ ପାଣିରେ ନାଇଟ୍ରୋଜେନ୍, ଆଇରନ୍, ଫର୍ଟିଡ୍‌ଟି ଅଧିକ ରହୁଛି। ଲୌହ ଅଂଶର ମାତ୍ରା ୧ଲିଟର ପାଣିରେ ସର୍ବାଧିକ ୧ ମିଲିଗ୍ରାମ୍ ଏବଂ କେଲଡାଲ୍ ନାଇଟ୍ରୋଜେନ୍ ୨ ମିଲିଗ୍ରାମ୍ ରହିବା କଥା। କିନ୍ତୁ କୋରଣା ଅଞ୍ଚଳରେ ଗୋଟିଏ ଲିଟର ପାଣିରେ ଆଇରନ୍ ବା ଲୌହ ଅଂଶ ୬.୨୫୦ ମିଲିଗ୍ରାମ୍ ରହୁଛି। ନାଇଟ୍ରୋଜେନ୍ ପରିମାଣ ଅଧିକ ରହିଲେ ଶ୍ୱାସକ୍ରିୟା ଓ ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପଡ଼ିଥାଏ। ଏ ସମ୍ପର୍କରେ ଅଞ୍ଚଳବାସୀ ବିଭିନ୍ନ ସମୟରେ ସ୍ଥାନୀୟ ଜନପ୍ରତିନିଧି, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀ, ବିଡିଓ ଏବଂ ଉପଜିଲାପାଳଙ୍କୁ ଅଭିଯୋଗ ଜଣାଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ଅଭିଯୋଗ ଆଣି କ୍ଷୋଭ ପ୍ରକାଶ କରିଛନ୍ତି।



ପୁରୀ ରଥଖଳାରେ ରୂପକାର ସେବକମାନେ ରଥର ଚାରପରିଛା ଖୋଦେଇ କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି ।

### ପିକ୍‌ଅପ ଭ୍ୟାନ- ବାଇକ୍ ମୁହାଁମୁହିଁ: ୨ ଯୁବକ ଗୁରୁତର

ବାଲିଅନ୍ତା ୨୫।୬(ନୀଳମାଧବ ସାହୁ)

ହଂସପାଳ- ଅଣ୍ଡାମୁଖୀ ଜୟଦେବ ରାସ୍ତାର ବାଲିଅନ୍ତା ବଜାର ଛକରେ ମଙ୍ଗଳବାର ସନ୍ଧ୍ୟାରେ ଏକ ପିକ୍‌ଅପ ଭ୍ୟାନ ସହ ବାଇକ୍ ମୁହାଁମୁହିଁ ଧକ୍କାରେ ହେବାରୁ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ୨ ଭାଇ ଭୁବନେଶ୍ୱର କୋଳଥିଆ ଅଞ୍ଚଳରେ ରହୁଥିବାବେଳେ ଉଭୟଙ୍କ ପରିଚୟ ମିଳିପାରିନାହିଁ। ୨ ଭାଇ ବାଲିଅନ୍ତାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ପିକ୍‌ଅପ ଭ୍ୟାନ ସହ ଫିଟି ହୋଇଥିଲେ। ଫଳରେ ଉଭୟ ରାସ୍ତାରେ ପ୍ରାୟ ୧୦ଫୁଟ ପର୍ଯ୍ୟନ୍ତ ଖୋସାଡ଼ି ହୋଇଯାଇଥିଲେ। ସେମାନେ ପିନ୍ଧିଥିବା ହେଲମେଟ ମଧ୍ୟ ଭାଙ୍ଗିରୁଜିଯାଇଥିଲା।

## ରଥଖଳାରୁ...

# ୩ ରଥକୁ ବଡ଼ଧରା ପୋଟଳ ଉଠିଲା



ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ବଡ଼ଦାଣ୍ଡସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରଥ ନିର୍ମାଣକାରୀ ସେବକମାନେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ୩ରଥର ତୃତୀୟ ଭୂଇଁ ଫ୍ରେମ୍ ଉଠି ମଝି ଭୂଇଁ ଉପରେ ସଂଯୋଗ ସହ ତୃତୀୟ ଭୂଇଁ ଉପରେ ୪ଟି ପୋଟଳ ଖୀପା ଏବଂ ଦୁଇଟି ପୋଟଳ ସେଣୀ ସଂଯୋଗ ହୋଇଥିଲା। ମଙ୍ଗଳବାର ତିନିଓଧ ମହାରଣା ସେବକ ଏବଂ ଭୋଇସେବକଙ୍କ ସହଯୋଗରେ ବଡ଼ଧରା ପୋଟଳ ତିନିରଥର ତୃତୀୟ ଭୂଇଁ ଉପରେ ସେଟିଂ କରାଯାଇଛି। ଏହି ପୋଟଳ ୧୩ ପରସ୍ତ ବିଶିଷ୍ଟ। ଏହା ରଥର ଶେଷ ଭୂଇଁ ଉପରୁ ନିର୍ମାଣ ହୋଇଥାଏ, ଏହାର ଗଠନ ଶୈଳୀ ଶ୍ରୀମନ୍ଦିର ଶ୍ରୀଭାଗ ଅଂଶ ପରି ଦୃଶ୍ୟମାନ ହୁଏ। ଏଥିସହ ତିନିର ପଞ୍ଚ ଆଣି ଡ଼ମକ ଚାରି ନାହାକାକୁ ଲାଗି ପଡ଼ି କଣ୍ଠାବାଡ଼ିଆ ଶେଷ ହୋଇଛି। ଚାରିନାହାକା ଉଭୟ ପଟରେ ମୂଳକଣ୍ଠି ବାଡ଼ିଆ ଶେଷ ହୋଇଛି। ୩ ରଥର ଚାରିପାର୍ଶ୍ୱରେ ତାଗବାଡ଼ିଆ ବା ବଟନ ଆଡ଼ିଆ ଆରମ୍ଭ ହୋଇଛି। ତାଗବାଡ଼ିଆ ପରେ ରଥ ଚାରିପାର୍ଶ୍ୱରେ ପଟାବାଡ଼ିଆ କାର୍ଯ୍ୟ ଆରମ୍ଭ ହେବ। ତିନିରଥର କନକମୁଣ୍ଡି ନିର୍ମାଣ ସହ ଡା'ର ଚାରିପାର୍ଶ୍ୱରେ କାପ ବିଛ ଶେଷ ହେବା ସହ କଳସ ପିଣ୍ଡି ନିର୍ମାଣ ଜାରି ରହିଛି। ତିନିରଥର ବଡ଼ଧରା ପୋଟଳ ଉଠରେ ସେଟିଂ ପରେ ବାକି ପୋଟଳଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରି ରହିଛି। ତିନି ରଥର ୪ଟି ଲେଖାଏ ଧ୍ୱଜବଡ଼ା ନିର୍ମାଣ ଶେଷ ହୋଇଛି। ଏଥିସହ ରଥ ଦ୍ୱାରଗୁଡ଼ିକରେ ନାଟଗୋଡ଼ ସେଟିଂ ପାଇଁ ଆଠଟି ଲେଖାଏ ଗାରେଡ଼ି ନିର୍ମାଣ ସରିଛି। ରୂପକାର ସେବକମାନେ ଚାର ପରିଛାରେ ଚିତ୍ର ଖୋଦେଇ ଶେଷ କରିବା ସହ ନାଟଗୋଡ଼ଗୁଡ଼ିକରେ ରୂପ ଖୋଦେଇ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ରଥର ବାହ୍ୟ ଅଂଶରେ ଧଳା ପ୍ରାଇମର ଦେବା ସହ ରଥ ପାର୍ଶ୍ୱଦେବଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ ଏବଂ ଠେକରା ବାଡ଼ରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ରଥ କଇଁଛି କଣ୍ଟା, ପୋଟଳ ପାଇଁ ଗୋଡ଼ି ଛାଲ କଣ୍ଟା ତିଆରିରେ ବ୍ୟସ୍ତ ରହିଛନ୍ତି।

# ଆଜି ଦ୍ୱିତୀୟ ରଥଯାତ୍ରା ସମନ୍ୱୟ ବୈଠକ

## ଅଧ୍ୟକ୍ଷତା କରିବେ ଆଇନମନ୍ତ୍ରୀ

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ନିମନ୍ତେ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଘୋଷଯାତ୍ରା ନିମନ୍ତେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ପୂର୍ବରୁ ଦୁଇଟି ପ୍ରସ୍ତୁତି ବୈଠକ ଶେଷ ହୋଇଥିଲା। ପରେ ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ତେବେ ଦ୍ୱିତୀୟ ରଥଯାତ୍ରା ସମନ୍ୱୟ ବୈଠକ ବୁଧବାର ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଯାଉଛି। ବୁଧବାର ପୂର୍ବାହ୍ନ ୧୧ଟାରେ ପୁରୀ ପୌରସଦନ ପରିସରରେ ବୈଠକ ଆରମ୍ଭ ହେବ। ବୈଠକରେ ରଥଯାତ୍ରା ସମ୍ପର୍କରେ ଆଲୋଚନା କରାଯିବ। ବିଶେଷକରି ସ୍ୱାସ୍ଥ୍ୟ ଓ ବିଦ୍ୟୁତ ଯୋଗାଣ, ସ୍ୱତନ୍ତ୍ର ଟ୍ରେନ ଚଳାଚଳ, ଭିନ୍ନକ୍ଷମଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ବ୍ୟବସ୍ଥା, ଆବଶ୍ୟକ ରଥକାଠ, ରଥନିର୍ମାଣ, ବିଭିନ୍ନ ବନଖଣ୍ଡରେ ଥିବା ଫାସି ଓ ଅସନ ଆଦି କାଠର ତାଲିକା ପ୍ରସ୍ତୁତ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଏଥିସହ ରଥଯାତ୍ରା ସମୟରେ ବିଶୁଦ୍ଧ ପାନୀୟଜଳ ଯୋଗାଣ, ଶାନ୍ତି ଶୃଙ୍ଖଳା ରକ୍ଷା, ଆଇନଶୃଙ୍ଖଳା ପରିସ୍ଥିତି, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ପୋଲିସ ମୁତୟନ ବ୍ୟବସ୍ଥା, ସିସିଟିଭି କ୍ୟାମେରା ଲଗାଇବା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଆଦି ଉପରେ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଜିଲାପାଳ, ଏସ୍‌ପି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ସେବାୟତ, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିବେ।

# ବ୍ଲକ୍‌ସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)



ବଡ଼ ମଣିଷ ନୁହେଁ ଭଲ ମଣିଷ ହୋଇ ବ୍ରହ୍ମଗିରିକୁ ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ଦେବାକୁ ସମାଜସେବୀ ବଦ୍ରି ମିଶ୍ର ଆହ୍ୱାନ ଦେଇଛନ୍ତି। ଭାଗବତ ପ୍ରଚାର ସମିତି ବାମ୍ପଣା ଆନୁକୂଲ୍ୟରେ ବ୍ରହ୍ମଗିରି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ ଆୟୋଜିତ ହୋଇଯାଇଛି। ଏଥିରେ ଭାଗବତ ସଂଗଠକ ଅନ୍ତର୍ଯାମୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟବକ୍ତା ଭାବେ ମିଶ୍ର ଯୋଗଦେଇ ଚଳିତବର୍ଷ ଦଶମ ଶ୍ରେଣୀରେ ଏ-୧ ପାଇଥିବା ଛାତ୍ରଛାତ୍ରୀମାନେ ଉତ୍ତମ ବିଦ୍ୟା ସହ ସେବାକୁ ପାଥେୟ କରି ସମାଜକୁ ସମୃଦ୍ଧ କରିବା ଉଚିତ ବୋଲି କହିଛନ୍ତି। ଭାଗବତାକାର ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ କବିରାଜ ଜେନା ଯୋଗଦେଇ କହିଥିଲେ, ଶିକ୍ଷା ମାଧ୍ୟମରେ ଏକ ବିକଶିତ ଭାରତବର୍ଷ ଗଠନରେ ଛାତ୍ରଛାତ୍ର, ଅଭିଭାବକ ଓ ଶିକ୍ଷକମାନେ ସୂତ୍ରଧର ହେବେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ଜେନା ଓ କୁମର ପାତ୍ର ଉପସ୍ଥିତ ଥିଲେ। ବ୍ରହ୍ମଗିରି ବ୍ଲକରେ ଏ-୧ ପାଇଥିବା ଛାତ୍ରଛାତ୍ରୀ ସୁଶ୍ରୀ ସୌମ୍ୟା ସାହୁ, ଅର୍ଜୁନ ଜେନା, ଗାୟତ୍ରୀ ପ୍ରଧାନ, ସିଲା ପୁହୁଲି, ସ୍ୱୟଂପ୍ରସାଦ ପରିଡ଼ା, ପ୍ରଜ୍ଞାଶିନୀ ପରିଡ଼ା, ଶୁଚିସ୍ମିତା ବାରିକ୍, ରାଜଶ୍ରୀ ପଲାଇ, ଗୌରବ ପରିଡା ଏବଂ ଓମ୍‌ପ୍ରସାଦ ନାୟକଙ୍କୁ ଉପଢ଼ୌକନ ପ୍ରଦାନ କରାଯାଇଥିବା ବେଳେ ଅନ୍ତର୍ଯାମୀ ପଟ୍ଟନାୟକ କୃତୀ ଛାତ୍ରଛାତ୍ରୀଙ୍କୁ ଭାଗବତ ପୁସ୍ତକ ସହ ଚାରା ବିଆଯାଇଥିଲା।

# 'ଛୋଟ ମୋର ଗାଁଟି' ପୁସ୍ତକ ଉନ୍ମୋଚିତ

ନିମାପଡ଼ା,୨୫।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ କୋଥେଇ ଗ୍ରାମସ୍ଥ ଅଙ୍କିତ ଫାର୍ମ ହାଉସ୍ ପରିସରରେ ମଙ୍ଗଳବାର ଏକ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରାଜ୍ୟର ବିଶିଷ୍ଟ ଶ୍ରମିକ ନେତା ମହେଶ୍ୱର ରାଉତ, ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଓଏଏସ୍ କୈଳାସଚନ୍ଦ୍ର ବେହେରା, ପ୍ରଫେସର ଡ. ରବୀନ୍ଦ୍ରନାଥ ପାଢ଼ୀ, ଶିକ୍ଷାବିତ୍ ବସନ୍ତ ପାତ୍ର, ଲେଖିକା ରଶ୍ମିତା ଦାଶ, କବୟିତ୍ରୀ ତପସ୍ୱିନୀ ନାୟକ, କେନ୍ଦୁଝର ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ସହଦେବ ପରିଡ଼ା, ଶିବବ୍ରତ ଗୁରୁ ପ୍ରମୁଖ ଯୋଗଦେଇ ସାହିତ୍ୟ ସମାଜର ଦର୍ପଣ ସଦୃଶ, ସାହିତ୍ୟ ହିଁ ସମାଜକୁ ଅନେକ କିଛି ଶିକ୍ଷା ଦେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିଶିଷ୍ଟ ଲେଖକ, ସାହିତ୍ୟିକ, ଜୟଦେବ ବେହେରାଙ୍କ ରଚିତ 'ଛୋଟ ମୋର ଗାଁଟି' ପୁସ୍ତକ ଉନ୍ମୋଚିତ ହୋଇଥିଲା। ସମାରୋହରେ କବି ଓ କବୟିତ୍ରୀଙ୍କ ପକ୍ଷରୁ ସ୍ୱରଚିତ କବିତା ପାଠ କରାଯାଇଥିଲା। ଏଥିରେ ଶତାଧିକ କବି, ଲେଖକ, ସାହିତ୍ୟିକ, ଶିକ୍ଷାବିତ୍, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ଯୁବବନ୍ଧୁମାନେ ଯୋଗଦେଇଥିଲେ।




ଅତିଥିମାନେ 'ଛୋଟ ମୋର ଗାଁଟି' ପୁସ୍ତକ ଉନ୍ମୋଚନ କରୁଛନ୍ତି।

# 'ରତ୍ନଭଣ୍ଡାର ପ୍ରସଙ୍ଗକୁ ଗୁରୁତ୍ୱ ଦେଉନି ଶ୍ରୀମନ୍ଦିର ପ୍ରଶାସନ'

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରା ନୀତିନିର୍ଘଣ୍ଟ ନେଇ ମଙ୍ଗଳବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ବୈଠକ ପରେ ରତ୍ନଭଣ୍ଡାର ପ୍ରସଙ୍ଗକୁ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅସନ୍ତୋଷ ତଥା କ୍ଷୋଭ ପ୍ରକାଶ କରିଛନ୍ତି। ସୁଦର୍ଶନ କହିଛନ୍ତି, ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯିବା ସହ ମରାମତି କରାଯାଉ ବୋଲି ସାରା ବିଶ୍ୱରେ ଥିବା ଅଗଣିତ ଜଗନ୍ନାଥପ୍ରେମୀ ଚାହୁଁଛନ୍ତି। ଏନେଇ ବିଗତ ଦିନରେ ଗଣମାଧ୍ୟମକୁ ସୂଚନା ଦେବା କାରଣରୁ ମଙ୍ଗଳବାର ବୈଠକରେ ଗଣମାଧ୍ୟମ ଆଗରେ କିଛି ନ କହିବା ପାଇଁ ପରୋକ୍ଷରେ କୁହାଗଲା। ତେବେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ସୁରକ୍ଷା ଉପରେ ସେ କହିଥିଲେ। ମାତ୍ର ମଙ୍ଗଳବାର ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ପ୍ରସଙ୍ଗରେ କୌଣସି ଆଲୋଚନା କରାଗଲା ନାହିଁ। ସେହିପରି ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ପ୍ରଶାସନ ପକ୍ଷରୁ ତାଙ୍କୁ ଆଶ୍ୱାସନା ଦିଆଯାଇଥିଲା ଯେ, ମଠଗୁଡ଼ିକରେ ମୂର୍ତ୍ତି ଲାଗିବ, ମାତ୍ର ଲଗାଗଲା ନାହିଁ। ଏନେଇ ପ୍ରଶ୍ନର ଉତ୍ତର ପ୍ରଶାସନ ଦେଇନାହାନ୍ତି। ତେବେ ୨୦୧୮ ମସିହାରୁ ରିପୋର୍ଟ ଆସିଛି, ରତ୍ନଭଣ୍ଡାର ସ୍ଥିତି ଖରାପ ଅଛି ବୋଲି ଜାଣିବା ପରେ କାହିଁକି ରତ୍ନଭଣ୍ଡାର ମରାମତି କରାଗଲା ନାହିଁ ଏବଂ ସମସ୍ତେ ନୀରବ ରହିଲେ କ'ଣ ପାଇଁ ବୋଲି ସୁଦର୍ଶନ ପ୍ରଶ୍ନ କରିଛନ୍ତି। ପୂର୍ବରୁ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲିବା ନେଇ ପୂର୍ବ ସରକାରଙ୍କ ପକ୍ଷରୁ କରାଯାଇଥିବା ରତ୍ନଭଣ୍ଡାର କମିଟି ସୂଚନା ଦେଇଥିଲେ। ଯଦି ପରିଚାଳନା କମିଟି ବୈଠକରେ କୌଣସି ଆଲୋଚନା କରାଯାଉନାହିଁ ତେବେ କମିଟି କେମିତି ଖୋଲିବ ବୋଲି ସେ ପ୍ରଶ୍ନ କରିଛନ୍ତି। ରତ୍ନଭଣ୍ଡାର ନ ଖୋଲେଇ ଦେବା ପାଇଁ ପୂର୍ବରୁ ଯୋଜନା ହୋଇଛି ବୋଲି ଏଥିରୁ ସନ୍ଦେହ ଲାଗୁଛି। ନୂଆ ରାଜ୍ୟ ସରକାର ଚାରିଦ୍ୱାର ଖୋଲିବା ନିଷ୍ପତ୍ତି ନେଲେ। ରତ୍ନଭଣ୍ଡାର ଖୋଲିବା ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କିନ୍ତୁ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ବିଷୟରେ ଆଲୋଚନା କରି ସରକାରଙ୍କୁ ସହଯୋଗ କରିବା ବିଗରେ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଶ୍ରୀମନ୍ଦିର ପରିଚାଳନା କମିଟି ଗୁରୁତ୍ୱ ଦେଉନାହାନ୍ତି ବୋଲି ସୁଦର୍ଶନ ଅଭିଯୋଗ ଆଣିଛନ୍ତି। ଅତୀତରେ ରତ୍ନସିଂହାସନ ମରାମତି ପାଇଁ ଶ୍ରୀବିଗ୍ରହଙ୍କୁ ଅସ୍ଥାୟୀ ସିଂହାସନକୁ ଆଣି କାର୍ଯ୍ୟ କରାଯାଇଥିଲା। କିନ୍ତୁ ରତ୍ନଭଣ୍ଡାରକୁ କେବଳ ରଥଯାତ୍ରା ସମୟରେ ଖୋଲାଯିବା କଥା କହିବା କାରଣ କ'ଣ ବୁଝାପଡୁନାହିଁ। ୨୦୧୮ରେ ରତ୍ନଭଣ୍ଡାର ଖୋଲିବାକୁ ଯାଇଥିବା ପ୍ରାଧିକୃତ କମିଟି ରିପୋର୍ଟ ଓ ୨୦୨୧ରେ ଭେଇରୁ ସ୍କାନିଂ ରିପୋର୍ଟରେ ରତ୍ନଭଣ୍ଡାର ଅସୁରକ୍ଷିତ ଥିବା ସ୍ପଷ୍ଟ ହୋଇଥିବାବେଳେ ପରିଚାଳନା କମିଟି କିଛୁ ଏ ବାବଦରେ ମୁହଁ ନ ଖୋଲିବା ଦୁର୍ଭାଗ୍ୟଜନକ ବୋଲି ସୁଦର୍ଶନ କହିଛନ୍ତି। ପ୍ରଥମେ ରତ୍ନଭଣ୍ଡାରର ମରାମତି ଆବଶ୍ୟକ ରହିଛି। ତେଣୁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସୁଦର୍ଶନ ଅନୁରୋଧ କରିଛନ୍ତି।

## ଅଭିଯୋଗ ଆଣି କ୍ଷୋଭ ପ୍ରକାଶ କଲେ ସୁଦର୍ଶନ



ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ

## ଅଗ୍ନିକାଣ୍ଡରେ ଘର ଜଳିଗଲା

କଟକ ସଦର,(ସୁଶାନ୍ତ କୁମାର ଜେନା): କିଶନନଗର ଥାନା ଅନ୍ତର୍ଗତ ନାନକାରା ଗ୍ରାମର ମନୋରଞ୍ଜନ ପଣ୍ଡାୟତଙ୍କ ଚାଳଘର ସୋମବାର ରାତିରେ ଜଳିଯାଇଛି। ଏଥିରେ ଆସବାପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେତେଜଣ ଯୁବକ ଘରେ ନିଆଁ ଲଗାଇ ଦେଇଥିବା ମଙ୍ଗଳବାର ମନୋରଞ୍ଜନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ଆଉ ୩ ବ୍ଲକ୍‌ରେ ହେବ ଗ୍ରାମୀଣ ଶିଳ୍ପ ପ୍ରତିଷ୍ଠାନ ପୁଞ୍ଜ

କଟକ,୨୫।୬(କାର୍ତ୍ତିକ ସାହୁ)



ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟଙ୍କ ସମେତ ଅନ୍ୟମାନେ।

କଟକ ଜିଲାର କଣ୍ଟାପଡ଼ା, ବଡ଼ମ୍ବା ବ୍ଲକରେ ଗ୍ରାମୀଣ ଶିଳ୍ପ ପ୍ରତିଷ୍ଠାନ ପୁଞ୍ଜ କାର୍ଯ୍ୟକ୍ଷମ ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ କଟକ ସଦର, ନିଶ୍ଚିନ୍ତକୋଇଲି ଓ ବାଙ୍କୀ-ଡମପଡ଼ା ବ୍ଲକରେ ଗ୍ରାମୀଣ ଶିଳ୍ପ ପ୍ରତିଷ୍ଠାନ ପୁଞ୍ଜ କାର୍ଯ୍ୟକ୍ଷମ ହେବ। ତେବେ ଏହି ଶିଳ୍ପ ପ୍ରତିଷ୍ଠାନ ପୁଞ୍ଜର ପ୍ରତିଷ୍ଠା ନିମନ୍ତେ ଜିଲାସ୍ତରୀୟ ମନିଟରିଂ କମିଟି ବୈଠକରେ ମଙ୍ଗଳବାର ପ୍ରସ୍ତାବ ଉପସ୍ଥାପିତ ହୋଇଛି। ପର୍ଯ୍ୟାୟ କ୍ରମେ ଜିଲାର ୧୪ ଗୋଟି ବ୍ଲକ୍‌ରେ ଏହାର ପ୍ରତିଷ୍ଠା କରାଯାଇ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରାଯିବାର ଲକ୍ଷ୍ୟ ରହିଥିବା ସୂଚନା ମିଳିଛି।

ଗ୍ରାମୀଣ ଶିଳ୍ପ ପ୍ରତିଷ୍ଠାନ ପୁଞ୍ଜ ରାଜ୍ୟ ସରକାରଙ୍କର ଏକ ଅଗ୍ରଣୀ କାର୍ଯ୍ୟକ୍ରମ ଯାହାକି ମହିଳା ଉତ୍ପାଦନକାରୀଙ୍କୁ ଏକାଭିମୁଖୀ ଭାବରେ ମୌଳିକ ଭିତ୍ତିଭୂମି ସହ କାର୍ଯ୍ୟସ୍ଥଳୀ ଯୋଗାଇ ଦେଇଥାଏ। ଏଥିସହ ସେମାନଙ୍କ ଉତ୍ପାଦ ପ୍ରକ୍ରିୟାକରଣ ଏବଂ ମୂଲ୍ୟବୃଦ୍ଧିରେ ମଧ୍ୟ ସହାୟକ ହୋଇଥାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ନିଯୁକ୍ତି ଖୋଜୁଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ସ୍ରଷ୍ଟାରେ ପରିବର୍ତ୍ତନ କରିବା ଓ ଗ୍ରାମୀଣ ସ୍ୱୟଂ ସହାୟକ ଗୋଷ୍ଠୀକୁ କ୍ଷୁଦ୍ର, ଅଣୁ ଉଦ୍ୟୋଗରେ ପରିଣତ କରିବା। ଏହି ଜିଲା ଗ୍ରାମୀଣ ଶିଳ୍ପ ପ୍ରତିଷ୍ଠାନ ପୁଞ୍ଜ ପ୍ରତିଷ୍ଠା ନିମନ୍ତେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ମନିଟରିଂ କମିଟି ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଅଧ୍ୟକ୍ଷତା କରିଥିଲେ। ଓର୍‌ମାସ୍‌ର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ଯୋଜନାର ଆଭିମୁଖ୍ୟ ଓ କଟକ ଜିଲାରେ ଏହାର ସାମ୍ପ୍ରତିକ ସ୍ଥିତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଭିନ୍ନ ବ୍ଲକ୍ ଅଞ୍ଚଳରେ କୃଷିଭିତ୍ତିକ କାର୍ଯ୍ୟକ୍ରମ, ହସ୍ତତନ୍ତ, ହସ୍ତଶିଳ୍ପ, କୁଟୀର ଶିଳ୍ପ ଆଦି ସମ୍ପର୍କିତ ଅନେକ ଉତ୍ପାଦର ସୁବିଧାଜନକ ଉତ୍ପାଦନର ଆବଶ୍ୟକ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଏବେ ଗ୍ରାମୀଣ ଶିଳ୍ପ ପ୍ରତିଷ୍ଠାନ ପୁଞ୍ଜ ବିଭିନ୍ନ ବିଭାଗର ସମନ୍ୱୟ ଏବଂ ପରସ୍ପର ସହଯୋଗରେ ମୁଖ୍ୟତଃ ଉତ୍ପାଦନ ଓ ପ୍ରସ୍ତୁତି, ବିଭିନ୍ନ ସେବା, ନିର୍ମାଣ, ସମନ୍ୱିତ କୃଷି ଓ ଦକ୍ଷତା ଆଦିରେ ପ୍ରତିଷ୍ଠା କରାଯାଉଛି। କଟକ ଜିଲାରେ ଏବେ ୧୦୦ରୁ ଊର୍ଦ୍ଧ୍ୱ ମିଶନ ଶକ୍ତି ଉତ୍ପାଦନ ଗୋଷ୍ଠୀ କାର୍ଯ୍ୟକ୍ଷମ ରହିଛି। ଓର୍‌ମାସ୍ ତରଫରୁ ସମସ୍ତ ଉତ୍ପାଦିତ ପଦାର୍ଥର ବିକ୍ରୟ ନିମନ୍ତେ ମଧ୍ୟ ପ୍ରୟାସ କରାଯାଉଛି। ଉତ୍ପାଦନକାରୀ ଏବଂ ଗ୍ରାହକ ମଧ୍ୟରେ ମଧ୍ୟସ୍ଥ ହଟାଇବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ। ବିଭିନ୍ନ ବ୍ଲକରୁ ଆସିଥିବା ବିଭାଗୀୟ ଅଧିକାରୀ ସମନ୍ୱିତ ଭାବରେ

### ଜିଲାସ୍ତରୀୟ ମନିଟରିଂ କମିଟି ବୈଠକ

ତଥା ପରସ୍ପର ସହଯୋଗରେ ବ୍ଲକ୍ ସ୍ତରରେ ବୈଠକ କରି ଗ୍ରାମୀଣ ଶିଳ୍ପ ପ୍ରତିଷ୍ଠାନ ପୁଞ୍ଜ ପ୍ରତିଷ୍ଠା ନିମନ୍ତେ ଉପଯୁକ୍ତ ସ୍ଥାନ, ନିବେଶଯୋଗ୍ୟ ପୁଞ୍ଜି ଯୋଗାଡ଼, ମୌଳିକ ଭିତ୍ତିଭୂମି ପ୍ରସ୍ତୁତି ଆଦି ଠିକ୍ କରି ସମ୍ପୂର୍ଣ୍ଣ ପ୍ରସ୍ତାବ ଦାଖଲ କରିବା ନିମନ୍ତେ ମୁଖ୍ୟ ଉନ୍ନୟନ ଅଧିକାରୀ ରାୟ ପରାମର୍ଶ ଦେଇଥିଲେ। ଓର୍‌ମାସ୍ ପକ୍ଷରୁ ବର୍ଷାରାଣୀ ସ୍ୱାଇଁ ପାୱାର ପଏଣ୍ଟ ମାଧ୍ୟମରେ ଜିଲାରେ ଏହି ଯୋଜନାର ରୂପରେଖ ଉପସ୍ଥାପନ କରିଥିଲେ। ଓର୍‌ମାସ୍‌ର ନିର୍ବାହୀ ଡ. ଶ୍ରୀକାନ୍ତ ପରିଜା, ଉପମୁଖ୍ୟ ନିର୍ବାହୀ ଅଧିକାରୀ ସୋନାଲି ମଜୁମଦାରଙ୍କ ସମେତ ଜଙ୍ଗଲ ବିଭାଗ, ପ୍ରାଣୀ ସମ୍ପଦ, ଜିଲା ଶିଳ୍ପକେନ୍ଦ୍ର, ମତ୍ସ୍ୟ, କୃଷି, ଉଦ୍ୟାନ କୃଷି, ସମାଜ ମଙ୍ଗଳ, ସାମାଜିକ ସୁରକ୍ଷା, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ବୈଠକରେ ଯୋଗଦେଇଥିଲେ।

## ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନକଲେ ସ୍ୱାସ୍ଥ୍ୟମନ୍ତ୍ରୀ


ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଣ୍ଟାପଡା,୨୫।୬(ସୁରନାରାୟଣ ସାହୁ)

### ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର

କଣ୍ଟାପଡା ବ୍ଲକ ଅଧୀନ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ସେଠାରେ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିବା ସହ ବିଭିନ୍ନ ୱାର୍ଡ ବୁଲି ଦେଖିଥିଲେ। ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ପାଇଁ ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ତାଙ୍କ ଅନୁରୋଧ ରକ୍ଷା କରି ମଙ୍ଗଳବାର ଅପରାହ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ।

## ସଂକ୍ଷେପରେ

### ୧୦ ହଜାର ଚାରାରୋପଣ କରିବେ ପୁରାତନ ବିଦ୍ୟାର୍ଥୀ

କଟକ,୨୫।୬(କାର୍ତ୍ତିକ ସାହୁ)

କଟକ ରାଣୀହାଟ ହାଇସ୍କୁଲ ୧୯୮୦ ବ୍ୟାଚ୍ ବିଦ୍ୟାର୍ଥୀମାନେ ୧୦ ହଜାର ଚାରାରୋପଣ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନଜନିତ ବିପଦରୁ ପ୍ରକୃତି ତଥା ମଣିଷକୁ ରକ୍ଷା କରିବା ପାଇଁ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହାବାଦ ବର୍ଷ ତମାମ ରକ୍ତଦାନ ଶିବିର, ଅସହାୟଙ୍କୁ ଖାଦ୍ୟ ବଣ୍ଟନ, ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଖେଳ ସାମଗ୍ରୀ ପ୍ରଦାନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ୧୯୮୦ ବ୍ୟାଚ୍ ବିଦ୍ୟାର୍ଥୀମାନଙ୍କ ପକ୍ଷରୁ ଶଙ୍କରପୁର ଉପରସାହିସ୍ଥିତ ଏକ ମଣ୍ଡପରେ ଆୟୋଜିତ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ବିଚାରପତି କେ. ଆର୍. ମହାପାତ୍ର, ଅକ୍ଷୟ କୁମାର ଖଟୁଆ, ପ୍ରଦୀପ କୁମାର ଛାଟୋଇ, ଇଂ. ରବୀନ୍ଦ୍ର କୁମାର ସାହୁ, ଶେଖ୍ ସମିଉଲ୍ଲା, ସୁବାସ ମହାରଣା, ବିମଳ ପ୍ରସାଦ ଜେନା, ଶୁଭଲକ୍ଷ୍ମୀ ମହାନ୍ତି, ମଞ୍ଜୁଳା ବର୍ଦ୍ଧନଙ୍କ ସମେତ ବହୁ ବିଦ୍ୟାର୍ଥୀ ଯୋଗଦେଇଥିଲେ।

### ଶିବିରରୁ ୩୬ ୟୁନିଟ୍ ରକ୍ତ ସଂଗ୍ରହ

ଚୌଦ୍ୱାର,୨୫।୬(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୬ନଂ. ୱାର୍ଡ ଅଧୀନ ଟିପିଏମ୍ ଖେଳ ପଡିଆରେ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାଇ ସ୍ପୋର୍ଟ୍ସ କ୍ଲବ୍ ଓ ଚୌଦ୍ୱାର ବ୍ଲଡ୍ ଡୋନର ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ବିଧାୟକ ସୌଭିକ୍ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୩୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଅଜୟ କୁମାର ବେହେରା, ଆଶୁତୋଷ ଦାସ, ବିମଳ କୁମାର ବେଉରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବ୍ ସଦସ୍ୟ ଦୀପକ କୁମାର ନାୟକ, ସୌଭାଗ୍ୟ ରଞ୍ଜନ ଭୂୟାଁ, ପୀୟୂଷ ରଞ୍ଜନ ସୁବୁଦ୍ଧିରାୟ, ସୌମ୍ୟରଞ୍ଜନ ବେଉରା, ରଞ୍ଜନ ସ୍ୱାଇଁ, ମଧୁସ୍ମିତା ତ୍ରିପାଠୀ, ପଞ୍ଚାନନ ନାୟକ, ରାଜକିଶୋର ମହାନ୍ତି, ଅଶୋକ ରାଉତରାୟଙ୍କ ସମେତ କର୍ମକର୍ତ୍ତାମାନେ ଶିବିର ପରିଚାଳନା କରିଥିଲେ।

# ଅନନ୍ତଙ୍କ କବିତା ଥିଲା ବେଶ୍ ସମୃଦ୍ଧ


କାର୍ଯ୍ୟକ୍ରମରେ ଡକ୍ଟର ସୌଭାଗ୍ୟ କୁମାର ମିଶ୍ରଙ୍କୁ କବି ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ ପ୍ରଦାନ କରାଯାଉଛି।

କଟକ,୨୫।୬(କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜ ଓ କବି ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦ ଆନୁକୂଲ୍ୟରେ କଟକ ଶ୍ରୀରାମଚନ୍ଦ୍ର ଭବନରେ କବି ଅନନ୍ତ ପଟ୍ଟନାୟକଙ୍କ ସ୍ମୃତିସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଛନ୍ତି, ଅନନ୍ତ ପଟ୍ଟନାୟକଙ୍କର କାବ୍ୟ-କବିତା ଭାଷାଦୃଷ୍ଟିରୁ ଥିଲା ବେଶ୍ ସମୃଦ୍ଧ। ଏଥିରେ ସାହିତ୍ୟ ସମାଲୋଚକ ଡ. ଗିରିଶ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ବରେଣ୍ୟ ଅତିଥି କବି ଡ. ସୌଭାଗ୍ୟ କୁମାର ମିଶ୍ରଙ୍କୁ କବି ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ ପ୍ରଦାନ କରାଯାଇଥିଲା। କବି ଡ. ବୈଜୟନ୍ତୀ ମିଶ୍ର, ସଞ୍ଜୟ ପରିଜା, ସୁରେଶ ନାୟକ, ଆଶିଷ ମହାପାତ୍ର, ସୁଚେତା ନନ୍ଦ ପ୍ରମୁଖ ଅନନ୍ତ ପଟ୍ଟନାୟକଙ୍କ ରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ କବିଙ୍କ ପୁତ୍ର ଅମରେଶ ପଟ୍ଟନାୟକଙ୍କ ସମେତ ପରିବାରର ସଦସ୍ୟ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦର ସମ୍ପାଦକ ବିଜୟ କୁମାର ପଢ଼ିହାରୀ ସ୍ୱାଗତ ଭାଷଣ, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ରାଧାଶ୍ୟାମ ରାଉଳ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ସରୋଜିନୀ ମିଶ୍ର ମାନପତ୍ର ପାଠ କରିଥିଲେ। କୋଷାଧ୍ୟକ୍ଷ ଶିବାଶିଷ କର ଧନ୍ୟବାଦ ଦେଇଥିଲେ।

## ପିକ୍‌ଅପ୍ ଭ୍ୟାନ୍-ବାଇକ୍ ମୁହାଁମୁହିଁ: ୨ ଯୁବକ ଗୁରୁତର

ବାଲିଅନ୍ତା ୨୫।୬(ନୀଳମାଧବ ସାହୁ)

ହଂସପାଳ-ଅଭୟମୁଖୀ ଜୟଦେବ ରାସ୍ତାର ବାଲିଅନ୍ତା ବଜାର ଛକରେ ମଙ୍ଗଳବାର ସନ୍ଧ୍ୟାରେ ଏକ ପିକଅପ୍ ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କାରେ ହେବାରୁ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ୨ ଭାଇ ଭୁବନେଶ୍ୱର କୋଳଥିଆ ଅଞ୍ଚଳରେ ରହୁଥିବାବେଳେ ଉଭୟଙ୍କ ପରିଚୟ ମିଳିପାରିନାହିଁ। ୨ ଭାଇ ବାଲିଅନ୍ତାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ପିକଅପ୍ ଭ୍ୟାନ୍ ସହ ପିଟି ହୋଇଥିଲେ। ଫଳରେ ଉଭୟ ରାସ୍ତାରେ ପ୍ରାୟ ୧୦ଫୁଟ ପର୍ଯ୍ୟନ୍ତ ଘୋଷାରି ହୋଇଯାଇଥିଲେ। ସେମାନେ ପିନ୍ଧିଥିବା ହେଲ୍‌ମେଟ୍ ମଧ୍ୟ ଭାଙ୍ଗିରୁଜି ଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ରାସ୍ତାରୁ ଉଠାଇ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ବାଲିଅନ୍ତା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଛି।

## ଜରୁରୀ ପରିସ୍ଥିତି ବିରୋଧରେ ବୁଦ୍ଧିଜୀବୀ ପାଳିଲେ କଳାଦିବସ

କଟକ/କଟକ ସଦର,୨୫।୬
(କାର୍ତ୍ତିକ ସାହୁ/ସୁଶାନ୍ତ କୁମାର ଜେନା)

କଟକ ସିଡିଏ ସେକ୍ଟର-୬ସ୍ଥିତ ଜୟନାରାୟଣ ପାର୍କ ସମ୍ମୁଖରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ମଙ୍ଗଳବାର କଳାଦିବସ ପାଳନ କରିଛନ୍ତି। ୧୯୭୫ ଜୁନ୍ ୨୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଦେଶରେ ଜାରି କରାଯାଇଥିବା ଜରୁରିକାଳୀନ ପରିସ୍ଥିତି ବିରୋଧରେ ବୁଦ୍ଧିଜୀବୀମାନେ କଳାବ୍ୟାଜ୍ ପିନ୍ଧି କଳାଦିବସ ପାଳନ କରିଛନ୍ତି। ଏହି ଅବସରରେ ସେ ସମୟରେ ଜରୁରିକାଳୀନ ପରିସ୍ଥିତିକୁ ବିରୋଧ କରି ଜେଲଦଣ୍ଡ ଭୋଗିଥିବା ଓମ୍‌ପ୍ରକାଶ ରାୟ, କୃଷ୍ଣ କେଶବ ମିଶ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଦୀପ ସ୍ୱାଇଁ, ସୁବାରାଜ ଜେନା, ବିଜୟ କୁମାର ରାଉତରାୟ, ଡଲି ଦାସ, ପ୍ରତାପ ଶତପଥୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଶିଶିର ଦାସ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସେ ସମୟରେ ରାଜନେତା, ସାଧାରଣ ନାଗରିକଙ୍କ ବାକ୍ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଯିବା ସହ ସେମାନଙ୍କୁ ବନ୍ଦୀ ବନାଯିବା, ଗଣମାଧ୍ୟମ ଓ ନ୍ୟାୟପାଳିକାର କଣ୍ଠରୋଧ କରାଯିବା ଉପରେ ବକ୍ତାମାନେ ମତ ଉପସ୍ଥାପନ କରିଥିଲେ। ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ସମୀର ଦେ'ଙ୍କ ଆହ୍ୱାନକ୍ରମେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ଦୟାନିଧି ଲେଙ୍କା, ଡ.ବିଶ୍ୱଜିତ୍ ରାୟ, ସବିତା ରଞ୍ଜନ ପଟ୍ଟନାୟକ, କେଦାରନାଥ ଜାଲି, ପ୍ରଫୁଲ୍ଲ ସିଂ, ସୁଧୀର ବଳ, ମାନସ ପଟ୍ଟନାୟକ, ଦୀପୁ ଭୂୟାଁ, ଡ. ଶୈଳଜା ନନ୍ଦିନୀ ଜେନା, ଅରୁଣ ପଣ୍ଡା, ଭବାନୀ ପ୍ରସାଦ ମିଶ୍ର, ମାନସୀ ଦାସ, କୌସ୍ତୁଭ ଚୌଧୁରୀ, ଯୁଗଳ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ସେହିପରି କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ପଞ୍ଚାୟତର ବାଲିଶୁକ୍ରିଠାରେ ମଙ୍ଗଳବାର ଭାଜପା ପକ୍ଷରୁ କଳା ଦିବସ ପାଳିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ, ସମୀର ସେନାପତି, କାର୍ତ୍ତିକ ସାହୁ, ସରୋଜ ବାରିକ, ପ୍ରକାଶ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଥଇଥାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

କଟକ,୨୫।୬ (କାର୍ତ୍ତିକ ସାହୁ)

### ଉତ୍କଳ ବାଳାଶ୍ରମରୁ ପିଲା ନିଖୋଜ ମାମଲା

ଉତ୍କଳ ବାଳାଶ୍ରମର ପିଲା ନିଖୋଜ ମାମଲାର ମଙ୍ଗଳବାର ଶୁଣାଣି କରି ଉଦ୍ଧାର ବାଳକଙ୍କୁ ଥଇଥାନ ନିମନ୍ତେ ହାଇକୋର୍ଟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନିଖୋଜ ବାଳକଙ୍କୁ ବ୍ୟକ୍ତିଗତ ଭାବେ ହାଜର କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ବାଳକଙ୍କୁ କେତେକ ପ୍ରଶ୍ନ ପଚାରିଥିଲେ। ତେବେ ସେ ଆଉ ପାଠ ପଢିବାକୁ ଚାହୁଁ ନ ଥିବା କହିବା ସହ ଡ୍ରାଇଭିଂ ପ୍ରତି ଆଗ୍ରହ ଥିବା ଖଣ୍ଡପୀଠଙ୍କୁ ଜଣାଇଥିଲେ। ବାଳକଙ୍କୁ ଡ୍ରାଇଭିଂ ଟ୍ରେନିଂ ଦିଆଯିବା ନେଇ କଟକ ଜିଲାପାଳ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସେ ଦିବ୍ୟାଙ୍ଗ ହୋଇଥିବାରୁ ଜିଲାପାଳ ତାଙ୍କୁ ମାସିକ ହଜାରେ ଟଙ୍କା ଭତ୍ତା ପ୍ରଦାନ ସହ ରାଶନ କାର୍ଡ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ପାଇଁ ମଧ୍ୟ ହାଇକୋର୍ଟ ଆଦେଶ ଦେଇଛନ୍ତି। ଅପରପକ୍ଷରେ ଦୁଇଜଣ ଆଇନଜୀବୀ ଯେକୌଣସି ଦୁଇଟି ବାଳାଶ୍ରମ ପରିଦର୍ଶନ କରି ସେଠାକାର ଅବସ୍ଥା ଏବଂ ଅନ୍ତେବାସୀଙ୍କୁ ସମସ୍ତ ସୁବିଧା ମିଳୁଛି କି' ନାହିଁ ସେ ସଂକ୍ରାନ୍ତରେ ହାଇକୋର୍ଟରେ ରିପୋର୍ଟ ଦାଖଲ ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟର ବିଭିନ୍ନ ବାଳାଶ୍ରମରେ କେବଳ ପିଲାଙ୍କୁ ରଖାଯାଉଛି ନା' ସେମାନଙ୍କ ଥଇଥାନ ପାଇଁ କିଛି ପଦକ୍ଷେପ ଗ୍ରହଣ କରାଯାଉଛି ସେ ସଂକ୍ରାନ୍ତରେ ଜବାବ ରଖିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଉତ୍କଳ ବାଳାଶ୍ରମରୁ ଜଣେ ବାଳକ ନିଖୋଜ ହୋଇଯାଇଥିବା ନେଇ ହାଇକୋର୍ଟ ନିଜଆଡୁ ମାମଲା ରୁଜୁ କରିଥିଲେ। ଏହି ବାଳକଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ହାଇକୋର୍ଟ ଆଦେଶ ଦେଇଥିଲେ।

# ତୁରନ୍ତ ପଙ୍କୋଦ୍ଧାର କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

କଟକ,୨୫।୬(ଶିଳ୍ପା ପ୍ରିୟଦର୍ଶିନୀ)


ବିଧାୟିକା ସୋଫିଆ ଫିର୍ଦ୍ଦୋସ ପଟ୍ଟାପୋଲ ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ବର୍ଷା ହେଲେ ସହରରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମଙ୍ଗଳବାର ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଡ୍ରେନ୍‌ର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଶେଷକରି ଆଗାମୀ ଦିନରେ ଲୋକମାନେ କିଭଳି ଭାବେ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ନ ହେବେ ସେନେଇ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ପଟ୍ଟାପୋଲ, ସୂତାହାଟ, ବାରପଥର, ମକରାବାଗ ସାହି, ଧୋବି ଲେନ୍, ମେରିଆ ବଜାର ଓ କେଶରପୁର ଅଞ୍ଚଳ ବୁଲି କାର୍ଯ୍ୟର ସମୀକ୍ଷା କରିଛନ୍ତି ସୋଫିଆ। ବିଭିନ୍ନ ସ୍ଥାନରେ ଡ୍ରେନ୍‌ରୁ ପଙ୍କୋଦ୍ଧାର ହୋଇ ନ ଥିବା ଦେଖି ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ପଙ୍କୋଦ୍ଧାର କାର୍ଯ୍ୟ ସାରିବା ସହ ଯେଉଁ ସ୍ଥାନରେ ଆବର୍ଜନା ଜମି ରହିଛି ସେଗୁଡିକୁ ସଫା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସୋଫିଆଙ୍କ ସହିତ ବରିଷ୍ଠ କଂଗ୍ରେସ ନେତା ଇଂ.

### ବିଭିନ୍ନ ଅଞ୍ଚଳ ବୁଲି କାର୍ଯ୍ୟର ସମୀକ୍ଷାକଲେ ସୋଫିଆ

ମହମ୍ମଦ ମୋକିମ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଏନେଇ ସୋଫିଆ କହିଛନ୍ତି, ଅନେକ ସ୍ଥାନରେ ଡ୍ରେନ୍‌ରେ ଜମି ରହିଥିବା ଆବର୍ଜନା ସଫା କରିବା ପାଇଁ ଅଧିକାରୀଙ୍କୁ କୁହାଯାଇଛି। ଏହାସହ ମୁକୁଳା ଡ୍ରେନ୍‌ରେ ତୁରନ୍ତ ଘୋଡ଼ଣି ପକାଇବା ନେଇ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ନ ହେବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ତୁରନ୍ତ ଏହି କାର୍ଯ୍ୟ କରା ନ ଗଲେ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୋଫିଆ କହିଛନ୍ତି।

ଏହି ପରିଦର୍ଶନ ସମୟରେ ସିଏମ୍‌ସିର ଯୁଗ୍ମ କମିଶନର ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ସ୍ୱାସ୍ଥ୍ୟ ଅଧିକାରୀ ଡ. ସତ୍ୟବ୍ରତ ମହାପାତ୍ର, ଡ୍ରେନେଜ୍ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଜୟ ପଣ୍ଡା, କଟକ ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, କର୍ପୋରେଟର ଲିଜାରାଣୀ ରାଉତ, ଜେ. କାମେଶ ରାଓ, ପୂର୍ବତନ କର୍ପୋରେଟର ସେକ୍. ଲିଆକତ ଉଦ୍ଦୀନ ଅହମ୍ମଦ, ଅନିତା ନାୟକ, କଂଗ୍ରେସ ନେତା ସେକ୍ ଜାକିର, ସେକ୍ ଅସ୍‌ଲମ୍, ସୂର୍ଯ୍ୟକାନ୍ତ ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ମଙ୍ଗଳବାର ବର୍ଷା ଯୋଗୁ କଟକ ଝୋଲା ସାହି ରାସ୍ତାରେ ବର୍ଷାପାଣିର ସୁଅ।


କଟକ ହରିପୁର ଅଞ୍ଚଳ ରାସ୍ତାରେ ବର୍ଷାପାଣି।


କେଶରପୁର ଅଞ୍ଚଳ ରାସ୍ତାରେ ବର୍ଷାପାଣି ଲହଡ଼ି ମାରୁଛି।

## ଯୁକ୍ତ୩ କଟ୍‌ଅଫ୍ ମାର୍କ

**କଳା**

| | | | |
|---|---|---|---|
| ୧ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ଭୂଗୋଳ | ୮୯.୬୭ |
| ୨ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ରାଜନୀତି ବିଜ୍ଞାନ | ୮୮ |
| ୩ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ଅର୍ଥନୀତି | ୮୭ |
| ୪ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ଇତିହାସ | ୮୭ |
| ୫ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ଇଂଲିଶ | ୮୬.୫ |
| ୬ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ମନସ୍ତତ୍ତ୍ୱ ବିଜ୍ଞାନ | ୮୫.୪ |
| ୭ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ସମାଜ ବିଜ୍ଞାନ | ୮୩.୪ |
| ୮ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ଶିକ୍ଷା | ୮୨.୫ |
| ୯ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ଓଡ଼ିଆ | ୮୦.୮୩ |
| ୧୦ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ହିନ୍ଦୀ | ୮୦ |
| ୧୧ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ଦର୍ଶନଶାସ୍ତ୍ର | ୭୯.୬୭ |
| ୧୨ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ଗଣିତ | ୭୯.୩୩ |
| ୧୩ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ପରିସଂଖ୍ୟାନ | ୭୮.୧୭ |
| ୧୪ | ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ | ସଂସ୍କୃତ | ୭୩.୬୭ |
| ୧୫ | ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ | ଆନ୍ଥ୍ରୋପୋଲୋଜି | ୭୧.୬୭ |
| ୧୬ | ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ | ଗୃହ ବିଜ୍ଞାନ | ୭୦.୧୭ |
| ୧୭ | ମହିଳା ଡିଗ୍ରୀ କଲେଜ, ଭଟଲୀ | ଲାଇବ୍ରେରୀ ଆଣ୍ଡ ଇନ୍‌ଫର୍ମେଶନ ସାଇନ୍ସ | ୬୦.୩୩ |
| ୧୮ | ଚିକିଟି ଡିଗ୍ରୀ କଲେଜ, ଗଞ୍ଜାମ | ଆଇଆର୍‌ପିଏମ୍ | ୫୫.୬୭ |

**ଫିଜିକାଲ ସାଇନ୍ସ(ଭୌତିକ ବିଜ୍ଞାନ)**

| | | | |
|---|---|---|---|
| ୧ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ପଦାର୍ଥ ବିଜ୍ଞାନ | ୯୧.୧୭ |
| ୨ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ଗଣିତ | ୯୦.୮୩ |
| ୩ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ରସାୟନ ବିଜ୍ଞାନ | ୯୦.୪ |
| ୪ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ଭୂତତ୍ତ୍ୱ ବିଜ୍ଞାନ | ୮୯.୬୦ |
| ୫ | ରେଭେନ୍ସା ବିଶ୍ୱବିଦ୍ୟାଳୟ | କମ୍ପ୍ୟୁଟର ସାଇନ୍ସ | ୮୯.୫୦ |
| ୬ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ଅର୍ଥନୀତି | ୮୮ |
| ୭ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ପରିସଂଖ୍ୟାନ | ୮୬.୮୩ |
| ୮ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ଭୂଗୋଳ | ୮୫.୫୦ |
| ୯ | ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ | ଇଲେକ୍ଟ୍ରୋନିକ୍ସ | ୭୨.୬୭ |
| ୧୦ | ଖେମୁଣ୍ଡି ଡିଗ୍ରୀ କଲେଜ, ଦିଗପହଣ୍ଡି | ଆଇଟି | ୬୫.୩ |
| ୧୧ | ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ | ପରିବେଶ ବିଜ୍ଞାନ | ୬୫.୨୦ |

**ଜୀବ ବିଜ୍ଞାନ**

| | | | |
|---|---|---|---|
| ୧ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ପ୍ରାଣୀ ବିଜ୍ଞାନ | ୯୩.୨୦ |
| ୨ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ଉଦ୍ଭିଦ ବିଜ୍ଞାନ | ୯୧.୪୦ |
| ୩ | ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ | ବାୟୋଟେକ୍ନୋଲୋଜି | ୮୬.୩୩ |
| ୪ | ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ | ନୃତତ୍ତ୍ୱ ବିଜ୍ଞାନ | ୭୯.୨୦ |
| ୫ | ରୋହି ଦାସ ସୋରେନ ଡିଗ୍ରୀ ମହାବିଦ୍ୟାଳୟ | ମାଇକ୍ରୋ ବାୟୋଲୋଜି | ୬୮.୬୭ |
| ୬ | ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ | ଗୃହ ବିଜ୍ଞାନ | ୬୪.୩୩ |
| ୭ | ରଘୁନାଥ ଜିଉ ଡିଗ୍ରୀ ମହାମିଦ୍ୟାଳୟ | ପରିବେଶ ବିଜ୍ଞାନ | ୫୪ |
| ୮ | ହଳଦିଆ ଡିଗ୍ରୀ ମହାବିଦ୍ୟାଳୟ | ଜେନେରାଲ | ୫୩.୧୭ |

**ବାଣିଜ୍ୟ**

| | | | |
|---|---|---|---|
| ୧ | ରେଭେନ୍ସା ବିଶ୍ୱବିଦ୍ୟାଳୟ | ବାଣିଜ୍ୟ | ୮୮.୬୦ |
| ୨ | ଗୁଣ୍ଡୁପୁର ଡିଗ୍ରୀ ମହାବିଦ୍ୟାଳୟ | ଆକାଉଣ୍ଟିଂ | ୪୧.୫୦ |
| ୩ | ଖରସ୍ରୋତା ଡିଗ୍ରୀ ମହାବିଦ୍ୟାଳୟ | ଜେନେରାଲ | ୪୦ |
| ୪ | କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟ | ଆକାଉଣ୍ଟାନ୍ସି | ୩୫ |

# ଯୁକ୍ତ୩ ପ୍ରଥମ ମେଧା ତାଲିକା ପ୍ରକାଶ

ଭୁବନେଶ୍ୱର,୨୫।୬ (ଅସମାପିକା ସାହୁ)

**କଳା, ବିଜ୍ଞାନ, ବାଣିଜ୍ୟରେ ରେଭେନ୍‌ଶା ଆଗୁଆ**

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୩ ନାମଲେଖା ନିମନ୍ତେ ମଙ୍ଗଳବାର ପ୍ରଥମ ମେଧାବୀ ତାଲିକା ପ୍ରକାଶ ପାଇଛି। ରାଜ୍ୟରେ ମୋଟ ୨,୭୪,୩୩୧ ସିଟ୍ ଥିବାବେଳେ ୨,୩୭,୭୯୫ ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ମେଧା ତାଲିକାରେ ୧,୭୮,୯୭୬ଜଣ ମନୋନୀତ ହୋଇଛନ୍ତି। ଏଥିରେ ୧,୦୬,୪୧୪ଜଣ ଛାତ୍ରୀ, ୭୨,୫୫୬ଜଣ ଛାତ୍ର ଓ ୬ଜଣ କିନ୍ନର ରହିଛନ୍ତି। କଳା, ବିଜ୍ଞାନ ଏବଂ ବାଣିଜ୍ୟ ଆଦି ତିନୋଟି ବିଭାଗରେ କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସର୍ବାଧିକ କଟ୍‌ଅଫ୍ ମାର୍କ ରହିଛି। କଳାରେ ସର୍ବାଧିକ କଟ୍‌ଅଫ୍ ମାର୍କ ୮୯.୬୭%(ଭୂଗୋଳ) ରହିଥିବା ବେଳେ ଫିଜିକାଲ ସାଇନ୍ସରେ ୯୧.୧୭%, ଜୈବ ବିଜ୍ଞାନରେ ୯୩.୨୦%(ପ୍ରାଣୀ ବିଜ୍ଞାନ) ଏବଂ ବାଣିଜ୍ୟରେ ୮୮.୬୦% କଟ୍ ଅଫ୍ ଯାଇଛି। ସେପଟେ ଶାସ୍ତ୍ରୀରେ ଶ୍ରୀ ରାଧାମାଧମ ସଂସ୍କୃତ କଲେଜ ସର୍ବାଧିକ କଟ୍‌ଅଫ୍ ମାର୍କ ୬୮.୫୭%(ଶାସ୍ତ୍ରୀ) ରହିଛି। ସେଲ୍‌ଫ ଫାଇନାନ୍ସିରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ୮୭.୪୦%(ବାୟୋ-ଟେକ୍ନୋଲୋଜି) ଏବଂ ଆଇନ ବିଭାଗରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ସର୍ବାଧିକ କଟ୍‌ଅଫ୍ ମାର୍କ ୮୧% ଯାଇଛି। ତେବେ ମୋଟ ମନୋନୀତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କଳାରେ ୧,୦୯,୮୫୪ଜଣ ଛାତ୍ରୀଛାତ୍ର ଥିବାବେଳେ ବିଜ୍ଞାନରେ ୪୫,୬୧୪, ବାଣିଜ୍ୟରେ ୧୭,୧୫୬, ଶାସ୍ତ୍ରୀରେ ୩,୫୭୪, ସେଲ୍‌ଫ ଫାଇନାନ୍ସିରେ ୨,୬୨୬, ଆଇନରେ ୧୫୨ଜଣ ରହିଛନ୍ତି। ମନୋନୀତ ଛାତ୍ରୀଛାତ୍ର ୨୬ତାରିଖ ସକାଳ ୯ଟାରୁ ୨୯ ତାରିଖ ଅପରାହ୍ଣ ୫ଟା ଭିତରେ ନାମଲେଖାଇବେ। ସେହିଭଳି ଜୁଲାଇ ୫ ଅପରାହ୍ଣ ୪ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧାବୀ ତାଲିକା ପ୍ରକାଶ ପାଇବ। ୬ ରୁ ୯ ତାରିଖ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ। ଜୁଲାଇ ୧୫ ଅପରାହ୍ଣ ୪ଟାରେ ତୃତୀୟ ପର୍ଯ୍ୟାୟ ମେଧାବୀ ତାଲିକା ପ୍ରକାଶ ପାଇବ ଓ ମନୋନୀତ ଛାତ୍ରୀଛାତ୍ର ୧୬ ରୁ ୧୯ତାରିଖ ଭିତରେ ନାମ ଲେଖାଇପାରିବେ। ଅଗଷ୍ଟ ୧ରୁ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ।

# ୩ ରଥର କପଡ଼ା କାମ ଆରମ୍ଭ



ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦରଜି ସେବକଙ୍କ ଦ୍ୱାରା ରଥ କପଡ଼ା ତିଆରି କାମ ଆରମ୍ଭ ହୋଇଛି।

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଅପରପକ୍ଷରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ତିନିରଥ ପାଇଁ ରଥ କପଡ଼ା କାମ ଅନୁକୂଳ ହୋଇଛି। ଶ୍ରୀମନ୍ଦିର ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ରୀତିନୀତି ଅନୁଯାୟୀ, ପ୍ରଥମେ ଧୂପ, ଦୀପ, ମାହାର୍ଦ୍ଦ ଏବଂ ଶ୍ରୀଫଳ ଭାଙ୍ଗି କନା କାଟିଥିଲେ। ପ୍ରାରମ୍ଭିକ ଭାବେ ପ୍ରଭୁ ବଳଭଦ୍ରଙ୍କ ୮ଟି ବତା ଓ ୨୪ଟି ବିଳାସପଟି କଟାହୋଇ ରଥକନା ତିଆରିର ଶୁଭାରମ୍ଭ ହୋଇଛି। ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ୮ଟି ଲେଖାଏ ବତା ଓ ୨୪ଟି ଲେଖାଏ ବିଳାସପଟି କଟା ହୋଇଥିଲା। କନା କଟା ହୋଇ ଚିହ୍ନ ଦିଆଯିବା ପରେ ଦରଜି ସେବକମାନଙ୍କୁ ଯୋଗାଇ ଦିଆଯାଇଛି। ଦରଜି ସେବକ ପ୍ରକାଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୧୭ଜଣ ରଥକନା ତିଆରି କରୁଛନ୍ତି। ୩ ରଥରେ ମୋଟ ୧୨୫୦ ମିଟର କନା ବ୍ୟବହୃତ ହୋଇଥାଏ। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ପାଇଁ ମଣ୍ଡଣି ନାଲି ଓ ନେଳି ରଙ୍ଗର ୪୨୫ ମିଟର କନା ବ୍ୟବହୃତ ହୋଇଥାଏ। ସୁଭଦ୍ରାଙ୍କ ଦର୍ପଦଳନ ରଥ ପାଇଁ ୪୦୦ ମିଟର କଳା ଓ ନାଲି ଏବଂ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ନିମନ୍ତେ ୪୨୫ ମିଟର ନାଲି ଓ ହଳଦିଆ କନା ଆବଶ୍ୟକ ହୋଇଥାଏ। ତିନି ରଥକୁ ଆକର୍ଷଣୀୟ କରିବା ପାଇଁ ଜରି, ଜମ୍ବୁରା, ଲେସ୍,ଫୁଲ ବ୍ୟବହାର କରାଯାଏ। ଶ୍ରୀଜୀଉଙ୍କ ଚକା ଅପସର ସକାଶେ ଦରଜି ସେବକମାନେ ସ୍ୱତନ୍ତ୍ର ତକିଆ ତିଆରି କରିଥାନ୍ତି। ହଳଦିଆ, ନାଲି ଓ ନୀଳ ରଙ୍ଗର ଚକା ଅପସର ପ୍ରସ୍ତୁତ କରାଯାଇଥାଏ। ସ୍ନାନପୂର୍ଣ୍ଣିମା ପରେ ରଥର କନା କାର୍ଯ୍ୟ ଆରମ୍ଭ ହୋଇଥାଏ ଏବଂ ରଥ ପୂର୍ବଦିନ କନା ନିର୍ମାଣ କାର୍ଯ୍ୟ ଶେଷ ହୋଇଥାଏ।

# ରଥଯାତ୍ରାରେ ପୁରୀ ଆସିପାରନ୍ତି ରାଷ୍ଟ୍ରପତି

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଆସନ୍ତା ୭ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ଶ୍ରୀମନ୍ଦିର ରତ୍ନବେଦିରୁ ବାହାରି ରଥାରୂଢ଼ ହୋଇ ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିବେ। ମହାପ୍ରଭୁଙ୍କ ଘୋଷଯାତ୍ରା ଦେଖିବାକୁ ଶ୍ରୀକ୍ଷେତ୍ରରେ ଦେଶବିଦେଶର ଭକ୍ତଙ୍କ ସମାଗମ ହେବ। ପବିତ୍ର ଘୋଷଯାତ୍ରାରେ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିବା ନିମନ୍ତେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀ ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଏନେଇ ବିଶେଷ ସୂତ୍ରରୁ ସୂଚନା ମିଳିଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ଦିଆଯାଇନାହିଁ। ରଥଯାତ୍ରା ଅବସରରେ ଜୁଲାଇ ୭ ଓ ୮ ତାରିଖରେ ରାଷ୍ଟ୍ରପତି ପୁରୀ ଗସ୍ତରେ ଆସିବେ ବୋଲି କୁହାଯାଉଛି। ତେବେ ରାଷ୍ଟ୍ରପତି ପୁରୀ ରାଜଭବନ କିମ୍ବା ଭୁବନେଶ୍ୱରରେ ରହିବେ ଏ ନେଇ ସୂଚନା ମିଳିନାହିଁ। ପ୍ରଶାସନ ପକ୍ଷରୁ ସୂଚନା ମିଳିବା ପରେ ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ପ୍ରକୃତ ତଥ୍ୟ ମିଳିପାରିବ। ରାଷ୍ଟ୍ରପତି ଯଦି ରଥଯାତ୍ରାରେ ପୁରୀ ଆସିବେ ତେବେ ଏହା ତାଙ୍କର ଦ୍ୱିତୀୟ ଶ୍ରୀକ୍ଷେତ୍ର ଗସ୍ତ ହେବ ବୋଲି ଜଣାପଡ଼ିଛି।

# ବଜ୍ରକାପ୍ତା ଦେହରେ ଟ୍ରାନ୍ସମିଟର ଖଞ୍ଜାଯାଇ ଶିମିଳିପାଳରେ ଛଡ଼ାଗଲା

ବାରଙ୍ଗ,୨୫।୬(ଲିଙ୍ଗରାଜ ରାଉତ)



ନନ୍ଦନକାନନରେ ଥିବା ଏକ ମାଈ ବଜ୍ରକାପ୍ତାକୁ ସୋମବାର ସନ୍ଧ୍ୟାରେ ଚହଲା ରେଞ୍ଜର ଶିମିଳିପାଳରେ ଛଡ଼ାଯାଇଛି। ୨୦୨୩ ଜୁନ ୩୦ରେ ୬.୫ କେଜି ଓଜନର ଏହି ଅସୁସ୍ଥ ବଜ୍ରକାପ୍ତାଟି ଖୋର୍ଦ୍ଧା ଜଙ୍ଗଲ ବିଭାଗ ରଣପୁର ରେଞ୍ଜରୁ ଉଦ୍ଧାର କରି ନନ୍ଦନକାନନକୁ ହସ୍ତାନ୍ତର କରିଥିଲା। ଏଠାରେ ବଜ୍ରକାପ୍ତାଟିର ଚିକିତ୍ସା ପରେ ସେ ସୁସ୍ଥ ହେବା ସହ ତାର ଓଜନରେ ମଧ ବୃଦ୍ଧି ଘଟିଥିଲା। ବଜ୍ରକାପ୍ତାଟିକୁ ତାର ପ୍ରାକୃତିକ ପରିବେଶ ଜଙ୍ଗଲ ମଧ୍ୟରେ ଛାଡ଼ିବାକୁ ପିସିସିଏଫ୍‌ଙ୍କ ନିର୍ଦ୍ଦେଶ ଆସିଥିଲା। ସେହି ଆଧାରରେ ନନ୍ଦନକାନନ ପକ୍ଷରୁ ଛଡ଼ାଯିବାକୁ ଥିବା ବଜ୍ରକାପ୍ତାଟି ପାଇଁ ପ୍ରାକୃତିକ ଆବାସ ସ୍ଥଳୀ ଭାବେ ଶିମିଳିପାଳର ଚହଲା ରେଞ୍ଜକୁ ବଛାଯାଇଥିଲା। ତା' ଶରୀରରେ ଭିଏଚ୍‌ଏଫ୍ ଟ୍ରାନ୍ସମିଟର ଖଞ୍ଜା ଯାଇଥିଲା। ଫଳରେ ତା'ର ଗତିବିଧିକୁ ପରବର୍ତ୍ତୀ ସମୟରେ ଅନୁଧ୍ୟାନ କରିହେବ। ନନ୍ଦନକାନନର ଏକ ୪ ଜଣିଆ ଟିମ୍ ଶିମିଳିପାଳ ଯାଇ ସେଠାକାର ବନ ବିଭାଗ କର୍ମଚାରୀଙ୍କ ସହାୟତାରେ ସୋମବାର ବଜ୍ରକାପ୍ତାକୁ ଜଙ୍ଗଲରେ ଛାଡିଥିବା ନନ୍ଦନକାନନ ଉପ-ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହରପ୍ରସାଦ



@ ବିଶ୍ୱଜିତ୍



@ ପ୍ରଶାନ୍ତ



@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସେଫ୍ ସିଟି ଡ୍ରାଇଭ୍: ରାତିକରେ ୨୧ ଗାଡ଼ି ଜବତ, ୪୨ ହଜାର ଜରିମାନା

ଭୁବନେଶ୍ୱର,୨୫।୬(ସତ୍ୟଜିତ୍ ରାଉତ)

'ସେଫ୍ ସିଟି ଡ୍ରାଇଭ୍' ଅଭିଯାନ ଜରିଆରେ ରାଜଧାନୀରେ ମଦ୍ୟପାନ କରି ଗାଡ଼ି ଚାଳନା ବିରୋଧରେ ଯାଞ୍ଚ ଜାରି ରହିଛି। ସୋମବାର ରାତିରେ ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୭ଟି ଚାରିଚକିଆ ଯାନ ଓ ୧୪ଟି ବାଇକ୍‌କୁ ମିଶାଇ ମୋଟ ୨୧ଟି ଗାଡ଼ି ଜବତ କରାଯାଇଛି। ଏଥିସହ ଆଇନ ଉଲ୍ଲଂଘନକାରୀଙ୍କ ନିକଟରୁ ମୋଟ ୪୨ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ ୯ ଜଣଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରୁଜୁ କରାଯାଇଥିବାବେଳେ ଏହି ଯାଞ୍ଚ ଆଗକୁ ମଧ ଜାରିରହିବ ବୋଲି ସୂଚନା ଦିଆଯାଇଛି।

# ନବଜାତକଙ୍କଠାରେ ହାଇପୋପ୍ଲାଷ୍ଟିକ୍ ରାଇଟ୍ ହାର୍ଟ ସିଣ୍ଡ୍ରୋମ ରୋଗର ଅସ୍ତ୍ରୋପଚାର



ଭୁବନେଶ୍ୱର,୨୫।୬ (ଅନୁରାଧା ମହାରଣା)

**ମଣିପାଲ ହସ୍ପିଟାଲର ସଫଳତା**

ମଣିପାଲ ହସ୍ପିଟାଲରେ ଏକ ବିରଳ ରୋଗର ସଫଳ ଚିକିତ୍ସା କରାଯାଇଛି। ହାଇପୋପ୍ଲାଷ୍ଟିକ୍ ରାଇଟ୍ ହାର୍ଟ ସିଣ୍ଡ୍ରୋମ ଭଳି ଏକ ବିରଳ ରୋଗରେ ପୀଡ଼ିତ ୭ ଦିନର ନବଜାତ ଶିଶୁର ସଫଳ ଅସ୍ତ୍ରୋପଚାର କରାଯାଇଛି। ଶିଶୁଟି ହସ୍ପିଟାଲରେ ଭର୍ତ୍ତିହେବା ସମୟରେ ଓଜନ ୨.୫ କେଜି ଥିଲା। ସେହିପରି ଶରୀରରେ ଅମ୍ଳଜାନ ସ୍ତର ୬୫% ଥିବାବେଳେ ଏସିଡୋସିସ୍ ରହିଥିଲା। ଏହି ରୋଗ ହେଲେ ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌କୁ ହେଉଥିବା ରକ୍ତ ପ୍ରବାହ ଠିକ୍ ଭାବରେ ହୋଇପାରେ ନାହିଁ। ମାତ୍ର ଅସ୍ତ୍ରୋପଚାର ସଫଳ ହେବା ପରେ ପ୍ରଥମେ ଅମ୍ଳଜାନ ସ୍ତର ୯୫%କୁ ଆସିଥିଲା। ପରେ ୯୮%କୁ ବୃଦ୍ଧିପାଇଥିଲା। ପ୍ରଥମେ ଶିଶୁକୁ ଔଷଧ ଦେଇ ସ୍ୱାସ୍ଥ୍ୟାବସ୍ଥାକୁ ସ୍ଥିର ରଖାଯାଇଥିଲା। ଏହା ପରେ ଏକ ଚିକିତ୍ସା ପଦ୍ଧତି ବେଲୁନ୍ ପଲ୍‌ମୋନାରି ଭାଲ୍‌ଭୋଟୋମି ଏବଂ ପିଡିଏ ଷ୍ଟେଣ୍ଟିଂ କରାଯାଇଥିଲା, ଯାହାଦ୍ୱାରା ହୃଦ୍‌କ୍ରିୟାରେ ଉନ୍ନତି ଆସିଥିଲା। ମଣିପାଲ ହସ୍ପିଟାଲ କାର୍ଡିଓଲୋଜି ବିଭାଗର ପରାମର୍ଶଦାତା ଡା. ଦିବ୍ୟରଞ୍ଜନ ବେହେରାଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର ପାଇଁ ଏକ ଟିମ୍ ଗଠିତ ହୋଇଥିଲା। ଏଥିରେ ନିଓନାଟୋଲୋଜି ଟିମ୍‌ର ନେତୃତ୍ୱ ନେଇଥିଲେ ଡା. ଅଭିଲିପ୍ସା ଆଚାର୍ଯ୍ୟ ଓ ଡା. ଜାନକୀ। କାର୍ଡିଆକ ଆନାସ୍ଥେସିଓଲୋଜିଷ୍ଟ ଡା. ବିବେକ ଚୌଧୁରୀ ଓ ଡା. ବ୍ରଜମୋହନ ରଥ ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ଡା. ଦିବ୍ୟରଞ୍ଜନ ବେହେରା କହିଛନ୍ତି, ହାଇପୋପ୍ଲାଷ୍ଟିକ୍ ରାଇଟ୍ ହାର୍ଟ ସିଣ୍ଡ୍ରୋମ ଏକ ବିରଳ ରୋଗ। ଠିକ୍ ସମୟରେ ଚିହ୍ନଟକରି ଚିକିତ୍ସା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ଜମିରେ ଧାନ ବୁଣୁଥିବାବେଳେ ଚାଷୀ ମୃତ

ନିମାପଡ଼ା,୨୫।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ବାମନାଳ ପଞ୍ଚାୟତ ପାତି ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଜମିରେ ଧାନ ବୁଣୁଥିବା ସମୟରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବେନ୍ଦ୍ର ବରାଳ(୫୧)। ଧାନ ବୁଣୁଥିବାବେଳେ ଦେବେନ୍ଦ୍ର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଓ ଗ୍ରାମ ଲୋକେ ତାଙ୍କୁ ନିମାପଡ଼ା ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବେନ୍ଦ୍ରଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଡାକ୍ତର ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛନ୍ତି। ଦେବେନ୍ଦ୍ରଙ୍କ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନଠାରେ ଦାବି କରିଛନ୍ତି। ଅସହ୍ୟ ଗୁଳୁଗୁଳି ଯୋଗୁ ଦେବେନ୍ଦ୍ରଙ୍କ ମୃତ୍ୟୁ ଅଂଶୁଘାତରେ ନଚେତ ହୃଦ୍‌ଘାତରେ ହୋଇଥିବା ସ୍ଥାନୀୟ କେତେଜଣ ବ୍ୟକ୍ତି କହୁଛନ୍ତି।

# ଅଲଟ୍ରାସାଉଣ୍ଡ ପାଇଁ ୬ ମାସ ଅଟକିଥିଲା ନାବାଳକଙ୍କ ଚିକିତ୍ସା

କଟକ,୨୫।୬(ଶିଳ୍ପା ପ୍ରିୟଦର୍ଶିନୀ)

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ତତ୍ପର ହେଲେ ଏସ୍‌ସିବି କର୍ତ୍ତୃପକ୍ଷ**



ଏସ୍‌ସିବି ମେଡିକାଲରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଯାଜପୁର ଅଞ୍ଚଳର ଜଣେ ପୀଡ଼ିତ ଶିଶୁଙ୍କ ମା' ରଶ୍ମିରେଖା ପ୍ରଧାନ ଭେଟି ଆଲୋଚନା କରୁଛନ୍ତି।

ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଚିକିତ୍ସା ସେବା ମିଳୁ ନ ଥିବା ଯାଜପୁର ଅଞ୍ଚଳର ରଶ୍ମିରେଖା ପ୍ରଧାନ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଏସ୍‌ସିବି ମେଡିକାଲକୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗସ୍ତ କରି ରୋଗୀଙ୍କ ସ୍ୱାସ୍ଥ୍ୟସେବା ବୁଝିବା ସହ ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଏହି ସମୟରେ ମନ୍ତ୍ରୀଙ୍କୁ ରଶ୍ମିରେଖା ଭେଟି ପୁଅ ଓମ୍ ପ୍ରକାଶ(୧୧)ଙ୍କ ଚିକିତ୍ସା ସମ୍ପର୍କରେ ଜଣାଇଥିଲେ। ସେଠାରେ ଉପସ୍ଥିତ ଥିବା ମେଡିସିନ ବିଭାଗ ପ୍ରଫେସର ଡା. ଜୟନ୍ତ ପଣ୍ଡାଙ୍କୁ ଚିକିତ୍ସା ନେଇ ନିର୍ଦ୍ଦେଶ ଦେବା ପରେ ଓମ୍ ପ୍ରକାଶଙ୍କର ଚିକିତ୍ସା କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ୬ ମାସ ତଳେ ଓମ୍ ପ୍ରକାଶ ସାଇକେଲ ଚଲାଉଥିବାବେଳେ ତଳେ ପଡିଯାଇଥିଲେ। ଫଳରେ ତାଙ୍କ ପାଦରେ ଆଘାତ ଲାଗିବାରୁ ଚାଲିବା କଷ୍ଟକର ହୋଇଥିଲା। ଚିକିତ୍ସାଲାଗି ତାଙ୍କୁ ରଶ୍ମିରେଖା ଏସ୍‌ସିବି ମେଡିକାଲକୁ ଆଣିଥିଲେ। ହେଲେ ଏପର୍ଯ୍ୟନ୍ତ ଓମ୍ ପ୍ରକାଶ ଚିକିତ୍ସାରୁ ବଞ୍ଚିତ ହୋଇଛନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପ୍ରଥମେ ତାଙ୍କୁ ଏସ୍‌ସିବିର ନ୍ୟୁରୋସର୍ଜରୀ ବିଭାଗରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ସର୍ଜରି ବିଭାଗକୁ ପଠାଯାଇଥିଲା। ସେଠାରେ ଉପ୍‌ଲର ଅଲଟ୍ରାସାଉଣ୍ଡ କରାଇବା ପାଇଁ ଡାକ୍ତର କହିଥିଲେ। ରଞ୍ଜନରଶ୍ମି ବିଭାଗରେ ଏହି ଅଲଟ୍ରାସାଉଣ୍ଡ୍ ପାଇଁ ଟୋକନ କରାଇବା ପରେ ମଧ ଛଅ ମାସ ହେବ ତାହା କରାଯାଇ ନାହିଁ। ଉପ୍‌ଲର ଅଲଟ୍ରାସାଉଣ୍ଡ ଦ୍ୱାରା ପାଦ ଓ ଗୋଡ଼ରେ କ'ଣ ସମସ୍ୟା ରହିଛି ତାହା ଜାଣି ହୋଇଥାଏ। ଅବ୍ୟବସ୍ଥା ଯୋଗୁ ପୁଅର ଚିକିତ୍ସା ନ କରାଇ ନିରାଶ ହୋଇ ରଶ୍ମିରେଖାଙ୍କୁ ଏସ୍‌ସିବିରୁ ଫେରିବାକୁ ପଡୁଥିଲା। ମଙ୍ଗଳବାର ଏସ୍‌ସିବିରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଅବ୍ୟବସ୍ଥା ସମ୍ପର୍କରେ ସେ ଜଣାଇଥିଲେ। ଏନେଇ ରଶ୍ମିରେଖା କହିଛନ୍ତି, ପୁଅର ଉନ୍ନତ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲକୁ ଆଣିଥିଲି। ଇତିମଧ୍ୟରେ ୬ ମାସ ବିତିଯାଇଥିଲେ ମଧ ଅଲଟ୍ରାସାଉଣ୍ଡ ହୋଇପାରି ନାହିଁ। ଫଳରେ ଅନେକ ସମୟରେ ନିରାଶ ହୋଇ ଫେରିବାକୁ ପଡିଛି। ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ଏସ୍‌ସିବିରେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଦିଆଯିବା ଆମର ଗୁରୁ ଦାୟିତ୍ୱ। ତେଣୁ ଏହି ରୋଗୀଙ୍କ ଚିକିତ୍ସା ସେବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ଅପରପକ୍ଷରେ ପ୍ରଫେସର ଡା. ଜୟନ୍ତ ପଣ୍ଡା କହିଛନ୍ତି, ଉକ୍ତ ନାବାଳକର ପାଦରେ ଯନ୍ତ୍ରଣା ହେଉଛି। ସେଥିପାଇଁ ଉପ୍‌ଲର ଅଲଟ୍ରାସାଉଣ୍ଡ କରିବା ନେଇ ଡାକ୍ତର ପରାମର୍ଶ ଦେଇଛନ୍ତି। କିନ୍ତୁ କୌଣସି କାରଣ ଯୋଗୁ ତାହା ହୋଇପାରିନାହିଁ। ମଙ୍ଗଳବାର ନାବାଳକର ଚିକିତ୍ସା କରିଛି। ଏଥିସହ ଅଲଟ୍ରାସାଉଣ୍ଡ କରାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

## ଦୁବାଇରେ ଭାରତୀୟ ଇଲେକ୍ଟ୍ରିସିଆନ୍‌ଙ୍କୁ ୨.୨୫ କୋଟିର ପୁରସ୍କାର

ଦୁବାଇ,୨୫।୬(ପି.ଟି.)

ଦୁବାଇରେ ଭାରତର ଜଣେ ୪୬ ବର୍ଷୀୟ ଇଲେକ୍ଟ୍ରିସିଆନ୍‌ଙ୍କୁ ୧ ନିୟୁତ ଦିର୍ହାମ୍ (ପ୍ରାୟ ୨.୨୫ କୋଟି ଟଙ୍କା)ର ପୁରସ୍କାର ମିଳିଛି। ଆନ୍ଧ୍ରପ୍ରଦେଶର ନାଗେନ୍ଦ୍ରମ୍ ବୋରୁଗଡ୍ଡାଙ୍କୁ ଦୀର୍ଘବର୍ଷ ଧରି ତାଙ୍କର ବିଜ୍ଞତାର ସହ ସଞ୍ଚୟ ଏବଂ ପୁଞ୍ଜିନିବେଶ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ସେ ୨୦୧୯ରୁ ନ୍ୟାଶନାଲ ବଣ୍ଡରେ ମାସିକ ୧୦୦ ଦିର୍ହାମ୍ ସଞ୍ଚୟ କରିଆସୁଥିଲେ।

## ଏଏଆଇ ଅଫିସରଙ୍କ ଆତ୍ମହତ୍ୟା

ରୁଦ୍ରପୁର/ଡେରାଡୁନ୍,୨୫।୬

ଭାରତର ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ)ର ଜଣେ ବରିଷ୍ଠ ଅଧିକାରୀଙ୍କ ମୃତଦେହ ତାଙ୍କ ସରକାରୀ ବାସଭବନରୁ ଝୁଲନ୍ତା ଅବସ୍ଥାରେ ମିଳିଛି। ସେ ମହିଳା ପୋଷାକ ପିନ୍ଧି ଘରର ସିଲିଂ ଫ୍ୟାନ୍‌ରୁ ଝୁଲିପଡ଼ିଥିବାରୁ ଆତ୍ମହତ୍ୟା କରିଥିବା କୁହାଯାଉଛି। ଅଧିକାରୀଜଣକ ମାକ୍ସି ଏବଂ ଅନ୍ତଃବସ୍ତ୍ର ପିନ୍ଧିବା ସହ ବିନ୍ଦି, ଲିପ୍‌ଷ୍ଟିକ୍ ଓ ଚୁଡ଼ି ଲଗାଇଥିଲେ। ତାଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀ ସେହି ସମୟରେ ପିଥୋରାଗଡ଼ରେ ଥିଲେ।

## ପ୍ରଶ୍ନପତ୍ର ଲିକ୍ ରୋକିବାକୁ ଅଧ୍ୟାଦେଶ ଆଣିବେ ୟୁପି ସରକାର

ଲକ୍ଷ୍ନୌ,୨୫।୬

ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ଅନ୍ୟାନ୍ୟ ଅପରାଧ ରୋକିବା ପାଇଁ ଉତ୍ତରପ୍ରଦେଶ ସରକାର ଏକ ଅଧ୍ୟାଦେଶ ଆଣିବାକୁ ଯାଉଛନ୍ତି। ମଙ୍ଗଳବାର ରାଜ୍ୟ କ୍ୟାବିନେଟ୍ ଅଧ୍ୟାଦେଶ ପ୍ରସ୍ତାବକୁ ଅନୁମୋଦନ କରିଛି। ଉକ୍ତ ଅଧ୍ୟାଦେଶ ଅନୁଯାୟୀ ପ୍ରଶ୍ନପତ୍ର ପ୍ରଘଟ ଏବଂ ପରୀକ୍ଷା ଅନିୟମିତତାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୨ ବର୍ଷରୁ ଆଜୀବନ ଜେଲ ପର୍ଯ୍ୟନ୍ତ ଦଣ୍ଡାଦେଶ ସାଙ୍ଗକୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ବ୍ୟବସ୍ଥା ରହିବ। ଉତ୍ତରପ୍ରଦେଶ ସର୍ବସାଧାରଣ ପରୀକ୍ଷା (ଅସାଧୁ ଉପାୟ ପ୍ରତିକାର) ଅଧ୍ୟାଦେଶ ଅଧୀନରେ ସମସ୍ତ ଅପରାଧକୁ ସଜ୍ଞେୟ ତଥା ଜାମିନବିହୀନ ବିବେଚନା କରାଯିବ। ସେସବୁ କୋର୍ଟଗୁଡ଼ିକ ଏହି ମାମଲାର ବିଚାର କରିବେ ଏବଂ ଜାମିନ ପାଇଁ କଠୋର ବ୍ୟବସ୍ଥା ରହିବ।

## ଉଦୟନିଧି ଷ୍ଟାଲିନ୍‌ଙ୍କୁ ଜାମିନ

ଚେନ୍ନାଇ,୨୫।୬



ସନାତନ ଧର୍ମକୁ ନେଇ ବିବାଦୀୟ ବୟାନ ମାମଲା

ତାମିଲନାଡୁର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ୍‌ଙ୍କୁ ମଙ୍ଗଳବାର ଚେନ୍ନାଇର ଏକ ସ୍ୱତନ୍ତ୍ର ଅଦାଲତ ଜାମିନ ପ୍ରଦାନ କରିଛନ୍ତି। ସନାତନ ଧର୍ମକୁ ନେଇ ସେ ଦେଇଥିବା ଏକ ବିବାଦୀୟ ବୟାନ ମାମଲାରେ ତାଙ୍କୁ ଜାମିନ ମିଳିଛି। ଉଦୟନିଧିଙ୍କ ଏହି ବୟାନ ବିରୋଧରେ ସାମାଜିକ କାର୍ଯ୍ୟକର୍ତ୍ତା ପର୍‌ମେଶଙ୍କ ପକ୍ଷରୁ କୋର୍ଟଙ୍କ ନିକଟରେ ଆବେଦନ ଦାଖଲ କରାଯାଇଥିଲା। ମଙ୍ଗଳବାର ଏହି ମାମଲାର ଶୁଣାଣି ସମୟରେ ଉଦୟନିଧି ୪୨ ତମ ଆଡିଶନାଲ ଚିଫ୍ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର ହୋଇଥିଲେ। ୧ ଲକ୍ଷ ଟଙ୍କାର ବଣ୍ଡ ସହ ତାଙ୍କୁ ଜାମିନ ପ୍ରଦାନ କରାଯାଇଛି।

## ପୁଣେ ହିଟ୍ ଆଣ୍ଡ ରନ୍: ନାବାଳକଙ୍କୁ ଜାମିନ

ପୁଣେ,୨୫।୬

### ଜେଜେବି ନିର୍ଦ୍ଦେଶନାମା ବେଆଇନ: ହାଇକୋର୍ଟ

ପୁଣେ ପୋର୍ଶ ଦୁର୍ଘଟଣା ମାମଲାରେ ୧୭ ବର୍ଷୀୟ ଅଭିଯୁକ୍ତ ନାବାଳକଙ୍କୁ ମଙ୍ଗଳବାର ବମ୍ବେ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଉଚ୍ଚ ଅଦାଲତଙ୍କ ଆଦେଶ ଅନୁଯାୟୀ ଅଭିଯୁକ୍ତଙ୍କର ବାଳ ସୁଧାର ଗୃହରୁ ମୁକ୍ତି ତାଙ୍କ ପିଉସୀଙ୍କ ଘରେ ପହଞ୍ଚିଛନ୍ତି। ଏହି ମାମଲାରେ ନାବାଳକଙ୍କ ବାପା, ମା' ଓ ଜେଜେବାପା ଜେଲରେ ଥିବାରୁ ଅଭିଯୁକ୍ତଙ୍କୁ ତାଙ୍କ ପିଉସୀଙ୍କ ନିକଟରେ ହସ୍ତାନ୍ତର କରିବାକୁ କୋର୍ଟ ଆଦେଶ ଦେଇଥିଲେ। ଉକ୍ତ ନାବାଳକଙ୍କୁ ବାଳ ସୁଧାର ଗୃହରେ ବେଆଇନ ଭାବେ ରଖାଯାଇଥିବା ନେଇ ତାଙ୍କ ପିଉସୀ ବମ୍ବେ ହାଇକୋର୍ଟଙ୍କ ନିକଟରେ ଆବେଦନ କରିଥିଲେ। ଜଷ୍ଟିସ ଭାରତୀ ଡାଙ୍ଗରେ ଓ ଜଷ୍ଟିସ ମଞ୍ଜୁଷା ଦେଶପାଣ୍ଡେଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି ଜୁଭେନାଇଲ ଜଷ୍ଟିସ ବୋର୍ଡ(ଜେଜେବି)ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶକୁ ବେଆଇନ ଦର୍ଶାଇ ଏହାକୁ ବଦଳାଇଛନ୍ତି। ଜେଜେବି ବାଳସୁଧାର ଗୃହରୁ ନାବାଳକଙ୍କୁ ପିଉସୀଙ୍କ ଘରେ ମଧ୍ୟ ଜଣେ ମନସ୍ତତ୍ତ୍ୱବିତ୍‌ଙ୍କ ତତ୍ତ୍ୱାବଧାନରେ ଅଭିଯୁକ୍ତ ନାବାଳକଙ୍କ ମାନସିକ ଯାଞ୍ଚ ହେବ ବୋଲି ଉଚ୍ଚ ଅଦାଲତ ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମେ' ୧୯ରେ ପୁଣେର ଏହି ନାବାଳକ ନିଶାସକ୍ତ ଅବସ୍ଥାରେ ନିଜ ପୋର୍ଶ କାର ଚଳାଇ ୨ ଜଣ ଆଇଟି ଇଞ୍ଜିନିୟର ଦମ୍ପତିଙ୍କୁ ମଡ଼ାଇ ଦେଇଥିଲେ। ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। ଘଟଣା ପରେ ଅଭିଯୁକ୍ତ ନାବାଳକଙ୍କୁ ସଡ଼କ ସୁରକ୍ଷା ଉପରେ ଏକ ୩୦୦ ଶବ୍ଦର ରଚନା ଲେଖିବାକୁ କହି ଜେଜେବି ଜାମିନ ପ୍ରଦାନ କରିଥିଲା, ଫଳରେ ଏହି ମାମଲା ତର୍ଜମା ପରିସରକୁ ଆସିଥିଲା। ସେବେ ଘଟଣାକୁ ନେଇ ବିରୋଧ ତେଜିବାରୁ ଜେଜେବି ନିଜ ନିଷ୍ପତ୍ତି ବଦଳାଇ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଥିଲା।

## କେଜ୍‌ରିୱାଲଙ୍କୁ ଗିରଫ କରିପାରେ ସିବିଆଇ

ନୂଆଦିଲ୍ଲୀ,୨୫।୬

ମଦନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଜାମିନ ଆବେଦନର ଶୁଣାଣି ବୁଧବାର ସୁପ୍ରିମକୋର୍ଟରେ ହେବାକୁ ଥିବାବେଳେ ଏହା ପୂର୍ବରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତାଙ୍କୁ ଅବକାରୀ ଦୁର୍ନୀତି ମାମଲାରେ ଗିରଫ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି। ମଦନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ଦିଲ୍ଲୀର ତିହାର ଜେଲରେ ଥିବା ଆମ୍ ଆଦ୍‌ମୀ ପାର୍ଟି ନେତା କେଜ୍‌ରିୱାଲଙ୍କୁ ସୋମବାର ସିବିଆଇ ଜେରା କରିବା ସହ ତାଙ୍କ ବିବୃତି ରେକର୍ଡ କରିଥିଲା। ମଦନୀତି ମାମଲାରେ ତଳକୋର୍ଟ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଜାମିନ ଦେଇଥିବାବେଳେ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ ଏହା ଉପରେ ରହିତାଦେଶ ଲଗାଇଥିଲେ। ବିବାଦୀୟ ଅବକାରୀ ନୀତି ସହାୟତାରେ ଦିଲ୍ଲୀ ସରକାର ମଦ ବ୍ୟବସାୟୀମାନଙ୍କୁ ଅନୁଚିତ ଫାଇଦା ଯୋଗାଇଥିଲେ। ଦକ୍ଷିଣ ଭାରତୀୟ ମଦ ଲବିରୁ ଆପକୁ ୧୦୦ କୋଟି ଟଙ୍କା ଲାଞ୍ଚ ମିଳିଥିବା ଅଭିଯୋଗ ହୋଇଥିଲା।

## ଅଯୋଧ୍ୟାରେ ହେବ ମନ୍ଦିର ସଂଗ୍ରହାଳୟ

### 'ଟାଟା ସନ୍ସ'ର ପ୍ରସ୍ତାବକୁ ୟୁପି ସରକାରଙ୍କ ମଞ୍ଜୁରୀ

ଲକ୍ଷ୍ନୌ,୨୫।୬

ଅଯୋଧ୍ୟାରେ ବିଶ୍ୱସ୍ତରୀୟ ଭାରତୀୟ ମନ୍ଦିର ସଂଗ୍ରହାଳୟର ନିର୍ମାଣ ନେଇ ଟାଟା ସନ୍ସ କମ୍ପାନୀ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ଉତ୍ତରପ୍ରଦେଶ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ସଂଗ୍ରହାଳୟ ପାଇଁ ଉତ୍ତରପ୍ରଦେଶ ସରକାର ୯୦ ବର୍ଷ ପାଇଁ ଟାଟା ସନ୍ସକୁ ଲିଜ୍‌ରେ ଜମି ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଥିବା ଉତ୍ତରପ୍ରଦେଶର ପର୍ଯ୍ୟଟନ ମନ୍ତ୍ରୀ ଜୟବୀର ସିଂ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଜରିଆରେ ଟାଟା ସନ୍ସ କମ୍ପାନୀ ପକ୍ଷରୁ ଦେଇଥିବା ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ସେ କହିଛନ୍ତି। କର୍ପୋରେଟ୍ ସୋସିଆଲ ରେସପନ୍ସିବିଲିଟି (ସିଏସ୍ଆର୍) ପାଣ୍ଠିରୁ ୬୫୦ କୋଟି ବ୍ୟୟରେ ଏକ ବିଶ୍ୱସ୍ତରୀୟ ଭାରତୀୟ ମନ୍ଦିର ସଂଗ୍ରହାଳୟ ନିର୍ମାଣ ପାଇଁ ଟାଟା ସନ୍ସ ପ୍ରସ୍ତାବ ଦେଇଥିଲା। ଏହାବ୍ୟତୀତ ଅଯୋଧ୍ୟାରେ ଅନ୍ୟ ବିକାଶମୂଳକ କାର୍ଯ୍ୟ ପାଇଁ ୧୦୦ କୋଟି ଟଙ୍କା ପ୍ରଦାନ କରିବାକୁ ମଧ୍ୟ ଟାଟା ସନ୍ସ ପ୍ରସ୍ତାବ ଦେଇଛି। ରାଜ୍ୟ କ୍ୟାବିନେଟ୍ ବୈଠକରେ ଉଭୟ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଥିବା ଜୟବୀର କହିଛନ୍ତି।


ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନରେ ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under works Department)

No.6300
File: SMT-2013
No.CAD-332: Date:24.06.2024

**Cancellation of Tender**

Name of Work: Additional Work for Ekamra Kshetra such as Development of Vending Zone, Extended Parking & Strom Water Drain under EKAMRA Conservation Plan.
Bid Identification No.: 109/ Tender/ OBCC/2023-24
Notice Inviting Tender No.: 2609 dtd.14.03.2024
The tender for the above-mentioned work is hereby cancelled due to administrative reason.

Sd./- EIC-cum-Managing Director
OIPR-34106/11/0001/2425

OFFICE OF THE
**COLLECTOR & DISTRICT MAGISTRATE, KHORDHA**
(ST & SC DEVELOPMENT SECTION)
E-Mail: dwokhordha@gmail.com

No. 1262 Date: 25.06.2024

**Advertisement for Admission of ST and SC Students in Urban Hostels, Bhubaneswar**

No. V-02: Applications are invited from intending ST and SC Students (Both Boys & Girls) studying in Post Matric Level Courses in and around Bhubaneswar for availing free hostel facilities in the ST and SC Development Department run 500 seated (Girls) Urban Hostel at Pokhariput, Bhubaneswar and 400 seated (Boys) Urban Hostel at Kalinga Nagar, Bhubaneswar for the year 2024-25.
The detailed guidelines, porcedure of admission and application forms etc. can be obtained from the district website **www.khordha.odisha.gov.in**. Duly filled in applications with all relevant documents should reach the Office of the Superintendent, Urban Hostel, near DAV Public School, Pokhariput, Bhubaneswar for Girls and Office of the Superintendent, Urban Hostel, Near Kendriya Vidyalaya 5, Kalinga Nagar, Bhubaneswar for Boys by 30.07.2024 through Speed Post/Registered Post. Students can submit the applications in person in the above mentioned offices.
Incomplete applications will be rejected without assigning any reason thereof.

Sd./- District Welfare Officer, Khordha
OIPR-24351/11/0013/2425

OFFICE OF THE PRINCIPAL
**KESINGA MAHAVIDYALAYA, KESINGA**
AT/P.O.- KESINGA, P.S.- KESINGA,
DIST.- KALAHANDI (ODISHA), PIN-766012

No.N-38 **WALK IN INTERVIEW**

Walk-in-interview for Guest Faculties (Contractual) will be held on 10th & 11th July' 2024 at 11:00 A.M. as per the following schedule: -
**10.07.2024** :- Odia, Political Science, History, Commerce, Education and Librarian.
**11.07.2024** :- Geography, Physics, Chemistry, Botany, Zoology and Mathematics.
**Candidates having Masters Degree with minimum 55% should attend with C.V. and original documents. Those having experience will be given preference. Fixed salary as decided by Management will be paid. No TA / DA will be paid for this purpose. In case of single candidate the respective interview will be cancelled.**

**Sd./- Principal, Kesinga Mahavidyalaya, Kesinga**
**Email ID : - principalkmvksng@gmail.com,**
**Mob No. 94398-08370**
OIPR-11151/11/0001/2425

**OFFICE OF THE DIVISIONAL FOREST OFFICER-CUM-DMU CHIEF**
ATHMALLIK FOREST DIVISION (T), AT/PO: ATHMALLIK, ANGUL, 759125
Odisha Forestry Sector Development Project, Phase-II
E-mail:dmuchiefathmallik@gmail.com, dfoathmallik@gmail.com
Tel:06763-254236, Mob: +91 9437004236

**ADVERTISEMENT**

**HIRING OF PROJECT ACCOUNTANT ON FIXED REMUNERATION UNDER ODISHA FORESTRY SECTOR DEVELOPMENT PROJECT PHASE-II**

No.MM-48:The DFO-cum-DMU Chief, Athmallik Divisional Management Unit (DMU) invites application from suitable candidates for hiring, one post of Project Accountant for DMU, Athmallik on fixed remuneration basis under the Odisha Forestry Sector Development Project, Phase-II.
Interested candidates may obtain Term of References and Application may download from the https://www.ofsds.in website. Duly filled in application along with demand draft of Rs.500/- (Non-refundable) in favour of DFO-cum-DMU Chief, Athmallik from any Nationalised Bank and Xerox copy of all relevant certificates should reach the undersigned on or before 4 PM of Dt.20.07.2024.

Sd./- DFO-Cum-DMU Chief,
Date:24.06.2024 Athmallik Forest Division, Athmallik
OIPR-08125/11/0002/2425

**OFFICE OF THE PANCHAYAT SAMITI, BONAIGARH**
**Dist-Sundargarh**

Letter No.2000 Date:24.06.2024

**Tender Call Notice No. / 2024-25**

No.i-09:Sealed Tenders are invited from the interested bidder for the civil work under BDO, Bonaigarh of Sundargarh district. The detail of works, eligibility, estimated cost and cost of tender paper has been uploaded in the district website www.sundergarh.nic.in. The bidder should be B' class contractor only. They have to submit the bid document to the undersigned in the address of office of the the B.D.O., Bonaigarh, At/P.O. Bonaigarh, Pin-770038, Dist- Sundargarh (Odisha) through Registered Post / Speed Post only on or before 06 /07/2024,up to 5:00 PM. The sale of tender paper will be from dated 24/06/2024 to dated 05/07/2024 in the district website www.sundergarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 08.07.2024 at 11.00 AM in the office of the undersigned in the presence of the bidders or his/her authorized representatives.

**Sd./- Block Development Officer, Bonaigarh**
OIPR-19333/11/0002/2425

GOVERNMENT OF ODISHA
DEPARTMENT OF WATER RESOURCES
**O/O THE SUPERINTENDING ENGINEER ANGUL IRRIGATION DIVISION, ANGUL**
e-Mail Id - eeangulirrigation@gmail.com
**'e'-Procurement Notice No, SE-AID-2/2024-25**

No.A-74:The Superintending Engineer, Angul Irrigation Division, Angul on behalf of the Governor of Odisha invites online **percentage rate basis bid in single cover** system through e-procurement for the work mentioned below.

| | | |
|---|---|---|
| 1 | Total No. of Works | 18 (Eighteen) Nos. Civil work |
| 2 | Cost of Work put to tender | Approximately Rs. 4.17 Lakh to Rs.33.99 Lakh |
| 3 | Tender Paper Cost | Rs.2,000/- Rs.4,000/- Rs.6,000/- (Non Re-fundable) |
| 4 | Class of Contractor | 'D' & 'C' / 'C' & 'B' equivalent Grade / Class |
| 5 | Period of Completion | 60 Days / 90 Days |
| 6 | Availability of Bid Documents and receipt of bid through online | From 10.00 A.M of 02.07.2024 to 5.00 P.M of 12.07.2024 in the website (www.tendersodisha.gov.in) |
| 7 | Date, time & place for opening of online tenders | 15.07.2024 at 11.00 A.M and onwards in the o/o the SE, Angul Irrigation Division, Angul. |
| 8 | Date, time & Place for finalization of tender through transparent lottery system (if required) | 22.07.2024 at 11.00 A.M in the O/o the SE, Angul Irrigation Division, Angul. |
| 9 | Digital Signature Certificate | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender ( OIT) | Superintending Engineer, Angul Irrigation Division, Angul, At/PO:- Hakimpada, Dist:- Angul, Odisha. e-mail Id- eeangulirrigation@gmail.com |

Further details can be seen from the e-procurement portal of Government of Odisha at **www.tendersodisha.gov.in.**

Sd./- Superintending Engineer
OIPR-32049/11/0003/2425 Angul Irrigation Division, Angul

**OFFICE OF THE DISTRICT JUDGE, DHENKANAL**
No.01/Rect./2024
**SHORT ADVERTISEMENT**
Dated the 24th day of June 2024

No.W-16:Applications in the prescribed format are invited from the intending candidates for filling up of the following posts of Jr. Clerk-cum-Copyist, Jr. Typist, Stenographer Grade-III and Salaried Amin in the Judgeship of Dhenkanal in the regular pay scale as mentioned in the following table against each post with usual D.A. and other allowances, as admissible to them from time to time by the Government of Odisha. The Odisha District and Civil Courts' Judicial Staff Services (Method of Recruitment and Conditions of Service) Rules, 2008 **(as amended in the year 2010 & the year 2023)** shall govern these appointments and shall be subject to the result of **W.P.(C) No. - 1273/ 2014** pending before the Hon'ble High Court of Orissa, Cuttack.

| Sl. No. | Categories of Post | Scale of Pay as per Pay Matrix of ORSP Rules, 2017 | UR | SC | ST | SEBC | Total |
|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) |
| 1 | Junior Clerk-cum-Copyist | Level-4 Rs. 19,900- 63,200/- | 6 | 1 | 3 (W-1) | 1 | 10 |
| 2 | Junior Typist | Level-4 Rs. 19,900- 63,200/- | 1 | - | 2 (W-1) | - | 3 |
| 3 | Stenographer Gr-III | Level-7 Rs.25,500- 81,100/- | 1 | - | 2 (W-1) | - | 3 |
| 4 | Salaried Amin | Level-5 Rs.21,700- 69,100/- | 1 | - | 1 | - | 2 |

**NOTE:** Reservation of vacancies for Ex-Service men, Sports person and Persons with Disability (PwD) shall be made in accordance with the provisions made under the relevant rules. The number of above vacancies in different categories of the posts may increase or decrease. The authority reserves the right to cancel the recruitment process at any time without prior notice. The decision of the District Judge as to the method of recruitment and result of examination shall be final.
**Last Date of Application: 24.07.2024**
**For Details please visit the District Court Website: https://dhenkanal.dcourts.gov.in.**

OIPR-18051/11/0001/2425 **Sd./- District Judge, Dhenkanal**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H.DIVISION, BALANGIR**
Email Id: eephbgr@yahoo.co.in, Ph.No.- (06652-234647)
**NATIONAL COMPETITIVE BIDDING THROUGH e-PROCUREMENT**

No.C-84: Invitation for Bid (IFB) Dtd.21.06.2024

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| 1 | Supply of ISI Marked DI K 7 pipe line in connection with the work "Utility shifting of Water supply pipe line and tube wells from the ROW of 4-lane road of Binika NAC." | SE PH BGR 01/2024-25 Dt.21.06.2024 | 214.72 | Manufacturer | 2 Months | 01.07.2024 | 15.07.2024 |

Name & Address of Officer Inviting Bid: The Superintending Engineer, Office of the Superintending Engineer, Public Health Division, Balangir, At-Tulasinagar, Po/Dist-Balangir, Pin-767001, Odisha, Phone:06652-234647, E-mail: eephbgr@yahoo.co.in.
❖ Further details can be seen from the e-Procurement Portal "https://www.tenderodisha.gov.in."
❖ All amendments, time extension, clarfications etc. will be uploaded in the website only. Bidders should regularly visit the above website to keep themselves updates.

OIPR-13005/11/0006/2425 **Sd./- Superintending Engineer, P.H. Division, Balangir**

**STATE SELECTION BOARD**
**DEPARTMENT OF HIGHER EDUCATION**
GOVT. OF ODISHA
BHUBANESWAR -09
Web-site: - www.ssbodisha.ac.in / E-mail: - ssbdeptofhe@gmail.com
No. SSB (EX) 01 /2024 -350 / SSB Dated 25-06-2024

**NOTICE**

No. N-39: It is for information of all concerned that the candidates bearing the following Roll Nos. have been provisionally shortlisted to appear the Computer Skill Test scheduled to be held on **28.06.2024** in the sitting as mentioned below in Regional College of Management, Chandrasekharpur, Bhubaneswar.
Candidates are required to bring with them the Hall Tickets (Admit Cards) already issued to them to appear the written examination on 19.06.2024 and their Photo Identity Proof.
Candidates are further instructed to report at the centre by 9.30 A.M. in the first sitting and by 12.00 Noon in the second sitting.

| First Sitting (10.00 A.M to 11.00 A.M.) | Second Sitting (12.30 P.M. to 1.30 P.M.) |
|---|---|
| 24BMJA00062, 24BMJA00321, 24BMJA00430, | 24BHJA03707, 24BHJA03866, 24BHJA03885, |
| 24BMJA01197, 24BMJA01241, 24BMJA01246, | 24BHJA03977, 24BHJA03988, 24BHJA04008, |
| 24BMJA01278, 24BMJA01511, 24BSJA00482, | 24BHJA04138, 24BHJA04172, 24BHJA04204, |
| 24BSJA00635, 24BSJA00641, 24BSJA00832, | 24BHJA04229, 24BHJA04299, 24BHJA04374, |
| 24BSJA01094, 24BSJA01270, 24BSJA01426, | 24BHJA04412, 24BHJA04435, 24BHJA04575, |
| 24BSJA01473, 24BSJA01529, 24BSJA01557, | 24BHJA04662, 24BHJA04732, 24BHJA04910, |
| 24BSJA01851, 24BSJA01891, 24BSJA02007, | 24BHJA04968, 24BHJA05245, 24BHJA05269, |
| 24BSJA02122, 24SPJA00073, 24SPJA00228, | 24BHJA05341, 24BHJA05694, 24BHJA05804, |
| 24SPJA00243, 24SPJA00289, 24SPJA00303, | 24BHJA05987, 24BHJA06011, 24BHJA06039, |
| 24SPJA00393, 24SPJA00503, 24SPJA00853, | 24BHJA06092, 24BHJA06112, 24BHJA06306, |
| 24SPJA00947, 24SPJA01014, 24SPJA01358, | 24BHJA06403, 24BHJA06516, 24BHJA06623, |
| 24SPJA01392, 24SPJA01761, 24SPJA02117, | 24BHJA06723, 24BHJA06792, 24BHJA06860, |
| 24SPJA02123, 24SPJA02484, 24SPJA03062, | 24BHJA06944, 24BHJA06986, 24BHJA07110, |
| 24SPJA03229, 24SPJA03291, 24SPJA03312, | 24BHJA07337, 24BHJA07341, 24BHJA07343, |
| 24SPJA03345, 24BHJA00023, 24BHJA00202, | 24BHJA07348, 24BHJA07388, 24BHJA07399, |
| 24BHJA00212, 24BHJA00287, 24BHJA00346, | 24BHJA07636, 24BHJA07701, 24BHJA07839, |
| 24BHJA00385, 24BHJA00407, 24BHJA00448, | 24BHJA07971, 24BHJA08066, 24BHJA08289, |
| 24BHJA00528, 24BHJA00815, 24BHJA00861, | 24BHJA08448, 24BHJA08468, 24BHJA08493, |
| 24BHJA00868, 24BHJA00897, 24BHJA00991, | 24BHJA08733, 24BHJA08852, 24BHJA08887, |
| 24BHJA00998, 24BHJA01056, 24BHJA01107, | 24BHJA08927, 24BHJA08990, 24BHJA09277, |
| 24BHJA01160, 24BHJA01171, 24BHJA01174, | 24BHJA09356, 24BHJA09383, 24BHJA09404, |
| 24BHJA01480, 24BHJA01609, 24BHJA01949, | 24BHJA09529, 24BHJA09656, 24BHJA09939, |
| 24BHJA01960, 24BHJA01967, 24BHJA02092, | 24BHJA10063, 24BHJA10163, 24BHJA10189, |
| 24BHJA02148, 24BHJA02163, 24BHJA02179, | 24BHJA10473, 24BHJA10479, 24BHJA10825, |
| 24BHJA02338, 24BHJA02438, 24BHJA02570, | 24BHJA10958, 24BHJA11173, 24BHJA11223, |
| 24BHJA02720, 24BHJA02956, 24BHJA02986, | 24BHJA11183, 24BHJA11221, 24BHJA11268, |
| 24BHJA03508, 24BHJA03700. | 24BHJA11282, 24BHJA11450, 24BHJA11665, |
| | 24BHJA11770. |

OIPR-11015/11/0009/2425 Sd./- Secretary

Annexure - A
**TERMS & CONDITIONS FOR HIRING OF VEHICLES**

No.A-73: The following terms and conditions must be fulfilled by the successful bidder for providing a vehicle on hire on monthly rent basis.
1. The hired vehicles, during period of contract, shall have all necessary valid MV documents such as valid Registration Certificate, Insurance Certificate, Fitness Certificate, valid Contract Carriage permit, Pollution Certificate, proof of uptodate Tax payment etc. and D.L. of the driver available all the times.
2. The Department/Office hiring the vehicle shall not be responsible for any damage/loss caused to hired vehicles or loss of life/injury made to any person or damage to any property on account of use of hired vehicle any manner whatsoever. The hirer shall be responsible for all such litigation.
3. The hire charges to be paid for monthly basis is final but does not include cost of diesel which is to be paid separately basing on actual consumption and as per existing Govt. norms. All the expenditure of the vehicle towards repair, replacement of sapre parts, Lubricating Oil of Engine, Gear Box & differential Coolant, Tyres & Tubes, Battery etc. will be borne by the bidder.
4. It shall be the responsibility of the bidder to provide a good driver and the salary of the driver shall be borne by the vehicle owner.
5. In case of breakdown for reasons whatsoever the replacement of a vehicle of the same or better model shall be provided by the owner of the vehicle/bidder.
6. In case of the vehicle do not report regularly, the authority will be at liberty to terminate the Agreement without prior notice.
7. The vehicles shall report for duty for minimum of 25 days in a month.
8. In case of emergency, the driver will have to report for duty as per the requirement of hirer. No extra payment shall be demanded.
9. Monthly hire charges and reimbursements towards cost of diesel (as per actual) and lubricants (as per Govt. norms) of selected bidder will be paid in every succeeding month, as per as possible within fifteen days of the submission of bill by the service provider and no advance payment will be made.
10. The vehicle shall not be more than 3 years old from the initial registration and also in good running condition during the period of contract.
11. If the services are found to be unsatisfactory, the client shall give one month notice and terminate the agreement.
12. In case the service provider intends to withdraw the services of his vehicle and terminate the agreement, it shall be mandatory upon him to grant one month notice before such withdrawal of service and termination of agreement.
13. If the bidder violates any of the terms of contract, Government shall forfeit the entire amount of security deposit.

Sd./- Superintending Engineer, Angul Irrigation Division
OIPR-32049/11/0001/2425

No. L-05
**DEPARTMENT OF AGRICULTURE & FARMERS' EMPOWERMENT**
**DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR**

**EXPRESSION OF INTEREST (EOI)**

**Engagement of Community Based Organisations at Block Level under "Promotion of indigenous aromatic and non-aromatic paddy with export potential/local market" 2024-25 of Govt. of Odisha**

Expression of Interest is invited by the Director of Agriculture & Food Production, Odisha, Bhubaneswar from the experienced and interested organizations for engagement as Community Based Organization for newly allotted blocks of Angul, Dhenkanal, Gajapati, Malkangiri, Mayurbhanj, Nabarangpur, Sambalpur, Koraput, Keonjhar, Nuapada & Sundargarh districts under "Promotion of indigenous aromatic and non-aromatic paddy with export potential/local market" 2024-25. Interested organizations/agencies are requested to submit the EoI in sealed envelope super scribed as **Application for engagement as Community Based Organisations at Block Level under "Promotion of indigenous aromatic and non-aromatic paddy with export potential/local market" 2024-25 of ---------- district** as per enclosed application format by registered/Speed post. Proposals in E-Mail would not be entertained in this regard. The EOI should be addressed to the Office of the Chief District Agriculture Officer **(District name)** from the above mentioned districts. Last date for receipt of EoI is **8th July 2024 up to 1:00 PM** and the same shall be opened on the same day at 3.30PM in presence of authorized signatory and representatives. The application form and detail terms & conditions are available in the official website of **www.agrisnetodisha.ori.nic.in & www.agriodisha.gov.in.**

The authority shall not be responsible for any sort of postal delay and the EoI received beyond scheduled date and time shall not be entertained and out right to be rejected. The authority reserves the right to cancel/reject any or all the EOI without assigning any reason thereof.

Sd/-
Director of Agriculture &
OIPR-01510/11/0001/2425 Food Production, Odisha



ପାର୍ଲାମେଣ୍ଟରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବ ଅବସରରେ ଓଡ଼ିଶାରୁ ନିର୍ବାଚିତ ଭାଜପାର ଏମ୍‌ପିମାନେ।

# ଅଭିଯୋଗ ଶୁଣି ତତ୍‌କ୍ଷଣାତ ନିର୍ଦ୍ଦେଶ ଦେଲେ

ଭୁବନେଶ୍ୱର,୨୫ା୬(ଅନିଲ ଦାସ)

■କଟକ ଖ୍ରୀଷ୍ଟ କଲିଜିଏଟ ସ୍କୁଲର ଶିକ୍ଷକଙ୍କ ଦରମା ମିଳିବା ନେଇ ନିର୍ଦ୍ଦେଶ ଦେଲେ

■ଦୃଷ୍ଟିବାଧିତ ସ୍କୁଲ ଶିକ୍ଷକ ମୁଖ୍ୟମନ୍ତ୍ରୀଙ୍କ ଭରସା ପାଇ ଖୁସି ମନରେ ଫେରିଲେ

ସବୁଦିନ ପରି ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟ ରାଜ୍ୟ ଅତିଥି ଭବନ ପରିସରରେ ବହୁ ଲୋକଙ୍କ ସମାଗମ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଆସି ଜଣ ଜଣ କରି ଲୋକଙ୍କ ସମସ୍ୟା ଶୁଣିଥିଲେ ଓ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରୁଥିବା ଦେଖିବାକୁ ମିଳିଥିଲା। ନୟାଗଡ଼ରୁ ଆସିଥିବା ଉର୍ମିଳା ସାହୁ ନିଜ ସମସ୍ୟା ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ କହିଲା ବେଳେ ଭାବବିହ୍ୱଳ ହୋଇ ଅସୁସ୍ଥ ଅନୁଭବ କଲେ। ମୁଖ୍ୟମନ୍ତ୍ରୀ ସଙ୍ଗେ ସଙ୍ଗେ ନିଜ ହାତରେ ତାଙ୍କୁ ପାଣି ପିଆଇଲେ। ସେହିପରି ଦୃଷ୍ଟିବାଧିତ ବିଦ୍ୟାଳୟର କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକମାନେ



ସମସ୍ୟା କହୁଥିବାବେଳେ ଅସୁସ୍ଥ ହୋଇପଡ଼ିଥିବା ଉର୍ମିଳାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାଣି ପିଆଉଛନ୍ତି।

ମଧ୍ୟ ଆସିଥିଲେ ସେମାନଙ୍କ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ କଥା ହୋଇ ଯଥାଶୀଘ୍ର ସେମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସାଧାରଣ ଲୋକଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆତ୍ମୀୟତାଭରା ବ୍ୟବହାର ଦେଖି ଉର୍ମିଳା ଏବଂ ଦୃଷ୍ଟିବାଧିତ ବିଦ୍ୟାଳୟର ଶିକ୍ଷକମାନଙ୍କ ଆଖିରୁ ଆନନ୍ଦାଶ୍ରୁ ବୋହି ଯାଇଥିଲା। ସାଧାରଣ ଲୋକଙ୍କ ସହିତ ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ, ଦିବ୍ୟାଙ୍ଗ ଆଦି ସବୁ ବର୍ଗର ଲୋକ ରହିଥିଲେ।

ଅନୁରୂପଭାବେ କଟକ ଖ୍ରୀଷ୍ଟ କଲିଜିଏଟ ସ୍କୁଲର ଶିକ୍ଷୟିତ୍ରୀମାନେ ୩ ମାସ ହେଲା ଦରମା ପାଉ ନାହାନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି। ସେମାନଙ୍କ ସମସ୍ୟା ବିଷୟରେ ମୁଖ୍ୟମନ୍ତ୍ରୀ ଅବଗତ ହେବା ପରେ ସମାଧାନ ପାଇଁ ସଙ୍ଗେ ସଙ୍ଗେ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୁବ୍‌ଶୀଘ୍ର ବରିଷ୍ଠତା ଭିତ୍ତିରେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ମିଳିବ ଓ ସେମାନଙ୍କର ଦରମା ମଧ୍ୟ ନିୟମିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଅଶ୍ୱାସନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତତ୍‌କ୍ଷଣାତ ପଦକ୍ଷେପ ଯୋଗୁ ଶିକ୍ଷୟିତ୍ରୀମାନେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଏମର୍ଜେନ୍ସି ଇତିହାସର 'ଅଲିଭା କଳାଦାଗ' : କୁଅଁର

ଭୁବନେଶ୍ୱର,୨୫ା୬(ଅନିଲ ଦାସ)

## ଭାଜପା ପାଳିଲା କଳା ଦିବସ

ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ ଜୁନ୍ ୨୫ ମଧ୍ୟରାତ୍ରରେ ଭାରତରେ ପ୍ରଥମଥର ପାଇଁ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ଏହାର ପ୍ରତିବାଦରେ ଭାଜପା ତରଫରୁ ମଙ୍ଗଳବାର ରାଜ୍ୟର ବିଭିନ୍ନ ଜିଲାରେ 'କଳା ଦିବସ' ପାଳନ କରାଯାଇଛି। ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ପାଳିତ କଳା ଦିବସରେ ଯୋଗଦେଇ ମୁଖ୍ୟ ଅତିଥି ତଥା ପୂର୍ବତନ ମନ୍ତ୍ରୀ ବିଷ୍ଣୁଧର କୁଅଁର କହିଛନ୍ତି, ଦେଶରେ ଗଣତନ୍ତ୍ର ଓ ସମ୍ବିଧାନକୁ କଂଗ୍ରେସ ବାରମ୍ବାର ହତ୍ୟା କରିବାକୁ ଚେଷ୍ଟା କରିଛି। ୪୯ ବର୍ଷ ପୂର୍ବେ କଂଗ୍ରେସ ପକ୍ଷରୁ ଜାରି କରାଯାଇଥିବା ଜରୁରିକାଳୀନ ପରିସ୍ଥିତି ହେଉଛି ଏହାର ପ୍ରମୁଖ ଉଦାହରଣ। ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୧ ନିର୍ବାଚନରେ ସରକାରୀ କଳର ଅପବ୍ୟବହାର କରି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରାଜ ନାରାୟଣଙ୍କୁ ପରାସ୍ତ କରିଥିବା ଦର୍ଶାଇ ଆଲ୍ଲାହାବାଦ ହାଇକୋର୍ଟ ତାଙ୍କ ସଭ୍ୟପଦ ନାକଚ କରିଥିଲେ। ଏହା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ପଦରେ ରହିବା ଲକ୍ଷ୍ୟରେ ଇନ୍ଦିରା ଅସାମ୍ବିଧାନିକ ଭାବେ ୩୫୨ ଧାରାର ପ୍ରୟୋଗ କରି ୧୯୭୫ରେ ଜରୁରିକାଳୀନ ପରିସ୍ଥିତ ଘୋଷଣା କରିଥିଲେ। ୨୧ ମାସ ଧରି କଂଗ୍ରେସ ସରକାର ଭାରତରେ ସ୍ୱେଚ୍ଛାଚାରୀ ଶାସନ ଚଳାଇ ସମ୍ବିଧାନର ମୁଖବନ୍ଧକୁ ପରିବର୍ତ୍ତନ କରିଦେଇଥିଲା। ଏହି ସମୟରେ ସମ୍ବିଧାନରେ ଉଲ୍ଲେଖ ଥିବା ବ୍ୟକ୍ତିର ସ୍ୱାଧୀନତା, ଗଣମାଧ୍ୟମର ସ୍ୱାଧୀନତା, ନ୍ୟାୟପାଳିକାର ସ୍ୱତନ୍ତ୍ରତା ସମେତ ମୌଳିକ ଅଧିକାରକୁ ହତ୍ୟା କରି ଅଗଣତାନ୍ତ୍ରିକ ଭାବେ ଶାସନ କ୍ଷମତାକୁ ଅକ୍ତିଆର କରିବାର ପ୍ରୟାସ କରାଯାଇଥିଲା। ବିଶେଷ ଭାବେ ଗଣମାଧ୍ୟମ ଓ ଛାତ୍ର ଆନ୍ଦୋଳନକୁ ଅଗଣତାନ୍ତ୍ରିକ ଭାବେ ଦମନ କରାଯାଇଥିଲା। ଏହି ଜରୁରିକାଳୀନ ପରିସ୍ଥିତିକୁ ବିରୋଧ କରୁଥିବା ଅସଂଖ୍ୟ ଅଣକଂଗ୍ରେସ ରାଜନୈତିକ ଦଳର ନେତା, ସତ୍ୟାଗ୍ରହୀ, ବୁଦ୍ଧିଜୀବୀ ଓ ଖବରଦାତାଙ୍କୁ 'ମିଶା ଆଇନ' ବଳରେ ଜୋରଜବରଦସ୍ତି ଜେଲରେ ଭର୍ତ୍ତି କରାଯାଇଥିଲା। ଜୟପ୍ରକାଶ ନାରାୟଣଙ୍କ ସମେତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡ୍‌ଭାନୀ, ମୋରାରଜୀ ଦେଶାଇ, ଜର୍ଜ ଫର୍ଣ୍ଣାଣ୍ଡିଜ, ଚୌଧୁରୀ ଚରଣ ସିଂହ, ବିଜୟାରାଜେ ସିନ୍ଧିଆ, ଅଶ୍ୱିନୀ ଚୌବେ, ଅରୁଣ ଜେଟ୍‌ଲୀ ପ୍ରମୁଖ କାରାବରଣ କରିଥିଲେ। ସେହିପରି ଓଡ଼ିଶାରେ ମଧ୍ୟ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ନବକୃଷ୍ଣ ଚୌଧୁରୀ, ରବି ରାୟ ପ୍ରମୁଖଙ୍କ ସମେତ ୧୨୦୦ରୁ ଊର୍ଦ୍ଧ୍ୱ ସତ୍ୟାଗ୍ରହୀ ଏବଂ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ର, ଯୁବ ଓ ରାଜନେତାଙ୍କୁ ଗିରଫ କରାଯାଇ ଜେଲରେ ଭର୍ତ୍ତି କରାଯାଇଥିଲା। ଦେଶର ନିର୍ଦ୍ଦିଷ୍ଟ ଗୋଟିଏ ପରିବାର ଶାସନ କ୍ଷମତାରେ ରହିବା ପାଇଁ ଅନେକ କୋଟି ଲୋକଙ୍କ ସାମ୍ବିଧାନିକ ଅଧିକାରକୁ ଜଳାଞ୍ଜଳି ଦିଆଯାଇଥିଲା। ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷର ଇତିହାସରେ ଜରୁରିକାଳୀନ ପରିସ୍ଥିତ ଏକ 'ଅଲିଭା କଳାଦାଗ' ବୋଲି କୁଅଁର କହିଛନ୍ତି।

ଏହି ସମୟରେ କାରାବରଣ କରିଥିବା ବିଷ୍ଣୁଧର କୁଅଁର, ଭୁବନାନନ୍ଦ ତ୍ରିପାଠୀ, ଶ୍ରୀଧର ଦାସ, ଗୁରୁଚରଣ ଜେନା, ହରିହର ସାହୁ, ପ୍ରାଣବନ୍ଧୁ ସେନାପତି, ବିନାୟକ ସେନାପତି, ନିର୍ମଳ ଚନ୍ଦ୍ର ଜେନା, ଧ୍ରୁବଚରଣ ଦଳାଇ, ପ୍ରଫୁଲ୍ଲ କୁମାର ସାହୁ, ସଚ୍ଚିଦାନନ୍ଦ ଦଲାଲ, ଭବାନୀଶଙ୍କର ଦାସ ଓ ସୁରେନ୍ଦ୍ର ନାୟକଙ୍କୁ ରାଜ୍ୟ କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଜିଲା ସମ୍ପାଦକ ରାଜେନ୍ଦ୍ର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

# ମୁନ୍ନା ଭାଇ ଏମ୍‌ବିବିଏସ୍ ଭଳି କାର୍ଯ୍ୟ କର: ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ



ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝୁଛନ୍ତି।

କଟକ,୨୫ା୬(ଶିଳ୍ପା ପ୍ରିୟଦର୍ଶିନୀ)

ମେଡିକାଲରେ ସମସ୍ତ ଡାକ୍ତର ମୁନ୍ନା ଭାଇ ଏମ୍‌ବିବିଏସ୍ ଭଳି କାର୍ଯ୍ୟ କରିବା ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିଦର୍ଶନ କରିବା ଅବସରରେ ସେ କହିଛନ୍ତି, ପ୍ରଥମେ ଚିକିତ୍ସା ପରେ ଫର୍ମ ପୂରଣ ଦିଗରେ ଗୁରୁତ୍ୱ ଦିଆଯାଉ। ରୋଗୀଙ୍କୁ ନିଜର ଭାବି ଚିକିତ୍ସା କଲେ ସେମାନେ ନିଜ ସମସ୍ୟା ସମ୍ପର୍କରେ ଠିକ୍ ଭାବେ ଜଣାଇପାରିବେ। ମନ୍ତ୍ରୀ କହିଛନ୍ତି, ଉତ୍ତମ ସ୍ୱାସ୍ଥ୍ୟସେବା ନେଇ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ। ମୁଖ୍ୟତଃ କଟକ ବଡ଼ ଡାକ୍ତରଖାନା ଏଥିରେ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବ, ତାହା ଏହି ସରକାରଙ୍କ ଗୁରୁଦାୟିତ୍ୱ ରହିଛି। ମେଡିକାଲରେ ପେପରଲେସ୍ କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନିଆଯିବ। ଏନେଇ ଆଇଟି ବିଭାଗ ସହ ଆଲୋଚନା କରାଯାଇଛି, ଯେଉଁଥିରେ ରୋଗୀଙ୍କ ନାମ ଥରେ ପଞ୍ଜୀକୃତ ହେଲେ ସେଥିରେ ସମସ୍ତ ତଥ୍ୟ ଡାକ୍ତରଙ୍କ ପାଖରେ ରହିବ। ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ବଡ଼ ଡାକ୍ତରଖାନାରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଏବେ ଡିପ୍‌ଥେରିଆ ରୋଗ ନେଇ ସମୀକ୍ଷା କରାଯାଉଛି। କୋରାପୁଟ, ରାୟଗଡ଼ା ଓ କଳାହାଣ୍ଡି ଅଞ୍ଚଳରେ ଗତ ୧୦ ଦିନ ମଧ୍ୟରେ କେହି ରୋଗୀ ଚିହ୍ନଟ ହୋଇନାହାନ୍ତି। ସ୍ଥିତି ଏବେ ଆୟତ୍ତରେ ରହିଛି। ଏହାସହ ସମ୍ବଲପୁର ଅଞ୍ଚଳରେ ଜଣ୍ଡିସ ବ୍ୟାପିବା ନେଇ ସମୀକ୍ଷା କରାଯାଇଛି। ସ୍ୱଚ୍ଛ ଜଳ ଯୋଗାଣ ପାଇଁ ୱାଟ୍‌କୋ ବିଭାଗକୁ ଅବଗତ କରାଯାଇଛି। ଲୋକମାନେ କିପରି ସ୍ୱଚ୍ଛ ପାଣି ପାଇବେ ତାହା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ମହାଲିଙ୍ଗ କହିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ମେଡିକାଲରେ ପହଞ୍ଚି ପ୍ରଥମେ ସର୍ଜରି ବିଭାଗ ବୁଲି ଦେଖିଥିଲେ। ଏହି ସମୟରେ ଚିକିତ୍ସିତ ହେଉଥିବା ଭଦ୍ରକ ଅଞ୍ଚଳର ଫରିଦା ଖାତୁନଙ୍କୁ ଭେଟିଥିଲେ। ଏଠାରେ ଔଷଧ ମିଳୁଛି କି ନାହିଁ, ଡାକ୍ତର ଦେଖୁଛନ୍ତି କି ନାହିଁ ସେ ସମ୍ପର୍କରେ ପଚାରିଥିଲେ। ସେହିପରି ଚିକିତ୍ସିତ ହେଉଥିବା କେନ୍ଦୁଝର ଅଞ୍ଚଳର ଦ୍ରୌପଦୀ ନାୟକଙ୍କ ସମ୍ପର୍କୀୟଙ୍କୁ କୌଣସି ବ୍ୟକ୍ତି ପରୀକ୍ଷାନିରୀକ୍ଷା ପାଇଁ ଟଙ୍କା ମାଗୁଛନ୍ତି କି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପଚାରିଥିଲେ।

ପରେ ସର୍ଜରି ବିଭାଗରେ ଥିବା ଛାତ୍ର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଯୋଗଦେଇଥିଲେ। ଡାକ୍ତରୀ ସଂଘ ସଦସ୍ୟଙ୍କ ସହ ସାକ୍ଷାତ୍ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏସ୍‌ସିବି ମେଡିକାଲ ପରିସରରେ ଥିବା ହଷ୍ଟେଲ, ରାସ୍ତା, ବିଦ୍ୟୁତ୍ ଭଳି ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଡାକ୍ତରୀ ଛାତ୍ରୀଛାତ୍ର ଅବଗତ କରାଇଥିଲେ।

ମନ୍ତ୍ରୀଙ୍କ ଗସ୍ତ ବେଳେ ଏସ୍‌ସିବି ମେଡିକାଲ କଲେଜ ପ୍ରିନ୍ସିପାଲ ଡା. ପ୍ରସେନ୍‌ଜିତ୍ ମହାନ୍ତି, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ପ୍ରଫେସର ଡା. ଜୟନ୍ତ ବିଶ୍ୱାଳ ଓ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡାକ୍ତରଖାନାର ସମ୍ପ୍ରସାରଣ କାର୍ଯ୍ୟ ସମ୍ପର୍କରେ ମନ୍ତ୍ରୀ ସେମାନଙ୍କ ସହ ଆଲୋଚନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅଖିଳ ଭାରତୀୟ ଅଘ୍ରିଆ ସମାଜ ପ୍ରତିନିଧି

ଭୁବନେଶ୍ୱର,୨୫ା୬(ଅନିଲ ଦାସ)

ଅଖିଳ ଭାରତୀୟ ଅଘ୍ରିଆ ସମାଜର ପ୍ରତିନିଧିମାନେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସେମାନେ କହିଛନ୍ତି, ତାଙ୍କ ସମାଜର ବିଭିନ୍ନ କର୍ମକର୍ତ୍ତା ଓ ବ୍ୟକ୍ତିବିଶେଷ ଅନେକ କାମରେ ରାଜଧାନୀକୁ ଆସିଥାନ୍ତି। ଏଥିପାଇଁ ସେମାନଙ୍କୁ ଭୁବନେଶ୍ୱରରେ ଏକ ଜାଗା ଆବଶ୍ୟକ। ପୂର୍ବ ସରକାର ଏଥିପାଇଁ ବ୍ୟବସ୍ଥା କରିବା କଥା କହିଥିବାବେଳେ ଏ ପର୍ଯ୍ୟନ୍ତ ସେମାନେ କୌଣସି ଜାଗା ପାଇନାହାନ୍ତି। ଏନେଇ ବ୍ୟବସ୍ଥା କରିବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଠାରେ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସେମାନଙ୍କ ସମସ୍ୟା ବିଷୟରେ ଅନୁଧ୍ୟାନ କରାଯାଇ ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ।

# ସରକାରୀ ସ୍କୁଲରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧିକୁ ଗୁରୁତ୍ୱ

ଭୁବନେଶ୍ୱର,୨୫ା୬(ଅସମାପିକା ସାହୁ)

## ବିଭାଗୀୟ କାର୍ଯ୍ୟାବଳୀ ସମୀକ୍ଷାକଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ



ଓଡ଼ିଶାର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷାର ମାନ ବୃଦ୍ଧି ପାଇବ। ଏଥିପାଇଁ ସ୍ୱତନ୍ତ୍ର ରୂପରେଖ ପ୍ରସ୍ତୁତ ହେଉଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ସମସ୍ତ କାର୍ଯ୍ୟକ୍ରମ କିପରି ସୁଚାରୁରୂପେ କରାଯିବ ସେନେଇ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଚାରବିମର୍ଶ କରିଛନ୍ତି। ସେ କହିଛନ୍ତି, ଆଗାମୀ ପାଞ୍ଚବର୍ଷ ପାଇଁ ଯୋଜନା ଖସଡ଼ା ପ୍ରସ୍ତୁତ ହୋଇଛି। ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଉତ୍ତମ ଶିକ୍ଷାଦାନର ବ୍ୟବସ୍ଥା ହିଁ ରାଜ୍ୟ ସରକାରଙ୍କ ପ୍ରାଥମିକତା। ଏ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ମଙ୍ଗଳବାର ମନ୍ତ୍ରୀ ବିଭାଗର ସମୀକ୍ଷା କରିବା ସହିତ ଭିତ୍ତିଭୂମି, ଶୈକ୍ଷିକ ପରିବେଶ, ବିଦ୍ୟାଳୟ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ବିଭାଗୀୟ ଶାସନ ସଚିବ ଅଶ୍ୱଥୀ ଏସ୍. ବିଭାଗ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ବିଭିନ୍ନ କାରଣରୁ ବନ୍ଦ କରାଯାଇଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ସମୀକ୍ଷା କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କୋଡିଂ, ପ୍ରକଳ୍ପଭିତ୍ତିକ ପାଠ୍ୟକ୍ରମ, ଜୀବନ କୌଶଳ ଆଧାରିତ ଶିକ୍ଷା, ଭାଷାଭିତ୍ତିକ ସୃଜନଶୀଳତାକୁ ପ୍ରାଧାନ୍ୟ ଦେଇ ଆକାଂକ୍ଷୀ ପାଠ୍ୟକ୍ରମକୁ ପ୍ରତ୍ୟେକ ବିଦ୍ୟାଳୟରେ କାର୍ଯ୍ୟକ୍ଷମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଆଗାମୀ ଶିକ୍ଷାବର୍ଷରେ ସମସ୍ତ ଜିଲାର ପ୍ରତ୍ୟେକ ବ୍ଲକରେ ଠିକ୍ ସମୟରେ ଯେପରି ବହି ପହଞ୍ଚିବ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଗଣଶିକ୍ଷା ବିଭାଗ ଅଧୀନରେ ଆଦର୍ଶ ବିଦ୍ୟାଳୟକୁ ନୂତନ ରୂପ ଦିଆଯିବ। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ବିଶେଷକରି ଛାତ୍ରମାନଙ୍କ ପାଇଁ ଆବାସିକ ସୁବିଧାକୁ ସୁଦୃଢ଼ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସମସ୍ତ ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସଗୁଡ଼ିକ ଯଥା ସମୟରେ କାର୍ଯ୍ୟକ୍ଷମ ହେବା ନେଇ ଆଲୋଚନା କରାଯାଇଛି। ସ୍ଥାନୀୟ ଅଞ୍ଚଳକୁ ଭିତ୍ତିକରି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିବର୍ତ୍ତିତ କରାଯିବା ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ସମସ୍ତ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଇ-ବିଷୟବସ୍ତୁର ୱେବ୍ ପ୍ରକାଶନ କରାଯିବ। ସରକାରୀ ୱେବ୍‌ସାଇଟ ମାଧ୍ୟମରେ ଏହି ପାଠ୍ୟପୁସ୍ତକଗୁଡ଼ିକ ଉପଲବ୍ଧ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି। ସେହିଭଳି ଶିକ୍ଷକମାନଙ୍କ ସମସ୍ୟାର କିପରି ସମାଧାନ ହୋଇପାରିବ, ସେ ନେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କଠାରୁ ବିଭିନ୍ନ ପ୍ରସ୍ତାବ ଆହ୍ୱାନ କରିଥିଲେ।

# ଟିମ୍‌ୱର୍କ ଉପରେ ଫୋକସ୍ କରନ୍ତୁ ଅଧିକାରୀ



ଲୋକସେବା ଭବନରେ ଅଧିକାରୀଙ୍କ ସହ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର।

ଭୁବନେଶ୍ୱର,୨୫ା୬(ଅସମାପିକା ସାହୁ)

## କ୍ଷେତ୍ର ପରିଦର୍ଶନ କରିବାକୁ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପରାମର୍ଶ

ସହରାଞ୍ଚଳର ଲୋକଙ୍କୁ ଉନ୍ନତମାନର ସେବା ଯୋଗାଇ ଦେବା ପାଇଁ ଅଧିକାରୀମାନେ 'ଟିମ୍‌ୱର୍କ' କରିବାକୁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ମଙ୍ଗଳବାର ଲୋକସେବା ଭବନର କନ୍‌ଭେନ୍‌ଶନ ହଲ୍‌ରେ ସହରାଞ୍ଚଳ ପ୍ରଶାସନର ପ୍ରାଥମିକତା ନେଇ ପୌର ଅଧିକାରୀମାନଙ୍କ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି। ମନ୍ତ୍ରୀ ପୌରସଂସ୍ଥାରେ ବ୍ୟାପକ ପରିମାଣରେ ବୃକ୍ଷରୋପଣ କରିବା ସହିତ ସ୍ୱଚ୍ଛ ଭାରତ ଅଭିଯାନର ଆଭିମୁଖ୍ୟ ଅନୁଯାୟୀ ରାସ୍ତାଘାଟକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ସେହିଭଳି ସହରାଞ୍ଚଳ ବିଶେଷକରି ଚିକିତ୍ସାଳୟରୁ ବାହାରୁଥିବା ବର୍ଜ୍ୟଗୁଡ଼ିକ ଜଳଉତ୍ସକୁ ଦୂଷିତ କରୁଥିବାରୁ ଏଦିଗରେ ପଦକ୍ଷେପ ଗ୍ରହଣ ପାଇଁ କହିଛନ୍ତି। ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାଳୟରେ ବସି ନ ରହି କ୍ଷେତ୍ର ଗସ୍ତରେ ଯିବାକୁ ମନ୍ତ୍ରୀ ପରାମର୍ଶ ଦେବା ସହିତ ପ୍ରତ୍ୟେକ ଦିନ ଅତିକମ୍‌ରେ ତିନି ଚାରି ଘଣ୍ଟା ୱାର୍ଡ ପରିଦର୍ଶନ ପାଇଁ କହିଛନ୍ତି।

ସେହିଭଳି ସହରାଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ରକ୍ଷଣାବେକ୍ଷଣ ସମ୍ପୃକ୍ତ ନିର୍ମାଣକାରୀ ସଂସ୍ଥା ଓ ଠିକାଦାରମାନେ କରିବା ଉପରେ ମନ୍ତ୍ରୀ ଜୋର ଦେଇଛନ୍ତି। ଏମାନେ ଅତିକମ୍‌ରେ ତିନି ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବେ। ଯଦି ଏଥିରେ କେହି ଖିଲାପ କରନ୍ତି, ତେବେ ସେମାନଙ୍କ ବିରୋଧରେ ଫୌଜଦାରି ମୋକଦ୍ଦମା ରୁଜୁ କରାଯିବ ବୋଲି ମନ୍ତ୍ରୀ ଚେତାଇ ଦେଇଛନ୍ତି। ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟଶାସନ ସଚିବ ଜି. ମାଥିଭାଥନନ ରାଜ୍ୟରେ ସହରାଞ୍ଚଳ ବିକାଶ ନେଇ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ନୂତନ ସରକାର ସହରୀ ବିକାଶ ନିମନ୍ତେ ଯେଉଁ କାର୍ଯ୍ୟକ୍ରମ ସ୍ଥିର କରିବେ, ସେଥିପାଇଁ 'ଟିମ୍ ଅର୍ବାନ' ପ୍ରସ୍ତୁତ ଥିବା ସେ କହିଥିଲେ। କୌଣସି ସହରରେ ନୂଆ ବର୍ଜ୍ୟ ଜମା କରିବାକୁ ଅନୁମତି ଦିଆଯିବ ନାହିଁ। ପ୍ରତ୍ୟେକ ସହର ବର୍ଜ୍ୟମୁକ୍ତ ହେବା ପାଇଁ ଉଦ୍ୟମ କରାଯିବ। ବର୍ଷାଋତୁରେ ଡ୍ରେନ୍‌ରେ ଦୁର୍ଘଟଣା ପ୍ରତି ସତର୍କ ରହିବାକୁ କୁହାଯାଇଛି। ଯେଉଁଠାରେ ସ୍ଲାବ ପକାଯାଇ ପାରୁନାହିଁ ସେ ସବୁ ସ୍ଥାନରେ ବାଡ଼ ବୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବିଭାଗ ତରଫରୁ ପ୍ରତ୍ୟେକ ପୌରସଂସ୍ଥାକୁ ମାର୍ଗଦର୍ଶିକା ପଠାଯାଇଛି। ଯଦି କୌଣସି ସ୍ଥାନରେ ଦୁର୍ଘଟଣା ଘଟେ, ତେବେ ସେହି ସ୍ଥାନ ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କୁ ଦାୟୀ କରାଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଏହି ପ୍ରଶିକ୍ଷଣ କର୍ମଶାଳାରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ, ସୁଡାର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ସାରଦା ପ୍ରସାଦ ପଣ୍ଡା ପ୍ରମୁଖ ବରିଷ୍ଠ ପଦାଧିକାରୀ କର୍ମଶାଳାରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।

## ଟ୍ୱିନ୍ ସିଟି ହେବ ଟ୍ରିପଲ୍ ସିଟି

ଟ୍ୱିନ୍ ସିଟି ହେବ ଟ୍ରିପଲ୍ ସିଟି । କଟକ-ଭୁବନେଶ୍ୱର ସହିତ ପୁରୀ ଯୋଡ଼ିହେବ। ପୁରୀକୁ ଭବିଷ୍ୟତରେ ମେଟ୍ରୋ କରାଯାଇପାରେ। ସହରର ଆକାର ବଢ଼ିବ। ଏହାଦ୍ୱାରା ଗମନାଗମନ ସୁବିଧା ସହ ଅର୍ଥନୈତିକ ଅଭିବୃଦ୍ଧି ହେବ। ଯଦି ଆମେ ଦ୍ୱୈତନଗରୀ ସହ ପୁରୀକୁ ଯୋଡ଼ିବା, ତା'ହେଲେ ତାହା ବିଶ୍ୱରେ ୧ ନମ୍ବର ହୋଇପାରିବ। ସେହିଭଳି ଟ୍ରିପଲ୍ ସିଟି ପାଇଁ ପରିକଳ୍ପନା କରାଯାଉଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

# ସର୍ବୋଚ୍ଚ ସ୍ତରରେ ସେନ୍‌ସେକ୍ସ

## ୨୪,୦୦୦ ଅଙ୍କ ନିକଟବର୍ତ୍ତୀ ନିଫ୍ଟି



**ନୂଆଦିଲ୍ଲୀ,୨୫।୬(ଅଭୟ ଦାଶ)**

ଚଳିତ ସାଧାରଣ ନିର୍ବାଚନ ଫଳାଫଳ ପରେ ଘରୋଇ ଶେୟାର ବଜାରର କାରବାର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏପରିକି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍‌ଇ ସେନ୍‌ସେକ୍ସ ଅଲ ଟାଇମ ହାଇ ବା ସର୍ବୋଚ୍ଚ ସ୍ତର (୭୮,୧୬୪.୭୧ଅଙ୍କ)ରେ ପହଞ୍ଚିଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ବା ଏନ୍‌ଏସ୍‌ଇ ନିଫ୍ଟିର କାରବାର ମଧ୍ୟ ନୂତନ ରେକର୍ଡ ସହ ୨୪,୦୦୦ (୨୩,୭୫୪.୧୫) ଅଙ୍କର ନିକଟବର୍ତ୍ତୀ ହୋଇଛି।

ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ବିଏସ୍‌ଇ ସେନ୍‌ସେକ୍ସ କାରବାର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଜ ସ୍ତରରେ ରହିଥିଲାବେଳେ ପ୍ରାରମ୍ଭରେ ସେନ୍‌ସେକ୍ସ ଅଲ୍ ଟାଇମ ହାଇ ୭୮,୧୬୪.୭୧ଅଙ୍କରେ ପହଞ୍ଚିଥିଲା ବେଳେ ୭୮,୦୫୩.୫୨ ଅଙ୍କରେ କାରବାର ଶେଷ କରିଥିଲା। ଏପରିକି ଏନ୍‌ଏସ୍‌ଇର ନିଫ୍ଟି ୫୦ର କାରବାର ପ୍ରାରମ୍ଭରେ ପ୍ରାୟ ୨୪,୦୦୦ (୨୩,୭୫୪.୧୫) ଅଙ୍କ ଛୁଇଁଥିଲାବେଳେ ଶେଷ ବେଳକୁ ୨୩,୭୨୧.୩୦ଅଙ୍କରେ କାରବାର ବନ୍ଦ କରିଥିଲା।

ସେହିଭଳି ବିଏସ୍‌ଇ ସେନ୍‌ସେକ୍ସ ୦.୯୨% ବୃଦ୍ଧି ଘଟିଥିବାବେଳେ ଏସ୍‌ଏନ୍‌ଇ ନିଫ୍ଟି ୫୦ରେ ୦.୭୮% ବୃଦ୍ଧି ହୋଇଛି। ଏପରିକି ବିଏସ୍‌ଇ ସ୍ମଲକ୍ୟାପ ୦.୯୨% ଏବଂ ବିଏସ୍‌ଇ ମିଡ୍‌କ୍ୟାପ ୦.୦୩% ବୃଦ୍ଧି ପାଇଥିବାବେଳେ ନିଫ୍ଟି ମିଡ୍‌କ୍ୟାପ ୦.୩୮% ହ୍ରାସ ପାଇଥିଲାବେଳେ ନିଫ୍ଟି ସ୍ମଲ୍‌କ୍ୟାପ ୦.୪୦% ଏବଂ ନିଫ୍ଟି ବ୍ୟାଙ୍କିଙ୍ଗ୍ (ବ୍ୟାଙ୍କ)ର କାରବାର ୧.୭୪% ବୃଦ୍ଧି ହୋଇଛି ବୋଲି ଶେୟାର ବଜାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଅପରପକ୍ଷରେ ନିଫ୍ଟି ବ୍ୟାଙ୍କ ପ୍ରଥମ ଥର ପାଇଁ ରେକର୍ଡସ୍ତରର କାରବାର କରିଛି। ଏପରିକି ମଙ୍ଗଳବାର ନିଫ୍ଟି ବ୍ୟାଙ୍କ ୯୦୨.୦୫ ପଏଣ୍ଟ ବା ୧.୭୪% ବୃଦ୍ଧି ପାଇଁ ୫୨,୬୦୬.୦୦ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ସେକ୍ଟୋରାଲ କ୍ଷେତ୍ରରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଉଲ୍ଲେଖନୀୟ ସଫଳତା ଯୋଗୁ ଏହି ନୂଆ ମାଇଲଖୁଣ୍ଟ ହାସଲ ହୋଇଛି।

ସେହିପରି ବିଏସ୍‌ଇ ସେନ୍‌ସେକ୍ସ ପଞ୍ଜୀକୃତ ନିବେଶକଙ୍କ ମଧ୍ୟରେ ଆକ୍ସିସ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଭଳି ନିବେଶକମାନେ ସର୍ବାଧିକ ଲାଭବାନ ହୋଇଥିଲାବେଳେ ପାୱାର ଗ୍ରୀଡ୍,ଟାଟା ଷ୍ଟିଲ୍ ଏସିଆନ ପେଣ୍ଟସ୍ ଭଳି ନିବେଶକ କ୍ଷତି ସହିଛନ୍ତି। ଏପରିକି ସେକ୍ଟୋରାଲ କ୍ଷେତ୍ରରେ ଅଟୋ, ଆଇଟି, ଟେଲିକମ୍, ମେଟାଲ, ଏଫ୍‌ଏମ୍‌ସିଜି, ଫାର୍ମା, ହେଲ୍‌ଥ କେୟାର ଏବଂ ଘରୋଇ ବ୍ୟାଙ୍କ ସମେତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭଳି ନିବେଶ ସଂସ୍ଥାର ନିବେଶ ପୂର୍ବଦିନ ଅପେକ୍ଷା ଯଥେଷ୍ଟ ପରିମାଣରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହ କାରବାରର ୨ୟ ଦିନର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୩୬ (୪୩୮.୮ଲକ୍ଷ କୋଟି) ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।

### ଶେୟାର ବଜାରରେ ଉତ୍ସାହ

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୭୧୨(୭୧୨.୪୪) ପଏଣ୍ଟ ବଢି ୭୮,୦୫୪ (୭୮,୦୫୩.୫୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୮୩(୧୮୩.୪୫) ପଏଣ୍ଟ ବୃଦ୍ଧି ଘଟି ୨୩,୭୨୧ (୨୩,୭୨୧.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ବଜାରରେ ବିର୍ଲା ଓପସ୍ ପେଣ୍ଟସ୍

**ଭୁବନେଶ୍ୱର,୨୫।୬**




ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ବିର୍ଲା ଓପସ୍‌ର ନୂତନ ଉତ୍ପାଦ 'ବିର୍ଲା ଓପସ୍ ପେଣ୍ଟସ୍'ର ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ମଧ ଘୋଷଣା କରାଯାଇଛି।

ଏପରିକି ବିର୍ଲା ଓପସ୍ ସମସ୍ତ ବର୍ଗରେ ଏକ ବିବିଧ ପୋର୍ଟଫୋଲିଓ ଏବଂ ଇଣ୍ଟେରିୟର, ଏକ୍ସଟେରିୟର, ୱାଟରପ୍ରୁଫିଙ୍ଗ୍, ଏନାମେଲ ପେଣ୍ଟ, ଉଡ୍ ଫିନିଶ ଓ ୱାଲ୍‌ପେପର ଭଳି ବର୍ଗଗୁଡ଼ିକରେ ଉତ୍କୃଷ୍ଟମାନର ଉତ୍ପାଦଗୁଡିକର ଏକ ସମ୍ପୂର୍ଣ୍ଣ ରେଞ୍ଜ ପ୍ରଦାନ କରୁଛି। ବିର୍ଲାର ବିରାସତ ଓ ବିଶ୍ୱାସ ସହିତ ଓପସ୍‌ର ସୃଜନଶୀଳତାର ମିଶ୍ରଣ ସହ ବିର୍ଲା ଓପସ୍ ପେଣ୍ଟସ୍ ଶିଳ୍ପକୁ ପୁନଃ ପରିଭାଷିତ କରିବା ଓ ଉଦ୍ଭାବନକୁ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖିଛି।

ଅପରପକ୍ଷରେ ବିର୍ଲା ଓପସ୍ ପେଣ୍ଟସ୍ ସହ ଆଦିତ୍ୟ ବିର୍ଲା ଗ୍ରୁପ୍ ପ୍ରାୟ ୧୦,୦୦୦କୋଟି ଟଙ୍କାର ନିବେଶ ସହ ପେଣ୍ଟ ଶିଳ୍ପରେ ଏକ ଅପ୍ରତ୍ୟାଶିତ ସ୍ତର ସହିତ ଦ୍ରୁତବେଗରେ ସମ୍ପ୍ରସାରିତ ହେଉଥିବା ଭାରତୀୟ ଡେକୋରେଟିଭ ପେଣ୍ଟ ମାର୍କେଟ୍‌ରେ ପ୍ରବେଶ କରିଛି। ଚଳିତ ମାସରୁ ଆରମ୍ଭ ହେଉଥିବା ବିର୍ଲା ଓପସ୍ ପେଣ୍ଟସ ପ୍ରଡକ୍ଟ ରେଞ୍ଜ ବର୍ତ୍ତମାନ ଦେଶବ୍ୟାପୀ ତା'ର ମଜଭୁତ ଡିଲର ନେଟ୍‌ୱର୍କ ମାଧ୍ୟମରେ ଉପଲବ୍ଧ ହେଉଛି। ଏପରିକି ଗ୍ରାହକମାନେ ଭୁବନେଶ୍ୱର ନିକଟସ୍ଥ ଡିଲରରେ ବିର୍ଲା ଓପସ୍ ପ୍ରଡକ୍ଟଗୁଡିକର ସମଗ୍ର ରେଞ୍ଜକୁ ପାଇପାରିବେ।

ଏ ସମ୍ପର୍କରେ ବିର୍ଲା ଓପସ୍‌ର ସିଇଓ ରକ୍ଷିତ୍ ହର୍‌ଗାଭେ କହିଛନ୍ତି, ବିର୍ଲା ଓପସ୍ ଆଦିତ୍ୟ ବିର୍ଲା ଗ୍ରୁପ୍ ଭବିଷ୍ୟତ ପାଇଁ ଏକ ରଣନୈତିକ ଲମ୍ଫକୁ ପ୍ରତିପାଦିତ କରୁଛି, ଯେଉଁଠାରେ ଏହା ପେଣ୍ଟସ ଶିଳ୍ପରେ ଏକ ନୂତନ ଯୁଗରେ ପ୍ରବେଶ କରିବା ପାଇଁ ପ୍ରୟାସ କରୁଛି। ସେହିଭଳି ବ୍ରାଣ୍ଡର ବ୍ୟାପକ ପହଞ୍ଚକୁ ଆଗକୁ ବଢ଼ାଇବା ପାଇଁ ସହରଗୁଡିକରେ ବିତରଣକୁ ଦ୍ରୁତବେଗରେ ପରିଚାଳନା କରାଯିବା ସହ ଆମର ନେଟ୍‌ୱର୍କ ସୁଦୃଢ଼ କରାଯାଉଛି। ଏପରିକି ଆମର ଡିଲର ମିଟ୍ ଏବଂ ଏକ୍ସପୋଗୁଡିକରେ ପେଣ୍ଟର, କଣ୍ଟ୍ରାକ୍ଟର, ଆର୍କିଟେକ୍ଟ, ଇଣ୍ଟେରିୟର ଡିଜାଇନରମାନଙ୍କଠାରୁ ମିଳିଥିବା ପ୍ରତିକ୍ରିୟା ଉତ୍ସାହଜନକ ରହିଛି। ସେହିପରି ଆମର ବିସ୍ତୃତ କଣ୍ଟ୍ରାକ୍ଟର ଆଧାର ସହ ଆମେ ଗ୍ରହଣ କରିଥିବା ବିଶାଳ ସାମ୍ପଲିଂ କାର୍ଯ୍ୟ ଚମତ୍କାର ଥିଲା ଏବଂ ସେମାନେ ଦ୍ରୁତବେଗରେ ଏହାକୁ ଗ୍ରହଣ କରୁଛନ୍ତି ଏବଂ ବିର୍ଲା ଓପସ୍ ପେଣ୍ଟଗୁଡିକ ସହ ନିଜର ଗ୍ରାହକଙ୍କୁ ଖୁସି କରିବା ପାଇଁ ଅପେକ୍ଷା କରିଛନ୍ତି।

# ଆଇପ୍ରୋଟେକ୍ଟ ସ୍ମାର୍ଟ ପ୍ଲାନ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୨୫।୬**

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ତଥା ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ଯୋଜନା 'ଆଇପ୍ରୋଟେକ୍ଟ ସ୍ମାର୍ଟ ପ୍ଲାନ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ମହିଳାମାନଙ୍କ ପାଇଁ କମ୍ପାନୀର ସର୍ବାଧିକ ବିକ୍ରି ହେଉଥିବା ଟର୍ମ ଇନ୍‌ସ୍ୟୁରାନ୍ସ ପ୍ରଡକ୍ଟ 'ଆଇପ୍ରୋଟେକ୍ଟ ସ୍ମାର୍ଟ' ପାଇଁ ପୈଠ କରାଯାଉଥିବା ସମସ୍ତ ପ୍ରିମିୟମ ଉପରେ ୧୫%ର ଲାଇଫ୍‌ଟାଇମ ରିହାତି ଘୋଷଣା କରାଯାଇଛି। ଏଥିସହ ବେତନଭୋଗୀ ମହିଳାମାନେ ପ୍ରଥମ ବର୍ଷର ପ୍ରିମିୟମ ଉପରେ ଅତିରିକ୍ତ ୧୫%ର ରିହାତି ପାଇଁ ମଧ ଯୋଗ୍ୟ ବିବେଚିତ ହେବେ, ଯାହା ସେମାନଙ୍କୁ ଓ ନିଜ ପ୍ରିୟଜନଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ସକ୍ଷମ କରିବ।

ସେହିଭଳି ଗମ୍ଭୀର ଅସୁସ୍ଥତା ଉପରେ ଲାଭ ସହ ମିଳିତ ଥିବା ଆଇପ୍ରୋଟେକ୍ଟ ସ୍ମାର୍ଟ ବ୍ରେଷ୍ଟ, ଓଭାରିଆନ, ୟୁଟେରାଇନ ଓ ସର୍ଭିକାଲ କ୍ୟାନ୍‌ସର ଭଳି ରୋଗ ସମେତ ୩୪ଟି ଜଟିଳ ଅସୁସ୍ଥତା ବିରୋଧରେ ଏହା କଭର ପ୍ରଦାନ କରୁଛି। ଏହି ମିଶ୍ରଣ ଉଭୟ ସ୍ୱାସ୍ଥ୍ୟ ଓ ଜୀବନ ବୀମାର ଲାଭ ପ୍ରଦାନ କରୁଛି। ବିଶେଷକରି ଏହା ୯୯ ବର୍ଷ ପର୍ଯ୍ୟନ୍ତ ଲାଇଫ୍ କଭର ଦେଇଥାଏ। ଗୁରୁତ୍ୱପୂର୍ଣ୍ଣ ଭାବେ ନିଦାନ ଉପରେ ପୈଠ କରାଯାଉଥିବା ଗୁରୁତର ଅସୁସ୍ଥତା କଭର ରାଶି, ପରିବାରର ସଞ୍ଚୟକୁ ପ୍ରଭାବିତ ନ କରି ଜରୁରୀ ଚିକିତ୍ସା ପାଇଁ ତୁରନ୍ତ ଆର୍ଥିକ ସହଯୋଗ ପ୍ରଦାନ କରିଥାଏ।

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ଅମିତ୍ ପାଲ୍‌ଟା କହିଛନ୍ତି, ମହିଳାମାନଙ୍କ ଅଦମ୍ୟ ଉତ୍ସାହକୁ ପାଳନ କରିବା ପାଇଁ ଆମେ ଆମର ସର୍ବାଧିକ ଲୋକପ୍ରିୟ ଟର୍ମ ଇନ୍‌ସ୍ୟୁରାନ୍ସ ଉତ୍ପାଦ ଆଇପ୍ରୋଟେକ୍ଟ ସ୍ମାର୍ଟ ପାଇଁ ପୈଠ କରାଯିବାକୁ ଥିବା ସମସ୍ତ ପ୍ରିମିୟମ ଉପରେ ୧୫%ର ଲାଇଫ୍‌ଟାଇମ ରିହାତି ପ୍ରଦାନ କରି ଗର୍ବ ଅନୁଭବ କରୁଛୁ। ଏପରିକି କାର୍ଯ୍ୟରତ ମହିଳାମାନଙ୍କୁ ମଧ ଆମେ ପ୍ରଥମ ବର୍ଷର ପ୍ରିମିୟମ ଉପରେ ୧୫%ର ଅତିରିକ୍ତ ରିହାତି ପ୍ରଦାନ କରୁଛୁ,ଯାହା ସେମାନଙ୍କୁ ଆର୍ଥିକ ରୂପେ ସଶକ୍ତ କରିବ।

# ସ୍କୋଡାର କଷ୍ଟମର କେୟାର ପ୍ରୋଗ୍ରାମ




**ଭୁବନେଶ୍ୱର,୨୫।୬**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ବହୁରାଷ୍ଟ୍ରୀୟ ଅଟୋ ବ୍ରାଣ୍ଡ 'ସ୍କୋଡା'ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'କଷ୍ଟମର କେୟାର ପ୍ରୋଗ୍ରାମ' ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଚଳିତ ଗ୍ରୀଷ୍ମ ଅବକାଶରେ ସ୍କୋଡାର ଗ୍ରାହକଙ୍କୁ କମ୍ପାନୀ ପକ୍ଷରୁ ଅବସର ବିନୋଦନ ଓ ମନୋରଞ୍ଜନ ପାଇଁ ସୁଯୋଗ ଯୋଗାଇ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ତଥା କଟକ ପ୍ରତାପ ନଗରୀସ୍ଥିତ ଟ୍ରିନିଟ୍ ସ୍କୋଡା (ଦୁର୍ଗେଶ ମୋଟର୍ସ) ଶୋ'ରୁମ୍ ପକ୍ଷରୁ ଖୋର୍ଦ୍ଧା କୁମ୍ଭାରବସ୍ତର ୱେଣ୍ଡର୍ଲା ପାର୍କ ଆଣ୍ଡ ରେସର୍ଟଠାରେ ଏକ ଦିନିକିଆ କଷ୍ଟମର କେୟାର ପ୍ରୋଗ୍ରାମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୯୦ରୁ ଅଧିକ ସ୍କୋଡା ଗ୍ରାହକ ଓ ସେମାନଙ୍କ ପରିବାର ସଦସ୍ୟ ଯୋଗଦେଇ ପାର୍କ ପରିସରରେ ଥିବା ବିଭିନ୍ନ ସୁବିଧାର ମଜା ଉଠାଇବା ସହିତ ଟ୍ରିନିଟ୍ ସ୍କୋଡା ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ।

ସେହିଭଳି କାର୍ଯ୍ୟକ୍ରମ ପରିସରରେ ବ୍ରାଣ୍ଡର ବିଭିନ୍ନ ମଡେଲକୁ ମଧ ପ୍ରଦର୍ଶିତ କରାଯାଇଥିଲାବେଳେ ଆଶାୟୀ ଗ୍ରାହକ ଓ ପାର୍କ ପରିସରକୁ ଆସିଥିବା ଅନ୍ୟ ବର୍ଗର ଲୋକ ମଧ ସେମାନଙ୍କର ପସନ୍ଦର ବ୍ରାଣ୍ଡ ସମ୍ପର୍କରେ ଅବଗତ ସହ ପ୍ରି ବୁକିଂ କରିଥିଲେ। ପରିଶେଷରେ ଉଭୟ ଗ୍ରାହକ ଓ ଆୟୋଜକ ମନୋରଞ୍ଜନ ସହିତ ସ୍ୱାଦିଷ୍ଟ ଖାଦ୍ୟ ଓ ପାନୀୟଜଳ ଗ୍ରହଣକରି ଏକ ସୁନ୍ଦର ଅନୁଭୂତି ପରିପ୍ରକାଶ କରିଥିଲେ।

# ଭାରତର ବୈଦେଶିକ ଋଣ ଭାର ବୃଦ୍ଧି ପାଇଛି

**ଭୁବନେଶ୍ୱର,୨୫।୬**
**(ଅନୁରାଧା ମହାରଣା)**




ଗତ ୧ ବର୍ଷ ମଧ୍ୟରେ ଭାରତର ବୈଦେଶିକ ଋଣ ଭାର ବୃଦ୍ଧି ପାଇଛି। ମଙ୍ଗଳବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କହିଛି, ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ଏହି ସଂଖ୍ୟା ୩୯.୭ ବିଲିୟନ ଡଲାର ବୃଦ୍ଧି ହୋଇ ୬୬୩.୮ ବିଲିୟନ ଡଲାରରେ ପହଞ୍ଚିଛି। ତେବେ ଏହି ବୃଦ୍ଧି ସତ୍ତ୍ୱେ ଦେଶର ଜିଡିପିରେ ବୈଦେଶିକ ଋଣର ଅଂଶ ୧୮.୭ ପ୍ରତିଶତକୁ ହ୍ରାସ ପାଇଛି। ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ଏହି ସଂଖ୍ୟା ପ୍ରାୟ ୧୯ ପ୍ରତିଶତ ଥିଲା। ଆର୍‌ବିଆଇ ଅନୁଯାୟୀ, ୨୦୨୪ ମାର୍ଚ୍ଚ ଶେଷରେ ଆମେରିକୀୟ ଡଲାର ଭାରତର ବାହ୍ୟ ଋଣର ସବୁଠାରୁ ବଡ଼ ଉପାଦାନ ହୋଇ ରହିଛି। ଏହା ପରେ ଭାରତୀୟ ଟଙ୍କା ପ୍ରାୟ ୩୧.୫ ପ୍ରତିଶତ, ୟେନ୍ ୫.୮ ପ୍ରତିଶତ, ଏସ୍‌ଡିଆର୍ ୫.୪ ପ୍ରତିଶତ ଏବଂ ବିଦେଶୀ ଋଣରେ ୟୁରୋ ପ୍ରାୟ ୨.୮ ପ୍ରତିଶତ ରହିଛି। ଏହା ବ୍ୟତୀତ ୩୩.୪ ପ୍ରତିଶତ ଅଂଶଧନ ସହ ବୈଦେଶିକ ଋଣର ସବୁଠାରୁ ବଡ଼ ଉପାଦାନ ହୋଇ ରହିଛି। ଏହା ପରେ ମୁଦ୍ରା ଏବଂ ଜମା ୨୩.୩ ପ୍ରତିଶତ, ବାଣିଜ୍ୟ ଋଣ ଏବଂ ଅଗ୍ରିମ ୧୭.୯ ପ୍ରତିଶତ ଏବଂ ସିକ୍ୟୁରିଟି ୧୭.୩ ପ୍ରତିଶତ ଥିଲା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲୁଳି ଥିଲେ କାନ ନାଇଁ**
**କାନ ଥିଲେ ଲୁଳି ନାଇଁ।**

ଈଶ୍ୱର ସମସ୍ତଙ୍କୁ ସବୁ ଜିନିଷ ପରିପୂର୍ଣ୍ଣ କରି ଦେଇ ନଥାନ୍ତି। କାହାର ବହୁ କୁଟୁମ୍ବ ପରିବାର ଅଥଚ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ହେଉଛି ତ ପୁଣି କାହାର ଅଚଳାଚଳ ସମ୍ପତ୍ତି ଅଛି, କିନ୍ତୁ ସେସବୁ ଭୋଗ କରିବାକୁ କେହି ନାହାନ୍ତି। କାହାର ରାଜପ୍ରାସାଦ ପରି ବିରାଟ ଘର, କିନ୍ତୁ ରହିବାକୁ କେହି ଲୋକ ନାହାନ୍ତି, ପୁଣି କାହାର ଲୋକବାକ ଥିଲେ ବି ରହିବାକୁ ଘର ଖଣ୍ଡିଏ ନାହିଁ। ଈଶ୍ୱରଙ୍କ ସୃଷ୍ଟିରେ ଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟକରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଲାଜ ନାହିଁ କହିବାକୁ**
**ଆଣ୍ଠୁକ ପାଣିରେ ତପ କରୁଥିଲା**
**ପର ଘର ଭାଙ୍ଗିବାକୁ।**

ଦୁନିଆରେ ଏଭଳି କେତେକ ଲୋକ ଥାଆନ୍ତି, ଯେଉଁମାନେ ଅନ୍ୟର ସୁଖ ଶିରୀକୁ ଆଦୌ ସହିପାରି ନ ଥାନ୍ତି। କଳେବଳେ କୌଶଳେ ସେମାନଙ୍କ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବା ସହ ପରିବାର ମଧ୍ୟରେ ଫାଟ ସୃଷ୍ଟି କରିଥାନ୍ତି। ପରଘର ଭଙ୍ଗା ଲୋକର ଚରିତ୍ର ପ୍ରତି ଏଭଳି କଟୂକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# 'ଡାଉନଷ୍ଟ୍ରିମ୍ ଆଲୁମିନିୟମ ଶିଳ୍ପରେ ଏମ୍‌ଏସ୍‌ଏମ୍‌ଇ ପାଇଁ ବିନିର୍ମାଣ ସୁଯୋଗ'

**ଭୁବନେଶ୍ୱର,୨୫।୬**

ଦେଶର ପ୍ରମୁଖ ଘରୋଇ ଶିଳ୍ପସଂସ୍ଥା ତଥା ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ 'ହିଣ୍ଡାଲ୍‌କୋ' ପକ୍ଷରୁ ଏକ ଦିନିକିଆ କର୍ମଶାଳା ମଙ୍ଗଳବାର ଭୁବନେଶ୍ୱରର ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍)ର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ଏବଂ ୟୁସିସିଆଇଏଲ୍‌ର ମିଳିତ ସହଯୋଗରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳା ଡାଉନଷ୍ଟ୍ରିମ ଆଲୁମିନିୟମ ଶିଳ୍ପରେ ଏମ୍‌ଏସ୍‌ଏମ୍‌ଇ ପାଇଁ ବିନିର୍ମାଣ ସୁଯୋଗ ଶୀର୍ଷକ ଉପରେ ଦୃଷ୍ଟିନିବଦ୍ଧ କରାଯାଇଥିବାବେଳେ ଆଲୁମିନିୟମ ବିନିର୍ମାଣ ନିମନ୍ତେ ଏକ ବୈଶ୍ୱିକ ପେଣ୍ଠସ୍ଥଳ ଭାବେ ଓଡ଼ିଶାର ବର୍ଦ୍ଧିତ ପ୍ରାଧାନ୍ୟ ଉପରେ ବିସ୍ତୃତ ଆଲୋକପାତ କରାଯାଇଥିଲା।

ଏସାର ମିନେଟ୍ ଲିମିଟେଡ୍‌ର ସିଇଓ ଶଶୀ ଶେଖର ମହାନ୍ତି ଉଦ୍‌ଘାଟୀନୀ ଅଭିଭାଷଣ ସହ ଆଲୁମିନିୟମ ଶିଳ୍ପର ମୂଲ୍ୟ ଶୃଙ୍ଖଳରେ ଏମ୍‌ଏସ୍‌ଏମ୍‌ଇଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଜୋର ଦେଇଥିଲେ।

ହିଣ୍ଡାଲ୍‌କୋ ଆଡଭାଇଜର ବିଭୁ ମିଶ୍ର ଓଡ଼ିଶାରେ କମ୍ପାନୀର ଉଲ୍ଲେଖନୀୟ ଉପସ୍ଥିତି ଏବଂ ବିବିଧ ଶିଳ୍ପ ଉପରେ ତା'ର ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଆଲୁମିନିୟମ କ୍ଷେତ୍ରରେ ବିଶ୍ୱସ୍ତରରେ ଏକ ଅଗ୍ରଣୀ କମ୍ପାନୀ ହିଣ୍ଡାଲ୍‌କୋ ଏଭଳି ଡାଉନଷ୍ଟ୍ରିମ ଉତ୍ପାଦଗୁଡିକ ଉତ୍ପାଦନ କରୁଛି, ଯାହା ଖାଦ୍ୟ ପ୍ୟାକେଜିଂଠାରୁ ଆରମ୍ଭକରି ବ୍ୟାଟେରି ଏନ୍‌କ୍ଲୋଜର ପର୍ଯ୍ୟନ୍ତ ବହୁବିଧ ବ୍ୟବହାର୍ଯ୍ୟ ସାମଗ୍ରୀ ନିମନ୍ତେ ଇନ୍‌ପୁଟ୍ ଭାବେ ବ୍ୟବହାର କରାଯାଉଛି। ଏହି ସମସ୍ତ ନବୋନ୍ମେଷୀ ଉତ୍ପାଦଗୁଡିକର ବଜାର ସମ୍ପ୍ରସାରିତ ହେଉଛି ଏବଂ ଓଡ଼ିଶାସ୍ଥିତ ବ୍ୟବସାୟ ସଂସ୍ଥାଗୁଡିକ ପାଇଁ ଏହା ଉଲ୍ଲେଖନୀୟ ଅଭିବୃଦ୍ଧି ସୁଯୋଗ ପ୍ରଦାନ କରୁଛି ବୋଲି ମିଶ୍ର ମତପ୍ରକାଶ କରିଥିଲେ।

ସେହିଭଳି ହିଣ୍ଡାଲ୍‌କୋର ଜଏଣ୍ଟ ପ୍ରେସିଡେଣ୍ଟ ସାଗର ଧମୋରିକର ଆଲୁମିନିୟମର ଅନନ୍ୟ ଗୁଣବତ୍ତା ଏବଂ ତା'ର ବହୁବିଧ ବ୍ୟବହାରିତା ସମ୍ପର୍କରେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଏପରିକି ଆଲୁମିନିୟମର ଓଜନ ତୁଳନାରେ ଉଚ୍ଚ ସାମର୍ଥ୍ୟ ଅନୁପାତ,ସୁପରିବାହୀ ଏବଂ ଅଣ-ଅବକ୍ଷୟ ଗୁଣ ଏହାକୁ ଅସଂଖ୍ୟ ବ୍ୟବହାର ନିମନ୍ତେ ଉପଯୁକ୍ତ କରି ଗଢି ତୋଳୁଛି।

ସେହିପରି ଏହି କର୍ମଶାଳାରେ ଏସ୍‌ଏନ୍‌ଏମ୍ ଗ୍ରୁପ୍‌ର ଚେୟାରମ୍ୟାନ ପ୍ରଦୀପ୍ତ ମହାନ୍ତି, ଆଇଆଇଏମ୍‌ଟି ଡାଇରେକ୍ଟର ଡ.ରାମାନୁଜ ନାରାୟଣଙ୍କ ସମେତ ୟୁସିସିଆଇଏଲ ଭାଇସ ପ୍ରେସିଡେଣ୍ଟ ସଞ୍ଜୀବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନର କଡ଼ାକଡ଼ି ପ୍ରୟୋଗହେବା ଦରକାର

## ଆଜି ନିଷିଦ୍ଧ ଔଷଧ ଦିବସ



'ନିଷିଦ୍ଧ ଡ୍ରଗ' ବିଷୟରେ ଆମେ ପ୍ରାୟ ସମସ୍ତେ ଅଳ୍ପ ବହୁତେ ଅବଗତ ଅଛନ୍ତି। କେତେଗୁଡ଼ିଏ ନିଶା କରାଉଥିବା, ଯନ୍ତ୍ରଣା ଲାଘବ କରାଉଥିବା, ମସ୍ତିଷ୍କକୁ ଉତ୍ତେଜିତ କରାଉଥିବା, ଅତ୍ୟଧିକ ଆନନ୍ଦ ସୃଷ୍ଟି କରୁଥିବା ସହିତ ବ୍ୟବହାରକାରୀମାନଙ୍କୁ ଏକ ପ୍ରକାର ଉନ୍ମାଦନା ଓ ମିଛ ସନ୍ତୁଷ୍ଟି ପ୍ରଦାନ କରୁଥିବା ପଦାର୍ଥମାନ ଭଲ ଜଣାପଡୁଥିଲେ ମଧ ଏସବୁ ଶରୀର, ପରିବାର, ସମାଜ ତଥା ଦେଶମାନଙ୍କ ପାଇଁ ଅତ୍ୟନ୍ତ କ୍ଷତିକାରକ ପ୍ରମାଣିତ ହୋଇଛି। ଏସବୁର ମାତ୍ରାଧିକ ଚୋରାଚାଲାଣ ଆନ୍ତର୍ଜାତିକ କ୍ଷେତ୍ରରେ ଏକ ସମାନ୍ତରାଳ ଅର୍ଥନୀତି, ଯୁଦ୍ଧର ଘନଘଟା, ଅନୈତିକ ବେପାର, ଅପରାଧ ଦୁନିଆ ଓ ପ୍ରକାରାନ୍ତରେ ମାନବ ସମାଜ ପାଇଁ ଗୁରୁତର ସଙ୍କଟ ସୃଷ୍ଟି କରିଛି।

ମାତ୍ରାଧିକ କୋକେନ୍, ଅଫିମ, ଚରସ୍ ଏବଂ ମାରି ଜୁଆନା ଇତ୍ୟାଦି କେବଳ ବ୍ୟବହାରକାରୀମାନଙ୍କୁ ବିପଥଗାମୀ କରିନାହିଁ, ଯୁଦ୍ଧର ପ୍ରମୁଖ କାରଣ ମଧ ହୋଇଛି। ଏହାଦ୍ୱାରା ଦେଶମାନେ ବରବାଦ ହୋଇଯାଇଛନ୍ତି ଏବଂ ହେଉଛନ୍ତି ମଧ।

ଏଥିପାଇଁ ପ୍ରତିବର୍ଷ ଜୁନ୍ ୨୬ ତାରିଖକୁ 'ଅନ୍ତର୍ଜାତୀୟ ନିଷିଦ୍ଧ ଔଷଧ ଅପବ୍ୟବହାର ଓ ଏହାର ଚୋରାଚାଲାଣ ଦିବସ' ବା 'ନିଷିଦ୍ଧ ଔଷଧ ଦିବସ' ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ଚଳିତବର୍ଷର ପ୍ରସଙ୍ଗ ରହିଛି, 'ତଥ୍ୟ ପ୍ରମାଣ ପ୍ରାଞ୍ଜଳ ଅଟେ : ଏହାର ପ୍ରତିଷେଧକ ପାଇଁ ଅର୍ଥ ବିନିଯୋଗ ଜରୁରୀ'। ନିଷିଦ୍ଧ ଔଷଧ ପ୍ରସାର ଏବଂ ବ୍ୟବହାର ବନ୍ଦ ପାଇଁ ଜନସାଧାରଣ ଓ ବ୍ୟବହାରକାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ଏଥିପାଇଁ ପ୍ରଣୟନ କରାଯାଇଥିବା ୧୯୮୫ ମସିହାର ନାର୍କୋଟିକ୍ ଡ୍ରଗସ୍ ଆଣ୍ଡ ସାଇକୋଟପିକ ସବ୍‌ଷ୍ଟାନ୍ସ ଆକ୍ଟ-୧୯୮୫ (ଏନ୍‌ଡିପିଏସ୍)ରେ ଏହିସବୁ ନିଷିଦ୍ଧ ପଦାର୍ଥର ଉତ୍ପାଦନ, ଚାଷ, ମହଜୁଦ, ବିକ୍ରି କରିବା, କ୍ରୟ, ଚାଲାଣ ଓ ବ୍ୟବହାର କରିବାକୁ ଅପରାଧ ରୂପେ ବିବେଚନା କରାଯାଇ ସେଥିପାଇଁ ଉପଯୁକ୍ତ ଦଣ୍ଡବିଧାନ କରାଯାଇଛି। ଏହି ଦଣ୍ଡ ଅନୁସାରେ ସଂପୃକ୍ତ ବ୍ୟକ୍ତିଙ୍କୁ ୨୦ ବର୍ଷ କାରାବାସ ମଧ ହୋଇପାରେ। ଉଲ୍ଲେଖଯୋଗ୍ୟ, ଏହି କଠୋର ଆଇନ୍‌କୁ ଗୁରୁତ୍ୱ ଦୃଷ୍ଟିରୁ ୧୯୮୮, ୨୦୦୧, ୨୦୧୪ ଏବଂ ୨୦୨୧ରେ ସଂଶୋଧନ କରାଯାଇ ଅଧିକ ଦଣ୍ଡର ବ୍ୟବସ୍ଥା କରାଯାଇଛି। ଏହିପରି ଦୃଢ଼ ଆଇନ୍ ଥିଲେ ମଧ ପ୍ରଚଳିତ ଆଇନ୍‌ର ଫଳରେ ଅପରାଧୀମାନେ ସହଜରେ ଖସିଯାଇ ପୁଣି ଥରେ ସେମାନଙ୍କର ବ୍ୟବସାୟରେ ଲାଗିଯାଉଛନ୍ତି।

ଏହି ନିଷିଦ୍ଧ ପଦାର୍ଥମାନ ମୁଖ୍ୟତଃ କୋକା, ଅଫିମ, ଗଞ୍ଜେଇ, ଇକ୍‌ଷୋନିସରୁ ପ୍ରସ୍ତୁତ ଦ୍ରବ୍ୟ। ଏହା ଏଲଏସଡି, ହେରୋଇନ୍, କୋକେନ୍ ଇତ୍ୟାଦି ଅଟନ୍ତି। କେତେକ ମାନସିକ ରୋଗ ପାଇଁ ଉଦ୍ଦିଷ୍ଟ ଔଷଧ ଯଥା-ନିଦ ପାଇଁ, ବିଷାଦ ପାଇଁ, ଅବସାଦ ପାଇଁ ବ୍ୟବହାର କରାଯାଉଥିବା ଔଷଧ ମଧ ଅଟନ୍ତି। ଏହା ସହିତ ମଫିନ୍, ଫେଣ୍ଟାନିଲ୍, ମେଥାଡନ୍, ନାଇଟ୍ରାଜେପାସ ଇତ୍ୟାଦି ମଧ ପ୍ରମୁଖ ଅଟନ୍ତି।

ସାରା ପୃଥିବୀରେ ଏସବୁର ବହୁଳ ଦୁରୁପଯୋଗ କରାଯାଉଥିବାରୁ ବିଶେଷତଃ ଯୁବ ସମାଜ ପଥଭ୍ରଷ୍ଟ ହେଉଛନ୍ତି। ଅନେକ ଦେଶରେ ଅଫିମ ପ୍ରବଳ ପରିମାଣରେ ଚାଷ କରାଯାଉଛି। ଆମ ରାଜ୍ୟରେ ମଧ ଅନେକ ସ୍ଥାନରେ ଗଞ୍ଜେଇ ଚାଷ କରାଯାଉଛି। କଲମ୍ବିଆ, ପେରୁ, ଇକ୍ୱେଡର, ଅଷ୍ଟ୍ରେଲିଆ, ମେକ୍ସିକୋ ଆଦି ଦେଶରେ କୋକେନ ଚାଷ ବହୁଳ ଭାବରେ କରାଯାଉଛି। ବିଶ୍ୱର ୬୦ ପ୍ରତିଶତ କୋକେନ୍ କଲମ୍ବିଆରୁ ହିଁ ମିଳିଥାଏ।

ଯେହେତୁ ଏସବୁ ପଦାର୍ଥର ମାରାତ୍ମକ ଦିଗକୁ ଦୃଷ୍ଟିରେ ରଖି ଏଥିପାଇଁ କଠୋର ଆଇନ୍ ପ୍ରଣୟନ ହୋଇଛି, ସେହି ଦୃଷ୍ଟିରୁ ଏହି ଆଇନ୍ କଡ଼ାକଡ଼ି ଭାବରେ ପାଳନ କରାଯିବା ଦରକାର। ସେଥିପାଇଁ କିପରି ଏସବୁର ଉତ୍ପାଦନ, ଚାଲାଣ ଏବଂ ବିତରଣ ତଥା ପ୍ରସାର ନ ହୋଇପାରିବ ସେ ନେଇ ଦୃଢ଼ ପଦକ୍ଷେପ ନିଆଯିବା ଦରକାର।

**-ଡା. ରାମଚନ୍ଦ୍ର ରାଉତ,**
ମାନସିକ ରୋଗ ତାଲିମପ୍ରାପ୍ତ ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ : ୮୨୪୯୦୮୭୯୯୫


ଡା.ବୀରକିଶୋର ପରିଡ଼ା

# ସୁସ୍ଥ ବାଛୁରି ଓ କଷ କ୍ଷୀର

ଗାଇ ବାଛୁରିକୁ ପ୍ରସବ ଦେବା ପରେ ପହ୍ନାରୁ ୩-୪ ଦିନ ପର୍ଯ୍ୟନ୍ତ ନିର୍ଗତ ଘନ ବହଳିଆ ଗାଢ଼ କ୍ଷୀରକୁ କଷକ୍ଷୀର ବା କୋଲେଷ୍ଟ୍ରମ କହନ୍ତି । ମା' କଷକ୍ଷୀର ଶିଶୁର ସୁନ୍ଦର ସ୍ୱାସ୍ଥ୍ୟ ଓ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଯେତିକି ଆବଶ୍ୟକ ସେହିପରି ଗାଈର କଷକ୍ଷୀର ସଦ୍ୟଜାତ ବାଛୁରୀର ବଞ୍ଚିବା ବା ଭବିଷ୍ୟତ ଜୀବନ ଧାରଣ ପାଇଁ ମଧ୍ୟ ସେତେ ଗୁରୁତ୍ୱପୂର୍ଣ୍ଣ । କଷକ୍ଷୀରର ବିଭିନ୍ନ ଉପାଦାନ ଯଥା – ଜଳ, ଶ୍ୱେତସାର ଓ ସ୍ନେହସାର ପରିମାଣ କମ୍ ଥାଏ ଏବଂ ବିଭିନ୍ନ ପୁଷ୍ଟିସାର ଯଥା –କେଜିମ୍, ଆଲ୍‌ବୋମିନ୍, ଗ୍ଲୋବୁଲିନ୍ ସହ ଭିଟାମିନ୍-କ ଓ ଘ' ର ପରିମାଣ ଅଧିକ ରହିଥାଏ । ଏହି କ୍ଷୀରର ରଙ୍ଗ ଈଷତ୍ ଲାଲ୍‌ମିଶା ହଳଦିଆ, ଘନ ଅଠାଳିଆ। ଏହାର ସ୍ୱାଦ ଆମ୍ବିଳା ଓ ବାସନା ଆଇଁଷିଆ ପରି ଲାଗେ । ସେହିପରି ଏହାର ଆପେକ୍ଷିତ ସାନ୍ଦ୍ରତା –୧.୦୭୪ ଥିବାବେଳେ ସାଧାରଣ କ୍ଷୀରର ଏହା ୧.୦୩୧ ଥାଏ । ବାଛୁରି ଜନ୍ମହେବାର ୬ ଦିନ ପରେ ଯଦି ଗାଈର କ୍ଷୀରକୁ ଗରମ କରାଯାଏ ଏବଂ ଯଦି ଏଥିରେ କ୍ଷୀର ଜମାଟ ନ ବାନ୍ଧେ ବା ଘନୀଭୂତ ନ ହୁଏ, ତେବେ ଏହି କ୍ଷୀର ଖାଇବା ପାଇଁ ଯୋଗ୍ୟ ବିବେଚିତ ହୁଏ ଏବଂ ଅନ୍ୟ କ୍ଷୀର ସହ ମିଶାଇଲେ କ୍ଷତି ହୋଇ ନ ଥାଏ । ଏହି କଷ କ୍ଷୀରର ଏତେ ପ୍ରକାର ମୂଲ୍ୟବାନ୍ ଉପାଦାନ ଥାଇ ମଧ୍ୟ ଆମ ଗ୍ରାମାଞ୍ଚଳର ଲୋକମାନେ ଏହାକୁ ଖରାପ ଭାବି ଫିଙ୍ଗିଦିଅନ୍ତି । ଆସନ୍ତୁ, ଏଥର ଆଲୋଚନା କରିବା ଏହି କଷକ୍ଷୀରରେ କି କି ପ୍ରକାର ଉପାଦାନ ଥାଏ, ଯାହାକି ଏକ ସାଧାରଣ କ୍ଷୀରଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

**କଷକ୍ଷୀର ଖୁଆଇବାର ଗୁରୁତ୍ୱ :** କଷକ୍ଷୀର ଅମ୍ଳଯୁକ୍ତ ହୋଇଥିବାରୁ ଏହା ସଦ୍ୟଜାତ ବାଛୁରିର ପାକସ୍ଥଳୀରେ ଏକ ବିଶୋଧକ ରୂପେ କାର୍ଯ୍ୟକରି ବହୁ ରୋଗଦାଉରୁ ବାଛୁରିକୁ ସୁରକ୍ଷା ପ୍ରଦାନ କରିଥାଏ । ଏହି କ୍ଷୀରରେ ଭିଟାମିନ୍ 'କ' ସାଧାରଣ କ୍ଷୀରଠାରୁ ୧୦-୧୦୦ ଗୁଣ ଅଧିକ ଥିବାରୁ ତାହା ବାଛୁରିର ଶରୀର ବୃଦ୍ଧି, ଚର୍ମ ଗଠନ ଇତ୍ୟାଦିରେ ସହାୟକ ହେବା ସଙ୍ଗେ ସଙ୍ଗେ ବାଛୁରିର ଅନ୍ଧାରକଣା ରୋଗ, ଲୋମ ଉପୁଡ଼ିବା ଆଦି ଦୂରକରେ । ଭିଟାମିନ୍ 'ଘ' ଏହି କ୍ଷୀରରେ ସାଧାରଣ କ୍ଷୀରଠାରୁ ୩ ଗୁଣରୁ ଅଧିକ ଥାଏ । ତେଣୁ ଏହା ହାଡ଼, ଚର୍ମ, ଦାନ୍ତ ଓ ମାଂସ ଗଠନରେ ସାହାଯ୍ୟ କରେ । ଏଥିସହ ଶରୀରରେ କ୍ୟାଲ୍‌ସିୟମ ବୃଦ୍ଧିରେ ମଧ୍ୟ ପରୋକ୍ଷ ଭାବେ ସହାୟକ ହୋଇଥାଏ । କୋଲେଷ୍ଟ୍ରମ କ୍ଷୀରରେ ଶତକଡ଼ା ୪୦ ଭାଗରୁ ଅଧିକ ପୁଷ୍ଟିକର ସାଧାରଣ କ୍ଷୀରଠାରୁ ଥାଏ । ଏହା ଏକ ବଳକାରକ ଖାଦ୍ୟ ରୂପେ ବାଛୁରୀମାନଙ୍କୁ ଯୋଗାଇଥାଏ । ଫଳରେ ସେମାନେ ସୁସ୍ଥ ସବଳ ପରି ରୁହନ୍ତି । କଷକ୍ଷୀରରେ ପ୍ରଚୁର ପରିମାଣର ଇମ୍ୟୁନୋଗ୍ଲୋବୁଲିନ୍ ପ୍ରତିରୋଧକାରୀ ପଦାର୍ଥ ୧୦-୧୧% ପର୍ଯ୍ୟନ୍ତ ନିହିତ ଥାଏ, ଯଦ୍ୱାରା ଜନ୍ମହେବାର ମାତ୍ର ୩୦ମିନିଟ୍ ସମୟ ମଧ୍ୟରେ ବାଛୁରିର କ୍ଷୁଦ୍ରାନ୍ତ ଓ ବୃହଦନ୍ତ୍ରର ଶ୍ଳୈଷ୍ମିକ ଝିଲ୍ଲୀ ମଧ୍ୟରୁ ଶୋଷିତ ହୋଇ ରକ୍ତରେ ସହଜରେ ମିଶେ । ଫଳରେ ଏହା ବାଛୁରିକୁ ବିଭିନ୍ନ ରୋଗ ଦାଉରୁ ମୁକ୍ତ ରଖିବାରେ ସକ୍ଷମ ହୋଇଥାଏ । ସଦ୍ୟଜାତ ବାଛୁରିକୁ କଷକ୍ଷୀର ଖାଇବାକୁ ଦେବା ଦ୍ୱାରା ଏକ ସହଜମୁକ୍ତ ହଳଦିଆ ବହଳ ଝାଡ଼ା କରାଇବାରେ ସାହାଯ୍ୟ କରିଥାଏ । ଏହି କ୍ଷୀରରେ ଥିବା କ୍ଷୀର ଜାତୀୟ ପ୍ରୋଟିନ କେଜିନ୍ ବାଛୁରିର ଶରୀରକୁ ତାପ ଶକ୍ତି ଯୋଗାଇବା ସଙ୍ଗେ ସଙ୍ଗେ ବାଛୁରୀକୁ ଅଧିକ ଦିନ ବଞ୍ଚିବାରେ ସାହାଯ୍ୟ କରିଥାଏ । ଗାଈ ପରି ସମସ୍ତ ସ୍ତନ୍ୟପାୟୀ ପ୍ରାଣୀଙ୍କଠାରେ ଏହି କଷକ୍ଷୀର ନିର୍ଗତ ହୋଇ ସେମାନଙ୍କ ଛୁଆର ଜୀବନଧାରଣରେ ଯଥେଷ୍ଟ ସହାୟକ ହୋଇଥାଏ । ତେଣୁ ଗାଈର ବାଛୁରିମାନଙ୍କ ପରି ଅନ୍ୟାନ୍ୟ ଗୃହପାଳିତ ପ୍ରାଣୀ ଯଥା – ମଇଁଷି, ଛେଳି, ଘୁଷୁରି, ଘୋଡ଼ା, କୁକୁର ଇତ୍ୟାଦି ଏବଂ ବନ୍ୟଜନ୍ତୁ ଯଥା – ହାତୀ, ମାଙ୍କଡ଼, ଜେବ୍ରା, ବିରାଡ଼ି, ବାଘ, ଭାଲୁ ଆଦିଙ୍କୁ କଷକ୍ଷୀର ଖୁଆଇବାକୁ ସୁଯୋଗଦେବା ଦରକାର ।

> "କଷକ୍ଷୀର ଅମ୍ଳଯୁକ୍ତ ହୋଇଥିବାରୁ ଏହା ସଦ୍ୟଜାତ ବାଛୁରିର ପାକସ୍ଥଳୀରେ ଏକ ବିଶୋଧକ ରୂପେ କାର୍ଯ୍ୟକରି ବହୁ ରୋଗଦାଉରୁ ବାଛୁରିକୁ ସୁରକ୍ଷା ପ୍ରଦାନ କରିଥାଏ । ଏହି କ୍ଷୀରରେ ଭିଟାମିନ୍ 'କ' ସାଧାରଣ କ୍ଷୀରଠାରୁ ୧୦-୧୦୦ ଗୁଣ ଅଧିକ ଥିବାରୁ ତାହା ବାଛୁରିର ଶରୀର ବୃଦ୍ଧି, ଚର୍ମଗଠନ ଇତ୍ୟାଦିରେ ସହାୟକ ହେବା ସଙ୍ଗେ ସଙ୍ଗେ ବାଛୁରୀର ଅନ୍ଧାରକଣା ରୋଗ, ଲୋମ ଉପୁଡ଼ିବା ଆଦି ଦୂର କରେ। ଭିଟାମିନ୍ 'ଘ' ଏହି କ୍ଷୀରରେ ସାଧାରଣ କ୍ଷୀରଠାରୁ ୩ ଗୁଣରୁ ଅଧିକ ଥାଏ ।"



**କଷକ୍ଷୀର ଖୁଆଇବା ପ୍ରଣାଳୀ :** ବାଛୁରି ଜନ୍ମହେବା ମାତ୍ରେ ଉପଯୁକ୍ତ ଯତ୍ନ ନେଇ ସଙ୍ଗେ ସଙ୍ଗେ କଷକ୍ଷୀର ଖୁଆଇବା ଦରକାର । ପ୍ରଥମେ ପହ୍ନାକୁ ଭଲ ଭାବେ ଡେଟଲ ମିଶା ଉଷୁମ ପାଣିରେ ଧୋଇ ଚିରରୁ ପ୍ରଥମ ଷ୍ଟ୍ରିପ୍ କ୍ଷୀର ବାହାର କଲାପରେ ବାଛୁରିକୁ ଅଧଘଣ୍ଟା ମଧ୍ୟରେ ଏହି କଷକ୍ଷୀର ଖୁଆଇବା ଉଚିତ। ବାଛୁରିକୁ ଶୀଘ୍ର କଷକ୍ଷୀର ଖୁଆଯିବାର କାରଣ ଏହି ସମୟରେ ବାଛୁରୀର କ୍ଷୁଦ୍ରାନ୍ତ୍ର ଓ ବୃହଦନ୍ତ୍ରର ଶ୍ଳୈଷ୍ମିକ ଝିଲ୍ଲୀଗୁଡ଼ିକ ଜନ୍ମହେବାର ଆରମ୍ଭରେ ନରମ ଓ ପତଳା ଥାଏ । ତେଣୁ ବାଛୁରି କଷକ୍ଷୀର ପିଇବା ପରେ ସେଥିରେ ଥିବା ଇମ୍ମ୍ୟୁନୋଗ୍ଲୋବୁଲିନ୍‌ଗୁଡ଼ିକ ସହଜରେ ଶୋଷିତ ହୋଇ ରକ୍ତରେ ମିଶେ । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଏହି ଇମ୍ମ୍ୟୁନୋଗ୍ଲୋବୁଲିନ୍‌ଗୁଡ଼ିକ କ୍ଷୁଦ୍ରାନ୍ତ୍ର ଓ ବୃହଦନ୍ତ୍ରର ଶ୍ଳୈଷ୍ମିକ ଝିଲ୍ଲୀ ମଧ୍ୟରେ ସହଜରେ ଜନ୍ମହେବାର ୨୪ଘଣ୍ଟା ମଧ୍ୟରେ ଅତିକ୍ରମକରି ରକ୍ତରେ ମିଶିଥାଏ । କାରଣ ଏହି ସମୟର ଇମ୍ମ୍ୟୁନୋଗ୍ଲୋବୁଲିନ୍ ଗୁଡ଼ିକର ବିଘଟନ ପାଇଁ ଆବଶ୍ୟକୀୟ ଏନ୍‌ଜାଇମ୍‌ର ଅଭାବ ଥାଏ । ଆମ ଚାଷୀଭାଇମାନେ ୨ଘଣ୍ଟା ମଧ୍ୟରେ କଷକ୍ଷୀର ଖୋଇଥାନ୍ତି । ବିଳମ୍ବରେ କଷକ୍ଷୀର ଖାଇବାକୁ ଦେବା ଦ୍ୱାରା ଏଥିରେ ନିହିତ ଉପାଦାନଗୁଡ଼ିକ ଶରୀରରେ ଠିକ୍ ରୂପେ ବିନିଯୋଗ ହୋଇପାରେ ନାହିଁ । ଫଳରେ ବାଛୁରିଗୁଡ଼ିକ ରୁଗ୍ଣ ଓ ଦୁର୍ବଳ ଦିଶନ୍ତି ଏବଂ ଅକାଳରେ ମୃତ୍ୟୁବରଣ କରନ୍ତି । ବେଳେବେଳେ ଛଡ଼ା ପ୍ରଥମକରି ପ୍ରସବ ହେଉଥିବା ବାଛୁରି, ପହ୍ନାର ଉପଯୁକ୍ତ ଗଠନ ହୋଇ ନ ଥିବାରୁ କମ୍ କ୍ଷୀର ଦେଇଥାଏ । ଫଳରେ ଏହି ଛଡ଼ାର ବାଛୁରି କଷକ୍ଷୀର ଠିକ୍ ପରିମାଣରେ ପାଇପାରେ ନାହିଁ । ଫାର୍ମଗୁଡ଼ିକରେ ଏପରି ବାଛୁରୀକୁ କଷକ୍ଷୀର ଖୋଇବା ପାଇଁ ଅନ୍ୟ ସଦ୍ୟ ଜନ୍ମ ଦେଇଥିବା ଗାଈର କଷକ୍ଷୀର ଅଣାଯାଇ ଦିଆଯାଇଥାଏ । ବିକାଶଶୀଳ ଦେଶରେ ଗୋପାଳକମାନେ ସେମାନଙ୍କର ବଳକା କଷ କ୍ଷୀରକୁ ହିମୀକୃତ ଉପାୟରେ ଅଧିକ ଦିନ ସାଇତି ରଖିଥାନ୍ତି ଏବଂ ମା' ହୀନ ବାଛୁରୀକୁ ଏହି କଷକ୍ଷୀର ଖାଇବାକୁ ଦେଇଥାନ୍ତି ।

**କଷକ୍ଷୀର ଖୁଆଇବା ପରିମାଣ :** ସାଧାରଣତଃ କଷକ୍ଷୀର ପରିମାଣ ଗାଈର କ୍ଷୀର ଦେବା ଦକ୍ଷତା ଉପରେ ନିର୍ଭରକରେ । ଅଧିକ ଉତ୍ପାଦନକ୍ଷମ ବା ୧୫ ଲିଟରରୁ ଅଧିକ ଦୁଗ୍ଧ ଦେଉଥିବା ଗାଈ ବାଛୁରୀର ଆବଶ୍ୟକତାଠାରୁ ଅଧିକ କଷକ୍ଷୀର ପହ୍ନାରୁ ନିର୍ଗତ ହୋଇଥାଏ । ସେମାନେ ମୋଟ ଶାରୀରିକ ଓଜନର ଏକ ଦଶମାଂଶ (୧/୧୦) କଷକ୍ଷୀର ବା ୨ରୁ ୨.୫ ଲିଟର କଷକ୍ଷୀର ବାଛୁରୀଙ୍କୁ ପିଇବାକୁ ଦେବା ଦରକାର । ସେହିପରି ମଇଁଷି ବାଛୁରୀଙ୍କୁ ସେମାନଙ୍କ ଶାରୀରିକ ଓଜନର ଏକ ପଞ୍ଚଦଶାଂଶ (୧/୧୫) ବା ୧ରୁ ୧.୫ ଲିଟର କ୍ଷୀର ଦୈନିକ ପିଇବାକୁ ଦେବା ଉଚିତ ।

–ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ
(ପ୍ରାଣୀ ସମ୍ପଦ ବିଭାଗ)
ପ୍ଲଟ ନଂ–୨୭୬, ଲକ୍ଷ୍ମୀପ୍ରିୟା ଭବନ,
ମହାନଦୀ ବିହାର, କଟକ,
ମୋ : ୯୪୩୭୬୦୭୩୧୨

## ଅଳ୍ପରେ...



▶▶ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

▶▶ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

▶▶ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ



କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ପ୍ରୟୋଗ କରନ୍ତୁ।

▶▶ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍‌ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।



## ଧାନ ଫସଲରେ ରୋଗପୋକ ଦମନ

ଡାଲୁଆଧାନ ଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲିଟର କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଦିନେ ଦୁଇଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଆଖୁ କାଟିବା ସମୟରେ..

ଆଖୁଗଛକୁ ଏକ ପଡନ ସହ ଧାରୁଆ କତୁରିରେ ଭୂମି ସମାନକରି କାଟିଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲାପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ(୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ସଘନ ମାଛ



ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ । ଜାତିଆ ମାଛ ଯଥା– ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ । ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ । ଫଳରେ ମାଛ ଉତ୍ପାଦନ କମିଯିବ । ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ୧ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ । କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଭାକୁର, ୧୬୦୦ ରୋହି ଏବଂ ୧୨୦୦ ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ ।

## ପନିପରିବା...



ବାଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ । ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରମସ୍ତୁତ କରିବେ । ତଳି ପ୍ରସ୍ତୁତି – ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ତଳି ପଟି ତିଆରି କରନ୍ତୁ। ଦୁଇ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ । ତଳି ପଟିର ଚାରିପଟୁ ମାଟିନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ତଳି ପଟିରେ ୨-୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ । ତା' ପରେ ପ୍ରତି ତଳି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ । ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନ କରି ବୁଣନ୍ତୁ । ମଞ୍ଜି ବୁଣିବା ପରେ ଛଣ ବା ନଡ଼ା ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନାହିଁ। ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ଛଣ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ । ତଳି ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନକରି ଜମିରେ ଲଗାନ୍ତୁ। ୧ ଏକର ବାଇଗଣ ଓ ଲଙ୍କାମରିଚ ଚାଷ ପାଇଁ ଉପରୋକ୍ତ ଆକାର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ । ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷାକରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ।

# ସମନ୍ୱିତ କୃଷିରେ ମହୁଚାଷ

(ଶେଷ ଭାଗ)

ମହୁମାଛିଙ୍କୁ ଜନ୍ଦା, ପିମ୍ପୁଡ଼ି ଦାଉରୁ ରକ୍ଷାକରିବା ଜରୁରୀ। ସେମାନଙ୍କୁ ବିରକ୍ତକଲେ ସେମାନେ ଭୟଙ୍କର ହୋଇ ଆକ୍ରମଣ କରିଥାଆନ୍ତି। ନୂଆ ଦଳ ଗଠନ ସମୟରେ ବା ରାଣୀ ମହୁମାଛିର ଅନୁପସ୍ଥିତିରେ କିମ୍ବା ଝାଲୁଆ, କଳା, ମାଟିଆ ଓ ନାଲି ରଙ୍ଗର ପୋଷାକ ପିନ୍ଧିଥିଲେ, ନଚେତ୍ ମହୁମାଙ୍କ ପଥ ଅବରୋଧ କଲେ ମହୁମାଛି ଏକତ୍ରିତ ହୋଇ ଆକ୍ରମଣ କରିଥାଆନ୍ତି। ସେଥିପାଇଁ ମହୁମାଛି ବସା ଦେଖିବା ବେଳେ ସାମ୍ନା ପଟରୁ ନ ଯାଇ କଡ଼ ପଟୁ ଯିବା ଦରକାର। ସତର୍କତାର ସହ ଓ ଧୀରେ ଧୀରେ ମହୁମାଛି ବାକ୍ସ ଖୋଲିବା ଉଚିତ। ମହୁମାଛିଙ୍କୁ ଆୟତ୍ତ କରିବା ନିମିତ୍ତ ଧୂଆଁନଳୀ ବ୍ୟବହାର କରାଯାଏ। ବାକ୍ସ ଖୋଲିବା ସମୟରେ ପୂରା ଦେହକୁ ଢାଙ୍କି ମୁହଁରେ ମାସ୍କ ଲଗାଯାଏ। କୌଣସି କାରଣରୁ ଯଦି ମହୁମାଛି ଆକ୍ରମଣକରି ଲାହୁଡ଼ ଛାଡ଼ିଥାଆନ୍ତି, ତେବେ ତୁରନ୍ତ ଲାହୁଡ଼ଗୁଡ଼ିକୁ ମୁନିଆଁ ଚିମୁଟା ଦ୍ୱାରା ବା ନଖ ସାହାଯ୍ୟରେ କାଢ଼ି ଦେଇ ଡେଟଲ ଲଗାଇ ଦେଲେ ବିନ୍ଧା ଓ ଯନ୍ତ୍ରଣା ଲାଘବ ହୋଇଥାଏ।

**ମହୁମାଛିର ଯତ୍ନ :** ଯଦି ମହୁମାଛିମାନେ ଗୋଡ଼ରେ କେଶର ଧରି ଆସୁଛନ୍ତି ଏବଂ ମଳାମାଛି ଓ ଅଣ୍ଡାକୁ ବାହାର କରୁଛନ୍ତି, ତେବେ ମହୁମାଛିଗୁଡ଼ିକ ବାକ୍ସରେ ରହିବାକୁ ଉଚିତ ମଣିଲେ ବୋଲି ବୁଝାଯିବ। ପ୍ରତି ସପ୍ତାହରେ ବାକ୍ସ ଖୋଲି ଫେଣା ସହ ଫ୍ରେମ୍‌କୁ ଟେକିଦିଆଯାଏ। ପୁରୁଷ ମାଛି ମହୁ ଖାଏ ଏବଂ କାର୍ଯ୍ୟରେ ଅଳସୁଆ। ଯେଉଁ କୋଷଗୁଡ଼ିକ ଅଣ୍ଡିରା ଛୁଆ ହେବାକୁ ଥିବ, ତାହା ସାଧାରଣ ଫେଣାଠାରୁ ଉଚ୍ଚ ଓ ତାହାର ଅଗ୍ରଭାଗ ଗୋଲାକାର ଫୋଟକା ବା ଭାଟୁଡ଼ି ପରି ଦେଖାଯାଏ। ଫେଣାରୁ ସେସବୁକୁ ନଷ୍ଟ କରିଦେବା ଭଲ। ଗୋଟିଏ ଦଳରେ ଏକରୁ ଅଧିକ ରାଣୀମାଛି ରହିଲେ ଦଳଟି ବିରକ୍ତ ହୋଇଯାଏ। ରାଣୀ ବୟସ୍କ ହୋଇଗଲେ ରାଣୀ ଅଣ୍ଡା ରଖିବା ଦରକାର ପଡ଼େ। ଫେଣା ମଝିରେ କୁଇନ୍ କୋଷ ଆବୁ ପରି ଦେଖାଯାଏ। ଯେଉଁଦିନ ରାଣୀମାଛି ବାହାରେ, ସେଦିନ ଅନ୍ୟ କୁଇନ୍‌କୋଷଗୁଡ଼ିକୁ ନଷ୍ଟ କରିଦେବା ଆବଶ୍ୟକ। ୨୧ଦିନ ପରେ ରାଣୀ ବାହାରକୁ ବାହାରି ୨-୩ ଦିନ ମଧ୍ୟରେ ଏକ ଶକ୍ତିଶାଳୀ ପୁରୁଷ ମହୁମାଛି ସହ ସଙ୍ଗମ କରିଥାଏ। ସେତେବେଳେ କୁଇନ୍ ଗେଟ୍ ଖୋଲା ରଖାଯାଏ। ବିଭିନ୍ନ ମାଛି ଦଳର ଗନ୍ଧ ଭିନ୍ନ।



ଯଦି ଏକ ଦଳର ମହୁମାଛି ଅନ୍ୟ ଦଳର ବାକ୍ସରେ ପଶିଯାଏ, ତେବେ ଯୁଦ୍ଧ ହୋଇଥାଏ। ସେ ସମୟରେ ଡିଟରଜେଣ୍ଟ ପାଉଡର ବାକ୍ସ ଭିତରକୁ ଛାଡ଼ି ଦେଲେ ଯୁଦ୍ଧ ବନ୍ଦ ହୋଇଯାଏ। କାରଣ ଆଉ ଗନ୍ଧ ଜଣାପଡ଼ି ନ ଥାଏ। ଯେତେବେଳେ ବଡ଼ ଚାମ୍ବରରେ ଥିବା ଫେଣାଗୁଡ଼ିକରେ ମହୁ ପୂରିଯାଇଥାଏ, ସେତେବେଳେ ସୁପର ଫ୍ରେମ୍ ଲଗାଯାଏ। ସୁପର ଚାମ୍ବରର ମହୁଫେଣା ୮୦-୯୦ ଭାଗ ବନ୍ଦ ହୋଇଯିବା ଦେଖାଗଲେ ମହୁ ସଂଗ୍ରହ ପାଇଁ ଉପଯୁକ୍ତ ବୋଲି ବୁଝାପଡ଼େ। ମହୁ ବାହାର କରିବା ପଦ୍ଧତି ଅନୁସରଣକରି ମହୁକୁ ବିଶୋଧନ କରାଯାଏ। ଗୋଟିଏ ଭଲ ବାକ୍ସରେ ଥରକେ ୧ କି.ଗ୍ରା. ମହୁ ମିଳିଥାଏ। ଗୋଟିଏ ବର୍ଷରେ ଗୋଟିଏ ବାକ୍ସରୁ ୧୦ କି.ଗ୍ରା. ଯାଏ ମହୁ ଆଦାୟ ହୋଇଥାଏ।

**୧୦ଟି ମହୁବାକ୍ସ ରଖିବାରେ ଆୟବ୍ୟୟ :** ମହୁମାଛି ଓ ଯନ୍ତ୍ରପାତି ବାବଦରେ ୧୫,୦୦୦ଟଙ୍କା ଖର୍ଚ୍ଚ ହୋଇଥାଏ। ଘରୋଇ ମଜୁରି (ବର୍ଷକୁ) ୨୦,୧୦୦ଟଙ୍କା ଏବଂ ବର୍ଷକୁ ୧୦ଟି ବାକ୍ସ ପ୍ରତି ଲାଭ ୨୪,୩୦୦ ଟଙ୍କା ହୋଇଥାଏ। ଏହି ୧୦ଟି ବାକ୍ସରୁ ତିନି ବର୍ଷରେ ୨୭୦ କି.ଗ୍ରା. ମହୁ ଅମଳ ହୋଇଥାଏ।

**ଜାଣିରଖନ୍ତୁ :** ମହୁମାଛି ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ନ ହେବା ଭଳି ସ୍ଥାନରେ ପୂର୍ବ ଦିଗକୁ ମୁହଁକରି ମହୁବାକ୍ସ ବସାଯାଏ। ମହୁମାଛି ଚଳପ୍ରଚଳ ନିମିତ୍ତ ଫସଲରେ ରାସାୟନିକ କୀଟନାଶକ ପ୍ରୟୋଗ ନ ହେବା ଆବଶ୍ୟକ। ଜରୁରୀରେ ଥିଲେ ଅପରାହ୍ଣ ୩-୫ ଘଟିକା ସମୟରେ ଫସଲରେ କୀଟନାଶକ ସିଞ୍ଚନ କରାଯାଇପାରେ। ଅଧିକନ୍ତୁ, ବିଷ ପ୍ରୟୋଗର ଦିନକ ପୂର୍ବରୁ ସନ୍ଧ୍ୟା ସମୟରେ ବାକ୍ସର ମୁହଁକୁ ବନ୍ଦ ରଖି ତା' ପରଦିନ ସନ୍ଧ୍ୟାରେ ଖୋଲାଯାଇପାରେ। ବଂଶବୃଦ୍ଧି ହୋଇ ମାଛି ଦଳ ଦଳ ଭାଗ ଭାଗ ହେବା ପୂର୍ବରୁ ମାଛି ଦଳକୁ ଅଲଗା କରାଯାଏ, ନଚେତ୍ ରାଣୀ ଖୋପ ନଷ୍ଟ କରାଯାଏ। ମହୁ ସାଇତିବା ନିମନ୍ତେ ପରିଷ୍କାର କାଚପାତ୍ର ବ୍ୟବହାର କରନ୍ତୁ। ମହୁବାକ୍ସକୁ ଶାନ୍ତ ମନରେ ଧୀରସ୍ଥିର ହୋଇ ସତର୍କତାର ସହ ଖୋଲିବା ଉଚିତ ଏବଂ ନିରାପତ୍ତା ନିମିତ୍ତ ସର୍ବଦା ଧୂଆଁନଳୀ ପାଖରେ ରହିବା ଭଲ।

**–ଡ. ପରେଶ କୁମାର ପଣ୍ଡା,**
ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର
ମୋ : ୯୪୩୭୧୧୨୭୦୪




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଟି୨୦ ବିଶ୍ୱକପ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ସୁପର-୮, ଗ୍ରୁପ୍-୧ | | | | | | |
| ଭାରତ | ୩ | ୩ | ୦ | ୦ | ୬ | +୨.୦୧୭ |
| ଆଫଗାନିସ୍ତାନ | ୩ | ୨ | ୧ | ୦ | ୪ | -୦.୨୬୭ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୦ | ୨ | -୦.୩୩୧ |
| ବାଂଲାଦେଶ | ୩ | ୦ | ୩ | ୦ | ୦ | -୧.୭୧୪ |
| ସୁପର-୮, ଗ୍ରୁପ୍-୨ | | | | | | |
| ଦକ୍ଷିଣ ଆଫ୍ରିକା | ୩ | ୩ | ୦ | ୦ | ୬ | +୦.୬୮୦ |
| ଇଂଲଣ୍ଡ | ୩ | ୨ | ୧ | ୦ | ୪ | +୧.୯୯୨ |
| ୱେଷ୍ଟଇଣ୍ଡିଜ | ୩ | ୧ | ୨ | ୦ | ୨ | +୦.୬୮୬ |
| ଆମେରିକା | ୩ | ୦ | ୩ | ୦ | ୦ | -୩.୯୦୬ |

## କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ଭେନ୍ୟୁ | ସମୟ |
|---|---|---|---|
| ଜୁନ୍ ୨୭ | **ପ୍ରଥମ ସେମିଫାଇନାଲ** | | |
| | ଦ.ଆଫ୍ରିକା ବନାମ ଆଫଗାନିସ୍ତାନ | ତ୍ରିନିଦାଦ | ସକାଳ ୬ଟା |
| | **ଦ୍ୱିତୀୟ ସେମିଫାଇନାଲ** | | |
| | ଭାରତ ବନାମ ଇଂଲଣ୍ଡ | ଗୁଏନା | ରାତି ୮ଟା |
| **ଜୁନ୍ ୨୯** | **ଫାଇନାଲ** | **ବାର୍ବାଡୋସ** | **ରାତି ୮ଟା** |

# ଆଫଗାନିସ୍ତାନ କ୍ରିକେଟରେ ସୁବର୍ଣ୍ଣ ଅଧ୍ୟାୟ

**କିଙ୍ଗଷ୍ଟନ, ୨୫।୬**

ଆଫଗାନିସ୍ତାନ କ୍ରିକେଟ ଇତିହାସରେ ଯୋଡ଼ିହୋଇଛି ସୁବର୍ଣ୍ଣ ଅଧ୍ୟାୟ। ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି ରଶିଦ ଖାଁଙ୍କ ନେତୃତ୍ୱାଧୀନ ଏହି ଦଳ। ଆଫଗାନିସ୍ତାନ ପାଇଁ କୌଣସି ଆଇସିସି ବିଶ୍ୱକପ୍‌ର ସେମିଫାଇନାଲରେ ଏହା ପ୍ରଥମ ପ୍ରବେଶ। ଅତୀତରେ ଯୁଦ୍ଧର ପ୍ରଭାବ, ରାଜନୈତିକ ଅସ୍ଥିରତା ଏବଂ କ୍ରିକେଟର ଦୃଢ଼ ଭିତ୍ତି ନ ଥିଲେ ମଧ୍ୟ ଦଳର ଏହି ସଫଳତା ଦେଶର କ୍ରିକେଟ ପ୍ରେମୀଙ୍କୁ ଉଲ୍ଲସିତ କରିଛି। ମଙ୍ଗଳବାର

## ଟି୨୦ ବିଶ୍ୱକପ୍

ଏଠାରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଅନ୍ତିମ ସୁପର-୮ ମ୍ୟାଚରେ ଆଫଗାନିସ୍ତାନ ଡକ୍‌ୱର୍ଥ ଲୁଇସ (ଡିଏଲ୍‌ଏସ୍) ନିୟମରେ ବାଂଲାଦେଶକୁ ୮ ରନରେ ପରାସ୍ତ କରି ଏହି ଗୌରବ ଅର୍ଜନ କରିଛି। ଲୋ ସ୍କୋରିଂ ମ୍ୟାଚରେ ଆଫଗାନିସ୍ତାନ ୨୦ ଓଭରରେ ୫ ଉଇକେଟ ହରାଇ ୧୧୫ ରନ କରିଥିଲା। ବାଂଲାଦେଶ ଇନିଂସ ବର୍ଷା ଯୋଗୁ ଏକାଧିକଥର ବାଧାପ୍ରାପ୍ତ ହୋଇଥିବାରୁ ମ୍ୟାଚକୁ ୧୯ ଓଭର ବିଶିଷ୍ଟ କରାଯାଇ ୧୧୪ ରନ ଟାର୍ଗେଟ ଦିଆଯାଇଥିଲା। ମାତ୍ର ବାଂଲାଦେଶ ୧୭.୫ ଓଭରରେ ୧୦୫ ରନକରି ଅଲ୍‌ଆଉଟ ହୋଇଥିଲା। ଦଳର ଘଡ଼ିସନ୍ଧି ମୁହୂର୍ତ୍ତରେ ଉଇକେଟ ବାହାରକରି ଆଫଗାନିସ୍ତାନକୁ ବିଜୟ ସ୍ୱାଦ ଚଖାଇଥିବା ଦ୍ରୁତ ବୋଲର ନଭିନ-ଉଲ-ହକ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବରୁ ଆଫଗାନିସ୍ତାନ କେବେହେଲେ ଟି୨୦ ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲା। ୨୦୦୭ ଓ ୨୦୦୯ରେ ଖେଳି ନ ଥିବାବେଳେ ୨୦୧୦, ୨୦୧୨ ଓ ୨୦୧୪ରେ ପ୍ରଥମ ରାଉଣ୍ଡ ଏବଂ ୨୦୧୬, ୨୦୨୧ ଓ ୨୦୨୨ରେ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଥିଲା। ଏଥର କିନ୍ତୁ ଦଳ ସେମିଫାଇନାଲରେ ପ୍ରବେଶ କରି ବିଶ୍ୱ କ୍ରିକେଟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୨୭ ତାରିଖରେ ହେବାକୁଥିବା ସେମିଫାଇନାଲରେ ଆଫଗାନିସ୍ତାନ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ।

ଟସ୍ ଜିତି ବ୍ୟାଟିଂ ନେଇଥିବା ଆଫଗାନିସ୍ତାନ ରମାନୁଲ୍ଲା ଗୁରବାଜ ଓ ଇବ୍ରାହିମ୍ ଜଡ୍ରାନଙ୍କ ମାଧ୍ୟମରେ ଭଲ ଆରମ୍ଭ କରିଥିଲା। ପିଚ୍ ସ୍ଲୋ ଥିବାରୁ ଦ୍ରୁତ ହାରରେ ରନ ସଂଗ୍ରହ ହୋଇପାରି ନ ଥିଲେ ମଧ୍ୟ ଦୁହେଁ ଓପନିଂ ଯୋଡ଼ିରେ ୫୯ ରନ ଯୋଗ କରିଥିଲେ। ଗୁରବାଜ ଦଳ ପକ୍ଷରୁ ସର୍ବାଧିକ ୪୩ ରନ କରିଥିଲେ। ମିଡଲ ଅର୍ଡର ବିଫଳତା ଯୋଗୁ ସ୍କୋର ୩ ଅଙ୍କ ସ୍ପର୍ଶ କରିବା ଆଶଙ୍କାରେ ଥିଲା। ମାତ୍ର ଶେଷ ଭାଗରେ ରଶିଦ ଖାଁ ୧୯ ରନକରି ଅପରାଜିତ ରହିବାରୁ ଦଳୀୟ ସ୍କୋର ୧୧୫ରେ ପହଞ୍ଚିଥିଲା। ବାଂଲାଦେଶ ପକ୍ଷରୁ ରିଶଦ ହୋସେନ ୩ଟି ଉଇକେଟ ନେଇଥିଲେ। ୧୧୬ ରନ ବିଜୟ ଲକ୍ଷ୍ୟ ଥିଲେ ହେଁ ବାଂଲାଦେଶ ପକ୍ଷରୁ ଲିଟନ ଦାସଙ୍କ ବ୍ୟତୀତ ଅନ୍ୟ ସମସ୍ତ ବ୍ୟାଟର ଆତ୍ମସମର୍ପଣ ଭଳି ପ୍ରଦର୍ଶନ କରିଥିଲେ। ଲିଟନ ଲଢୁଆ ଇନିଂସ ଖେଳି ଗୋଟିଏ ପଟରେ ୫୪ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବାବେଳେ ଅନ୍ୟ ପଟରେ ନିୟମିତ ବ୍ୟବଧାନରେ ଉଇକେଟ ପତନ ବାଂଲାଦେଶ ପାଇଁ ବିପର୍ଯ୍ୟୟ ଡାକି ଆଣିଥିଲା। ୮ ଜଣ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ୧୧.୪ ଓଭରରେ ବାଂଲାଦେଶ ୭ ଉଇକେଟ ହରାଇ ୮୧ ରନ କରିଥିବାବେଳେ ବର୍ଷା ଆରମ୍ଭ ହୋଇଥିଲା। ଫଳରେ ମ୍ୟାଚକୁ ୧୯ ଓଭରକୁ ହ୍ରାସ କରାଯାଇଥିଲା ଏବଂ ଟାର୍ଗେଟ ୧୧୪ ରଖାଯାଇଥିଲା। ଏହାପରେ ବର୍ଷା ଯୋଗୁ ଏକାଧିକ ଥର ଖେଳ ବାଧାପ୍ରାପ୍ତ ହୋଇଥିବାବେଳେ ମ୍ୟାଚ ବିଭିନ୍ନ ଦଳ ସପକ୍ଷକୁ ଢଳିଥିଲା। ମାତ୍ର ୧୮ତମ ଓଭରର ୪ର୍ଥ ଓ ୫ମ ବଲ୍‌ରେ ନଭିନ-ଉଲ-ହକ୍ କ୍ରମାଗତ ତାସକିନ ଅହମଦ ଓ ମୁସ୍ତାଫିଜୁର ରହମନଙ୍କୁ ଆଉଟ କରି ଆଫଗାନିସ୍ତାନକୁ ଅବିଶ୍ୱସନୀୟ ବିଜୟ ଭେଟି ଦେଇଥିଲେ। ନଭିନ ଓ ରଶିଦ ଖାଁ ୪ଟି ଲେଖାଏ ଉଇକେଟ ନେଇଥିଲେ। ଫଜଲକ୍ ଫାରୁକି ଓ ଗୁଲବଦିନ ନାଇବଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।



ଆଫଗାନିସ୍ତାନ ଦଳର ସଦସ୍ୟମାନେ ଅଧିନାୟକ ରଶିଦ ଖାଁଙ୍କୁ ଖୁସିରେ ଟେକି ଧରିଛନ୍ତି।



ପ୍ଲେୟର ଅଫ୍ ଦି ମ୍ୟାଚ ନଭିନ-ଉଲ-ହକ୍।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୨୦ ଓଭରରେ ୧୧୫/୫ (ରମାନୁଲ୍ଲା ଗୁରବାଜ-୪୩, ରଶିଦ ଖାଁ-୧୯*, ରିଶଦ ହୋସେନ-୩/୨୬, ତାସକିନ ଅହମଦ-୧/୧୨, ମୁସ୍ତାଫିଜୁର ରହମନ-୧/୧୭)। ଡକ୍‌ୱର୍ଥ ଲୁଇସ ନିୟମରେ ବାଂଲାଦେଶ ଆଗରେ ୧୯ ଓଭରରେ ୧୧୪ ବିଜୟ ଲକ୍ଷ୍ୟ। ବାଂଲାଦେଶ ୧୭.୫ ଓଭରରେ ୧୦୫/ଅଲ୍‌ଆଉଟ (ଲିଟନ ଦାସ-୫୪*, ନଭିନ ଉଲ୍ ହକ୍-୪/୨୬, ରଶିଦ ଖାଁ-୪/୨୩, ଫଜଲକ୍ ଫାରୁକି-୧/୧୫, ଗୁଲବଦିନ ନାଇବ-୧/୧/୫)।


# Classified Everyday
**0674-2580101, 2549949**



MATRIMONIAL

**BRIDE WANTED**

Wanted bride for Retd. Addl. Secretary- age-61 settled in BBSR. Only candidates above 55 to contact No- 9556688130. D-546

**GROOM WANTED**

Established Family of Bhubaneswar solicites proposals for remarriage of their daughter working at Hyderabad. Contact 94376 31126. D-71583

**63 ବୟସ୍କା Govt. Retd. ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। (urgent need). 9040735429.** D-556

49 ବୟସ୍କା Govt. Teacher କରଣ ଜାତିର ବିଧବା ନିଃସନ୍ତାନ ଝିଅଙ୍କୁ ଯେକୌଣସି ଜାତିର ଯୋଗ୍ୟ ବରପାତ୍ର ଆବଶ୍ୟକ। 7606067313. D-554

Height 5' ଅଙ୍ଗନୱାଡି ସୁପରଭାଇଜର Widow ୪୪ ବୟସ୍କା ବ୍ରାହ୍ମଣ ଝିଅଙ୍କୁ ପୁଅ ଦରକାର। ଯୋଗାଯୋଗ- 6370471610. D-577



REAL ESTATE

**SALE**

**1BHK Ready to move in flats available in Hi-Tech Brundaban Project near Bata-mangala Temple, Puri Town. 9937787418, 9348871859.** D-570

**BDA new planning area at Benupur low cost investment plots available, price starts from @ 799/-. 6371364640.** D-75966

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-417

Bhubaneswar କଳ୍ପନା ଛକରୁ 6.5K.M. ଦୂରତାରେ ଘରବାରି boundarywall plot କିଣନ୍ତୁ 1470/-, ସୁନ୍ଦରପଦା 1350/-, IIT Arugul- 420/-, ପ୍ରତାପନଗରୀ- 1470/-. 7853913366. D-75967

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666.** D-268



CONSTRUCTION

**Construct your dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-418

**ACCOMMODATION**

**Free accommodation for Senior Citizen & mentally ill person with all facilities. Contact- 9337160036, 7325991853.** D-564

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

**Relax, Refresh your body, Mind at Saikrupa SPA with best therapies. 8984068077.** D-527

Monalisa massage Club: All types Body massage with hiprofile smart lady rooms service available. 9708545108. D-555

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75754

**AFFIDAVIT**

Affidavit No.-76, dt 24.06.2024 before Executive Magistrate, Bhubaneswar my name has changed from Kuni Majhi to Pratima Majhi. Henceforth, I shall be known as Pratima Majhi, W/o- Surendra Majhi, At- Jamukoli, P.O.- Panchagaon, P.S.- Airfield, Bhubaneswar, Dist.- Khordha, PIN-752050 for all purposes. D-574

By virtue of an affidavit No.- Sl- 239, dated 24.06.2024 before Notary Public, Cuttack, I, KOBAGAPU NAGAMMA, aged about 57 years, W/o- K.Lakshman Rao, At- Uppersahi, Sikharpur, P.O.- College Square, P.S.- Chauliaganj, Dist.- Cuttack do hereby state that in Passport my name has been wrongly mentioned as KABAGAPU NAGAMMA. Hence I shall be known as KOBAGAPU NAGAMMA for all future purpose. D-576

By virtue of an affidavit before the Executive Magistrate, Junagarh, I, Gobinda Hati, Vill- Chikli, P.O.- Gondchhendia, P.S.- Junagarh, Kalahandi declare that my daughter name wrongly mentioned as Deepika Hati in her Aadhaar Card. But actually her name is Pritimanjari Hati as Birth Certificate. Deepika Hati & Pritimanjari Hati is one and the same person. Hence, she known as Pritimanjari Hati for all purposes. D- 581

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Kabisurya Nagar, date- 18.04.2024 I, Mamata Kumari Sasmal, W/o- Kailash Nahak, Vill- Arabinda Nagar, P.O./ P.S.- Kabisurya Nagar, Dist.- Ganjam, Odisha declare that I have changed my surname from Mamata Nahak to Mamata Kumari Sasmal. Henceforth, I shall be known as Mamata Kumari Sasmal for all purposes. D-580

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ଜନ୍ମଦିନ ଶୁଭେଚ୍ଛା**



ସତ୍ୟଜିତ୍ ଖମାରୀ (ଓମ୍)
ବୁଗବୁଗା, ଅତାବିରା, ବରଗଡ଼
ତୋର ଚଲାପଥ କୁସୁମିତ ହେଉ। ଆଜି ତୋର ସପ୍ତମ ଜନ୍ମବାର୍ଷିକୀରେ ମାଁ ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା।
ଶ୍ରୀଜିତ, ପ୍ରିୟାଂଶା, ଅଭିଳାଷା, ଅଭିଜିତ୍, ଅଭିଲିପ୍ସା, ସୋନାଲିସା, ରୋଜାଲିସା, ଆଲିସା, ଲିପ୍ସା।
ଧ-୫୭୫

**15th Marriage Anniversary**



SUDHIR (Lulu)
With
MADHUMITA (Geeta)
With best complimentary from Khushi (Daughter), Family Members, Friends, Relatives and others.
ଧ-୭୬୦୧୪

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜୁନ୍ ୨୬/୨୦୨୪ Bhubaneswar, Wednesday, June 26/ 2024

# ଦକ୍ଷିଣ ଆଫ୍ରିକା-ଆଫଗାନିସ୍ତାନ, ଭାରତ-ଇଂଲଣ୍ଡ ସେମିଫାଇନାଲ

**କିଙ୍ଗଷ୍ଟନ, ୨୫।୬**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟ ମଙ୍ଗଳବାର ଶେଷ ହୋଇଛି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଅନ୍ତିମ ସୁପର-୮ ମ୍ୟାଚରେ ବାଂଲାଦେଶକୁ ଆଫଗାନିସ୍ତାନ ହରାଇବା ଦ୍ୱାରା ଅଷ୍ଟ୍ରେଲିଆର ଅଭିଯାନ ଶେଷ ହୋଇଛି। ଗୁରୁବାର ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ ତ୍ରିନିଦାଦରେ ଖେଳାଯିବ। ସେହିପରି ଗୁଏନାରେ ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ଭେଟିବ ଟିମ୍ ଇଣ୍ଡିଆ। ୨୯ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ।

## ଆଫଗାନିସ୍ତାନ କ୍ରିକେଟରେ ସୂର୍ଯ୍ୟୋଦୟ

ଟୁର୍ନାମେଣ୍ଟରେ ସବୁଠାରୁ ଅଧିକ ବିସ୍ମୟ ସୃଷ୍ଟି କରିଛି ଆଫଗାନିସ୍ତାନ। ଅଣ୍ଡରଡଗ୍ ଭାବେ ଏହି ଦଳ ନାଟକୀୟ ବିପର୍ଯ୍ୟୟ ଘଟାଇ ପ୍ରଥମଥର ପାଇଁ କୌଣସି ଏକ ଆଇସିସି ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶକରି ଏହାର କ୍ରିକେଟ ଇତିହାସକୁ ଋଦ୍ଧିମନ୍ତ କରିଛି। ଗ୍ରୁପ୍ ପର୍ଯ୍ୟାୟରେ ଉଗାଣ୍ଡାକୁ ୧୨୫ ରନରେ ହରାଇ ଅଭିଯାନ ଆରମ୍ଭ କରିଥିବା ଆଫଗାନିସ୍ତାନ ଦ୍ୱିତୀୟ ମ୍ୟାଚରେ ଶକ୍ତିଶାଳୀ ନ୍ୟୁଜିଲାଣ୍ଡକୁ ୮୪ ରନରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲା। ତୃତୀୟ ମ୍ୟାଚରେ ପପୁଆ ନ୍ୟୁ ଗିନିକୁ ୭ ଉଇକେଟରେ ହରାଇବା ପରେ ନିଜର ଅନ୍ତିମ ଗ୍ରୁପ୍ ମ୍ୟାଚରେ ୱେଷ୍ଟଇଣ୍ଡିଜଠାରୁ ୧୦୪ ରନରେ ହାରିଥିଲେ ହେଁ ୬ ପଏଣ୍ଟ ପାଇ ଗ୍ରୁପ୍-ସି'ର ଦ୍ୱିତୀୟ ଦଳଭାବେ ସୁପର-୮ରେ ପ୍ରବେଶ କରିଥିଲା। ଏହି ପର୍ଯ୍ୟାୟରେ ମଧ୍ୟ ଦଳ ଜିଆଣ୍ଟ କିଲର ବିବେଚିତ ହୋଇଥିଲା। ନିଜର ପ୍ରଥମ ମ୍ୟାଚରେ ଭାରତଠାରୁ ୪୭ ରନରେ ପରାଜିତ ହୋଇଥିଲେ ମଧ୍ୟ ଦ୍ୱିତୀୟ ମ୍ୟାଚରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୨୧ ରନରେ ହରାଇ ଆଶା ଉଜ୍ଜୀବିତ କରିଥିଲା। ଅଷ୍ଟ୍ରେଲିଆ ଏହାର ଅନ୍ତିମ ସୁପର-୮ ମ୍ୟାଚରେ ଭାରତଠାରୁ ହାରିଯିବାରୁ ଆଫଗାନିସ୍ତାନର ସମ୍ଭାବନା ବଢ଼ି ଯାଇଥିଲା। ରଶିଦ ଖାଁଙ୍କ ନେତୃତ୍ୱାଧୀନ ଦଳକୁ ଅନ୍ତିମ ମ୍ୟାଚରେ ବାଂଲାଦେଶକୁ ହରାଇବା ଆବଶ୍ୟକ ହେଉଥିଲା। ମଙ୍ଗଳବାର ଏକ ଲୋ ସ୍କୋରିଂ ମ୍ୟାଚରେ ବିଭିନ୍ନ ସମୟରେ ନାଟକୀୟ ମୋଡ଼ ନେଇଥିବା ଗେମ୍‌ରେ ଶେଷରେ ବିଜୟ ଧ୍ୱଜା ଉଡ଼ାଇଥିଲା ଆଫଗାନିସ୍ତାନ। ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରି ଇତିହାସ ରଚିଥିଲା। ଏହା ଦେଶର କ୍ରିକେଟ ପ୍ରେମୀଙ୍କ ପାଇଁ ବିଶ୍ୱକପ୍ ବିଜୟଠାରୁ କମ୍ ଖୁସି ଆଣି ନ ଥିଲା। ବିଭିନ୍ନ ସ୍ଥାନରେ କ୍ରିକେଟ ପ୍ରଶଂସକମାନେ ରାସ୍ତାକୁ ଚାଲିଆସି ଖୁସି ମନାଇଥିବା ପରିଲକ୍ଷିତ ହୋଇଥିଲା। ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ଚ୍ୟାଲେଞ୍ଜକୁ ପ୍ରତିହତ କରିପାରିଲେ ଏହି ଦଳ ଫାଇନାଲରେ ପ୍ରବେଶ କରିବ।

**ଟି୨୦ ବିଶ୍ୱକପ**

## ଭାରତ ଆଗରେ ଇଂଲଣ୍ଡ ଚ୍ୟାଲେଞ୍ଜ

ଭାରତ ସେମିଫାଇନାଲରେ ଅନ୍ୟତମ ଟାଇଟଲ ଫେଭରାଇଟ ଇଂଲଣ୍ଡକୁ ଭେଟିବ। ୨୦୨୨ରେ ଅନୁଷ୍ଠିତ ଗତ ବିଶ୍ୱକପ୍‌ର ସେମିଫାଇନାଲରେ ଭାରତକୁ ହରାଇ ଇଂଲଣ୍ଡ ଫାଇନାଲରେ ପ୍ରବେଶ କରିଥିଲା ଏବଂ ଚାମ୍ପିୟନ ମଧ୍ୟ ହୋଇଥିଲା। ତେଣୁ ଏବେ ସମାନ ପ୍ରତିଦ୍ୱନ୍ଦ୍ୱୀ ଥିବାରୁ ଏହାର ଚ୍ୟାଲେଞ୍ଜକୁ ପ୍ରତିହତ କରି ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେବାକୁ ସୁଯୋଗ ଆସିଛି। ଚଳିତ ବିଶ୍ୱକପ୍‌ରେ ଭାରତ ଏପର୍ଯ୍ୟନ୍ତ ଅପରାଜେୟ ରହିଛି। ପ୍ରଥମ ମ୍ୟାଚରେ ଆୟର୍ଲାଣ୍ଡକୁ ୮ ଉଇକେଟରେ ହରାଇ ଅଭିଯାନ ଆରମ୍ଭ କରିଥିବା ଟିମ୍ ଇଣ୍ଡିଆ ଦ୍ୱିତୀୟ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬ ଉଇକେଟରେ ପରାସ୍ତ କରି ମନସ୍ତାତ୍ତ୍ୱିକ ବିଜୟ ହାସଲ କରିଥିଲା। ତୃତୀୟ ମ୍ୟାଚରେ ଆମେରିକାକୁ ୭ ଉଇକେଟରେ ହରାଇଥିବାବେଳେ କାନାଡ଼ା ବିପକ୍ଷ ୪ର୍ଥ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ସୁପର-୮ର ୩ଟି ମ୍ୟାଚରେ ଯଥାକ୍ରମେ ଆଫଗାନିସ୍ତାନ, ବାଂଲାଦେଶ ଓ ଅଷ୍ଟ୍ରେଲିଆକୁ ହରାଇ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା।

## ଅଷ୍ଟ୍ରେଲିଆ ଅଭିଯାନ ଶେଷ

ଅନ୍ୟତମ ଟାଇଟଲ ଫେଭରାଇଟ ଅଷ୍ଟ୍ରେଲିଆର ଅଭିଯାନ ଏଥର ସୁପର-୮ ପର୍ଯ୍ୟାୟରୁ ଶେଷ ହୋଇଛି। ବାଂଲାଦେଶ ବିପକ୍ଷରେ ଆଫଗାନିସ୍ତାନର ବିଜୟ ଅଷ୍ଟ୍ରେଲିଆର ସାମାନ୍ୟତମ ସମ୍ଭାବନାକୁ ଶେଷ କରି ଦେଇଛି। ଲିଗ୍ ପର୍ଯ୍ୟାୟରେ ୪ ଏବଂ ସୁପର-୮ରେ ଗୋଟିଏ ଏହିପରି କ୍ରମାଗତ ୫ ମ୍ୟାଚ ଜିତି ଆଗକୁ ବଢ଼ିଥିଲା ଅଷ୍ଟ୍ରେଲିଆ। ମାତ୍ର ଶେଷ ୨ଟି ମ୍ୟାଚରେ ଭାରତ ଓ ଆଫଗାନିସ୍ତାନଠାରୁ ପରାଜୟ ଦଳକୁ ବିଦାୟ ପଥ ଦେଖାଇଥିଲା।



ବାଂଲାଦେଶକୁ ହରାଇ ଆଫଗାନିସ୍ତାନ ଟି୨୦ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିବା ପରେ ଖୋସ୍ତରେ କ୍ରିକେଟ ପ୍ରେମୀମାନେ ବିଜୟ ଉତ୍ସବ ମନାଉଛନ୍ତି।

# ଆଫଗାନ ଦଳକୁ ଅଭିନନ୍ଦନର ସୁଅ

**କାବୁଲ,୨୫।୬(ପି.ଟି.)**

ପ୍ରଥମ ଥର ଟି୨୦ ବିଶ୍ୱକପ୍ କ୍ରିକେଟ ସେମିଫାଇନାଲରେ ପ୍ରବେଶ କରିଥିବା ଆଫଗାନିସ୍ତାନ ଦଳ ପାଇଁ ଛୁଟିଛି ଅଭିନନ୍ଦନର ସୁଅ। ଆଫଗାନ କ୍ରିକେଟର ଏହି ଐତିହାସିକ ଦିନକୁ ବିଭିନ୍ନ ସହରର ଲକ୍ଷ ଲକ୍ଷ ଫ୍ୟାନ୍ ଉପଭୋଗ କରିଥିଲେ। ନଭିନ-ଉଲ-ହକ୍ ବାଂଲାଦେଶ ଇନିଂସର ଶେଷ ଉଇକେଟ ନେବା ପରେ ଖୋସ୍ତ, ପକ୍ତିଆ ଓ କାବୁଲର ସଡକ ଲୋକାରଣ୍ୟ ହୋଇ ଯାଇଥିଲା। ଆଫଗାନିସ୍ତାନ କ୍ରିକେଟ ବୋର୍ଡ(ଏସିବି) ପକ୍ଷରୁ ଜନତାଙ୍କ ଭିଡ ଓ ସେଲିବ୍ରେଶନର ଫଟୋ ମଧ୍ୟ ଶେୟାର କରାଯାଇଥିଲା। ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର 'ଏକ୍ସ'ରେ ପୋଷ୍ଟ କରି ଅଭିନନ୍ଦନ ଜଣାଇଥିଲେ। "ସେମିଫାଇନାଲ ଯାଏ ତୁମର ଯାତ୍ରା ଅତ୍ୟନ୍ତ ଚମତ୍କାର ରହିଛି। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ପରି ଦଳକୁ ହରାଇବା ସାଧାରଣ କଥା ନୁହେଁ। ତୁମମାନଙ୍କ କଠିନ ପରିଶ୍ରମ ଓ ଉନ୍ନତି ପାଇଁ ମୁଁ ଗର୍ବିତ" ବୋଲି ଲେଖିଥିଲେ ତେନ୍ଦୁଲକର।

ପୂର୍ବତନ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ଟମ୍ ମୁଡି ଏସିବିକୁ ଅଭିନନ୍ଦନ ଜଣାଇଥିଲେ। ବିଜୟୀ ଦଳକୁ ଶୁଭେଚ୍ଛା ବୋଲି ସେ ଲେଖିଥିଲେ । ଅନ୍ୟତମ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ମଧ୍ୟ ଆଫଗାନିସ୍ତାନ ଦଳକୁ ପ୍ରଶଂସା କରିଥିଲେ। ସମସ୍ତ ଆଇପିଏଲ ଫ୍ରାଞ୍ଚାଇଜଙ୍କ ସହ ଯୁବରାଜ ସିଂ, ହରଭଜନ ସିଂ, ସୁରେଶ ରାଇନା ଓ ଏସ୍. ବଦ୍ରିନାଥ ମଧ୍ୟ ପ୍ରଶଂସାରେ ପୋତି ପକାଇଥିଲେ।

# ଡିଏଲ୍‌ଏସ୍ ସହ ଉଦ୍ଭାବକଙ୍କ ପରଲୋକ

**ନୂଆଦିଲ୍ଲୀ,୨୫।୬(ପି.ଟି.)**

ଇଂଲିଶ ପରିସଂଖ୍ୟାନବିତ୍ ତଥା ଡକୱର୍ଥ-ଲୁଇସ୍-ଷ୍ଟର୍ନ(ଡିଏଲ୍‌ଏସ୍) ମେଥଡର ସହ ଉଦ୍ଭାବକ ଜର୍ଜ ଡକୱର୍ଥଙ୍କ ପରଲୋକ ଘଟିଛି। ୮୪ ବର୍ଷ ବୟସରେ ଜୁନ୍ ୨୧ ତାରିଖରେ ସେ ପ୍ରାଣ ହରାଇଥିବା ନେଇ କ୍ରିକ୍‌ଇନ୍‌ଫୋ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଜର୍ଜ ଡକୱର୍ଥ ଓ ସାଥୀ ପରିସଂଖ୍ୟାନବିତ୍ ଟୋନି ଲୁଇସ୍ ମିଳିତ ଭାବରେ ଡକୱର୍ଥ-ଲୁଇସ ମେଥଡ ଆବିଷ୍କାର କରା ଯାଇଥିଲା। ବର୍ଷା ବାଧାପ୍ରାପ୍ତ କ୍ରିକେଟ ମ୍ୟାଚ୍‌ର ଫଳାଫଳ ନିର୍ଦ୍ଧାରଣ ପାଇଁ ଏହି ମେଥଡର ବ୍ୟବହାର କରାଯାଏ। ୧୯୯୭ରେ ପ୍ରଥମ ଥର ଅନ୍ତର୍ଜାତୀୟ କ୍ରିକେଟରେ ଏହାର ବ୍ୟବହାର କରାଯାଇଥିଲା। ଆଇସିସି ପକ୍ଷରୁ ୨୦୦୧ରେ ଏହାକୁ ଆଧିକାରିକ ଭାବରେ ଲାଗୁକରାଯାଇଥିଲା। ଜର୍ଜଡକୱର୍ଥ ଓ ଟୋନି ଲୁଇସ୍‌ଙ୍କ ଅବସର ପରେ ଅଷ୍ଟ୍ରେଲିଆର ପରିସଂଖ୍ୟାନବିତ୍ ଷ୍ଟିଭେନ୍ ଷ୍ଟର୍ନ ଏଥିରେ ସଂଶୋଧନ ଆଣିଥିଲେ। ଏହାପରେ ଏହାକୁ ଡିଏଲ୍‌ଏସ୍ ମେଥଡ ଭାବରେ ନାମିତ କରାଯାଇଥିଲା। ଜୁନ୍ ୨୦୧୦ରେ ଜର୍ଜ ଡକୱର୍ଥ ଓ ଟୋନି ଲୁଇସ୍‌ଙ୍କୁ ମେମ୍ବର ଅଫ୍ ଦ ଅର୍ଡର ଅଫ୍ ଦ ବ୍ରିଟିଶ ଏମ୍ପାୟାର ଭାବେ ସମ୍ମାନିତ କରାଯାଇଥିଲା।

# ନାଇବଙ୍କୁ ସମାଲୋଚନା

**କିଙ୍ଗସଟାଉନ୍,୨୫।୬(ପି.ଟି.)**

ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଗୁଲବଦିନ ନାଇବଙ୍କ ଅଣ ଖେଳୁଆଡ ମନୋଭାବକୁ ସମାଲୋଚନା କରିଛନ୍ତି ଅନେକ ପୂର୍ବତନ ଖେଳାଳି। ମ୍ୟାଚ୍‌ର ୧୨ ତମ ଓଭରରେ ନୁର୍ ଅହମଦ ବୋଲିଂ କରୁଥିବା ବେଳେ ବର୍ଷା ହୋଇଥିଲା। କୋଚଙ୍କ ଇସାରା ପରେ ଫିଲ୍ଡିଂ କରୁଥିବା ନାଇବ ତୁରନ୍ତ କ୍ରାମ୍ପର ବାହାନା କରିଥିଲେ। ବର୍ଷା ଛାଡିବା ପରେ ସେ ବୋଲିଂ କରି ଉଇକେଟ ମଧ୍ୟ ନେଇଥିଲେ। ଭାଷ୍ୟକାର ସାଇମନ୍ ଡୋଲ ଏହାକୁ ଅଣଖେଳୁଆଡ ମନୋଭାବ କହି ସମାଲୋଚନା କରିଥିଲେ। ଜିମ୍ବାୱେ ଭାଷ୍ୟକାର ପୋମି ଏମ୍‌ବାଙ୍ଗୱା ଏହାକୁ ଓସ୍କାର ଅଭିନୟ ବୋଲି ଲେଖିଥିଲେ। ସୋସିଆଲ ମିଡିଆରେ ନାଇବଙ୍କୁ ନେଇ ମିମ ଭାଇରାଲ ହୋଇଥିଲା। ପରେ ଇଂଲଣ୍ଡ ଅଧିନାୟକ ମାଇକେଲ ଭନ୍ ଏହାକୁ ସ୍ପିରିଟ୍ ଅଫ କ୍ରିକେଟ ବୋଲି କହି ତାଚ୍ଛଲ୍ୟ କରିଥିଲେ। ମାତ୍ର ୨୫ ମିନିଟରେ କ୍ରାମ୍ପରୁ ସୁସ୍ଥ ହେବା ଆଶ୍ଚର୍ଯ୍ୟଜନକ ବୋଲି ସେ କହିଥିଲେ। ୬ ମାସ ହେଲାଣି ମୋର ଆଣ୍ଠୁ ଯନ୍ତ୍ରଣା ରହିଛି। ଏହି ମ୍ୟାଚ୍ ପରେ ମୁଁ ଗୁଲବଦିନଙ୍କ ଡାକ୍ତରଙ୍କୁ ଭେଟିବି ବୋଲି ନ୍ୟୁଜିଲାଣ୍ଡ କ୍ରିକେଟର ଇଆନ୍ ସ୍ମିଥ୍ କହିଥିଲେ।

# ଅନୁଷ ଅଗ୍ରୱାଲାଙ୍କୁ ପ୍ୟାରିସ୍ ଟିକେଟ

**ନୂଆଦିଲ୍ଲୀ,୨୫।୬ (ପି.ଟି.)**

ଏସିଆନ୍ ଗେମ୍ସ ଇକ୍ୱିଷ୍ଟ୍ରିଆନ୍ ପଦକ ବିଜେତା ଅନୁଷ ଅଗ୍ରୱାଲା ପ୍ୟାରିସ୍ ୨୦୨୪ରେ ଭାରତର ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡିଛି। ଡ୍ରେସେଜ ଇଭେଣ୍ଟରେ ଶ୍ରୁତି ଭୋରାଙ୍କୁ ଆଭରେଜ ସ୍କୋରରେ ପଛରେ ପକାଇ ଅନୁଷ ମନୋନୀତ ହୋଇଥିବା ଇକ୍ୱିଷ୍ଟ୍ରିଆନ୍ ଫେଡେରେଶନ ଅଫ୍ ଇଣ୍ଡିଆ(ଇଏଫ୍‌ଆଇ) ପକ୍ଷରୁ କୁହାଯାଇଛି। ୨୦୨୨ ହାଙ୍ଗଝୋ ଏସିଆନ୍ ଗେମ୍ସରେ ଅନୁଷ ଡ୍ରେସେଜ୍ ଟିମ୍ ଇଭେଣ୍ଟରେ ଭାରତ ପାଇଁ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଡ୍ରେସେଜ ଇଭେଣ୍ଟରେ ଏହା ଭାରତର ଅଲିମ୍ପିକ୍ ପଦାର୍ପଣ। ଉଭୟ ଅନୁଷ ଓ ଶ୍ରୁତିଙ୍କ ହାରାହାରି ସ୍କୋରକୁ ହିସାବକୁ ନିଆଯାଇଥିଲା। ଅନୁଷଙ୍କ ହାରାହାରି ସ୍କୋର ୬୭.୬୯୫ ରହିଥିବା ବେଳେ ଭେଟେରାନ୍ ଶ୍ରୁତିଙ୍କ ସ୍କୋର ୬୭.୧୬୩ ରହିଥିଲା। ଶ୍ରୁତି ବିଗତ ୬ ମାସ ମଧ୍ୟରେ ଦୁଇଥର ୬୭ ପଏଣ୍ଟ ମାର୍କ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି।



ଅନ୍ୟପକ୍ଷରେ ସମାନ ଇଭେଣ୍ଟରେ ଅନୁଷ ୪ ଥର ୬୭ ପଏଣ୍ଟ ଅର୍ଜନ କରିଛନ୍ତି। ଇଏଫ୍‌ଆଇର କାର୍ଯ୍ୟନିର୍ବାହୀ ପରିଷଦ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

# ଭାରତ-ପାକିସ୍ତାନ ଉଦ୍‌ଘାଟନୀ ମ୍ୟାଚ

**ନୂଆଦିଲ୍ଲୀ, ୨୫।୬ (ପି.ଟି.):** ମହିଳା ଟି୨୦ ଏସିଆ କପ୍ ଶ୍ରୀଲଙ୍କାରେ ଜୁଲାଇ ୧୯ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାର ଉଦ୍‌ଘାଟନୀ ମ୍ୟାଚ ଦାମ୍ବୁଲାରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ। ମହାଦେଶର ଶ୍ରେଷ୍ଠ ୮ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ଗତ ସଂସ୍କରଣ ଭଳି ଏଥର ମଧ୍ୟ ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଭାରତ, ପାକିସ୍ତାନ, ୟୁଏଇ ଓ ନେପାଳ ଏବଂ ଗ୍ରୁପ୍ 'ବି'ରେ ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ ଓ ମାଲେସିଆ ସ୍ଥାନ ପାଇଛି। ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ପକ୍ଷରୁ ଅପ୍‌ଡେଟ୍ କରାଯାଇଥିବା କାର୍ଯ୍ୟସୂଚୀ ଅନୁସାରେ ପାକିସ୍ତାନପରେ ଭାରତ ୨୧ରେ ୟୁଏଇ ଓ ନେପାଳକୁ ୨୩ ତାରିଖରେ ଭେଟିବ। ଦୁଇ ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସେମିଫାଇନାଲରେ ପ୍ରବେଶ କରିବେ।

# ଏସ୍‌ସିଏଫ୍‌ଆଇ ନିର୍ବାଚନ

**ଭୁବନେଶ୍ୱର, ୨୫।୬ (ତପନ ସ୍ୱାଇଁ):** ସ୍ପୋର୍ଟ୍ସ କ୍ଲାଇମ୍ବିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଏସସିଏଫ୍‌ଆଇ)ର ନିର୍ବାଚନ ତ୍ରିଭେନ୍ଦ୍ରମ ଟେନିସ୍ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଟା ଗ୍ରୁପ୍‌ର ଚେୟାରମ୍ୟାନ ରାଜମୋହନ ପିଲାଇ ସଭାପତି ଓ କଲୋନେଲ ଏସ୍.ପି. ମଲିକ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ବ୍ରିଗେଡିୟର ଏମ.ପି. ଯାଦବ, ସୁଶୀଲ କୁମାର ଓ ଅମିତ କୁମାର ଉପସଭାପତି ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀପଦ ସପକାଲ କୋଷାଧ୍ୟକ୍ଷ, ହରିପ୍ରସାଦ ପଟ୍ଟନାୟକ, ସଞ୍ଜୀବ ଅତ୍ରି, କେ. ବାଲାଜୀ ଓ କୁଞ୍ଜୋଙ୍ଗ ଭୁଟିଆ ଯୁଗ୍ମ ସମ୍ପାଦକ ଏବଂ ସଞ୍ଜୟ ମିଶ୍ର, ଯୋଗନାଥ, ପୁଷ୍ପ କୁମାର କୋଟାୟା ଓ ସୟଦ ଅବଦୁଲ ରହମାନ କାର୍ଯ୍ୟକାରୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି।

# ରାଉଣ୍ଡ ଅଫ୍ ୧୬ରେ ସ୍ପେନ୍, ଇଟାଲୀ

**ଡସେଲଡର୍ଫ,୨୫।୬(ପି.ଟି.)**

ୟୁରୋ କପ୍ ୨୦୨୪ରେ ମଙ୍ଗଳବାର ସ୍ପେନ୍ ଓ ଇଟାଲୀ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ଖେଳା ଯାଇଥିବା ମ୍ୟାଚ୍‌ରେ ସ୍ପେନ୍ ୧-୦ ଗୋଲରେ ଆଲବାନିଆକୁ ହରାଇଥିଲା। ଅନ୍ୟପକ୍ଷରେ ଇଟାଲୀ ଏହାର ଅନ୍ତିମ ଲିଗ୍ ମ୍ୟାଚ୍ କ୍ରୋଏସିଆ ସହ ୧-୧ରେ ଡ୍ର ରଖିଥିଲା। ୩ଟି ଯାକ ଲିଗ୍ ମ୍ୟାଚ୍‌ରେ ଅପରାଜେୟ ରହିଥିବା ସ୍ପେନ୍ ଗ୍ରୁପ୍ ବି'ରେ ପ୍ରଥମ ସ୍ଥାନରେ ରହି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ଇଟାଲୀ ୩ ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ହାସଲ କରିଥିଲା।

ସ୍ପେନ୍ ଓ ଆଲବାନିଆ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍‌ରେ ଫେରାନ୍ ଟରେସ୍ ମ୍ୟାଚ୍‌ର ୧୩ ତମ ମିନିଟରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ରେ ସ୍ପେନ୍ ୫୯ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ଆଲବାନିଆ ଚମତ୍କାର ପ୍ରତିଆକ୍ରମଣ କରିଥିଲେ ମଧ୍ୟ ସ୍ପେନ୍ ଚମତ୍କାର ଡିଫେନ୍ସ ଦେଖାଇଥିଲା। ଆରମ୍ଭରୁ ସ୍ପେନ୍ ଛୋଟ ପାସ୍ ସହ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲା। ମ୍ୟାଚ୍‌ର ୧୩ ତମ ମିନିଟରେ ଡାନି ଅଲ୍‌ମୋଙ୍କ ଆସିଷ୍ଟରୁ ଫେରାନ୍ ଟରେସ୍ ଗୋଲ୍ ସ୍କୋର କରିଥିଲେ। ଆଲବାନିଆ ପକ୍ଷରୁ ଗୋଲ ପରିଶୋଧ କରିବାକୁ ଏକାଧିକ ପ୍ରୟାସ ହୋଇଥିଲେ ହେଁ ସ୍ପେନ୍ ରକ୍ଷଣଭାଗ ଏହାକୁ ନିଷ୍ଫଳ କରିଥିଲେ। ସ୍ପେନ୍ ୬ଟି କର୍ନର ପାଇଥିବା ବେଳେ ଆଲବାନିଆକୁ ମାତ୍ର ୨ଟି କର୍ନର ମିଳିଥିଲା।

ଲିପଜିଗ୍‌ର ରେଡ୍‌ବୁଲ୍ ଆରେନାରେ ଖେଳା ଯାଇଥିବା କ୍ରୋଏସିଆ ଓ ଇଟାଲୀ ମ୍ୟାଚ୍ ବେଶ୍ ରୋଚକ ରହିଥିଲା। କ୍ରୋଏସିଆ ୧-୦ରେ ଆଗୁଆ ରହିଥିଲେ ମଧ୍ୟ ଷ୍ଟପେଜ ଟାଇମରେ ଗୋଲ କରି ଇଟାଲୀ ରାଉଣ୍ଡ ଅଫ ୧୬ରେ ପ୍ରବେଶ କରିଥିଲା। କ୍ରୋଏସିଆ ପକ୍ଷରୁ ଲୁକା ମୋଡ୍ରିକ୍ ମ୍ୟାଚ୍‌ର ୫୫ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ଅନ୍ୟପକ୍ଷରେ ୯୦+୮ ମିନିଟରେ ମାଟିଆ ଜାକାଗ୍ନି ଏକ ଗୋଲ ଦେଇ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଇଟାଲୀ ମ୍ୟାଚ୍‌ରେ ଅଧିକାଂଶ ସମୟ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୫୪ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିବା ବେଳେ ଏହା ୧୧ଟି କର୍ନର ହାସଲ କରିଥିଲା। କ୍ରୋଏସିଆ ପକ୍ଷରୁ ୩୮ ବର୍ଷ ୨୮୯ ଦିନରେ ଗୋଲ ସ୍କୋର କରିବା ସହ ୟୁରୋ କପ୍‌ରେ ସବୁଠାରୁ ବୟସ୍କ ଗୋଲସ୍କୋରର ପାଲଟିଛନ୍ତି ଲୁକା ମୋଡ୍ରିକ୍। ଅନ୍ୟପକ୍ଷରେ ଫାଇନାଲ ହୁଟର ବାଜିବାର କିଛି କ୍ଷଣ ପୂର୍ବରୁ ମିଡ୍‌ଫିଲ୍ଡର ରିକାର୍ଡୋ କାଲାଫିଓରିଙ୍କ ଆସିଷ୍ଟରେ ସ୍କୋର କରିଥିଲେ ମାଟିଆ ଜାକାଗ୍ନି।

**ୟୁରୋ କପ୍**


ଷ୍ଟପେଜ୍ ଟାଇମରେ ଗୋଲ କରିବା ପରେ ଉଲ୍ଲସିତ ଇଟାଲୀର ମାଟିଆ ଜାକାଗ୍ନି।

# ତିକ୍ତ ଅନୁଭୂତି ସହ ବିଦାୟ ନେଲେ ୱାର୍ନର

**ନୂଆଦିଲ୍ଲୀ, ୨୫।୬ (ପି.ଟି.):** ଟି୨୦ ବିଶ୍ୱକପ କ୍ରିକେଟରେ ବାଂଲାଦେଶକୁ ହରାଇ ଆଫଗାନିସ୍ତାନ ସେମି ଫାଇନାଲରେ ପ୍ରବେଶ କରିଥିବା ବେଳେ ତିକ୍ତ ଅନୁଭୂତି ସହ ବିଦାୟ ନେଇଛନ୍ତି ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ନର। ପୂର୍ବରୁ ଦିନିକିଆ ଓ ଟେଷ୍ଟରୁ ସେ ଅବସର ନେଇ ସାରିଥିଲେ। ଚଳିତ ବର୍ଷ ଅଷ୍ଟ୍ରେଲିଆ ସୁପର-୮ରୁ ଅପ୍ରତ୍ୟାଶିତ ଭାବରେ ବିଦାୟ ନେଇଛି। କେବଳ ବାଂଲାଦେଶଠାରୁ ବିଜୟୀ ହୋଇଥିବା ବେଳେ ଆଫଗାନିସ୍ତାନ ଓ ଭାରତ ନିକଟରୁ ହାରିଥିଲା। ୨୦୦୯ ମସିହାରେ ଟି୨୦ ପଦାର୍ପଣ କରିଥିବା ୱାର୍ନର ଏହା ସହ ଅନ୍ତର୍ଜାତୀୟ ଟି୨୦ରୁ ବିଦାୟ ନେଇଛନ୍ତି। ଗ୍ରସ୍ ଆଇଲେଟ୍‌ରେ ଭାରତ ବିପକ୍ଷ ମ୍ୟାଚ୍ ତାଙ୍କ କ୍ୟାରିୟରର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ରହିଥିଲା। ଏହି ମ୍ୟାଚ୍‌ରେ ତାଙ୍କୁ ଗାର୍ଡ ଅଫ ଅନର ବା ଷ୍ଟାଣ୍ଡିଂ ଓଭେଶନ ମଧ୍ୟ ମିଳି ନ ଥିଲା। ମ୍ୟାଚ୍‌ରେ ୬ ବଲ୍ ଖେଳି ୬ ରନ୍ କରି ସେ ଅର୍ଶଦୀପ ସିଂଙ୍କ ବଲରେ ଆଉଟ ହୋଇଥିଲେ।

ପୂର୍ବରୁ ଟି୨୦ ବିଶ୍ୱକପ ତାଙ୍କର ଅନ୍ତିମ ଟୁର୍ନାମେଣ୍ଟ ହେବ ବୋଲି ୱାର୍ନର ଘୋଷଣା କରିଥିଲେ। ଅଷ୍ଟ୍ରେଲିଆ ପାଇଁ ୧୧୦ ଟି୨୦ ମ୍ୟାଚ୍ ଖେଳି ସେ ୩୩.୪୩ ଆଭରେଜରେ ୩୨୭୭ ରନ୍ ସ୍କୋର କରିଛନ୍ତି। ଗୋଟିଏ ଶତକ ଓ ୨୮ ଅର୍ଦ୍ଧଶତକ ହାସଲ କରିଥିବା ୱାର୍ନରଙ୍କ ଷ୍ଟ୍ରାଇକ୍ ରେଟ୍ ୧୪୨ ରହିଛି। ୧୧୨ ଟେଷ୍ଟ ଖେଳିଥିବା ୱାର୍ନର ୪୫ ଆଭରେଜ ସହ ୮୭୮୬ ରନ୍ ସ୍କୋର କରିଛନ୍ତି। ଏହା ମଧ୍ୟରେ ୨୬ ଶତକ ଓ ୩୭ ଅର୍ଦ୍ଧଶତକ ସାମିଲ ରହିଛି। ସେହିପରି ୧୬୧ ଦିନିକିଆ ମ୍ୟାଚ୍‌ରୁ ୨୨ ଶତକ ଓ ୩୩ ଅର୍ଦ୍ଧଶତକ ସହ ସେ ୬୯୩୨ ରନ୍ ସ୍କୋର କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସେ ମୋଟ ୪୯ ଶତକ ସହ ୧୯ହଜାରରୁ ଅଧିକ ରନ୍ ସ୍କୋର କରିଛନ୍ତି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ